# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-46 ◆SATURDAY ◆9 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୬ ◆ଶନିବାର ◆୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ମୃଣାଳଙ୍କ ପ୍ରେମରେ ଧନୁଷ

▶ପୃଷ୍ଠା ୧୧ ଦେଖନ୍ତୁ...

## ୧୦ ଗ୍ରାମ ପିଛା ୧.୦୨ ଲକ୍ଷ ଉପରେ ସୁନା ଦର



■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦%ର ଭାରି ଶୁଳ୍କ ଲାଗୁ କରିବା ପରେ ଘରୋଇ ବଜାରରେ ସୁନା ମୂଲ୍ୟ ଏକ ନୂତନ ଶିଖର ଛୁଇଁଛି। ଶୁଳ୍କ ଲାଗୁର ତତ୍‌କ୍ଷଣାତ୍ ଏହାର ପ୍ରଭାବ ସ୍ୱରୂପ ଶୁକ୍ରବାର ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଯାହାଫଳରେ ରକ୍ଷାବନ୍ଧନ ପୂର୍ବରୁ ସୁନା ମୂଲ୍ୟ ଏଭଳି ଶୀର୍ଷ ସ୍ତରରେ ପହଞ୍ଚିଛି। ଇଣ୍ଡିଆନ୍ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ବଜାରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୦୨,୫୦୦ ଟଙ୍କାରେ ପହଞ୍ଚିଛି। ଏହାବାଦ୍ ଗତ ୮ ମାସ ମଧ୍ୟରେ ବଜାରରେ ସୁନା ୨୫ ହଜାର ମହଙ୍ଗା ହୋଇଛି। ଅନ୍ୟପକ୍ଷରେ, ରୁପା ମୂଲ୍ୟ କିଲୋଗ୍ରାମ ପିଛା ୧,୧୭,୦୦୦ ଟଙ୍କାରେ କାରବାର ହେଉଛି। ଗୁରୁବାର ଏହା କିଲୋ ପିଛା ୧,୧୪,୫୦୫ ଟଙ୍କା ପ୍ରତି କିଲୋଗ୍ରାମ ରହିଲା। ଗତ ଦୁଇ ଦିନ ମଧ୍ୟରେ ରୁପା ମୂଲ୍ୟରେ ୨୫୦୦ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି।



ଟ୍ରମ୍ପ ଟାରିଫ୍

## ଭାରତରୁ ଅର୍ଡର ବନ୍ଦ କଲେ ୱାଲ୍‌ମାର୍ଟ, ଆମାଜନ୍

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଭାରତ ଉପରେ ପଡିଛି ଟ୍ରମ୍ପ ଶୁଳ୍କର ପ୍ରଭାବ। ଆମେରିକା ୫୦% ଶୁଳ୍କ ଲାଗୁ କରିବା ପରେ ୱାଲମାର୍ଟ, ଆମାଜନ୍, ଟାର୍ଗେଟ୍ ଓ ଗ୍ୟାପ୍ ଭଳି ପ୍ରମୁଖ ଆମେରିକୀୟ ରିଟେଲ ବିକ୍ରେତା ଭାରତରୁ ଆସୁଥିବା ଅର୍ଡରଗୁଡିକୁ ଏବେ ସ୍ଥଗିତ ରଖିଛନ୍ତି। ତେବେ ଭାରତୀୟ ରପ୍ତାନିକାରୀ ପୂର୍ବରୁ ଜାଣିଥିଲେ ଯେ, ଶୁଳ୍କ ବଢିଲେ ସେମାନଙ୍କ ଅର୍ଡର ପ୍ରଭାବିତ ହେବ। ରିପୋର୍ଟ ଅନୁସାରେ ଭାରତୀୟ ରପ୍ତାନିକାରୀଙ୍କୁ ଆମେରିକୀୟ କ୍ରେତାଙ୍କଠାରୁ ଏ ସମ୍ପର୍କରେ ପତ୍ର ଓ ଇ-ମେଲ ମିଳିଛି। ଏଥିରେ କୁହାଯାଇଛି ଭାରତୀୟ ରପ୍ତାନୀକାରୀ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କପଡ଼ା ରପ୍ତାନି ରୋକିଦିଅନ୍ତୁ। ତେବେ ଶୁଳ୍କ ଯୋଗୁଁ ବଢୁଥିବା ବ୍ୟୟ ଭାର ଭାରତୀୟ ରପ୍ତାନିକାରୀ ବହନ କରନ୍ତୁ ବୋଲି ଆମେରିକୀୟ କମ୍ପାନୀ ଚାହୁଁଛନ୍ତି। ଆମେରିକାରେ ବିକ୍ରି ହେଉଥିବା ସାମଗ୍ରୀଗୁଡିକର ମୂଲ୍ୟ ୩୦ରୁ ୩୫% ବଢିଯିବ ବୋଲି ଆକଳନ କରାଯାଉଛି। ଭାରତର ୱେଲସ୍ପନ ଲିଭିଂ, ଗୋକଲଦାସ ଏକ୍ସପୋର୍ଟସ୍, ଇଣ୍ଡୋ କାଉଣ୍ଟ ଓ ଟ୍ରାଇଡେଣ୍ଟ ଭଳି ପ୍ରମୁଖ ରପ୍ତାନୀକାରୀ ସଂସ୍ଥା ଆମେରିକାରେ ୪୦ରୁ ୭୦% ପର୍ଯ୍ୟନ୍ତ ଉତ୍ପାଦ ବିକ୍ରି କରୁଛନ୍ତି। କୁହାଯାଉଛି ଆମେରିକା ଯାଉଥିବା ଅର୍ଡର ଏବେ ସ୍ଥଗିତ ହେବା ଯୋଗୁଁ ବାଣିଜ୍ୟରେ ୪୦ରୁ ୫୦% ହ୍ରାସ ହୋଇପାରେ। ଉଲ୍ଲେଖଯୋଗ୍ୟ, ଭାରତରୁ ବହୁମାତ୍ରାରେ କପଡ଼ା ଆମେରିକା ରପ୍ତାନୀ ହୋଇଥାଏ। ଟାରିଫ ଯୋଗୁଁ ଏହି ସବୁ ଅର୍ଡର ବାଂଲାଦେଶ ବା ଭିଏତ୍‌ନାମକୁ ଚାଲିଯାଇପାରେ।

### ଖରିଫ୍‌ରେ ଜଟିଳ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା

# ଚାଷୀଙ୍କୁ ଅଡୁଆ ‘ପୂର୍ବପୁରୁଷ’

■ **ଭୁବନେଶ୍ୱର, ୮।୮ (ସମିସ):** ଖରିଫ ଧାନ ବିକ୍ରି ନିମନ୍ତେ ପଞ୍ଜିକରଣରେ ଜଟିଳ ବ୍ୟବସ୍ଥା ଚାଷୀଙ୍କ ପାଇଁ ସୃଷ୍ଟିକରିଛି ସମସ୍ୟା। ଜମିପଟ୍ଟାରେ ବାପା-ଜେଜେବାପାଙ୍କ ନାମ ରହିଥିବାରୁ ପଞ୍ଜିକରଣ କରିବାରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ସରଳ ସୂତ୍ର ବାହାର କରିବା ପରିବର୍ତ୍ତେ ଯେଉଁ ସାନି ବ୍ୟବସ୍ଥା କରିଛନ୍ତି ତାହା ପୂର୍ବଠାରୁ ଅଧିକ ଜଟିଳ। ଚାଷୀମାନେ ପଞ୍ଜିକରଣ ନିମନ୍ତେ ସ୍ୱ-ଘୋଷଣାନାମା (ସେଲ୍ଫ ଡିକ୍ଲାରେସନ) ଦେଇ ପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମାତ୍ର ଏହି ସ୍ୱ-ଘୋଷଣାନାମାରେ ଜମିର ସମସ୍ତ ଅଂଶୀଦାରଙ୍କ ଆଧାର ନମ୍ବର, ଦସ୍ତଖତ ବାଧ୍ୟତାମୂଳକ କରାଯାଇଛି। ତିନି ଚାରି ପିଢ଼ିର ସମସ୍ତ ଅଂଶୀଦାରଙ୍କ ନାମ, ଆଧାର,

**କମ୍ ଧାନ କିଣିବାକୁ ସରକାରୀ ଷଡ଼ଯନ୍ତ୍ର !**

ଦସ୍ତଖତ ସହ ପଞ୍ଜିକରଣ ବ୍ୟବସ୍ଥା ଚାଷୀଙ୍କ ପାଇଁ ଅସମ୍ଭବ ହୋଇ ପଡ଼ିଛି। ଏକପକ୍ଷରେ ନିଜ ପେଟପାଟଣା ପାଇଁ ବାହାରେ ରହୁଥିବା ପରିବାରର ପିଲାମାନଙ୍କ ଦସ୍ତଖତ ସଂଗ୍ରହ କରିବା ମୁସ୍କିଲ ବ୍ୟାପାର, ଅନ୍ୟପକ୍ଷରେ ଅନେକ କ୍ଷେତ୍ରରେ ତିକ୍ତ ପାରିବାରିକ ସମ୍ପର୍କ ଯୋଗୁଁ ପଞ୍ଜିକରଣରେ ଦସ୍ତଖତ କରିବାରେ ଅଂଶୀଦାରମାନଙ୍କ ଅନାଗ୍ରହ ଚାଷୀଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଫଳରେ ଚାଷୀଙ୍କ ପାଇଁ ସ୍ୱ-ଘୋଷଣାନାମା ଦେବା ଏକପ୍ରକାର ଅସମ୍ଭବ ହୋଇଛି ଓ ପୂର୍ବାପେକ୍ଷା ପଞ୍ଜିକରଣ ସଂପୂର୍ଣ୍ଣ ଧୀମା ହୋଇଯାଇଛି। ବ୍ୟବସ୍ଥାର ସରଳୀକରଣ ନେଇ ଚାଷୀମାନେ ବାରମ୍ବାର ଦାବି କରୁଥିଲେ ହେଁ ତାହା କର୍ଣ୍ଣପାତ କରୁନାହାନ୍ତି। ତେଣୁ ଖରିଫରେ ଚାଷୀଙ୍କ ଠାରୁ କମ୍ ଧାନ କିଣିବାକୁ ସରକାର ବ୍ୟବସ୍ଥାଗତ ଷଡ଼ଯନ୍ତ୍ର କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ପୂର୍ବ ସରକାର ସମୟରେ ପଞ୍ଜିକରଣ ଓ ଋଣ ପ୍ରଦାନ ସମୟରେ ଏପରି ଜଟିଳ ବ୍ୟବସ୍ଥା ନ ଥିଲା। ମାତ୍ର ଏବେ ସରକାରୀ କଟକଣା ଯୋଗୁଁ ଚାଷୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପଟେ ଜମି ପଟ୍ଟା ସଂଶୋଧନ କାର୍ଯ୍ୟ ଚାଲିଥିଲେ ବି ଭଉଣୀ (ପରିବାରର କନ୍ୟାସନ୍ତାନ)ଙ୍କ ନାମକୁ ଏଥିରେ ସାମିଲ କରାଯିବାକୁ ନେଇ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ଅନେକ ଲୋକ ପଟ୍ଟା ସଂଶୋଧନ କରିପାରି ନାହାନ୍ତି। ▶ପୃଷ୍ଠା-୭

# ଆୟକର ବିଲ୍ ପ୍ରତ୍ୟାହୃତ

### ୧୧ରେ ଲୋକସଭାରେ ଆସିବ ସଂଶୋଧିତ ବିଲ୍

■ **ନୂଆଦିଲ୍ଲୀ, ୮।୮ (ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଲୋକସଭାରୁ ଆୟକର ବିଲ୍ ୨୦୨୫କୁ ପ୍ରତ୍ୟାହାର କରିନେଇଛନ୍ତି। ବିଲ୍ ଯାଞ୍ଚ ପାଇଁ ଗଠିତ ସିଲେକ୍ଟ କମିଟିର ରିପୋର୍ଟ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବିଲ୍ ଫେବୃଆରୀରେ ଲୋକସଭାରେ ଆଗତ କରାଯାଇଥିଲା। କୁହାଯାଉଛି ଯେ ଅଗଷ୍ଟ ୧୧ ରେ ଲୋକସଭାରେ ନୂତନ ବିଲ୍ ଆଗତ କରାଯିବ। କେନ୍ଦ୍ର ସରକାର ଫେବୃଆରୀ ୧୩ ରେ ଲୋକସଭାରେ ଆୟକର ବିଲ୍ ୨୦୨୫ ଆଗତ କରିଥିଲେ। ବିଲ୍ ଯାଞ୍ଚ ପାଇଁ ୩୧ ସଦସ୍ୟ ବିଶିଷ୍ଟ ସିଲେକ୍ଟ କମିଟି ଗଠନ କରାଯାଇଥିଲା। କମିଟି ବିଲ୍ ଯାଞ୍ଚ କରି ୨୮୫ଟି ପରାମର୍ଶ ଦେଇଥିଲା। କମିଟି ୨୧ ଜୁଲାଇ ୨୦୨୫ରେ ଲୋକସଭାରେ ଏହାର ରିପୋର୍ଟ ଦାଖଲ କରିଥିଲା। କେନ୍ଦ୍ର ସରକାର ସିଲେକ୍ଟ କମିଟିର ପ୍ରାୟ ସମସ୍ତ ସୁପାରିସକୁ ଗ୍ରହଣ କରିଛନ୍ତି।

**ସିଲେକ୍ଟ କମିଟି ରିପୋର୍ଟ ଆଧାରରେ ନିଷ୍ପତ୍ତି**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶୁକ୍ରବାର ଲୋକସଭାରେ ଆୟକର ବିଲ୍, ୨୦୨୫ ପ୍ରତ୍ୟାହାର କରି କହିଛନ୍ତି କମିଟିର କିଛି ପରାମର୍ଶକୁ ସଠିକ୍ ଆଇନଗତ ଅର୍ଥ ଦେବା ପାଇଁ ନୂଆ ବିଲ୍‌ରେ ସାମିଲ କରାଯିବା ଆବଶ୍ୟକ। ସିଲେକ୍ଟ କମିଟି ଦ୍ୱାରା ପରାମର୍ଶିତ ପରିବର୍ତ୍ତନଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପରେ ସରକାର ବିଲ୍‌କୁ ଏକ ନୂତନ ରୂପରେ ଆଣିବେ। କୁହାଯାଉଛି ଯେ ବିଲ୍‌ର ନୂତନ ସଂସ୍କରଣ ଅଗଷ୍ଟ ୧୧ରେ ଲୋକସଭାରେ ଉପସ୍ଥାପନ କରାଯିବ। ବିଲ୍‌ର ବିଭିନ୍ନ ସଂସ୍କରଣ ଯୋଗୁଁ ଦ୍ୱନ୍ଦ୍ୱ ଏଡାଇବା ଏବଂ ସମସ୍ତ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ କରି ଆୟକର ବିଲ୍‌ର ନୂତନ ସଂସ୍କରଣ ସୋମବାର ଗୃହରେ ବିଚାର ପାଇଁ ଆଗତ କରାଯିବ, ଯାହା କମିଟି ତା’ର ରିପୋର୍ଟରେ କହିଛି।

# ଏମ୍‌ସରେ ନିଯୁକ୍ତି ଜାଲିଆତି

**ଏମ୍‌ସର ଅଭିଯୋଗ ପରେ ୬ଜଣଙ୍କ ନାମରେ ମାମଲା ରୁଜୁ**

**ପ୍ରଶାସନିକ ଅଧିକାରୀ ସହ ମିଶି ଶ୍ରୁତି କରିଥିଲେ ଜାଲିଆତି**

**ଜାଲ୍ ମେଡିକାଲ ପ୍ରମାଣପତ୍ର ଦାଖଲ କରି ଚାକିରି କରିଥିଲେ**

**୫ ସ୍ଥାନରେ ସିବିଆଇ ଚଢ଼ଉ; ୩ ଅଟକ**

■ **ଭୁବନେଶ୍ୱର, ୮।୮ (ସମିସ):** ଏମ୍‌ସରେ ଜାଲିଆତି କରି ଚାକିରି କରିବା ଘଟଣାରେ ସିବିଆଇ ଶୁକ୍ରବାର ଭୁବନେଶ୍ୱର ସମେତ ଜଗତସିଂହପୁର ଜିଲ୍ଲାର ଏକାଧିକ ସ୍ଥାନରେ ଚଢ଼ଉ କରିଛି। ୮ ଘଣ୍ଟା ଧରି ସିବିଆଇର ୧୫ଟି ଟିମ୍ ଚଢ଼ଉ କରି ଏକାଧିକ ଗୁରୁତପୂର୍ଣ୍ଣ ଦସ୍ତାବିଜ୍ ଏବଂ ଡିଜିଟାଲ ପ୍ରମାଣ ଜବତ କରିବା ସହ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଏମ୍‌ସରେ ଠିକା ସଂସ୍ଥା ନିଜ ସମ୍ପର୍କୀୟଙ୍କ ନାମରେ ଜାଲ୍ ଦସ୍ତାବିଜ୍ ବାହାର କରି ଚାକିରି କରାଯାଇଥିବା ଏମ୍‌ସ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ ଏନେଇ ସିବିଆଇକୁ ଚିଠି କରି ▶ପୃଷ୍ଠା-୭

# ସ୍କିମାଟିକ୍ ଶିକ୍ଷକଙ୍କୁ ଧକ୍କା

### ପ୍ରସ୍ତାବ ପ୍ରତ୍ୟାହାର କଲା ଗଣଶିକ୍ଷା ବିଭାଗ

■ **ଭୁବନେଶ୍ୱର, ୮।୮ (ସମିସ):** ମାତ୍ର ସପ୍ତାହେ ମଧ୍ୟରେ ସ୍କିମାଟିକ୍ ଶିକ୍ଷକଙ୍କୁ ଲାଗିଛି ବଡ଼ ଧକ୍କା। ମଉଳି ଯାଇଛି ସେମାନଙ୍କର ଚାକିରି ନିୟମିତ ହେବାର ଆଶା। ସ୍କିମାଟିକ୍ ଶିକ୍ଷକମାନଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସ୍ତାବକୁ ପ୍ରଥମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବସାଇଟ୍‌ରୁ ଉଡ଼ାଇ ଦିଆଯାଇଥିଲା। ଏବେ ଆନୁଷ୍ଠାନିକ ଭାବରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ସରକାର ଶୁକ୍ରବାର ପ୍ରତ୍ୟାହାର କରି ନେଇଛନ୍ତି। ନିୟମିତ କରିବାର ଆଶା ଦେଖାଇ ସରକାର ସେମାନଙ୍କୁ ପ୍ରତାରିତ କରିଛନ୍ତି ଓ ୧୬୦୦୦ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାରକୁ ଚାଲି ଯାଇଛି ବୋଲି ସ୍କିମାଟିକ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜ୍ୟରେ ଶିକ୍ଷକ ନିଯୁକ୍ତି, ସ୍କିମାଟିକ୍ କନିଷ୍ଠ ଶିକ୍ଷକ ପଦ ଉଚ୍ଛେଦ, ନିୟମିତ ଶିକ୍ଷକ ନିଯୁକ୍ତି ପରି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବସିଥିବା ବୈଠକର ସାରାଂଶ ସମ୍ପର୍କରେ ଗତ ୨ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଥିଲା। ଗଣଶିକ୍ଷା ବିଭାଗର ୱେବସାଇଟ୍‌ରେ ଏହା ଅପଲୋଡ୍

**ଅନ୍ଧାରରେ ୧୬,୦୦୦ ଶିକ୍ଷକଙ୍କ ଭବିଷ୍ୟତ**

ମଧ୍ୟ ହୋଇଥିଲା। ସ୍କିମାଟିକ୍ ପଦକୁ ଉଚ୍ଛେଦ କରାଯାଇ ମାଧ୍ୟମିକ ଶିକ୍ଷକଙ୍କ ପରି ନିୟମିତ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ପ୍ରସ୍ତାବ ରହିଥିଲା। ଫଳରେ ସ୍କିମାଟିକ୍ ଶିକ୍ଷକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ସ୍କିମାଟିକ୍ ଶିକ୍ଷକଙ୍କ ଏହି ଉତ୍ସାହ ଅଧିକ ଦିନ ▶ପୃଷ୍ଠା-୭

**ବୋମା ଭିଡ଼ିବା ବେଳେ ଅଘଟଣ**

# ବିସ୍ଫୋରଣରେ ଥରିଲା ଗାଁ; ଜଣେ ମୃତ

■ **ନିରାକାରପୁର/ଭୂଷଣ୍ଡପୁର, ୮।୮ (ସମିସ):** ପ୍ରଚଣ୍ଡ ବିସ୍ଫୋରଣରେ ଥରିଲା ଗାଁ। ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ହରିପୁର ଗ୍ରାମ ମାଝୀସାହିରେ ଗୁରୁବାର ଅପରାହ୍ଣରେ ଏପରି ଏକ ଅଘଟଣ ଘଟିଛି। ବୋମା ଭିଡ଼ିବା ବେଳେ ଗୋଟିଏ ଫାଟିଯିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଗ୍ରାମର ରମେଶ ମହାପାତ୍ର (୩୭)। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୩ ବଖରା ଘରର ଛାତ ଉଡ଼ିଯାଇଛି। ଗତକାଲି ଏହି ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ସୂଚନାନୁଯାୟୀ, ବାର୍‌ହା ଶିକାର ପାଇଁ ▶ପୃଷ୍ଠା-୭



**ଉଡ଼ିଗଲା ୩ ବଖରା**

# ନିଅଣ୍ଟିଆ ବର୍ଷା, ସାର ଅଭାବ ବଢ଼ାଉଛି ଚିନ୍ତା

### ୧୩ ପରେ ବର୍ଷା ବଢ଼ିବ; ନିଅଣ୍ଟିଆ ଭରଣା ହେବନି

■ **ଭୁବନେଶ୍ୱର, ୮।୮ (ସମିସ):** ନିଅଣ୍ଟିଆ ବର୍ଷା ଏବଂ ସାରର ଅଭାବ ଏବେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ାଇଛି। ନିଷ୍କ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବହୁ ମାତ୍ରାରେ ହ୍ରାସ ପାଇଥିବା ବେଳେ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି। ଯେଉଁ ସ୍ଥାନରେ ରୁଆ ସରିଛି, ସେଠାରେ ପାଣିର ଅଭାବ ହେତୁ ତଳି ମରିବା ସ୍ଥିତି ସୃଷ୍ଟି ହୋଇଛି। ଏହାସହିତ ଅନେକ ସ୍ଥାନରେ ରୁଆ ବେଉଷଣ ପାଇଁ ପାଣିର ଅଭାବ ହେତୁ ଚାଷୀକୁଳ ବର୍ଷାକୁ ଅପେକ୍ଷା କରି ରହିଛି। ଏସବୁ ଭିତରେ ରାଜ୍ୟର ଚାଷୀମାନଙ୍କ ପାଇଁ ସାରର ଅଭାବ ବଡ଼ ସମସ୍ୟା ସୃଷ୍ଟି କରିଛି। ରୁଆ ପରେ ଧାନଗଛ ବୃଦ୍ଧି ପାଇଁ ସାରର ଆବଶ୍ୟକତା ରହୁଥିବା ବେଳେ ପ୍ରତି ଜିଲ୍ଲାରେ ସାର ଉପଲବ୍ଧ କରାଇବାରେ ସରକାର ବିଫଳ ହେଉଛନ୍ତି। ଫଳରେ ଚାଷୀଙ୍କ ପାଇଁ ବର୍ଷା ସାଙ୍ଗକୁ ସାର ସମସ୍ୟା ଚିନ୍ତା ବଢ଼ାଇଛି।

**ଜରୁରୀକାଳୀନ ପଦକ୍ଷେପ ନେବାକୁ ବିଶେଷଜ୍ଞଙ୍କ ପରାମର୍ଶ**

**ସାରର ଉପଲବ୍ଧତା ସୁନିଶ୍ଚିତ ନ କରାଇଲେ ସ୍ଥିତି ବିଗିଡ଼ିବ**

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ମୌସୁମୀ ନିଷ୍କ୍ରିୟ ରହିଛି। ଆସନ୍ତା ୧୩ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପରବର୍ତ୍ତୀ ▶ପୃଷ୍ଠା-୭




## କମ୍ୟୁନିଟି ସେଣ୍ଟର ଫଲ୍ସ ବିଲ୍ ଘଟଣା; ବିଡିଓଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

# କାର୍ଯ୍ୟାନୁଷ୍ଠାନ ନ ହେଲେ ୧୨ରୁ ବ୍ଲକ ଆଗରେ ଧାରଣା

ବାସୁଦେବପୁର,୮।୮(ସମିସ):

ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତର ତମ୍ବାଖଣ୍ଡି ଗ୍ରାମର କମ୍ୟୁନିଟି ସେଣ୍ଟର ଫଲ୍ସ ବିଲ ମାମଲାରେ ଗ୍ରାମବାସୀ ବିଡିଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅର୍ଥ ଆତ୍ମସାତକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ୧୨ତାରିଖରେ ବ୍ଲକ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହେଉଥିବା ନେଇ ଅଭିଯୋଗ ହେଉଥିଲେ ବି ପ୍ରଶାସନର ନିରବଦ୍ରଷ୍ଟା ସାଜିଛି। ପ୍ରଶାସନ କେବଳ ଚିଠି କରି ଚୁପଚାପ ବସି ରହୁଛନ୍ତି। ଗ୍ରାମର କମ୍ୟୁନିଟି ସେଣ୍ଟର ନିର୍ମାଣ ନାମରେ ଫଲ୍ସ ବିଲ କରି ଦୁଇଟି କିସ୍ତିରେ ୧ ଲକ୍ଷ ୨୫ ହଜାର ୨୫୮ ଟଙ୍କା ପିଇଓ ସର୍ବଶ୍ରୀ ପଟ୍ଟନାୟକ ନିଜସ୍ୱ ଜମାଖାତାକୁ ନେଇଛନ୍ତି। ହେଲେ ଗ୍ରାମରେ କନିଷ୍ଠ ଯନ୍ତ୍ରୀ, ପିଇଓ, ସରପଞ୍ଚ କିମ୍ବା ସହକାରୀ ଯନ୍ତ୍ରୀଙ୍କ ପାଦ ପଡିନାହିଁ; କିନ୍ତୁ ସମସ୍ତଙ୍କ ଦସ୍ତଖତରେ ଫଲ୍ସ ବିଲ ପୈଠ ହୋଇଗଲା କିପରି ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ଏହା ଜଣାପଡିବା ପରେ ଗ୍ରାମବାସୀ ଜୁଲାଇ ୨୧ ତାରିଖରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ; ହେଲେ ଏ ଯାଏ କୌଣସି ତଦନ୍ତ ହୋଇନାହିଁ। ସହକାରୀ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ ଫଲ୍ସ ବିଲରେ ସଂପୃକ୍ତ ଥିବା ବେଳେ ବିଡିଓ ତଦନ୍ତ ଭାର ସହକାରୀ ଯନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ..। ବାସୁଦେବପୁର ବ୍ଲକର ବାଟବଣା ହେଉଛି ତଦନ୍ତ। କାର୍ଯ୍ୟାନୁଷ୍ଠାନ ଭୟରେ ତରବରିଆ ଭାବେ ପିଇଓ ଅର୍ଥ ଫେରସ୍ତ କରିଛନ୍ତି ବୋଲି ଚର୍ଚ୍ଚା ହେଉଛି। ସରକାରୀ ଅର୍ଥ ଲୁଟ କଲେ ଧରାପଡିବା ପରେ ସେ ଫେରାଇଛନ୍ତି। ଅରଣ୍ଡୁଆ ପଞ୍ଚାୟତର ୨୦୨୩-୨୪ ମସିହାର ଏମଜିଏନଆରଜିଏସର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ତଦନ୍ତ ପରେ ବିଡିଓଙ୍କ ଚିଠି ନମ୍ବର- ୩୭୬୩ (୩) ତ-୪ ଅଗଷ୍ଟ ୨୦୨୩ ରେ ୧୧ ଲକ୍ଷ ୨୧ ହଜାର ୫୩୯ ଟଙ୍କା ଓ ଚିଠି ନମ୍ବର- ୩୪୭୭, ୧୫ ଜୁଲାଇ ୨୦୨୩ରେ ପିଇଓ ଉମର ଅଲ୍ଲି, ସରପଞ୍ଚ ନିରୁପମା ନାୟକ ଓ ଜିଆରଏସ୍ ସଞ୍ଜୁଲତା ମଲିକଙ୍କୁ ଅର୍ଥ ପୈଠ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତୁଡି ପୋଖରୀ ତୁଠ ନିର୍ମାଣ ନାମରେ ସରକାରୀ ତହବିଲରୁ ଫଲ୍ସ ବିଲ କରି ଅର୍ଥ ଲୁଟ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ୨ ଲକ୍ଷ ୬ ହଜାର ଟଙ୍କା ପୈଠ କରିଥିଲେ। ଏବେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ୧୨ ତାରିଖରୁ ବ୍ଲକ ଆଗରେ ଗ୍ରାମବାସୀ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।




## ବିଦ୍ୟାଳୟରେ ରାକ୍ଷୀ କର୍ମଶାଳା



ବନ୍ତ/ଆଗରପଡ଼ା,୮।୮(ସମିସ): ଆଗରପଡ଼ା ଶିକ୍ଷା ସର୍କଲ ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ଉ.ପ୍ରା ବିଦ୍ୟାଳୟରେ ଶୁକ୍ରବାର ଏକ ରାକ୍ଷୀ ତିଆରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳା ଶିକ୍ଷକ ପଦ୍ମନାଭ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମଶାଳାରେ ୫୫ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମିଶ୍ର,ଆଗରପଡ଼ା ଡ଼ାଏଟ ଅଧ୍ୟକ୍ଷ ଡ଼. କାର୍ତ୍ତିକେଶ୍ୱର ରାଉଳ ଓ ଡ଼ାଏଟର ଶିକ୍ଷକ ପ୍ରଶିକ୍ଷକ ପ୍ରଫୁଲ୍ଲ ଗୋଚ୍ଛାୟତ, ସିଆରସିସି ନିରଞ୍ଜନ ଖିଲାର ପ୍ରମୁଖ କର୍ମଶାଳାକୁ ବୁଲି ଦେଖିଥିଲେ।

## ଟେରାକୋଟା ରାକ୍ଷୀ ତିଆରୀ କଲେ ନିରୁପମା



ବନ୍ତ/ଆଗରପଡ଼ା,୮।୮(ସମିସ):ବନ୍ତ ବ୍ଲକ ବିଟିପୁର ପଂଚାୟତ ଅନ୍ତର୍ଗତ ବିଟିପୁର ଗ୍ରାମର ନିରୁପମା ସାହୁ ପ୍ରତିବର୍ଷ ପରି ଚଳିତ ବର୍ଷ ଏକ ନିଆରା ଢଙ୍ଗରେ ଟେରାକୋଟା ରାକ୍ଷୀ ନିର୍ମାଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ 'ହର୍ ଘର୍ ତ୍ରିରଙ୍ଗା'କୁ ଆଧାର କରି ଟେରାକୋଟା ରାକ୍ଷୀରେ ଜାତୀୟ ପତାକାକୁ ସ୍ଥାନିତ କରିଛନ୍ତି। ଏହା ବ୍ୟତିତ ଜଗନ୍ନାଥ, ଗଣେଶ, ମା'ଲକ୍ଷ୍ମୀ ଓ ବିଭିନ୍ନ ଆଳଙ୍କରିକ ଡ଼ିଜାଇନର ଟେରାକୋଟା ରାକ୍ଷୀ ନିର୍ମାଣ କରିଛନ୍ତି। ଏହି ନୂତନ ଡ଼ିଜାଇନର ନୂତନ ଜ୍ଞାନ କୌଶଳରେ ଟେରାକୋଟା ରାକ୍ଷୀ ନିର୍ମାଣ କରି ସେ ପ୍ରଶଂସା ପାଇଛନ୍ତି।

## ସୂଚନା ଫଳକରେ ତ୍ରୁଟି; ବଢ଼ୁଛି ଅସନ୍ତୋଷ




ବନ୍ତ/ଆଗରପଡ଼ା,୮।୮(ସମିସ): ରାଜ୍ୟ ସରକାର ଓଡ଼ିଆ ଅସ୍ମିତା କଥା ସବୁବେଳେ କହୁଥିବାବେଳେ କାଣ୍ଡବା ସାଳନ୍ଦୀ ସେତୁ ଅନତି ଦୂରରେ ମରା ଯାଇଥିବା ରାସ୍ତା ନିର୍ମାଣ ଫଳକରେ ନାନାଦି ତ୍ରୁଟି ପରିଲକ୍ଷିତ ହେଉଛି, ଯାହାକି ସାଧାରଣ ଜନତା ଏହା କି ପ୍ରକାରର ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରୁଛନ୍ତି। ମହାନ୍ତିପଡ଼ାରୁ ବଡ଼ସନ୍ଦାଡ଼ୋ ଭାୟା କାଣ୍ଡବା, ଇଟୁଆ (ବାଲିପୋଖରୀ)ରାସ୍ତା ନିର୍ମାଣ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଛି। ସୂଚନା ଫଳକରେ ବଡ଼ସନ୍ଦାଡ଼ୋ ପରିବର୍ତ୍ତେ ବଡ଼ସାଣ୍ଡୋ, କାଣ୍ଡବା ପରିବର୍ତ୍ତେ କଣ୍ଡବା, ଇଟୁଆ ସ୍ଥାନରେ ଇଟଓ୍ୱା, ବାଲିପୋଖରୀ ସ୍ଥାନରେ ବଳିପୋଖରୀ ବୋଲି ଉଲ୍ଲେଖ ରହିଥିବାର ପରିଲକ୍ଷିତ ହେଉଛି। ଏହିପରି ତ୍ରୁଟିପୂର୍ଣ୍ଣ ସୂଚନା ଫଳକକୁ ନେଇ ଲୋକେ ଭ୍ରମରେ ପଡ଼ୁଛନ୍ତି। ଏହିପରି ଅନେକ ସ୍ଥାନରେ ତ୍ରୁଟିପୂର୍ଣ୍ଣ ସୂଚନା ଫଳକ ଥିବାର ଦେଖିବାକୁ ମିଳୁଛି।ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହି ତ୍ରୁଟିପୂର୍ଣ୍ଣ ସୂଚନା ଫଳକକୁ ହଟାଇ ତ୍ରୁଟିଶୂନ୍ୟ ଫଳକ ଲଗାଇବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ 'ଏକ ଭାରତ ଶ୍ରେଷ୍ଠ ଭାରତ' ସମାରୋହ



ଭଦ୍ରକ,୮।୮(ସମିସ): ଭଦ୍ରକ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଏକ ଭାରତ, ଶ୍ରେଷ୍ଠ ଭାରତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ରବିନାରାୟଣ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମାରୋହର ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ସେଠ୍, ଦିଲ୍ଲୀପ କୁମାର ଚୌଧୁରୀ, ଅନନ୍ତ ପ୍ରସାଦ ମହାପାତ୍ର, ରମାକାନ୍ତ ସାମଲ, ପ୍ରଭାକର ସେନାପତି, ସୁକାନ୍ତୀ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀ ଅତିଥି ପରିଚୟ ଏବଂ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଶେଷରେ ବିଜେତା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

## ବର୍ଷା ଓ ବନ୍ୟା କ୍ଷତିଗ୍ରସ୍ତ ପରିବାରକୁ ଜରିପାଲ ପ୍ରଦାନ



ଭଣ୍ଡାରିପୋଖରୀ,୮।୮(ସମିସ): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ମୁଢ଼ାପଦା ଓ ଦାଣ୍ଡକୂଳ ଗ୍ରାମର ଝଡବର୍ଷ ଓ ବନ୍ୟା କ୍ଷତିଗ୍ରସ୍ତ ପରିବାରଗୁଡିକୁ ସ୍ଥାନୀୟ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ଶୁକ୍ରବାର ଜରିପାଲ ପ୍ରଦାନ କରିଛନ୍ତି। ମୁଢ଼ାପଦା ଗ୍ରାମର ହରପ୍ରିୟା ଜେନା, ସସ୍ମିତା ଯେନା, ପିଙ୍କି ନାୟକ ଓ ଦାଣ୍ଡକୂଳ ଗ୍ରାମର ଧନେଶ୍ୱର ଯେନା, ଘନଶ୍ୟାମ ଯେନାଙ୍କ ପରିବାର ସହ ଖୋଳାମୁହଁର ବିଜୟ ପରିଡାଙ୍କୁ ଶ୍ରୀ ସାମଲ ଜରିପାଲ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ସହ ସୌମ୍ୟରଞ୍ଜନ ଜେନା, ପ୍ରକାଶ ମହାପାତ୍ର, ଦିଲ୍ଲିପ ସାମଲ, ରମେଶ ଦାସ, ରବିନ୍ଦ୍ର ଜେନା, ଶରତ ପଲାଇ, ଲୋକନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅପାରଗତା

## +୨ ପାଠ୍ୟକ୍ରମରୁ ବାଦପଡ଼ିଲା ରହଣିଆ ଉଚ୍ଚବିଦ୍ୟାଳୟ




ବାରିକପୁର,୮।୮(ସମିସ): ଭଣ୍ଡାରିପୋଖରୀ ବ୍ଲକର ଅନ୍ୟତମ ପୁରାତନ ରହଣିଆ ଉଚ୍ଚ ବିଦ୍ୟାଳୟ ଯୁକ୍ତ ଦୁଇ ପାଠ୍ୟକ୍ରମରୁ ବାଦ ପଡିଛି। ଫଳରେ ଏହାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମୁତାବକ, ଗତ ୧୯୬୦ ମସିହାରେ ନିର୍ମିତ ଉକ୍ତ ବିଦ୍ୟାଳୟରେ +୨ ପାଠ୍ୟକ୍ରମ ଖୋଲିବା ପାଇଁ ସର୍ବନିମ୍ନ ମାନଦଣ୍ଡ ରହିଛି। ଏହାସତ୍ତ୍ୱେ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁଁ ଏହି ବିଦ୍ୟାଳୟ ଆଜିଯାଏ ଉଚ୍ଚ ଶିକ୍ଷା ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ଗତ ୨୦୨୧-୨୨ ମସିହାରେ ବ୍ଲକର ମଣୀନାଥପୁର ଓ ରହଣିଆ ଉଚ୍ଚ ବିଦ୍ୟାଳୟଠାରେ ଯୁକ୍ତ ଦୁଇ ଶିକ୍ଷା ଆରମ୍ଭ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରଥମେ ମଣିନାଥପୁର ଠାରେ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳା ବିଭାଗରେ ନାମ ଲେଖି ଅଧ୍ୟୟନ କରିଥିଲେ। ପରବର୍ତ୍ତୀ ସମୟରେ ରହଣିଆଠାରେ ନୂତନ ଶିକ୍ଷା ଖସଡ଼ା ଆରମ୍ଭ ହେବ ବୋଲି କୁହାଯାଇଥିଲା। ଇତିମଧ୍ୟରେ ଦୁଇ ତିନି ବର୍ଷ ବିତି ଯାଇଥିବାବେଳେ ଏବେ ଯଶୋଟକିରି ଓ କୁଲଣା ବିଶୋଳ ଉଚ୍ଚ ବିଦ୍ୟାଳୟଠାରେ ଉଚ୍ଚ ଶିକ୍ଷା ଆରମ୍ଭ ହେବାକୁ ଯାଉଛି। ଫଳରେ ରହଣିଆ ବିଦ୍ୟାଳୟ ଏଥିରୁ ବାଦ ପଡିଛି। ଏଠାରେ ଯୁକ୍ତ ଦୁଇ ଶିକ୍ଷା ଆରମ୍ଭ ହୋଇଥିଲେ ରହଣିଆ ସମେତ ଏହା ନିକଟବର୍ତ୍ତୀ ମାଳଦା, କୁରିଗାଁ, ସରସଦା, ନପଙ୍ଗ, ରଣଜିତ୍ ପଞ୍ଚାୟତ ସମେତ ପଡୋଶୀ ଧାମନଗର ବ୍ଲକ ଅଧିନ ଗୋବିନ୍ଦା ଗଡିଆ, ଖରିଗଡିଆ, ଦୋଳଗୋବିନ୍ଦପୁର ଆଦି ଗାଁର ଛାତ୍ରଛାତ୍ରୀ ଉପକୃତ ହୋଇଥାନ୍ତେ। କିଛି ଭିତ୍ତିଭୂମି ସମସ୍ୟାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ମନମାନି ଓ ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏହା ଉପରେ ପୁନର୍ବାର ବିଚାର ବିମର୍ଶ ପାଇଁ ଅଭିଭାବକଙ୍କ ମହଲରେ ଦାବି ହୋଇଛି। ଏ ନେଇ ସରପଞ୍ଚ ରଞ୍ଜନକୁମାର ପରିଡା କହିଛନ୍ତି ଯେ, ମନ୍ତ୍ରୀ ଏବଂ ପ୍ରଶାସନକୁ ଭିତ୍ତିଭୂମି ସମସ୍ୟା ସମାଧାନ କରିବା ଏବଂ ଅଧିକ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଜଣାଇଥିଲି। ହେଲେ ଏଥିପ୍ରତି ଦୃଷ୍ଟି ନ ଦେବାରୁ ବିଦ୍ୟାଳୟଟି ଉଚ୍ଚ ଶିକ୍ଷା ପାଠ୍ୟକ୍ରମରୁ ବାଦ ପଡିଛି। ଏହା ଉପରେ ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଜରୁରୀ।

## ସିଏଚଓଙ୍କ ବିରୋଧରେ ଅଭିଯୋଗ କଲେ ଅଧୀକ୍ଷକଙ୍କ ସପକ୍ଷଗୋଷ୍ଠୀ



ଭଣ୍ଡାରିପୋଖରୀ,୮।୮(ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ସପକ୍ଷବାଦୀ କର୍ମଚାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଶୁକ୍ରବାର ପାଲଟା ଅଭିଯୋଗ କରିଥିବା ଜଣାଯାଇଛି। ପୁରୁଷ ସ୍ୱାସ୍ଥ୍ୟକର୍ମୀ ଅମରଜିତ ରାୟ, ଧନଞ୍ଜୟ ସାମଲ, ରୁଦ୍ରନାରାୟଣ କବି, ମହିଳା ସ୍ୱାସ୍ଥ୍ୟକର୍ମୀ ମଧୁସ୍ମିତା ଜେନା, ସୁମିତ୍ରା ମାଝୀ ପ୍ରମୁଖଙ୍କ ସ୍ୱାକ୍ଷର ସମ୍ବଳିତ ଅଭିଯୋଗପତ୍ରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ସି.ଏଚ.ଓ.ଙ୍କ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି ଦର୍ଶାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନେ ନିଜ ଦାୟିତ୍ୱ ଉପଯୁକ୍ତ ଭାବେ ତୁଲାଉ ନାହାନ୍ତି ବୋଲି ଦୋଷାରୋପ କରାଯାଇଛି। ଗତ ୬ ବର୍ଷ ଧରି ଅଧୀକ୍ଷକ ବିନା ଉତ୍କୋଚରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତୁଲାଉଛନ୍ତି ଓ ସ୍ୱାସ୍ଥ୍ୟକେନ୍ଦ୍ରର କେତେକ ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ପ୍ରରୋଚନାରେ ସି.ଏଚ.ଓ.ମାନେ ଅଭିଯୋଗ କରିଛନ୍ତି। ସି.ଏଚ.ଓ.ଙ୍କ ଅଭିଯୋଗର ତଦନ୍ତ ସମୟରେ ଆଜିର ସପକ୍ଷବାଦୀ କର୍ମଚାରୀଙ୍କ ଉପସ୍ଥିତି ସହ ମତାମତ ଦେବା ସୁଯୋଗ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି। ତେବେ ଅଭିଯୋଗକୁ ବିଚାର କରିବେ ବୋଲି ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଆଶ୍ୱାସନା ଦେଇଥିବା ଜଣାଯାଇଛି। ଏଭଳି ଅଭିଯୋଗ ପ୍ରାୟୋଜିତ ଓ ସି.ଏଚ.ଓ.ଙ୍କ ଅଭିଯୋଗ ତଦନ୍ତକୁ ବିଭ୍ରାନ୍ତ ପାଇଁ ଉଦ୍ଦିଷ୍ଟ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ରକ୍ଷଣାବେକ୍ଷଣ ଅଭାବ; ସାହେବ କୋଠି ଜରାଜୀର୍ଣ୍ଣ

ବାରିକପୁର,୮।୮(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଥିବା ସରକାରୀ ଡାକବଙ୍ଗଳାଗୁଡିକ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଡାକବଙ୍ଗଳାରେ ଥିବା ସାହେବ କୋଠି ଏବେ ବିଭିନ୍ନ କୀଟ ପତଙ୍ଗ ଓ ସରିସୃପଙ୍କ ବାସସ୍ଥଳ ପାଲଟିଛି। ଏକପ୍ରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଡ଼ାକବଙ୍ଗଳା ଏବେ ଭୂତକୋଠି ହେଲାଣି। ସୂଚନା ମୁତାବକ, ବାରିକପୁର ସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଡ଼ାକବଙ୍ଗଳାଟି ସର୍ବଦା ବନ୍ଦ ହୋଇ ରହୁଛି। ଜାତୀୟରାଜପଥ ପ୍ରାଧିକରଣ ସଂସ୍ଥା ଦ୍ୱାରା ଏଠାରେ ଆଜବେଷ୍ଟସ ଓ କାଠ ନିର୍ମିତ ବଙ୍ଗଳା ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇଛି। ଏହି କୋଠିରୁ କର୍ମଚାରୀମାନେ ଅବସର ନେବାପରେ ପୁରୁଣା ଡ଼ାକବଙ୍ଗଳାକୁ ଭାଙ୍ଗି ପକ୍କା ଗୃହ ନିର୍ମାଣ ହୋଇଥିଲା; କିନ୍ତୁ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ସେହିଭଳି ଭଣ୍ଡାରିପୋଖରୀ ତହସିଲ କାର୍ଯ୍ୟାଳୟ ପରିସରରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ସରକାରୀ ବିଶ୍ରାମ ଗୃହର ଅବସ୍ଥା ମଧ୍ୟ ଶୋଚନୀୟ। ଏଠାରେ କର୍ମଚାରୀ ନିଯୁକ୍ତି ହୋଇନାହିଁ। କର୍ମଚାରୀ ଅଭାବରୁ ବଙ୍ଗଳା ଗୁଡିକ ଏକପ୍ରକାର ଭାଙ୍ଗିଗଲାଣି। ସେହିପରି ଆଖୁଆପଦା ବୈତରଣୀ ଆନିକଟ ନିକଟରେ ଜଳସମ୍ପଦ ବିଭାଗ ଦ୍ୱାରା ନିର୍ମିତ ହୋଇଥିବା ସର୍ବପୁରାତନ ଡ଼ାକବଙ୍ଗଳାର ଅବସ୍ଥା ତଦ୍ରୂପ। ପୁରୁଣା ସାହେବ କୋଠିର ଜରାଜୀର୍ଣ୍ଣ ହେବାର ଦୁଇ ବର୍ଷ ପୂର୍ବରୁ ୩୦ଲକ୍ଷ ଟଙ୍କା ବ୍ୟୟରେ ନୂଆ ଡାକବଙ୍ଗଳା ନିର୍ମାଣ ହୋଇଛି; କିନ୍ତୁ ସେଠାରେ ଏବେ ଅସ୍ଥାୟୀ ଭାବେ ଡିଭିଜନ କାର୍ଯ୍ୟାଳୟ ଚାଲୁଛି। ଅନେକ ବର୍ଷ ହେବ ପରିଚାଳନା ପାଇଁ ନିଯୁକ୍ତ ହୋଇଥିବା ରୋଷେଇୟା, ଜଗୁଆଳି ଓ ଅନ୍ୟାନ୍ୟ କର୍ମଚାରୀମାନେ ଅବସର ନେଲେଣି। ସେମାନଙ୍କ ବଦଳରେ କାହାକୁ ନିଯୁକ୍ତି ଦିଆଯାଇ ନ ଥିବାରୁ ରକ୍ଷଣାବେକ୍ଷଣ ହେଉନାହିଁ। ଫଳରେ ବଂଗଳା ପରିସର ଜରାଜୀର୍ଣ୍ଣ ହୋଇଥିବା ବେଳେ ଗୃହଗୁଡିକ ଭାଙ୍ଗିଗଲାଣି। ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



### ଆଜି ରକ୍ଷାବନ୍ଧନ

# ମୋବାଇଲ ଯୁଗରେ ହଜିଯାଇଛି ରାକ୍ଷୀର ଚାହିଦା

ବନ୍ତ/ଆଗରପଡ଼ା,୮।୮(ସମିସ)

ଭାଇ ଓ ଭଉଣୀର ପବିତ୍ର ସଂପର୍କକୁ ଉଜ୍ଜୀବିତ ରଖିବା ପାଇଁ ରକ୍ଷାବନ୍ଧନ ଉତ୍ସବ କେଉଁ ଆବାହମାନ କାଳରୁ ପାଳିତ ହୋଇଆସୁଛି। ବିଜ୍ଞାନର ଅଗ୍ରଗତି ତାଳେ ତାଳେ ଲୋକେ ପର୍ବପର୍ବାଣିକୁ ସେହି ଢଙ୍ଗରେ ପାଳନ କରିବାକୁ ପଛାଉ ନାହାନ୍ତି। ଆଧୁନିକ ପରମ୍ପରାକୁ ଆପଣାଇବାକୁ ଯାଇ ମନୁଷ୍ୟ ତା' ରୁଚିରେ ବହୁ ପରିବର୍ତ୍ତନ ଆଣିଛି। ପ୍ରତ୍ୟେକ ମନୁଷ୍ୟର ଜୀବନ ଶୈଳିରେ ନୂତନତ୍ୱର ବାସ୍ନା ବାରି ହୋଇଯାଉଛି। ସମସ୍ତେ ନିଜର ଜୀବନ ଶୈଳିକୁ ସମୟର ତାଳେ ତାଳେ ଗତିଶୀଳ କରିବାକୁ ଇଚ୍ଛାପ୍ରକଟ କରିବାରୁ ଆବିଷ୍କୃତ ହେଲା କମ୍ପ୍ୟୁଟର ଓ ମୋବାଇଲ। ପରେ ପୁଣି ଆରମ୍ଭ ହେଲା ଇଣ୍ଟରନେଟ୍‌ର ଯୁଗ। ରକ୍ଷାବନ୍ଧନରେ ଆଗରୁ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ମିଠା ଖୁଆଇ ପାଳନ କରିଥାଏ। ତେବେ ବର୍ତ୍ତମାନ ଇଣ୍ଟରନେଟ୍ ଯୁଗରେ ଏହା ବଦଳିଯାଇଛି। ମୋବାଇଲ ମାଧ୍ୟମରେ ବହୁତ ସ୍ୱଳ୍ପ ମୂଲ୍ୟରେ ମେସେଜ୍ କାଡର୍ ପକାଇ ଭଉଣୀମାନେ ଭାଇମାନଙ୍କୁ ରାକ୍ଷୀ ବନ୍ଧନର ଅଭିନନ୍ଦନ ଜଣାଇପାରୁଛନ୍ତି। ତେବେ ଏହିସବୁ ଭିତରେ ହଜି ଯାଇଛି ରାକ୍ଷୀର ଚାହିଦା। କମ୍ପ୍ୟୁଟର ଓ ମୋବାଇଲର ପ୍ରଚଳନ ହୋଇ ନ ଥିବା ସମୟରେ ରାକ୍ଷୀ ଅଭିନନ୍ଦନର ମାଧ୍ୟମ ହେଉଛି ରାକ୍ଷୀକୁ ଡ଼ାକ ସେବା ମାଧ୍ୟମରେ ପଠାଯାଉଥିଲା। ସେଥିପାଇଁ ଜୁଲାଇ ମାସରୁ ଆରମ୍ଭ ହୋଇଯାଉଥିଲା ରାକ୍ଷୀ ପଠାଇବାର ପର୍ବ। ଏଥିସହିତ ସରକାରୀ ଡାକଘର ଓ କୋରିୟର ସଂସ୍ଥାମାନ ଚଳଚଞ୍ଚଳ ହୋଇ ଉଠୁଥିଲେ। ସେମାନଙ୍କର ମଧ୍ୟ ଦୁଇ ପଇସା ରୋଜଗାର ହେଉଥିଲା। ରାକ୍ଷୀ ଆସି ପହଞ୍ଚିବା କ୍ଷଣି ଖୁସିର ବାତାବରଣ ସୃଷ୍ଟି ହେଉଥିଲା; ହେଲେ ଆଜି ସେସବୁ ହଜି ଯାଉଛି।



### ସେମାନେ ଯାହା କହନ୍ତି...



ମୋବାଇଲର ବହୁଳ ବ୍ୟବହାର ହେବା ଆଗରୁ ମୁଁ ରାକ୍ଷୀ ବ୍ୟବସାୟ କରୁଥିଲି। ରକ୍ଷାବନ୍ଧନର ଦୁଇ ମାସ ଆଗରୁ କଲିକତା, ଭୁବନେଶ୍ୱର ଓ କଟକ ଆଦି ସ୍ଥାନରୁ ବିଭିନ୍ନ ପ୍ରକାର ରାକ୍ଷୀକୁ ଆଣି ଆଗରପଡ଼ା ଓ ଆଖପାଖ ଅଞ୍ଚଳରେ ଦୋକନୀଙ୍କୁ ହୋଲସେଲ ଦରରେ ବିକ୍ରି କରୁଥିଲି। ୧୫ବର୍ଷ ଭିତରେ ଗତ ୨ବର୍ଷ ହେବ ରାକ୍ଷୀ ବେପାରରୁ ନିଜକୁ ନିବୃତ୍ତ ରଖିଛି। କାରଣ ମୋବାଇଲ ଓ କମ୍ପ୍ୟୁଟର ଯୁଗରେ ରାକ୍ଷୀର ଚାହିଦା କମକମି ଯାଉଛି।

-ଦେବବ୍ରତ ନାୟକ, ବ୍ୟବସାୟୀ,ଆଗରପଡ଼ା




ବିଭିନ୍ନ ପର୍ବ ପର୍ବାଣୀରେ ଓ ଋତୁ ଅନୁସାରେ ମୁଁ ଭିନ୍ନ ଭିନ୍ନ ଷ୍ଟଲ ମାନ ଖୋଲି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାଏ। କେତେବେଳେ ଫାଷ୍ଟଫୁଡ଼ ତ ଆଉ କେତେବେଳେ ଲସି ଓ ସର୍ବତ ଏହିପରି ବିଭିନ୍ନ ଦୋକାନ କରିଥାଏ। ପ୍ରତିବର୍ଷ ରକ୍ଷାବନ୍ଧନ ପର୍ବ ପାଳିତ ହେବାର ମାସକ ପୂର୍ବରୁ ରାକ୍ଷୀ ଦୋକାନ ଖୋଲିଥାଏ। ଚଳିତ ବର୍ଷ ମଧ୍ୟ ଏହି ବ୍ୟବସାୟରେ ନିଜକୁ ଜଡ଼ିତ ରଖିଛି। ପ୍ରାୟ ଏକ ଲକ୍ଷ ଟଙ୍କା ନିବେଶ କରି ବିଭିନ୍ନ ପ୍ରକାର ରାକ୍ଷୀ ଆଣି ଦୋକାନ କରିଛି। ଆଉ ଦିନକ ପରେ ଉକ୍ତ ପର୍ବ ପାଳନ କରାଯିବ କିନ୍ତୁ ମୁଁ ମୋ ନିବେଶର ଶତକଡ଼ା ୫୦ଭାଗ ବି ବିକ୍ରି କରିପାରିନାହିଁ।

- ମନୋରଞ୍ଜନ ସିଂହ, ରାକ୍ଷୀ ଦୋକାନୀ, ଆଗରପଡ଼ା



ଆଧୁନିକତ୍ୱର ପରିଭାଷା ମଧ୍ୟରେ ସମସ୍ତେ ଆମ ସଂସ୍କୃତି ଓ ପରମ୍ପରାକୁ ଭୁଲିବାକୁ ବସିଛନ୍ତି। କିନ୍ତୁ ରକ୍ଷାବନ୍ଧନ ଏହିପରି ଏକ ପର୍ବ ଯେଉଁ ପର୍ବ ଆଧୁନିକତାର ଚାକଚକ୍ୟତା ମଧ୍ୟରେ ବି ଭାଇ ଓ ଭଉଣୀର ପବିତ୍ର ସଂପର୍କକୁ ଉଦ୍‌ଜୀବିତ ରଖିପାରିଛି। ରକ୍ଷାବନ୍ଧନ ଆସିବା ମାନେ ଭାଇ ହାତରେ ରାକ୍ଷୀ ଟିଏ ବାନ୍ଧି 'ରାକ୍ଷୀ ବାନ୍ଧିଲି ମୋ ରଖିବ ମାନ'ବୋଲି ଭାଇ ଠାରୁ ଶପଥ ନେବା ଓ ଭାଇ ତାକୁ ସ୍ୱୀକାର କରି ମିଠା ଖୁଆଇବା ମନ ଭିତରେ ଯେଉଁ ଆବେଗ ଓ ଆବିଳତା ସୃଷ୍ଟି କରିଥାଏ ତାହା କେବେବି ମୋବାଇଲ ଓ ଇଣ୍ଟରନେଟ ପରିପୂରଣ କରିପାରିବ ନାହିଁ। ତେଣୁ ଆଧୁନିକତ୍ୱର ଚାକଚକ୍ୟମଧ୍ୟରେବି ଆଜିର ସଭ୍ୟ ସମାଜରେ ଭାଇ ଓ ଭଉଣୀର ସଂପର୍କକୁ ସୁଦୃଢ କରିବା ସହ ସଂସ୍କୃତି ଓ ପରମ୍ପରାକୁ ପାଳନ ପୂର୍ବକ ଉକ୍ତ ରକ୍ଷାବନ୍ଧନ ପର୍ବକୁ ପାଳନ କରିବା ନିତ୍ୟାନ୍ତ ଆବଶ୍ୟକ।

- ବନିତା ଧଳ ସାମନ୍ତ, ସହକାରୀ ଶିକ୍ଷୟିତ୍ରୀ

# ଦୁର୍ଘଟଣାରେ ଯୁବକ ଗୁରୁତର

ପାରାଦୀପ, ୮।୮ (ସମିସ): ପାରାଦୀପ ମେରାଇନ ଥାନା ଅଧୀନ ନେହେରୁ ବଙ୍ଗଳା ରୋଡର ଜେଏସଡବ୍ଲୁ ଟର୍ମିନାଲ ରାସ୍ତାରେ ଆଜି ରାତିରେ ଏକ ପିକଅପ ଭ୍ୟାନ ଓ ବାଇକ ମଧ୍ୟରେ ଧକ୍କା ହୋଇ ବାଇକ ଆରୋହୀ ଷଣ୍ଢକୁଦର ଈଶ୍ୱର ରାଓ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

# ଅଙ୍ଗନବାଡ଼ି କର୍ମୀଙ୍କୁ ମାଡ଼ ଅଭିଯୋଗ

ପାରାଦୀପ, ୮।୮ (ସମିସ): ରେଡିପଡ଼ା ନୋଳିଆ ସାହି ଅଙ୍ଗନବାଡ଼ି କେନ୍ଦ୍ର ହେଲ୍‌ପର୍ ବିଦ୍ୟୁଲତା ଜେନାଙ୍କୁ ସେହି ପଡାର କିଛି ମହିଳା ଆକ୍ରମଣ କରି ଲହୁଲୁହାଣ କରିଥିବା ଜଣାପଡ଼ିଛି। ଆକ୍ରମଣ ସମୟରେ ତାଙ୍କ ଝିଅ ଶୁଭସ୍ମିତା ଜେନା ତାଙ୍କୁ ଧରିବାରୁ ମହିଳାମାନେ ମଧ୍ୟ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆଜି ସନ୍ଧ୍ୟାରେ ଅଙ୍ଗନବାଡ଼ି କର୍ମୀ ଓ ତାଙ୍କ ଝିଅ ପାରାଦୀପ ଜଟାଧାରୀ ମୁହାଣ ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ୧୦ରୁ ବିଜେପିର ତ୍ରିରଙ୍ଗା ଯାତ୍ରା

ଜଗତସିଂହପୁର,୮।୮ (ସମିସ): ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସଠାରେ ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ବେହେରା, ସଞ୍ଜୟ ମହାନ୍ତି, ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି, ସାଧାରଣ ସମ୍ପାଦକ ଯୁଗଳ ପ୍ରଧାନ, ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋଇ ଓ ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଆଗାମୀ ଦିନର କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ମାସ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ୨୯ ମଣ୍ଡଳରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ସେହିପରି ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଘରେ ଓ ପ୍ରତିଷ୍ଠାନରେ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଜାତୀୟ ପତାକା ଲଗାଯିବ ଓ ୧୫ ତାରିଖ ସନ୍ଧ୍ୟାରେ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ୧୨ରୁ ୧୪ ପର୍ଯ୍ୟନ୍ତ ସମସ୍ତ ସ୍ମାରକୀ କ୍ଷେତ୍ର ଓ ସ୍ୱାଧୀନତା ସଂଗ୍ରାମୀ ପୀଠରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯିବା ସହିତ ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ଅଗଷ୍ଟ ୧୪ରେ ଜିଲ୍ଲା ସଦର ମହକୁମାରେ ବିଭାଜନ ବିଭୀଷିକାର ସ୍ମୃତି ଦିବସ ପାଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଏହି ସମସ୍ତ କାର୍ଯ୍ୟକ୍ରମ ପାଇଁ ୩ ଜଣିଆ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ତ୍ରିରଙ୍ଗା ଯାତ୍ରା ପାଇଁ ସଂଯୋଜକ ଭାବେ ଗଣେଶ ମହାନ୍ତି, ହର ଘର ତ୍ରିରଙ୍ଗା ପାଇଁ ସୁବାସ ଜେନା, ବିଭାଜନ ବିଭୀଷିକା ପାଇଁ ସଞ୍ଜୟ ମହାନ୍ତି ଓ ସ୍ୱଚ୍ଛ ଭାରତ ପାଇଁ ସର୍ବେଶ୍ୱର ବଳିୟାରସିଂହ ପ୍ରଭୃତି ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ସମସ୍ତ ମଣ୍ଡଳ ସଭାପତି, ସାଧାରଣ ସମ୍ପାଦକ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁବାସ ଜେନା ଧନ୍ୟବାଦ ଦେଇଥିଲେ।

# ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

ପାରାଦୀପ, ୮।୮ (ସମିସ): ମଧୁବନସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାରାଦୀପ ଶାଖା ମୁଖ୍ୟ ଭଉଣୀ ସୁମନ, ଭଉଣୀ ଆରତୀ ଓ ଭଉଣୀ ଅନାମିକା ସମସ୍ତ ସାମ୍ବାଦିକ ଭାଇଙ୍କୁ ରାଖୀ ପିନ୍ଧାଇଥିଲେ। ସୁମନ ଭଉଣୀଙ୍କ ସଂଯୋଜନାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଭଉଣୀ ସୁମନଙ୍କ ସହିତ ରାଜେଶ ଭାଇ ଓ ବିବେକାନନ୍ଦ ଭାଇ ରକ୍ଷା ବନ୍ଧନ ଉତ୍ସବର ଆଭିମୁଖ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏ ଅବସରରେ ରକ୍ଷା ବନ୍ଧନର ଏକ ସଂକଳ୍ପ ପତ୍ର ସାମ୍ବାଦିକ ଭାଇଙ୍କୁ ବଣ୍ଟନ କରାଯାଇଥିଲା। ଲିକୁନ ଭାଇ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ହୋଟେଲ କର୍ମଚାରୀଙ୍କ ମୃତ୍ୟୁ

ପାରାଦୀପ, ୮।୮ (ସମିସ): ପିପିଏଲ ଛକରେ ଟ୍ରକ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲ୍ଲା କୋମାପାଲ୍ଲୀ ରାମନଗର ଗ୍ରାମର ନିତିନ ପଟ୍ଟନାୟକ। ସେ ପାରାଦୀପ ଏମ୍ପାୟର୍ସ ହୋଟେଲରେ କାମ କରୁଥିଲେ। ସେ ସ୍କୁଟିରେ ପାରାଦୀପରୁ ଦୋଛକି ଯାଉଥିବାବେଳେ ପିପିଏଲ ଛକରେ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ଅଠରବାଙ୍କୀ ମେଡିକାଲକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ବାଟରେ ଅଧିକ ଗୁରୁତର ହେବାରୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସୋମନାଥ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ

ରଘୁନାଥପୁର, ୮।୮ (ସମିସ): ତରିକୁଣ୍ଡ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସୋମନାଥ ମିଶ୍ରଙ୍କ ୨୧ତମ ଶ୍ରାଦ୍ଧୋତ୍ସବ ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ଗୁରୁ ଦକ୍ଷିଣା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଚିତ୍ରାନନ୍ଦ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ନିଦିଆବିହାରୀ ମହାନ୍ତି, ମୁଖ୍ୟବକ୍ତା ରୂପେ ସାହିତ୍ୟିକ ହିମାଂଶୁ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ଆଚାର୍ଯ୍ୟ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରୀତିମଞ୍ଜରୀ ଭୂୟାଁ ଯୋଗଦେଇ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ସ୍ୱର୍ଗତ ମିଶ୍ରଙ୍କ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଉତ୍ସବରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସଚିଦାନନ୍ଦ ଓ ଯୁଧିଷ୍ଠିର ଦାସ ମେଧା ସମ୍ମାନ ପ୍ରଦାନ କରାଯିବା ସହିତ ସ୍ୱର୍ଗତ ପ୍ରଧାନଶିକ୍ଷ୍ୟକ ଜୀବନ ସମ୍ପର୍କରେ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଉପଲକ୍ଷେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରାଯିବା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଶିବିରକୁ ଡାକ୍ତର ଅବଦୁଲ ମୋହିତ ପରିଚାଳନା କରିଥିବାବେଳେ କିଶୋର ଚନ୍ଦ୍ର ସାହୁ, ଅକ୍ଷୟ ବେହେରା, ରମେଶ ସାହାଣୀ, ଆର୍ତ୍ତତ୍ରାଣ ମଲ୍ଲିକ ଓ ବିଭୂଷଣ ମକଦମ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ ମହାନ୍ତି, ଆଦିକନ୍ଦ ନାୟକ, ବସନ୍ତ ଦାଶ, ବୀରକିଶୋର ରାଉତରାୟ, ପୁରାତନ ଛାତ୍ର ଡାକ୍ତର ଅକ୍ଷୟ ମିଶ୍ର, ପ୍ରାଣକୃଷ୍ଣ ସାହୁ, ଇଲିଆସ ଖାଁ ପ୍ରମୁଖ ସହଯୋଗ କରିଥିବାବେଳେ ଶ୍ରୀବତ୍ସ ଆଚାର୍ଯ୍ୟ ଓ ବିନୋଦ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହେଉନି ସଫେଇ କାମ

# ନାଳରେ ଆସୁନି ପାଣି, ଜମି ଶୁଖିଲା

## ଚାଷୀଙ୍କ ଅସନ୍ତୋଷ, ତଦନ୍ତ ଦାବି

ରଘୁନାଥପୁର,୮।୮ (ସମିସ)



କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ ଓ ଚାଷ ପାଇଁ ବହୁ ଯୋଜନା କରୁଥିବାବେଳେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଅଢେଇକୂଳ ପଞ୍ଚାୟତର ୭ ନମ୍ବର "କ" ନାଳ ସଫେଇ ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ ବର୍ଷା ପାଣିରେ ତଳି ପକାଇ ବିଲ କାଦୁଅ କରି ବସିଥିବାବେଳେ ନାଳରେ ପାଣି ଟୋପେ ନାହିଁ କି ନାଳ ସଫେଇ ବି ଏପର୍ଯ୍ୟନ୍ତ ହୋଇପାରିନି। ଏହି ନାଳ ସଫେଇ ପାଇଁ ପ୍ରତିବର୍ଷ ଅର୍ଥ ବ୍ୟୟବରାଦ ହେଉଛି। ତେବେ କୌଣସି ବର୍ଷ ନାଳ ସଫେଇ ହେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଆବଶ୍ୟକ ସ୍ଥଳେ ନାଳ ସଫେଇ ବାହାନା କରି ଘାସ ମରା ଔଷଧ ପକାଇ ଅର୍ଥ ହଡ଼ପ କରାଯାଉଛି। ଏହି ନାଳ ଉପରେ ବଡ଼କୋରକୋର, ସାନକୋରକୋର, ଖରଦାସାହି, ଖରିକୁଦ ଓ ଗୁଆଳିପୁର ଗ୍ରାମର ହଜାର ହଜାର ଚାଷୀ ନିର୍ଭର କରନ୍ତି। ନାଳ ସଫେଇ ହେଉ ନ ଥିବା କାରଣରୁ ପାଣି ଆସୁନି। ଫଳରେ ଜମି ଶୁଖିଲା ପଡ଼ିଛି। ଏହାର ତଦନ୍ତ କରାଯିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

ଶ୍ରାବଣ ମାସ ସରିବାକୁ ବସିଲାଣି। ନାଳ ସଫେଇ ହୋଇନି କି ନାଳରେ ପାଣି ଟିକେ ନାହିଁ। ସ୍ୱଳ୍ପ ବର୍ଷା କାରଣରୁ ଜମି ଫାଟି ଆଁ କଲାଣି। ଏହି ନାଳର ସଫେଇ କରିବାରେ କାହିଁକି ବାଧା ସୃଷ୍ଟି ହେଉଛି, ତା'ର ଉଚ୍ଚସ୍ତରୀୟ ତଦନ୍ତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କରିବାକୁ ଚାଷୀ ଦାବି ଜଣାଇଛନ୍ତି। ଏହି ନାଳ ସଫେଇ କାର୍ଯ୍ୟ ଜୁଲାଇ ମାସ ପୂର୍ବରୁ କରାଯିବା କଥା। କିନ୍ତୁ ଜଳସେଚନ ବିଭାଗ ଯନ୍ତ୍ରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଅଗଷ୍ଟ ମାସରେ ବି ନାଳ ସଫେଇ ହୋଇପାରିନି। ଜଳସେଚନ ବିଭାଗ ଅଧିକାରୀଙ୍କ ଏଭଳି ଚରମ ଅବହେଳା ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚୁ ଦାସ, ଦେବେନ୍ଦ୍ର ମହାନ୍ତି, ସୁଦର୍ଶନ ସେନାପତି, ଶିବନ ବେହେରା, ରବୀନ୍ଦ୍ର ବିଶ୍ୱାଳ, ବାସୁଦେବ ନାୟକ, ସୁରେଶ ପଟ୍ଟନାୟକ, ନୃସିଂହ ସାହୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଦୈତାରୀ ମହାନ୍ତି, ସର୍ବେଶ୍ୱର ପଟ୍ଟନାୟକ, ବିଶ୍ୱରଞ୍ଜନ ପଟ୍ଟନାୟକ, ବଂଶୀଧର ମହାରଣା, ରାଜେଶ ପଟ୍ଟନାୟକ, କୃତ୍ତିବାସ ମହାପାତ୍ର, ଶିବପ୍ରସାଦ ମହାନ୍ତି, ନରେନ୍ଦ୍ର ମହାନ୍ତି, ଚନ୍ଦ୍ରମଣି ସାହୁ ଓ ବାବାଜୀ ବାରିକ ପ୍ରମୁଖ ଦାବି ଜଣାଇବା ସହିତ ଆସନ୍ତା ୧୧ ତାରିଖରେ ରଘୁନାଥପୁର ବ୍ଲକ୍‌ରେ ହେବାକୁ ଥିବା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଧାରଣା ଦେବେ ବୋଲି ଧମକ ଦେଇଛନ୍ତି। ଏହି ବିଭାଗ ଅଧୀନରେ ଥିବା ନାଳ ସଫେଇ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଗଲେ ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି ବୁଦ୍ଧିଜୀବୀ ଓ ଚାଷୀ ଦାବି କରିଛନ୍ତି।

## ସିଦ୍ଧେଶ୍ୱରୀ ବିଦ୍ୟାଳୟ ପରିସରରୁ ଗଛ କଟା ଘଟଣାକୁ ଚପାଇ ଦେବାକୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଉଦ୍ୟମ

# କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ଦାବି



ରଘୁନାଥପୁର,୮।୮ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ପୁରୁଣାବସନ୍ତ ଗ୍ରାମ ସିଦ୍ଧେଶ୍ୱରୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଥିବା ଗଛ ଅତି ଡାଳ କଟାଯାଇ ବିଦ୍ୟାଳୟ ପରିସରକୁ ଶ୍ରୀହୀନ କରିଥିବା ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ତିର୍ତ୍ତୋଲ ବିଧାୟକ, ଜିଲ୍ଲାପାଳ, ବନ ବିଭାଗ, ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀ, ତହସିଲଦାର, ରଘୁନାଥପୁର ଥାନା ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ହେବାର ୫ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାକୁ ନେଇ ଗ୍ରାମରେ ଅସନ୍ତୋଷ ବଢିବାରେ ଲାଗିଛି। ଗଛକୁ ଯେଉଁଭଳି ଭାବେ କଟାଯାଇଛି ତାହା ଆଖିରେ ନ ଦେଖିଲେ ସହଜ ଜାଣିହେବନାହି। ମଧ୍ୟାହ୍ନଭୋଜନ ଜାଳେଣୀ ପାଇଁ ସରକାର ଟଙ୍କା ଦେଉଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ଜାଳେଣୀ ପାଇଁ କାହିଁକି ଓ କାହା କଥାରେ ଗଛ କାଟିଲେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ ଗଛ କଟା ଅଭିଯୋଗ ହେବା ପରେ ପ୍ରଧାନଶିକ୍ଷୟିତ୍ରୀ ଘଟଣାକୁ ଚପାଇ ଦେବା ଉଦ୍ଦେଶ୍ୟରେ ତରବରିଆ ଭାବେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିବା ଜଣାପଡିଛି। ଗୋଟିଏ ପଟେ ବୃକ୍ଷ ଛେଦନ ଓ ଆରପଟେ ବୃକ୍ଷରୋପଣ ଅଞ୍ଚଳରେ କୌତୁହଳ ସୃଷ୍ଟି କରିଛି। ବିଦ୍ୟାଳୟ ପରିସରର ଯେଉଁ କ୍ଷତି ଘଟିଲା ତାହାର କିଏ ଭରଣା କରିବ? ଯଦି ଏହି ଘଟଣାର ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଦୋଷୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରଉ କରାଯିବ ବୋଲି ଗ୍ରାମବାସୀ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି।

## ● ୧୬ରେ ଭୁବନେଶ୍ୱରରେ ଓଷ୍ଟାର ଆନ୍ଦୋଳନ

# ଜଗତସିଂହପୁରରୁ ଯୋଗଦେବେ ୨ ହଜାର ଶିକ୍ଷକ ଓ କର୍ମଚାରୀ

ଜଗତସିଂହପୁର,୮।୮ (ସମିସ): ୬ ଦଫା ଦାବି ପୂରଣ ନେଇ ଆସନ୍ତା ୧୬ ତାରିଖରେ ଓଡ଼ିଶା ସ୍କୁଲ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଶିକ୍ଷକ ଦାବି ଦିବସ ପାଳନ କରାଯିବ। ଏଥିରେ ଜଗତସିଂହପୁର ଜିଲ୍ଲାରୁ ପ୍ରାୟ ୨ ହଜାର ଶିକ୍ଷକ ଓ କର୍ମଚାରୀ ଯୋଗଦେବେ ବୋଲି ଜିଲ୍ଲା ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି। ଆଜି ପୂର୍ବାହ୍ନରେ ଜିଲ୍ଲା ଓଷ୍ଟା ସମ୍ପାଦକ ତଥା ଆବାହକ ନାରାୟଣ ବାରିକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ଜିଲ୍ଲା ସଭାପତି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ



ଆୟୋଜିତ ପ୍ରତିବାଦ ସଭାରେ ଶତାଧିକ ଶିକ୍ଷକ ଓ କର୍ମଚାରୀ ଯୋଗଦେଇ ୬ ଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଦାନ ଅପେକ୍ଷାରେ ଥିବା ସମସ୍ତ ସ୍କୁଲକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ଚାକିରି ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ, ୨୦୦୪ରୁ ୨୦୧୩ରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ସମସ୍ତ ଅନୁଦାନପ୍ରାପ୍ତ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ଆଦି ଦାବି ରହିଛି। ଆଜି ସଭାରେ ଓଷ୍ଟାର ରାଜ୍ୟ ସମ୍ପାଦକ ସ୍ମୃତିରଞ୍ଜନ ପରିଜା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଭାଷ ଚନ୍ଦ୍ର ଦାସ, କଲେଜ ସଂଘ ସଭାପତି ମନୋରଞ୍ଜନ ମହାରଣା, ମଦ୍ରାସା ସଂଘର ସେଖ୍ ସୋଫିୟାନ, ସଂସ୍କୃତ ସଂଘର ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସଂଘର ଯୁକ୍ତିଯୁକ୍ତ ଦାବି ପ୍ରତି ସହାନୁଭୂତିଶୀଳ ଭାବେ ବିଚାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କୁ ବକ୍ତବ୍ୟ ମାଧ୍ୟମରେ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ଯୁଗ୍ମସଂପାଦକ ଅନୀଲ ଜେନା, ବ୍ଲକ୍ ସମ୍ପାଦକ ମନ୍ଦରଧର ସ୍ୱାଇଁ, ନିହାର ରଞ୍ଜନ ନାୟକ, ରଞ୍ଜନ ମିଶ୍ର, ଶରତ ପଣ୍ଡା ଓ ପଙ୍କଜିନୀ ନନ୍ଦ ପ୍ରମୁଖ ଶତାଧିକ ଶିକ୍ଷକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଏନ୍‌ଜେଡବ୍ଲ୍ୟୁ ପକ୍ଷରୁ ସ୍କାଉଟ୍ସ ଓ ଗାଇଡ୍ସଙ୍କ ଏକଦିବସୀୟ ତାଲିମ ଶିବିର



ଜଗତସିଂହପୁର,୮।୮ (ସମିସ): ଏନ୍‌ଜେଡବ୍ଲୁ (ଓପନ୍) ଜଗତସିଂହପୁର ୟୁନିଟ୍ ପକ୍ଷରୁ ଏନ୍‌ଜେଡବ୍ଲୁର ପ୍ରତିଷ୍ଠାତା ସ୍ୱର୍ଗତ ଅନ୍ତିମ କୁମାର ଦାସଙ୍କ ୩୧ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟ ପୁରସ୍କାରପ୍ରାପ୍ତ ସ୍କାଉଟ୍ସ ଓ ଗାଇଡ୍ସଙ୍କ ପାଇଁ ଏକଦିବସୀୟ ତାଲିମ ଶିବିର ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରଥମେ ଫ୍ଲାଗ ସେରେମୋନି, ପରେ ସ୍କାଉଟ୍ସ ଓ ଗାଇଡ୍ସ ପିଲାଙ୍କୁ ନଟିଂ, ଲାସିଂ ଓ ସ୍କାଉଟ ପ୍ରୋମିଜ୍ ପାଇଁ ତାଲିମ୍ ଦିଆଯାଇଥିଲା। ଏହି ତାଲିମ୍ ଶିବିରକୁ ୟୁନିଟ୍ ଲିଡର ବିଜୟ ରଥ ଓ ୟୁନିଟର ଭାରପ୍ରାପ୍ତ ରୋଭର ଲିଡର ଆଶୁତୋଷ ପଣ୍ଡା ପରିଚାଳନା କରିଥିଲେ। ଏହି ଶିବିରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶାଳଜଙ୍ଗ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମଙ୍ଗ ଓ ଶୁଦ୍ଧାନନ୍ଦ ବିଦ୍ୟାଳୟର ୮୦ ଜଣ ସ୍କାଉଟ୍ ଓ ଗାଇଡ୍ ଯୋଗ ଦେଇଥିଲେ। ପରେ ଅନ୍ତିମ କୁମାର ଦାସଙ୍କ ସ୍ମୃତି ପରିଷଦ ପକ୍ଷରୁ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଏହି ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ଗୌରାଙ୍ଗ ଚରଣ ହୋତା, ମୁଖ୍ୟବକ୍ତା ଭାବେ ସୋମନାଥ ମହାରଣା, ସମ୍ମାନିତ ଅତିଥି ଭାବେ ଶୁଦ୍ଧାନନ୍ଦ ବିଦ୍ୟାଳୟ ଅଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ୟୁନିଟ୍ ଲିଡର ବିଜୟ ରଥ, ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଯଦୁନାଥ ଦାସ, ଅତୁଲ ବିକ୍ରମ ପ୍ରଧାନ, ଶରତ ବାରିକ, ଦାମୋଦର ପଣ୍ଡା, ସ୍କାଉଟର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତିରଞ୍ଜନ ସ୍ୱାଇଁ, ଜିଲ୍ଲା ସଂଗଠନ କମିଶନର ପ୍ରତାପ ରାଉତରାୟ, ଜିଲ୍ଲା ଟ୍ରେନିଂ କମିଶନର ସସ୍ମିତା ଶତପଥୀ, ବୃନ୍ଦାବନ ରାଉତ, ରାକେଶ ସାହୁ, ପ୍ରିୟଦର୍ଶିନୀ ଦାସ, ବୀଣା ଦେଇ, ଅଜୟ ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ଟ୍ରେନିଂ କମିଶନର ଅମୂଲ୍ୟ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁଦ୍ଧାନନ୍ଦ ବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଅଧିକାରୀ ବ୍ରହ୍ମଚାରୀ ଯଦୁନାଥ ଦାସଙ୍କୁ ଜିଲ୍ଲାରେ ସ୍କାଉଟ୍ସ ଓ ଗାଇଡ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ" ଅନ୍ତିମ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସମସ୍ତ ସ୍କାଉଟ୍ ସିନିୟର୍ ରୋଭର ମେଟ୍ ସଂଗ୍ରାମ, କ୍ରାନ୍ତି, ସନ୍ତୋଷ, ଦୀପ୍ତି, ଆଶୁତୋଷ, ସୁଭାଶିଷ, ସୌମ୍ୟାଜିତ ଓ ସିଦ୍ଧାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଲା କଂଗ୍ରେସ ଟିମ୍

ଜଗତସିଂହପୁର,୮।୮ (ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ସାଦେଇପୁର ପଞ୍ଚାୟତ ରାଉତନୂଆଗାଁ ଗ୍ରାମର ଜଣେ ମହିଳାଙ୍କୁ ଗାଇ ଆଣିବାକୁ ଯାଇଥିବାବେଳେ ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲା। ଘଟଣା ସମ୍ପର୍କରେ ପୀଡ଼ିତା ରଘୁନାଥପୁର ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୀଡିତାଙ୍କ ବୟାନ ରେକର୍ଡ କରିବା ସହିତ ଘଟଣାସ୍ଥଳକୁ ଯାଇ ଛାନଭିନ କରିଥିବା ସୂଚନା ମିଳିଛି। ଏ ପରିପ୍ରେକ୍ଷୀରେ ତିର୍ତ୍ତୋଲର କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ ଓ ପସିସି ସଭ୍ୟ ଦେବ ପ୍ରସାଦ ନାୟକଙ୍କ ପରାମର୍ଶକ୍ରମେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ମହିଳା କଂଗ୍ରେସ ଓ ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ ବ୍ଲକ୍ କଂଗ୍ରେସର ଏକ ମିଳିତ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରକୁ ଯାଇ ତାଙ୍କୁ ଭେଟି ଆଲୋଚନା କରିବା ସହ ତଥ୍ୟ ଅନୁସନ୍ଧାନ କରିଛନ୍ତି। ପରେ ରଘୁନାଥପୁର ଥାନାକୁ ଯାଇ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ମହିଳା କଂଗ୍ରେସ ସଭାପତି ଅନୁସୁୟା ପ୍ରଧାନ, ପ୍ରାଚୀ ଚଇନି, ସ୍ୱପ୍ନାରାଣୀ ଦାସ, ବସନ୍ତ ନାୟକ, ପୁଷ୍ପାଞ୍ଜଳି ଦାସ, ନାରାୟଣ ନାୟକ, ପ୍ରତ୍ୟୁଷ ନାୟକ, ସୁଶୀଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣାରେ ଅଭିଯୁକ୍ତ ଗିରଫ

ରଘୁନାଥପୁର,୮।୮ (ସମିସ): ରଘୁନାଥପୁର ଥାନା ସାଦେଇପୁର ରାଉତନୂଆଗାଁ ଗ୍ରାମର ଜଣେ ମହିଳାଙ୍କୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ ଘଟଣାରେ ପୁଲିସ ଅଭିଯୁକ୍ତ ସନ୍ତୋଷ ଦାସକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସନ୍ତୋଷକୁ ଜେଲ୍‌କୁ ପଠାଇ ଦିଆଯାଇଛି। ବୁଧବାର ଅପରାହ୍ନରେ ମହିଳା ଜଣଙ୍କ ନିକଟସ୍ଥ ନଦୀପଠାକୁ ଗାଇ ଆଣିବାକୁ ଯାଇଥିବାବେଳେ ଅଭିଯୁକ୍ତ ସନ୍ତୋଷ ତାଙ୍କୁ ବଣକୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ କରିଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୧୭୦/୨୫ରେ ମାମଲା ରୁଜୁ ହୋଇଥିଲା। କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପ୍ରଶାନ୍ତ ଦାସ ଓ ସର୍ବେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ପୀଡ଼ିତାଙ୍କ ଘରକୁ ଯାଇ ଆଲୋଚନା କରିଥିଲେ। ପରେ ରଘୁନାଥପୁର ଥାନା ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରିଥିଲେ। ଅଭିଯୁକ୍ତ ସନ୍ତୋଷକୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିବାବେଳେ ଏ ନେଇ ପୁଲିସ ପକ୍ଷରୁ ବିଭିନ୍ନ ଆଡେ ଜାଲ ବିଛାଯାଇଥିଲା। ଅଭିଯୁକ୍ତ ସନ୍ତୋଷ ଫେରାର ଉଦ୍ୟମ କରୁଥିବା ସମୟରେ ପୁଲିସ ତାକୁ ତହସିଲଠାରୁ ବିରାଟକଟକ ରାସ୍ତାରେ ଧରିବାକୁ ସକ୍ଷମ ହୋଇଥିବା ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

## ଠିକାଦାରଙ୍କ ମନମୁଖୀ କାମ

# ମାଛଗାଁ ପଞ୍ଚାୟତରେ ପାନୀୟଜଳ ପ୍ରକଳ୍ପ ଅଧପନ୍ତରିଆ

ବାଲିକୁଦା,୮।୮ (ସମିସ)



ବାଲିକୁଦା ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର ଠିକାଦାର ପ୍ରୀତିକୁ ନେଇ ଅଭିଯୋଗ କରିଛନ୍ତି ମାଛଗାଁ ପଞ୍ଚାୟତବାସୀ। ୪ ବର୍ଷ ପୂର୍ବେ ମାଛଗାଁ ପଞ୍ଚାୟତ ଜନସାଧାରଣଙ୍କୁ ପାନୀୟଜଳ ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ପାନୀୟଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ପ୍ରାୟ ୧ କୋଟି ଅନୁଦାନରେ ଓଭରହେଡ୍ ଟାଙ୍କି ସହ ପାଇପ ଯୋଗେ ପ୍ରତ୍ୟେକ ପରିବାରକୁ ପାନୀୟଜଳ ଯୋଗାଇ ଦେବାକୁ ଟେଣ୍ଡର କରାଯାଇଥିଲା। ଟେଣ୍ଡର ପାଇଥିବା ଠିକାଦାର ନଳିନୀ ସ୍ୱାଇଁ ଦୀର୍ଘ ବର୍ଷ ଧରି ଏହି କାର୍ଯ୍ୟକୁ ଅଧାପନ୍ତରିଆ କରି ଛାଡି ଚାଲିଯାଇଥିଲେ। ଏ ନେଇ ବାରମ୍ବାର ପଞ୍ଚାୟତବାସୀଙ୍କ ଅଭିଯୋଗ ପରେ ବିଭାଗ ପକ୍ଷରୁ ଠିକାଦାରଙ୍କୁ ଜରିମାନା କରାଯିବ ବୋଲି ଚେତାବନୀ ଦିଆଯିବା ପରେ କାର୍ଯ୍ୟ ଆରମ୍ଭ କରିଥିଲେ ଠିକାଦାର। ତେବେ ଟାଙ୍କି କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ନ ଥିବାବେଳେ ପାଇପ ପଡିବା କାର୍ଯ୍ୟ ମଧ୍ୟ ଅଧା ହୋଇପଡ଼ିଛି। ଅବଧି ଶେଷ ପରେ ମଧ୍ୟ ଠିକାଦାରଙ୍କ ପକ୍ଷରୁ ଅଧା କାର୍ଯ୍ୟ କରାଯାଇ ନ ଥିବାବେଳେ ବିଭାଗ ପକ୍ଷରୁ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତରେ ୧୪୦୦ରୁ ଅଧିକ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହେବାକୁ ଥିବାବେଳେ ୨୦୦ରୁ କମ ଷ୍ଟାଣ୍ଡ ପୋଷ୍ଟ ଏପର୍ଯ୍ୟନ୍ତ ସୁଦ୍ଧା ଠିକାଦାର ସଂସ୍ଥା ପକ୍ଷରୁ କରାଯାଇଛି। ତେବେ ୮୦୦ ଷ୍ଟାଣ୍ଡ ପୋଷ୍ଟର ବିଲ ଠିକାଦାରଙ୍କୁ ପ୍ରଦାନ କରି ବିଭାଗ ଠିକାଦାର ପ୍ରୀତି ଦେଖାଉଥିବା ଅଭିଯୋଗ କରିଛନ୍ତି ମାଛଗାଁ ପଞ୍ଚାୟତବାସୀ। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏହାର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦୀର୍ଘବର୍ଷ ଧରି ପାନୀୟଜଳରୁ ପଞ୍ଚାୟତବାସୀଙ୍କୁ ବଞ୍ଚିତ କରିଥିବା ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଭରତ ଭୂଷଣ ଲେଙ୍କା କହିଛନ୍ତି, ଏହା ପ୍ୟାକେଜଭିତ୍ତିକ ଟେଣ୍ଡର ଥିଲା। ଏହି ପ୍ରକଳ୍ପ ସହ ବାଲିକୁଦା ଓ ନାଉଗାଁ ବ୍ଲକରେ ୧୩ଟି ଓଭରହେଡ୍ ଟାଙ୍କି ନିର୍ମାଣ ଦାୟିତ୍ୱ ଠିକାଦାର ନେଇଥିଲେ। ବିଳମ୍ବ ହେତୁ ତାଙ୍କଠାରୁ ଜରିମାନା ଆଦାୟ କରାଯିବ। ତେବେ ବିଲ ପ୍ରସଙ୍ଗକୁ ମଧ୍ୟ ସ୍ୱୀକାର କରିଥିଲେ।

# ରବୀନ୍ଦ୍ରନାଥ ଠାକୁରଙ୍କ ଶ୍ରାଦ୍ଧ ଦିବସ ପାଳିତ



ଏରସମା/ରାହାମା,୮।୮ (ସମିସ): ଉତ୍କଳ ଗ୍ରାମ ସ୍ୱରାଜ୍ୟ ଓ ସରକାରୀ ଉଚ୍ଚବିଦ୍ୟାଳୟ ପଣ୍ଡୁଆ ମିଳିତ ଆନୁକୂଲ୍ୟରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ୮୪ତମ ତିରୋଧାନ ଦିବସ ଉପଲକ୍ଷେ ଉଚ୍ଚବିଦ୍ୟାଳୟ ପରିସରରେ ଉତ୍କଳ ଗ୍ରାମ ସ୍ୱରାଜ୍ୟ ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଅତିଥିଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। କବୟିତ୍ରୀ ଡକ୍ଟର ବସନ୍ତକୁମାରୀ ନନ୍ଦଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଡକ୍ଟର ଶ୍ରୀମତୀ ନନ୍ଦ ପିଲାଙ୍କୁ ଗୀତ ମାଧ୍ୟମରେ ଭଲ କାମ କରିବାକୁ ଉତ୍ସାହିତ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ବିଶ୍ୱକବିଙ୍କ ବିଭିନ୍ନ କୃତିତ୍ୱର ସ୍ମୃତିଚାରଣ କରିବା ସହିତ ଭଲ ମଣିଷ ହେବାକୁ ବୁଝାଇଥିଲେ। ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ପିଲାଙ୍କୁ ନୈତିକ ବିକାଶ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ନାଗୁଚରଣ ଦେବତା ସୁନ୍ଦର ଚେତନା ଜାଗ୍ରତକାରୀ ଗଳ୍ପ ଶୁଣାଇ ଓ ବିଶିଷ୍ଟ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ମଲ୍ଲିକ ଶୈକ୍ଷିକ ମୂଲ୍ୟବୋଧର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଆଧ୍ୟାତ୍ମିକ ଚେତନା ପରିଷଦ ଓ ବିଷ୍ଣୁ ବୈଭବର ସମ୍ପାଦକ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସାଧନାର ସଫଳତାର ଉଦାହରଣ ଦେଇ ଭୟଶୂନ୍ୟ, ନିରଳସ ଭାବେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ଲେଙ୍କା ବିଶ୍ୱକବିଙ୍କ ସାହିତ୍ୟ, ଦର୍ଶନ, ସଂଗୀତ ଓ ନାଟକ ଅମର ହୋଇ ରହିବ ପ୍ରକାଶ କରିଥିବାବେଳେ ସମ୍ମାନିତ ଅତିଥି ଡକ୍ଟର ଭଗବତୀ ଖଟୁଆ, ଡକ୍ଟର ନିରଞ୍ଜନ ଖଟୁଆ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଶୁଭଶ୍ରୀ ସାହିତ୍ୟ ସଂସଦ ସମ୍ପାଦିକା ଡକ୍ଟର ବସନ୍ତମଞ୍ଜରୀ ଦାସ ଓ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭାଗ୍ୟଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ରବୀନ୍ଦ୍ରନାଥ ଠାକୁରଙ୍କ କାଳଜୟୀ କୃତିତ୍ୱର ସ୍ମୃତିଚାରଣ କରିଥିଲେ। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ମନୋଜ ମହାପାତ୍ରଙ୍କୁ ରବୀନ୍ଦ୍ରନାଥ ଠାକୁର ସମ୍ମାନ ପ୍ରଦାନ କରାଯାଇଥିଲା।

● ରାକ୍ଷୀ ପୂର୍ବରୁ ଚାଲିଗଲେ ଭାଇର ଜୀବନ

# ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

ସଇଁତଲା, ୮ ।୮ (ସମିସ): ରାକ୍ଷୀ ପୂର୍ବରୁ ଭଉଣୀକୁ ଛାଡି ଚାଲିଗଲେ ଭାଇ। ସକାଳେ ପାହିଲେ ଭାଇ ହାତରେ ଭଉଣୀ ବାନ୍ଧି ଥାନ୍ତା ରାକ୍ଷୀ ହେଲେ ଦୁଘଟଣାରେ ଚାଲିଗଲା ଜୀବନ। ଏଭଳି ହୃଦୟ ବିଦାରକ ଘଟଣା ବଲାଙ୍ଗୀର ଜିଲ୍ଲା ସଇଁତଲା ଥାନା ଜାତୀୟ ରାଜପଥ ୨୬ କରେଲଧୁଆ ବ୍ରିଜ ନିକଟରେ ଘଟିଛି । ଭବାନୀପାଟଣାଗଡ଼ରୁ ବଲାଙ୍ଗିର ରାଜେନ୍ଦ୍ର କଲେଜର ଅଧ୍ୟାପକମାନେ ଚାରି ଚକିଆ ଗାଡିରେ ଫେରୁ ଥିବା ବେଳେ ଦୁଇ ଚକିଆ ଗାଡି ରେ ଆସୁ ଥିବା ୩ ଜଣଙ୍କ ଧକ୍କା ଯୁବକଙ୍କୁ ଧକ୍କା ଦେବା ଫଳରେ ଛିଟିକି ପଡ଼ି ଯାଇ ଘଟଣାସ୍ଥଳରେ ଜଣେ ଯୁବକର ମୃତ୍ୟୁ ଘଟିଥିଲା ।ଘଟଣାସ୍ଥଳରୁ ଚାରି ଚକିଆ ଗାଡିରେ ଥିବା ରାଜେନ୍ଦ୍ର କଲେଜର ଅଧ୍ୟାପ ମାନେ ଗାଡି ଛାଡି ଫେରାର ମାରିଥିବା ଜଣାପଡ଼ିଛି । ସୂଚନା ମୁତାବକ ସଇଁତଲା ଥାନା ବଡ଼ମାଳର ସରୋଜ ମୀନା, ଛବି ମୀନା ଓ ସାବିତ୍ରୀ ରାଉତ ବରଗଡ଼ ସ୍ଥିତ ପଦମପୁରରେ ଠିକା କାରିଗର ଭାବେ କାମ କରନ୍ତି । ତେବେ ଆସନ୍ତାକାଲି ରାକ୍ଷୀପୂର୍ଣ୍ଣିମା ପାଇଁ ତିନି ଭାଇ ଫେରୁଥିବା ବେଳେ ଜାତୀୟ ରାଜପଥ ୨୬ କରେଲ ଧୁଆ ବ୍ରିଜରେ ସଇଁତଲା ପଟୁ ତାମିଲନାଡୁ ନମ୍ବର ଥିବା କାର୍ ଦ୍ରୁତ ଗତିରେ ଆସି ପିଟି ଦେଇଥିଲା । ଘଟଣାସ୍ଥଳରେ ଜଣେ ବ୍ୟକ୍ତି ସାବିତ୍ରୀ ରାଉତ ପ୍ରାଣ ଯାଇଥିବା ବେଳେ ଦୁଇ ଜଣ ଅତି ଗୁରୁତର ଅଛନ୍ତି । ତେବେ ଖବର ପାଇ ସଇଁତଲା ଅଗ୍ନିଶମ ବିଭାଗ ଓ ପୁଲିସ ପହଞ୍ଚି ଘଟଣାସ୍ଥଳକୁ ପହଞ୍ଚି ତିନି ଜଣକୁ ଉଦ୍ଧାର କରି ସଇଁତଲା ହସ୍ପିଟାଲକୁ ଆଣିଥିଲେ । ଅତିଗୁରୁତର ହେବାରୁ ଦୁଇ ଜଣଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ମୃତଦେହ ଜବତ କରି ତଦନ୍ତ କରୁଛି ।



ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଜାଲିଆତି ଘଟଣା

# ସନ୍ଦେହରେ ଜନପ୍ରତିନିଧି ଓ ରାଜସ୍ୱ ନୀରିକ୍ଷକ

ବଲାଙ୍ଗିର, ୮ ।୮ (ସମିସ)

ବଲାଙ୍ଗିର ତହସିଲରେ ଜାଲିଆତି କରି ବାସିନ୍ଦା ପ୍ରମାଣପତ୍ର ହାତେଇ ଉତ୍ତରପ୍ରଦେଶର ଅନେକ ଯୁବକ କେନ୍ଦ୍ର ସରକାରଙ୍କ ଅଧିନସ୍ଥ ବିଭାଗରେ ଚାକିରି ହାତେଇଥିବା ଜଣାପଡ଼ିଛି । ଉତ୍ତରପ୍ରଦେଶରୁ ଆସି ଜଣେ ଯୁବକ ତହସିଲଦାରଙ୍କ ପାଖରେ ଏନେଇ ଅଭିଯୋଗ କରିବା ପରେ ଏହିଭଳି ଏକ ଷଡଯନ୍ତ୍ର ସାମ୍ନାକୁ ଆସିଛି । ଜଣେ କି ଦୁଇ ଜଣ ନୁହଁ ବହୁତ ଚାକିରି ଆଶାୟୀ ଯୁବକ ଏହିଭଳି କାରବାର କରିଥିବା ଜଣାପଡ଼ିଛି । ଏହା ଏକ ସମ୍ବେଦନଶୀଳ ଅଭିଯୋଗ ହୋଇଥିବା ବେଳେ ସ୍ଥାନୀୟ ତହସିଲଦାର କିନ୍ତୁ ଏହାକୁ ଗୁରୁତ୍ୱ ଦେଉନଥିବା ଭଳି ମନେ ହେଉଛି । ଏନେଇ ଅଭିଯୋଗ ହେବାର ୪୮ ଘଣ୍ଟା ପରେ ବି ନା କୌଣସି ପ୍ରକାର ତଦନ୍ତ କରିଛନ୍ତି ନା ଏନେଇ ଥାନାରେ ମାମଲା କରିଛନ୍ତି । ଯେହେତୁ ଏହି ପ୍ରମାଣପତ୍ର ସ୍ଥାନୀୟ ତହସିଲରୁ ଦିଆଯାଇଥିବା ଅଭିଯୋଗ ହୋଇଛି ତେବେ ତାଙ୍କ ଅଧସ୍ଥନ କର୍ମଚାରୀମାନେ ହିଁ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି । ତେବେ ଏକ ବାସିନ୍ଦା ପ୍ରମାଣପତ୍ର ଆବେଦନ ଓ ପାଇବା ପାଇଁ ରହିଥିବା ପ୍ରକ୍ରିୟା ଅନୁସାରେ ଏହି କାରବାର ପଛରେ ସ୍ଥାନୀୟ କାଉନସିଲର ଓ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟ ସନ୍ଦେହ ଘେରରେ ରହିଛି ।

ବଲାଙ୍ଗିର ତହସିଲରେ ବାସିନ୍ଦା ପ୍ରମାଣପତ୍ର ଜାଲିଆତି ଘଟଣା ସାମ୍ନାକୁ ଆସିଛି। ଏନେଇ ଉତ୍ତରପ୍ରଦେଶର ଜଣେ ଯୁବକ ଆସି ଅଭିଯୋଗ କରିବା ପରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି । ଦୁଇ ଦିନ ପୂର୍ବରୁ ଉତ୍ତରପ୍ରଦେଶ ର ମୁକେଶ ସିଂ ନାମକ ଜଣେ ଯୁବକ ଆସି ବଲାଙ୍ଗିର ବାସିନ୍ଦା ପ୍ରମାଣପତ୍ର ପାଇଥିବା ଯୁବକମାନେ ଉତ୍ତରପ୍ରଦେଶରେ କେନ୍ଦ୍ର ସରକାର ଅଧିନରେ ଥିବା ବିଭିନ୍ନ ବିଭାଗରେ ଚାକିରି କରୁଥିବା ଅଭିଯୋଗ କରିଥିଲେ। ବିଶେଷ କରି ଷ୍ଟାଫ ସିଲେକ୍ସନ କମିଶନ ଜିଡି, ବିଏସଏଫ, ସିଆଇଏସଏଫ, ସିଆରପିଏଫ, ଏସଏସଏଫ ପଦରେ ଏହି ଜାଲିଆତି ହୋଇଥିବା ସେ ଅଭିଯୋଗ କରିଥିଲେ। ବଲାଙ୍ଗିର ମାଓପ୍ରବଣ ଜିଲ୍ଲା ହୋଇଥିବାରୁ ସୁରକ୍ଷା ବାହିନୀ ଚାକିରୀରେ କଟଅଫ ମାର୍କ କମ ରହିଥାଏ। ଯାହାର ସୁଯୋଗ ନେବା ପାଇଁ ବଲାଙ୍ଗିର ଜିଲ୍ଲା ବାସିନ୍ଦା ପ୍ରମାଣପତ୍ର ହାତେଇ ବହୁ ଯୁବକ ଚାକିରୀ ପାଇଥିବା ଅଭିଯୋଗ ହୋଇଛି। ୨୦୨୩ ରେ ୨୫ଟି, ୨୦୨୪ ରେ ୧୫ଟି ଓ ୨୦୨୫ ରେ ୫୦ ଟି ବାସିନ୍ଦା ପ୍ରମାଣପତ୍ର ଜାଲିଆତି କରାଯାଇଥିବା ସେ ପ୍ରମାଣ ସହ ଅଭିଯୋଗ କରିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ପ୍ରମାଣପତ୍ର ଜାଲିଆତି ହେବ କେମିତି ଓ କିଏ ଏଥିରେ ସମ୍ପୃକ୍ତ ଥାଇପାରନ୍ତି । ବର୍ତ୍ତମାନ ଡିଜିଟାଲ ବ୍ୟବସ୍ଥା ଅନୁସାରେ ଜଣେ ଯଦି ବାସିନ୍ଦା ପ୍ରମାଣପତ୍ର ଆବଶ୍ୟକ କରୁଥାଏ ତେବେ ସେ ଅନଲାଇନରେ ହିଁ ଆବେଦନ କରିବ । ଆବେଦନ ସମୟରେ ଆଧାରକାର୍ଡ, ପାସପୋର୍ଟ ଫଟୋ ଦରକାର ହୋଇଥାଏ । ଯଦି ଆଧାରକାର୍ଡରେ ପ୍ରମାଣପତ୍ର ଅନୁସାରେ ଠିକଣା ନଥାଏ ତେବେ ସେ ସରପଞ୍ଚ କିମ୍ବା ସ୍ଥାନୀୟ କାଉନସିଲର ପାଖରୁ ନିର୍ଦ୍ଦିଷ୍ଟ ଫର୍ମରେ ପୂରଣ କରି ଦାଖଲ କରିବ । ଏହା ହେବା ପରେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଏହାର ଫିଲ୍ଡ ଭେରିଫିକେସନ କରିବେ । ଯାଞ୍ଚ କରିବା ପରେ ସେ ରିପୋର୍ଟ ଦେବେ। ପରେ ତହସିଲଦାର ଏହାକୁ ଆପ୍ରୁଭ କରିବେ। ଏହା ହେବା ପରେ ଆବେଦନକାରୀ ବାସିନ୍ଦା ପ୍ରମାଣପତ୍ର ପାଇବେ। ତେବେ ହୋଇଥିବା ଅଭିଯୋଗ ଘଟଣାରେ ଏତେ ସଂଖ୍ୟକ ପ୍ରମାଣପତ୍ର ପାଇଁ ଆବେଦନ କେଉଁଠି କରାଯାଇଛି । ଆବେଦନ ସମୟରେ କାହା ଦସ୍ତଖତ ଥିବା ଫର୍ମ ଦାଖଲ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ରାଜସ୍ୱ ନୀରିକ୍ଷକ ଏହାର ଯାଞ୍ଚ କରିଛନ୍ତି ନା ନାହିଁ। ଯଦି ହଁ ତେବେ କିଭଳି ଯାଞ୍ଚ କରାଯାଇଛି, କାହା କାହାକୁ ସାକ୍ଷୀ କରାଯାଇଛି । ଯଦି କରିନାହାନ୍ତି ତେବେ ବିନା ଯାଞ୍ଚରେ କିଭଳି ରିପୋର୍ଟ ପ୍ରଦାନ କରିଛନ୍ତି ତାହା ସବୁଠାରୁ ବଡ ପ୍ରଶ୍ନ । ଏହି ନିୟମିତ ଭାବେ ହୋଇଆସୁଥିବାରୁ ଏଥିରେ ଲକ୍ଷ ଲକ୍ଷ ଟଙ୍କାର କାରବାର ମଧ୍ୟ ହୋଇଥିବା ସ୍ୱାଭାବିକ କଥା ।ଗୋଟିଏ ପ୍ରମାଣପତ୍ର ପାଇଁ ୮ରୁ୧୦ ଲକ୍ଷ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଛି। ଏହାରି ପଛରେ ଏକ ବଡ ର୍‌ୟାକେଟ୍ କାମ କରୁଥିବା ବେଳେ ଏହି ଘଟଣାରେ କିନ୍ତୁ ତହସିଲଦାରଙ୍କ ନୀରବତା ସମସ୍ତଙ୍କୁ ଚକିତ କରିଛି । କିଛି ମାସ ପୂର୍ବରୁ ୫୦ ବାସିନ୍ଦା ପ୍ରମାଣପତ୍ର ଦିଆଯାଇଥିବା ବେଳେ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନକୁ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ଅଭିଯୋଗର ଦୁଇ ଦିନ ପରେ ବି ତହସିଲଦାର ଏନେଇ କୌଣସି ଛାନଭିନ କରିନଥିବା ବେଳେ ଥାନାରେ ମାମଲା ମଧ୍ୟ ହୋଇନାହିଁ। ଏହାକୁ ଚାପିଦେବାକୁ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଥିବା ଆଲୋଚନା ହେଉଛି। ଏନେଇ ତହସିଲଦାର ଲଗ୍ନଜିତ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି କାର୍ଯ୍ୟାନୁଷ୍ଠାନ ବି ହେବ କିନ୍ତୁ ଘଟଣାକୁ ଠିକ ଭାବରେ ଷ୍ଟଡି କରିନାହାନ୍ତି। କାମ ଚାପ ଅଧିକ ରହିଛି ଛୁଟି କିମ୍ବା ଖାଲି ସମୟ ଦେଖି ତାହାର ଯାଞ୍ଚ କରିବେ ବୋଲି ଏକ ହାଲୁକା ମନ୍ତବ୍ୟ ପୋଷଣ କରିଛନ୍ତି।

**ମାମଲା ଚାପି ଦେବାକୁ ଉଦ୍ୟମ**

# ଉଦ୍ଧାର ବଜ୍ରକାପ୍ତାକୁ ଜଙ୍ଗଲରେ ଛାଡିଲା ବନବିଭାଗ



ଦେଓଗାଁ, ୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ଉଡାର ଗ୍ରାମ ନିକଟରୁଏକ ବଜ୍ରକାପ୍ତା ଉଦ୍ଧାର ହୋଇଛି । ଉଡାର ଗ୍ରାମର ଶଶି ଭୂଷଣ ସାହୁ, ଗୌତମ ପଧାନ ଓ ହଲୁ ପଧାନ ଚାଷ କାମ ସାରି ଗାଁକୁ ଉଡାରକୁ ଫେରୁଥିବା ସମୟରେ ଥନାପତି କ୍ଷେତ ନିକଟ ରାସ୍ତାରେ ରାତ୍ର ପ୍ରାୟ ୯ଟା ସମୟରେ ବଜ୍ରକାପ୍ତା ବୁଲୁଥିବା ଦେଖିବାକୁ ପାଇଥିଲେ । ସେମାନେ ଉକ୍ତ ବଜ୍ରକାପ୍ତାକୁ ଉଡାରକୁ ଆଣି ଦେଓଗାଁ ବନବିଭାଗକୁ ଖବର ଦେଇଥିଲେ । ବନାଞ୍ଚଳ ଅଧିକାରୀ ଯୁଧିଷ୍ଠିର ଜାଲଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଜନ୍ମେଜୟ ପାଣିଗ୍ରାହୀ ଓ ବନବିଭାଗ କର୍ମଚାରୀ ଉଡାର ଗ୍ରାମକୁ ଯାଇ ବଜ୍ରକାପ୍ତାକୁ ଉଦ୍ଧାର କରି ଦେଓଗାଁ ବନାଞ୍ଚଳ କାର୍ଯ୍ୟାଳୟ ଆଣିଥିଲେ। ଏ ବିଷୟ ଦେଓଗାଁ ବନାଞ୍ଚଳ ଅଧିକାରୀ ଜାଲଙ୍କୁ ପଚାରିବାରୁ ଉଦ୍ଧାର ବଜ୍ରକାପ୍ତାକୁ ଶୁକ୍ରବାର ଦେଓଗାଁ ପଶୁ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରାଣୀ ଚିକିତ୍ସାଧିକାରୀ ସୁନିତା ବେହେରାଙ୍କ ରିପୋର୍ଟ ଅନୁସାରେ ବଜ୍ରକାପ୍ତାର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଅଛି। ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର ଜଙ୍ଗଲରେ ଛାଡି ଦିଆଯାଇଥିବା ଜଣାପଡ଼ିଛି ।

# ଉପଖଣ୍ଡସ୍ତରୀୟ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ



ପାଟଣାଗଡ଼, ୮ ।୮ (ସମିସ): ସ୍ଥାନୀୟ ସାରଦା ହୋଟେଲ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି ।ସଂଘର ସଭାପତି ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବ ବିବରଣୀ ପଠନ ସହ କୋଷାଧକ୍ଷ ବଂଶୀଧର ସେଠ ସଂଘର ଆୟବ୍ୟୟ ହିସାବ ଦେଇଥିଲେ ।ଧୂମାଭଟା ଛକ ଠାରେ ପୂର୍ବରୁ ମିଳିଥିବା ସ୍ଥାନରେ ସଂଘର ନୂତନ କୋଠା ନିର୍ମାଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା ।ପରେ ସଂଘର ନୂତନ କର୍ମକର୍ତ୍ତା ଚୟନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।ଆଗାମୀ ମାସ ସାତ ତାରିଖ ଦିନ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।ନୂତନ କାର୍ଯ୍ୟକର୍ତ୍ତା ଚୟନ ପର୍ଯ୍ୟନ୍ତ ସଂଘର ସଂଯୋଜକ ସୁନୀଲ ଚୋପଦାର ସମସ୍ତ କାର୍ଯ୍ୟ ତୁଲାଇବାକୁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଉପଖଣ୍ଡସ୍ତରୀୟ ସାମ୍ବାଦିକ ସଂଘର ବରିଷ୍ଠ ସଦସ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ପ୍ରହଲ୍ଲାଦ ପାଢ଼ୀ, ସଦାଶିବ ସରାପ, ବଂଶୀଧର ସେଠ, ସୁବୋଧ ମେହେର, ବନମାଳୀ ମହାକୁଡ଼ଙ୍କ ସହ ଲଳିତ ମିଶ୍ର, ରାଜେଶ କୁମାର ଚାନ୍ଦ, ସୁନୀଲ ଚୋପଦାର, ରଞ୍ଜନ ମେହେର, ପ୍ରବୀଣ ପୁରୋହିତ, ଗଣେଶ ଦାସ, ଦିଲୀପ ଭୋଇ, ତାପସ ବେହେରା, ପିଣ୍ଟୁ ପୁଟେଲ, ସୁବ୍ରତ ମହାକୁଡ଼, ବିହାରୀ ପଧାନ, ପାର୍ଥ ଭୋଇଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ଶାନ୍ତିଲତା ମିଶ୍ରଙ୍କ ବିୟୋଗ



ଦେଓଗାଁ, ୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ବୁଡାବାହାଲ ଗାଁର ବିଜେଡି ଯୁବନେତା ଅଚ୍ୟୁତାନନ୍ଦ ମିଶ୍ରଙ୍କ ମାତା ଶାନ୍ତିଲତା ମିଶ୍ର( ୯୬) ଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ଘଟିଛି । ନିକଟସ୍ଥ ସୋନଗଡ଼ ନଦୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ଶେଷ ସମୟରେ ପୁଅ ଗଦାଧର, ଶେଷଦେବ, ସତ୍ୟ ଓ ଅଚ୍ୟୁତ ଉପସ୍ଥିତଥିଲେ ।ସାନପୁଅ ଅଚ୍ୟୁତ ମିଶ୍ର ମୁଖାଗ୍ନୀ ଦେଇଥିଲେ ।

● ପଞ୍ଚାୟତର ବିନା ଅନୁମତିରେ ଚାଲିଛି କାରଖାନା

# ଆଇନ ଉଲ୍ଲଂଘନକାରୀ ମାଲିକଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ




କଣ୍ଟାବାଞ୍ଜି, ୮ ।୮ (ସମିସ): ପଞ୍ଚାୟତ ଅଧିନସ୍ଥ ରେ ଯେଉଁ କୌଣସି ପ୍ରକାର କଳ କାରଖାନା ନିର୍ମାଣ କଲେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି (ଏନୋସି) ନିଆ ଯାଇଥାଏ ଏବଂ ସେହି ମାଲିକମାନେ ପଞ୍ଚାୟତ ବ୍ୟାଙ୍କ ଆକାଉଣ୍ଟରେ ରାଜସ୍ୱ ପଇଠ କରିଥାନ୍ତି । ହେଲେ ବଲାଙ୍ଗିର ଜିଲ୍ଲାର ତୁରେକେଲା ବ୍ଲକ ଧାମନଡ଼ଙ୍ଗା ପଞ୍ଚାୟତ ଅଧିନସ୍ଥରେ ଅନେକ କାରଖାନା ଖୋଲାଯାଉଥିବା ବେଳେ କୌଣସି କାରଖାନା ମାଲିକ ପଞ୍ଚାୟତରୁ ଅନୁମତି (ଏନୋସି) ନେଇ ନାହାଁନ୍ତି ତାଙ୍କ ମନମୁଖୀ କାର୍ଯ୍ୟକଳାପ କରୁଥିବା ଅଭିଯୋଗ ହେଉଛି। ଧାମନଡ଼ଙ୍ଗାରେ ଗୋଟିଏ କାଞ୍ଚ ଫ୍ୟାକ୍ରୀ, ପେଟ୍ରୋଲ ପମ୍ପ, କନ୍ଧବାହାଲ ଗାଁରେ ଭବାନୀ ରାଇସ ମିଲ ସହ ଧାମନଡ଼ଙ୍ଗା ପଞ୍ଚାୟତ ୭ ଟି ଗାଁରେ ବିଭିନ୍ନ ପ୍ରକାର କାରଖାନା ସ୍ଥାପନ କରିଛନ୍ତି ବ୍ୟବସାୟୀ। ହେଲେ ପଞ୍ଚାୟତର ଅନୁମତି ନାହିଁ। ଏନେଇ ଧାମନଡ଼ଙ୍ଗା ପଞ୍ଚାୟତ ସରପଞ୍ଚ ଆରତୀ ସୁନାଙ୍କୁ ପଚାରିବାରୁ ସେମାନଙ୍କୁ କାରଖାନା ସ୍ଥାପନ କରିବାକୁ ପଞ୍ଚାୟତ ପକ୍ଷରୁ କୌଣସି ଅନୁମତି ନେଇ ନାହାଁନ୍ତି ମନଇଚ୍ଛା ଯେଉଁଠି ପାଇଲେ ସେହିଠି ଗୋଟିଏ ଗୋଟିଏ କାରଖାନା ସ୍ଥାପନ କରୁଛନ୍ତି । କିଛି କାରଖାନା ଯୋଗୁଁ ଜନସାଧାରଣଙ୍କୁ ଅସୁବିଧା ହେଉଥିବା ଆମ ପାଖକୁ ଅଭିଯୋଗ କରି ଆସୁଛନ୍ତି। ଗତ କିଛି ଦିନ ହେଲେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖୀନରେ ପୁଣି ଏକ କାରଖାନା ପାଇଁ ନୂଆ ନିର୍ମାଣ କାର୍ଯ୍ୟ ଚାଲିଛି ହେଲେ କଣ ନିର୍ମାଣ କରାଯାଉଛି ସେମାନେ ପଞ୍ଚାୟତକୁ ଜଣାଇ ନାହାଁନ୍ତି କି ଏନଓସି ନେଇ ନାହାଁନ୍ତି । ଧାମନଡ଼ଙ୍ଗା ପଞ୍ଚାୟତ ଅଧିନସ୍ଥରେ ମନୋମୁଖୀ କାର୍ଯ୍ୟ କରି ଆଇନ ଉଲ୍ଲଂଘନ କରି କାରଖାନା ସ୍ଥାପନ କରୁଥିବା ମାଲିକଙ୍କ ବିରୋଧରେ ଆଇନ ଅନୁଯାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ସରପଞ୍ଚ ସିଧାସଳଖ ପଞ୍ଚାୟତରୁ ଅନୁମତି ନେଇ ନ ଥିବା ସ୍ପଷ୍ଟ କରିଥିବା ବେଳେ ପଞ୍ଚାୟତ ବିନା ଅନୁମତିରେ କେମିତି କାଞ୍ଚ ଫ୍ରାକ୍ରୀ, ପେଟ୍ରୋଲ ପମ୍ପ, ଧାନ ମିଲ ସହ ବିଭିନ୍ନ କାରଖାନା ସ୍ଥାପନ କରିବାକୁ କେମିତି ବିଭାଗୀୟ ଅଧିକାରୀ ଅନୁମତି ଦେଉଛନ୍ତି ବୋଲି ପ୍ରଶ୍ନ ଉଠୁଛି । ତେବେ ପଞ୍ଚାୟତ କର୍ତ୍ତୃପକ୍ଷ ଏହା ଉପରେ କି ପଦକ୍ଷେପ ଗ୍ରହଣ କରିବେ ଦେଖିବାକୁ ରହିଲା । ସେପଟେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ନଜର ଦେବାକୁ ଦାବି ହେଉଛି ।

# ସାରଗାଡ଼ି ଅଟକ ମାମଲାର ତଦନ୍ତ

ଦେଓଗାଁ, ୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ରାସାୟନିକ ସାର କଳାବଜାର ହେଉଥିବା ଅଭିଯୋଗ ହେଉଛି। ଅନେକ ବେପାରୀ ସରକାରୀ ମୂଲ୍ୟରେ ସାର ଆଣି ଗୋଦାମରେ ଗଚ୍ଛିତ ରଖି ଚଢ଼ାଦରରେ ବିକ୍ରି କରୁଥିବା ବେଳେ କେତେକ ବେପାରୀ ୟୁରିଆ ସାର ପ୍ୟାକେଟରେ କିଛି ଅନ୍ୟ ପଦାର୍ଥ ମିଶ୍ରଣକରି ବଜାରରେ ଚଢ଼ାଦରରେ ବିକ୍ରିକରୁଥିବା ନେଇ ଅଭିଯୋଗ ହୋଇଆସୁଛି । ତେବେ ଦୁଇତଳେ ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ନୂଆଁପାଲି ଗାଁ ଠାରେ ଏକ ସାର ବୋଝେଇ ପିକଅପ ଗାଡିକୁ ଅଟକାଇ ଯାଞ୍ଚ କରିବା ସହ ସନ୍ଦେହରେ ଥାନାକୁ ଆଣିଥିଲେ । ପରେ କୃଷି ବିଭାଗକୁ ଖବର ଦେଇଥିଲେ ।ତେବେ ଉକ୍ତ ସାର ନୀୟମାନୁସାରେ ଆସୁଥିଲା ନା ବେଆଇନଭାବେ କଳାବଜାର ଆସୁଥିଲା ତାହା ତଦନ୍ତ ପରିସର ଭୂକ୍ତ ରହିଥିବା ପୁଲିସ ସୂଚନା ଦେଇଛି ।

# କିଡ୍‌ନୀ ରୋଗରେ ଦୁଗ୍ଧ ଚାଷୀଙ୍କ ମୃତ୍ୟୁ



ମୁରିବାହାଲ, ୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ଦୁଗ୍ଧ ଚାଷୀ ଭବାନୀ ବଘାର(୪୮)ଙ୍କ ଶୁକ୍ରବାର ସକାଳେ ରାୟପୁରରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି ।ସେ ଗତ କିଛି ଦିନ ଧରି କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ ।ମୃତଦେହ ରାୟପୁରରୁ ଗାଁକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସେ ଜଣେ ସଫଳ ଦୁଗ୍ଧ ଚାଷୀ ଭାବେ ପରିଚିତ ଥିଲେ। ଏକମାତ୍ର ପୁଅ ମନୀଷ ଓ ସାନଭାଇ ଟଙ୍କଧର ମୁଖାଗ୍ନି ଦେଇଥିଲେ । ତାଙ୍କ ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି ।

# ବଧୂହତ୍ୟା ମାମଲାରେ ୩କୋର୍ଟ ଚାଲାଣ

ଦେଓଗାଁ, ୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ କୁତୁର୍ଲାରେ ବଧୂହତ୍ୟା ମାମଲାରେ ଶୁକ୍ରବାର ୩ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଗିରଫ ଅଭିଯୁକ୍ତ ମାନେହେଲେ କୁତୁର୍ଲା ଗାଁର ମୃତ ମହିଳା ଅନିଷାଙ୍କ ସ୍ୱାମୀ ମହାଦେବ ରାୟ, ଶ୍ୱଶୁର ବୁଦ୍ଧୁ ରାୟ ଓ ଶାଶୂ ସୁରୁମୁଖି ରାୟ। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇଦେଇଥିବା ଦେଓଗାଁ ପୁଲିସ ସୂଚନା ଦେଇଛି। ସୂଚନାନୁସାରେ କିଛି ବର୍ଷ ତଳେ ମହାଦେବ ସମ୍ବଲପୁର ସହର ବରେଇପାଲିର ଅନୂପ ଛତ୍ରିଆଙ୍କ ଝିଅ ଅନିଷାକୁ ପ୍ରେମ ବିବାହ କରିଥିଲା ।କିଛିଦିନ ତଳେ ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୁରୁତର ଅନିଷାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ସେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିଲା। ଝିଅର ମୃତ୍ୟୁପରେ ତାଙ୍କ ଝିଅ ଅନିଷାକୁ ପୁଅଘର ଲୋକେ ଯୌତୁକ ଦାବୀ କରିବାସହ ମାରିଦେଇଥିବା ସମ୍ବଲପୁର ଥାନାରେ ଲିଖିତଭାବେ ଅଭିଯୋଗ କରିଥିଲେ । ଏହି କେସକୁ ସମ୍ବଲପୁର ଥାନାଧିକାରୀ ଦେଓଗାଁ ଥାନାକୁ ସ୍ଥାନାନ୍ତରିତ କରିଥିଲେ ।

ଆଜି ରାକ୍ଷୀ ପୂର୍ଣ୍ଣିମା

# ସ୍ନେହର ଡୋରୀରେ ପାରମ୍ପରିକ ହସ୍ତକଳାର ଛାପ



ବଲାଙ୍ଗିର, ୮ ।୮ (ସମିସ): ଆଜି ରାକ୍ଷୀ ପୂର୍ଣ୍ଣିମା । ଭାଇ ହାତରେ ଭଉଣୀ ବାନ୍ଧିବ ସ୍ନେହ ଓ ସୁରକ୍ଷାର ଡୋରୀ। ରାକ୍ଷୀ ପାଇଁ ବଲାଙ୍ଗଗର ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳରେ ଉତ୍ସାହ ରହିଥିବା ବେଳେ ରାକ୍ଷୀ ବଜାରରେ ମଧ୍ୟ ବହୁ ଭିଡ ଦେଖିବାକୁ ମିଳିଥିଲା। ତେବେ ବଜାରର ଏହି ଭିଡ ବାହାରେ ପାରମ୍ପରିକ ହାତ ତିଆରି ରାକ୍ଷୀର ମଧ୍ୟ ଚାହିଦା ଦେଖିବାକୁ ମିଳିଛି । ବଲାଙ୍ଗିର ସହରର ରିତିକା ଦାସଙ୍କ ହାତ ତିଆରି ରାକ୍ଷୀ କିଣିବା ପାଇଁ ମଧ୍ୟ ଭଉଣୀଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ନିଜ ହାତରେ ତିଆରି କରୁଥିବା ରାକ୍ଷୀ ରେ ପାରମ୍ପରିକ ଛାପ ଦେବା ସହ ଭିନ୍ନ ଭିନ୍ନ କଷ୍ଟମାଇଜ ରାକ୍ଷୀ ଓ ଛୋଟ ଶିଶୁଙ୍କ ପାଇଁ କାର୍ଟୁନ ରାକ୍ଷୀ ତିଆରି କରି ରିତିକା ବିକ୍ରୀ କରିଛନ୍ତି । ବଲାଙ୍ଗିର ସହରର ଯୁବ ଉଦ୍ୟୋଗୀ ରିତିକା ଦାସ । ଖୁବ କମ ବୟସରୁ ସିଲ୍କ ସୂତାରେ ବିଭିନ୍ନ ସାମଗ୍ରୀକୁ ନୂତନ ରୂପ ଦେଇ ଚର୍ଚ୍ଚା କୁ ଆସିଥିଲେ । ମହିଳାଙ୍କ ବ୍ୟବହୃତ ସାମଗ୍ରୀ, ଘଣ୍ଟା, ଫିତା ଭଳି ସାମଗ୍ରୀରେ ସମ୍ବଲପୁରୀ ଡିଜାଇନ କରି ବିକ୍ରୀ କରୁଥିଲେ । ତେବେ ଚଳିତ ରାକ୍ଷୀ ରେ ତାଙ୍କ ହାତ ତିଆରି ରାକ୍ଷୀ ଚର୍ଚ୍ଚାର ବିଷୟ ହୋଇଛି । ସେ ତିଆରି କରିଥିବା ରାକ୍ଷୀ ବଲାଙ୍ଗିର ଜିଲ୍ଲା, ରାଜ୍ୟ ତଥା ବିଦେଶକୁ ମଧ୍ୟ ବିକ୍ରୀ କରିଥିବା କହିଛନ୍ତି । ସେ ତିଆରି କରୁଥିବା ରାକ୍ଷୀ ରେ ବିଶେଷ କରି ସମ୍ବଲପୁର ପଶାପାଲିର ଛାପ ଦେଉଥିବା ସେ କହିଛନ୍ତି। ଏହା ସହ ଗ୍ରାହକଙ୍କ ଡିମାଣ୍ଡ ଅନୁସାରେ ରାକ୍ଷୀରେ ଫଟୋ ଲଗାଇବା ଭଳି କଷ୍ଟମାଇଜ ରାକ୍ଷୀ ମଧ୍ୟ ତିଆରି କରିଛନ୍ତି । ଛୋଟ ଛୁଆଙ୍କ ପାଇଁ କାର୍ଟୁନ ରାକ୍ଷୀ ମଧ୍ୟ ତିଆରି କରି ବିକ୍ରୀ କରିଥିବା କହିଛନ୍ତି। ତେବେ ସବୁତକ ରାକ୍ଷୀରେ ଚର୍ମକୁ କୌଣସି ହାନୀ ନହେବା ଭଳି ସାମଗ୍ରୀ ବ୍ୟବହାର କରିଥିବା କହିଛନ୍ତି । ରାକ୍ଷୀ ଶହେ ଟଙ୍କାରୁ ଆରମ୍ଭ କରି ଗ୍ରାହକଙ୍କ ଡିଜାଇନ ଅନୁସାରେ ପାଞ୍ଚଶହ, ହଜାରେ ଟଙ୍କା ପର୍ଯ୍ୟନ୍ତ ମଧ୍ୟ ରହିଥିବା ସେ କହିଛନ୍ତି । ତେବେ ଖୁବ କମ ବୟସରୁ ରିତିକା ନିଜ ହାତରେ ଏହିଭଳି ସାମଗ୍ରୀ ତିଆରି କରି ବିକ୍ରୀ କରିଆସୁଥିବା ବେଳେ ସବୁ ସାମଗ୍ରୀରେ ସ୍ଥାନୀୟ ହସ୍ତକଳାକୁ ଗୁରୁତ୍ୱ ଦେଉଥିବା କହିଛନ୍ତି ।

# ଅନ୍ତର୍ଜାତୀୟ ଓ ଓଡ଼ିଶା ଗବେଷଣାଚକ୍ର ପାଇଁ ପ୍ରସ୍ତୁତି



କଣ୍ଟାବାଞ୍ଜି, ୮ ।୮ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି କେ ଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଦ୍ମ ଲୋଚନ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱାଗତ ଭାଷଣ ଦେଇଥିଲେ ସ୍ନାତକୋତ୍ତର ବିଭାଗ ସମୂହର ମୁଖ୍ୟ ଡ. ସଞ୍ଜୟ କୁମାର ମିଶ୍ର । ପ୍ରଫେସର ବିଜୟ କୁମାର ବହିଦାର, ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଜ୍ଞାନ ରଞ୍ଜନ ସ୍ୱାଇଁ, ଲୋହିତକ୍ଷ୍ୟ ଯୋଶୀ, ଶିବରାମ ବଦତ୍ୟା, ରାଜେଶ କର୍ଣ୍ଣ ତ୍ରିଲୋଚନ ପୁଞ୍ଜି, ରାଜୀବ ସାଗରିଆ, ଯଶୋବନ୍ତ ନାରାୟଣ ମିଶ୍ର, ନିଳମ୍ବର ସାରକାଙ୍କ ସହ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଓ ଗବେଷକ ଯୋଗ ଦେଇଥିଲେ । ଆଗାମୀ ଜାନୁଆରୀ ମାସରେ ଆୟୋଜିତ ହେବାକୁ ଥିବା ଏ ସମ୍ମାନର ବିଷୟ ଶ୍ରମ ଓ ଶ୍ରମିକଙ୍କ ଉପରେ ପର୍ଯ୍ୟବେସିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଦେଶରୁ ଓ ଦେଶ ବାହାରୁ ଶତାଧିକ ଗବେଷକ ଏଥିରେ ଯୋଗ ଦେବେ ।ସମ୍ମାନ ପ୍ରବନ୍ଧ ପାଠ ପାଇଁ ଗବେଷକଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଆଇକ୍ୟୁଏସି ସଂଯୋଜକ ଡ. ସୁଶାନ୍ତ ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ପ୍ରଦ୍ୟୁମ୍ନ ବାଗ ଧନ୍ୟବାଦ ଦେଇଥିଲେ ।

# ଅନ୍ତର୍ନିବେଶୀ ଶିକ୍ଷା ନିଷ୍ଠା ତାଲିମ ଶିବିର ଉଦ୍‌ଯାପିତ

ବେଲପଡ଼ା, ୮ ।୮ (ସମିସ): ବେଲପଡ଼ା ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟରେ ୫ ଦିନ ଧରି ଚାଲିଥିବା ଅନ୍ତର୍ନିବେଶୀ ଶିକ୍ଷା ନିଷ୍ଠା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଶ୍ୱମ୍ବର ବୁଡେକଙ୍କ ନେତୃତରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରି ଅଭିନବ ମିଶ୍ର, ଅତିରିକ୍ତ ଶିକ୍ଷା ଅଧିକାରି ଚତୁର୍ଭୁଜ ମିର୍ଦ୍ଧା ପ୍ରମୁଖ ଯୋଗଦାନ କରି ବିବିଧତା ପୂର୍ଣ୍ଣ ଅନ୍ତନିର୍ବେଶି ଶ୍ରେଣୀ କକ୍ଷ ଆରପିଡବ୍ଲୁଡି ଆକ୍ଟ ୨୦୧୬ ସର୍ବଜନୀନ ଶିକ୍ଷଣ ତଥା ପାଠ୍ୟକ୍ରମର ଅନୁକୁଳ ରୂପାନ୍ତରଣ ଓ ବିଭିନ୍ନ ଅକ୍ଷମତା ହେତୁ ପ୍ରଭାବିତ ହେଉଥିବା ଶିକ୍ଷାର୍ଥୀଙ୍କ ଶିକ୍ଷଣ ସମସ୍ୟା ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୫୬ ଜଣ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ଶିବିର କୁ ତୁଲାରାମ ମାଝୀ, ପ୍ରଦୀପ ସି ବାବୁ, ଗୋବର୍ଦ୍ଧନ ମେହେର, ଚିନ୍ତା ପାଢ଼ୀ ଦେବନାରାୟଣ ଦୀପ ବିଆର ସି ରାମ ପ୍ରସାଦ ମହାଲିଙ୍ଗ ପ୍ରମୁଖ ପରିଚାଳନା କରି ଶେଷରେ ଉପସ୍ଥିତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କଳିକେଶଙ୍କ ବିକାଶମୂଳକ ସମୀକ୍ଷା ବୈଠକ

# ଲୋୟର ସୁକତେଲ ପ୍ରକଳ୍ପକୁ ଗୁରୁତ୍ୱ

ବଲାଙ୍ଗିର, ୮ ।୮ (ସମିସ)



ବଲାଙ୍ଗିର ଜଙ୍ଗଲ ବିଭାଗ ଅଫିସ ବୈଠକ ଗୃହରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଅଧକ୍ଷତାରେ ବଲାଙ୍ଗିର ସଦରନିର୍ବାଚନ ମଣ୍ଡଳୀସ୍ତରୀୟ ବିକାଶମୂଳକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଲାଙ୍ଗିର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱାଗତ ଭାଷଣ ପରେ ବିଧାୟକ ବିଭିନ୍ନ ବିଭାଗରର ଅଧିକାରୀଙ୍କୁ ନେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ଯୋଜନା ବିଷୟରେ ଆଲୋଚନା କରିଥିଲେ। ତନ୍ମଧ୍ୟରୁ ଲୋୟର ସୁକତେଲ ପ୍ରକଳ୍ପକୁ ଗୁରୁତ୍ୱ ଦେଇ ବଲାଙ୍ଗିର ସଦର ବ୍ଲକ ଅର୍ନ୍ତଗତ ବଲାଙ୍ଗିର ଚନ୍ଦନଭାଟି ରାସ୍ତାରେ ବିନା ଅନୁମତିରେ ପାଇପଲାଇନ କେନାଲ ରାସ୍ତାକାଟି ଜଣେ ସାଧାରଣଜନତାଙ୍କ ଜମୀରେ ଲାଇନ୍ ବିଛାଉଥିବା ଅଭିଯୋଗକୁ ଶୁଣି ଅଧିକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିତ କରିଥିଲେ ବିଧାୟକ କଳିକେଶ। ପରବର୍ତ୍ତୀ ସମୟରେ ଯୋଗାଣ ବିଭାଗକୁ ଅନେକ ପ୍ରଶ୍ନ କରି ବଲାଙ୍ଗିରରେ ବେଆଇନ ଭାବରେ ଟାର୍ଗେଟରୁ ଅଧିକ ଧାନ କିଣା ବିଷୟରେ ଗୁରୁତ୍ୱାରୋପ କରି ତଦନ୍ତ କରିବାପାଇଁ ଆଗାମୀ ବିଧାନସଭା ତଥା ବିଭାଗର ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଜଣାଇବେ ବୋଲି ସୂଚନା ଦେଇଥିଲେ ।ବଲାଙ୍ଗିର ସହରର ବିଭିନ୍ନ ମନ୍ଦିରମାନଙ୍କର ଉନ୍ନତିକରଣ ପାଇଁ ଜମୀ ଚିହ୍ନଟ ବା ଜବରଦଖଲ ହୋଇଥିବା ବିଷୟରେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ବଲାଙ୍ଗିରରେ ହେବାକୁ ଯାଉଛି ଚାରିଗୋଟି କଲ୍ୟାଣ ମଣ୍ଡପର ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀଙ୍କୁ ବିଗତ ଦିନରେ କରିଥିବା ବିଭାଗୀୟ ସମୀକ୍ଷା ବିଷୟରେ ପଚାରି ବୁଝିଥିଲେ। ଜଙ୍ଗଲ ବିଭାଗ ଅନ୍ତର୍ଭୁକ୍ତ ଭୀମପାହାଡ ଓ ଚାନ୍ଦଲିପାହାଡ ର ଉନ୍ନତିକରଣ ପାଇଁ ଡିପିଆର ପ୍ରସ୍ତୁତ ହୋଇ ଜିଲ୍ଲାପାଳଙ୍କ ଜରିଆରେ ବିଭାଗକୁ ପଠାଇବା ପାଇଁ ଜଙ୍ଗଲ ବିଭାଗ ଓ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗିର ସହରରେ ପୂର୍ତ୍ତବିଭାଗ ତରଫରୁ ଡ୍ରେନେଜ ବ୍ୟବସ୍ଥା ପାଇଁ ଡକାଯାଇଥିବା ନଅ କୋଟି ବ୍ୟୟ ଅଟକଳର ଟେଣ୍ଡର ବିଷୟରେ ଆଲୋଚନା କରି ଖୁବଶିଘ୍ର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟବିଭାଗର ସାମଞ୍ଜସ୍ୟ ରକ୍ଷାକରି ବାର୍ଦ୍ଧକ୍ୟ ଭତ୍ତା ଓ ବିକଳାଙ୍ଗ ଭତ୍ତା ଲୋକଙ୍କୁ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।ବଲାଙ୍ଗିର ଜନସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ସ୍ଥାନରେ ହେଉଥିବା ଅସୁବିଧାକୁ ତୁରନ୍ତ ସମାଧାନ କରି ସହରର ବିଭିନ୍ନ ଅଞ୍ଚଳରେ ବୋରୱେଲ ରେ ଫ୍ଲୋରାଇଡ ଯୁକ୍ତ ପାଣି ପିଇ ଅନେକ ବ୍ୟକ୍ତିବିଶେଷ କିଡିନୀ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗକୁ ପୌରସଂସ୍ଥା ଜନସ୍ୱାସ୍ଥ୍ୟ ବିଭାଗ ଓ ସ୍ୱାସ୍ଥ୍ୟବିଭାଗର ମିଳିତ ଉଦ୍ୟମରେ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ବଲାଙ୍ଗିର ସଦରବ୍ଲକ ଅଧକ୍ଷା ସରିତା ବାଗ, ଦେଓଗାଁ ବ୍ଲକର ଅଧକ୍ଷ ଦୟାନୀଧି ଖମାରୀଙ୍କ ସମେତ ବିଭିନ୍ନ ସମସ୍ତ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।



■ ସୀମାନ୍ତରେ ସହିଦ ସ୍ତମ୍ଭ ପ୍ରତିଷ୍ଠା

# ନାଚଗୀତ ସହ ସହିଦ ସପ୍ତାହ ପାଳନ କଲେ ମାଓବାଦୀ



ମାଲକାନଗିରି, ୮ ।୮ (ସମିସ): ସୀମାନ୍ତରେ ପୁଲିସକୁ ଚକମା ଦେଇ ସହିଦ ପିଲାର ପ୍ରତିଷ୍ଠା କରି ନାଚଗୀତ ସହ ସହିଦ ସପ୍ତାହ ପାଳନ କଲେ ମାଓବାଦୀ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ମାଓବାଦୀ ମାନେ ସହିଦ ସପ୍ତାହ ପାଳନ କରିଥିବାର ଏକ ଭିଡିଓ ବର୍ତ୍ତମାନ ମାଓ ସଙ୍ଗଠନ ପକ୍ଷରୁ ଜାରି କରାଯାଇଛି। ଦୀର୍ଘ ସମୟ ପରେ ମାଓବାଦୀ ଏହି ସହିଦ ସପ୍ତାହ ପାଳନ କରୁଥିବାର ଭିଡିଓ ସାମ୍ନାକୁ ଆସିଥିବା ବେଳେ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ଛତିଶଗଡ଼ର ବସ୍ତର ଅଞ୍ଚଳରେ ଥିବା ବିଭିନ୍ନ ଜଙ୍ଗଲ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ସହିଦ ସପ୍ତାହ ପାଳନ କରାଯାଇଥିବା କୁହାଯାଇଛି। ଏହି ଭିଡିଓରେ ମାଓବାଦୀ ସଂଗଠନର ସଦସ୍ୟମାନେ ପାରମ୍ପରିକ ଢୋଲର ସଙ୍ଗେ ନୃତ୍ୟ କରୁଛନ୍ତି ଓ ବହୁ ସଂଖ୍ୟକ ଗ୍ରାମବାସୀଙ୍କ ଉପସ୍ଥିତି ଥିବା ଦେଖିବାକୁ ମିଳିଛି। ଏହି ଭିଡିଓରେ ମାଓବାଦୀଙ୍କ ବରିଷ୍ଠ ନେତା ବସବରାଜୁ ଓ ତାଙ୍କ ସହଯୋଗୀ ମାନଙ୍କ ପାଇଁ ଏକ ନୂତନ ସ୍ମାରକ ନିର୍ମାଣ କରିଥିବା ମଧ୍ୟ ଜଣାପଡିଛି। ସେହିପରି ମାଓ ବ୍ୟାନର୍‌ରେ କେନ୍ଦ୍ରୀୟ କମିଟି ସଦସ୍ୟ ଚଳପତି ଓ ଗୌତମ ଅମର ରହନ୍ତୁ, ଶହୀଦଙ୍କ ତ୍ୟାଗ ବ୍ୟର୍ଥ ହେବନାହିଁ ଏବଂ ଅପରେସନ କାଗର୍ ଦମନକୁ ଆମେ ପରାଜିତ କରିବୁ ପରି ସ୍ଲୋଗାନ୍ ଲେଖାଯାଇଛି।

# ଡିଏଭି ଭିଏସ୍ ବିଦ୍ୟାଳୟରେ ବିଶ୍ୱ ହିରୋସୀମା ଦିବସ

ସୁନାବେଡା,୮।୮ (ସମିସ)

ହାଲ୍ ଟାଉନ୍‌ସିପ ସ୍ଥିତ ଡିଏଭି ଭିଏସ୍ ବିଦ୍ୟାଳୟରେ ବିଶ୍ୱ ହିରୋସୀମା ଦିବସ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷ ବାସୁଦେବ ପାଣିଗ୍ରାହୀ ତାଙ୍କର ବକ୍ତୃତା ମାଧ୍ୟମରେ ସେଦିନର ଯୁଦ୍ଧର ବିଭୀଷିକା ବିଷୟରେ ବର୍ଣ୍ଣନା କରିବା ସହିତ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁର ମହତ୍ତ୍ୱକୁ ବୁଝାଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କର ମୂଲ୍ୟବାନ ବକ୍ତୃତା ପ୍ରଦାନ କରିଥିଲେ। ଶେଷରେ ସମସ୍ତ ଶିକ୍ଷାର୍ଥୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ନୀରବ ପ୍ରାର୍ଥନା କରି ଯୁଦ୍ଧରେ ପ୍ରାଣ ହରାଇଥିବା ସମସ୍ତ ନିରୀହ ଜନତାମାନଙ୍କ ଆତ୍ମାର ଶାନ୍ତି କାମନା କରିଥିଲେ।

## ଆଜି ମୁଖ୍ୟମନ୍ତ୍ରୀଙ୍କ କୋରାପୁଟ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ

# ଜୟପୁର କାର୍ଯ୍ୟକ୍ରମରେ ୨୦ ପ୍ଲାଟୁନ ପୁଲିସ ମୁତୟନ

ଜୟପୁର, ୮ ।୮ (ସମିସ):



କୋରାପୁଟ ଜିଲ୍ଲା ଗସ୍ତରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁର ବିମାନ ବନ୍ଦରରେ ପହଞ୍ଚିବା ପରେ ଏଠାରେ ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷାବନ୍ଧନ, ଶ୍ରୀରାମ ନଗରରେ ପୂର୍ବତନ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ପାର୍କ ଠାରେ ସ୍ୱର୍ଗତ ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଏବଂ ସ୍ଥାନୀୟ ବାଙ୍କବିଜ ସ୍ଥିତ ରେଲଷ୍ଟେସନ ନିକଟ ପଡିଆରେ ଏକ ସାଧାରଣ ସଭାରେ ମହିଳା ମାନଙ୍କ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ନୂତନ ହିତାଧିକାରୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ଅର୍ଥ ପ୍ରଦାନ କରିବେ। ସେହିପରି ଗରିବ ଲୋକଙ୍କ ପାଇଁ ଘରବାରି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରାୟ ୩ ହଜାର ଲୋକଙ୍କ ଉପସ୍ଥିତି ନେଇ ବ୍ୟବସ୍ଥା କରାଯାଇଛି। ସେହିପରି ସଭାସ୍ଥଳୀ ମଣ୍ଡପକୁ କୋଟପାଡ଼ର ବିଶ୍ୱ ପ୍ରସିଦ୍ଧ ମିରିଗାନୀ ହସ୍ତତନ୍ତର ମଡେଲର ସାଜସଜ୍ଜା କରାଯାଇଛି। ଜୟପୁର ବିମାନ ବନ୍ଦରଠାରୁ ଆରମ୍ଭ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥଳୀ ସାରା ରାସ୍ତାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଥିନେଇ ୨୦ ପ୍ଲାଟୁନ ସଶସ୍ତ୍ର ଏବଂ ସାଧାପୋଷାକଧାରୀ ପୁଲିସ ଦଳ ଉପସ୍ଥିତ ରହିବେ। ଏହିପରି ଆଜିଠାରୁ ବିମାନ ବନ୍ଦରରୁ ପାରାବେଢ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହରିଶ୍ଚନ୍ଦ୍ର ବକ୍ସିପାତ୍ର ପାର୍କ , ସାଧାରଣ ସଭାସ୍ଥଳୀ ପର୍ଯ୍ୟନ୍ତ ବିଭିନ ସ୍ଥାନରେ ସୁରକ୍ଷା ଓ ଯାଞ୍ଚ ବ୍ୟବସ୍ଥା କଡାକଡି କରାଯାଇ ସାରା ରାସ୍ତାରେ ମଧ୍ୟ ଯାଞ୍ଚ ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଜୟପୁର ଏସଡିପିଓ ପାର୍ଥ କାଶ୍ୟପ ସୂଚନା ଦେଇଛନ୍ତି। ପୂର୍ବାହ୍ନ ୯ଟା ୪୦ ମିନିଟରେ ମୁଖ୍ୟମନ୍ତ୍ରୀ ବିମାନ ଯୋଗେ ଜୟପୁର ବିମାନ ବନ୍ଦର ଠାରେ ପହଞ୍ଚି ସେଠାରୁ ସିଧା ଜାତୀୟ ରାଜପଥ ଏବଂ ସହରର ରାସ୍ତା ଦେଇ ପାରାବେଢା ସ୍ଥିର ଅରବିନ୍ଦ ନଗର ସରସ୍ୱତୀ ଶିଶୁ ମନ୍ଦିରର ଠାରେ ପହଞ୍ଚି ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମରେ ଯୋଗଦେବା ସହ ଛାତ୍ରୀ ଓ ଗୁରୁମା ମାନେ ମୁଖ୍ୟମନ୍ତ୍ରୀଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ବନ୍ଦାପନା କରିବେ। ଏହାପରେ ସେଠାରୁ ନିକଟସ୍ଥ ଶ୍ରୀରାମ ନଗର ସ୍ଥିତ ପାର୍କରେ ପହଞ୍ଚି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବକ୍ସିପାତ୍ରଙ୍କ ପ୍ରତିମୂର୍ତ୍ତିର ଶୁଭ ଉନ୍ମୋଚନ କରିବେ। ସେଠାରୁ ସିଧାସଳଖ ଦିନ ୧୧ ଟାରେ ବାଙ୍କିବିଜ ନିକଟସ୍ଥ ଜୟପୁର ରେଲଷ୍ଟେସନ ନିକଟସ୍ଥ ପଡିଆ ଠାରେ ଏକ ସାଧାରଣ ସଭାରେ ସାରା ରାଜ୍ୟରେ ସୁଭଦ୍ରା ଟଙ୍କା ପ୍ରଦାନ କରିବେ। ସେହିପରି ଗରୀବ ଲୋକଙ୍କୁ ଘରବାରି ଜମିପଟ୍ଟା ବଣ୍ଟନ ସହ ଉପସ୍ଥିତ ସାଧାରଣ ଲୋକଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହିପରି ଗତକାଲି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସଭାସ୍ଥଳୀ ପରିଦର୍ଶନ ସହ ତଦାରଖ କରିଥିଲେ। ଆଜି କୋରାପୁଟ ବିଧାୟକ ଶ୍ରୀ ମାଛ, ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି, ଏସଡିପିଓ ଶ୍ରୀ କାଶ୍ୟପ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ତଦାରଖ କରିଛନ୍ତି।

# ବିଶ୍ୱ ମୂଳଅଧିବାସୀ ଦିବସ ପାଳିତ




ଜୟପୁର,୮ ।୮ (ସମିସ) : ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ନୃତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ମୂଳଅଧିବାସୀ ଦିବସ ପାଳନ ହୋଇଥିଲା। ଏଥିରେ କୋରାପୁଟସ୍ଥିତ ମୁଖ୍ୟ ଅତିଥି ଭାବେ କୋଟସର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଏବଂ ମୁଖ୍ୟବକ୍ତା ଆଦିବାସୀ ଗବେଷକ ପ୍ରାଧ୍ୟାପକ ମାଗୁଣିଚରଣ ବେହେରା ଯୋଗଦେଇ ମୂଳ ଅଧିବାସୀଙ୍କ ସଂଜ୍ଞା, ଉତ୍ପତ୍ତି ତଥା ଆଦିବାସୀ ଏବଂ କୃତ୍ରିମବୁଦ୍ଧିମତ୍ତାର ଆବଶ୍ୟକତା ସମ୍ବନ୍ଧୀୟ ବିଷୟକୁ ନେଇ ନିଜ ମତାମତ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ ଚନ୍ଦ୍ର ନାୟକ ମୂଳବସୀଙ୍କ ଅଧିକାର ଏବଂ ମୂଳ ଭାଷାର ସଂରକ୍ଷଣକୁ ନେଇ ମତ ପ୍ରକାଶ କରିଥିଲେ। ନତତ୍ତ୍ୱ ବିଭାଗର ସଂଯୋଜକ ଦୁର୍ଗା ପ୍ରସାଦ ପଣ୍ଡା ଆଦିବାସୀ ଭାଷାରେ ନିଜର ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟର ଏନସିସି ଅଧିକାରୀ ଡ. ଲକ୍ଷ୍ମଣ ପାତ୍ର ନିଜର ବକ୍ତବ୍ୟ ରଖିଥିଲେ। ସଭାକୁ ନୃତତ୍ତ୍ୱ ବିଭାଗରର ଅଧ୍ୟାପିକା ପିଙ୍କି ହୀରା ପରିଚାଳନା କରିଥିଲେ। ଏବଂ ଶେଷରେ ଅଧ୍ୟାପକ ଜୟଦେବ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ତଥା ବହୁମାତ୍ରାରେ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ନୃତତ୍ତ୍ୱ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ପାରମ୍ପରିକ ଆଦିବାସୀ ଖାଦ୍ୟମେଳାର ଆୟୋଜନ ହୋଇଥିଲା। ଏଥିରେ ୫୦ରୁ ଅଧିକ ପାରମ୍ପରିକ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଶେଷରେ ଆଦିବାସୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଡିଏଭି ଭିଏସ୍ ବିଦ୍ୟାଳୟରେ ରାଖୀ ପୂର୍ଣ୍ଣିମା



ସୁନାବେଡା,୮ ।୮ (ସମିସ):

ହାଲ୍ ଟାଉନ୍‌ସିପ ସ୍ଥିତ ଡିଏଭି ଭିଏସ୍ ବିଦ୍ୟାଳୟରେ ରାଖୀ ପୂର୍ଣ୍ଣିମା ଖୁବ୍ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଛାତ୍ର ଛାତ୍ରୀମାନେ ମିଗ୍ ବିମାନ କାରଖାନା ଭିତରକୁ ଯାଇ କମ୍ପାନୀର ମହାପ୍ରବନ୍ଧକ, ପ୍ରାବନ୍ଧିକ , ପ୍ରଶାସନିକ କର୍ମକର୍ତ୍ତା ଓ କର୍ମଚାରୀମାନଙ୍କ ହାତରେ ରାଖୀ ବାନ୍ଧି ଭାଇଚାରା ବଢାଇବା ସହିତ ବିଭିନ୍ନ ପ୍ରକାର ହାତ ତିଆରି ରାଖୀ ତିଆରି କରି ପରସ୍ପରଙ୍କୁ ରାଖୀ ବାନ୍ଧି ଭାଇଚାରା ବୃଦ୍ଧି କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର

ବୈପାରିଗୁଡା, ୮।୮ (ସମିସ): ଜନସ୍ୱାସ୍ଥ୍ୟ ବିଭାଗ ଓ କେନ୍ଦୁପତ୍ର ଫରେଷ୍ଟ ମିଳିତ ଆନୁକୂଲ୍ୟରେ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମୁଷାପଦର ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବୈପାରିଗୁଡା କେନ୍ଦୁପତ୍ର ଫରେଷ୍ଟର ଅଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ମୁଷାପଦର ଏବଂ ଆଖପାଖ ଗ୍ରାମର ୧୬୨ ଜଣ କେନ୍ଦୁପତ୍ର ତୋଳାଳୀ ମହିଳା ଏବଂ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଅନୁସାରେ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗର ଡ଼ାକ୍ତର ଗଣେଶ ଚୌଧୁରୀ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ରହି ସମସ୍ତ କେନ୍ଦୁପତ୍ର ତୋଳାଳୀଙ୍କ ସ୍ୱାସ୍ଥ୍ୟ ଟିକିନିଖି ଯାଞ୍ଚ କରିବା ସହ ସର୍ବଦା ସୁସ୍ଥ ରହିବା ପାଇଁ ଉପଦେଶ ଦେଇଥିଲେ। ବର୍ଷା ଦିନେ ପାଣି ଫୁଟାଇ ପିଇବା ସହ ଶୋଇବା ବେଳେ ମଶାରୀ ବ୍ୟବହାର କରିବା, ବାସିଖାଦ୍ୟ ନଖାଇ ଉଷୁମ ଖାଦ୍ୟ ଖାଇବା, ଘର ଆଖପାଖ ଅଞ୍ଚଳ ସଫାସୁତୁରା ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର କେନ୍ଦୁପତ୍ର ଫରେଷ୍ଟ ବିଭାଗର ସମସ୍ତ କର୍ମକର୍ତ୍ତା ସହ ସ୍ୱାସ୍ଥ୍ୟ କର୍ମୀ ସନ୍ତୋଷ ପାତ୍ର, ସୁଭାଷିନୀ ସେଠି, ବିଜୟ ତ୍ରିପାଠୀ, ଅଶୁତୋଷ ସାହୁ ପ୍ରମୁଖ ଯୋଗ କରିଥିଲେ।

● ଯୁବକଙ୍କୁ ହତ୍ୟା ଘଟଣା

# ୨ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୮।୮ (ସମିସ): ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ସହର ନୂଆସାହି ୫ମ ଲାଇନର ଯୁବକଙ୍କୁ ପୂର୍ବଶତ୍ରୁତାକୁ ନେଇ ସଂଘବଦ୍ଧ ଭାବେ ଆକ୍ରମଣ ଏବଂ ହତ୍ୟା ମାମଲାରେ ଫେରାର ଅଭିଯୁକ୍ତକୁ ୨ ବର୍ଷ ପରେ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଛି। ଗିରଫ ଅଭିଯୁକ୍ତ ନବରଙ୍ଗପୁର ଜିଲ୍ଲା ବଡ ହରିଜନ ସାହିର ଅକ୍ଷୟ କୁମାର ସାହୁ (୧୯)। ସୂଚନାଅନୁଯାୟୀ, ଦୁଇବର୍ଷ ପୂର୍ବେ ସନ୍ଧ୍ୟାରେ ୬ରୁ ୭ ଜଣ ମାସ୍କ ପିନ୍ଧି ଯୁବକ ଅଟୋରେ ଆସି ଖଣ୍ଡା, କାତି ଧରି ଆକ୍ରମଣରେ ଅରୁଣ ଅନକାଙ୍କର ମୃତ୍ୟୁ ହୋଇଥିଲା। ଏଥିନେଇ ଜୟପୁର ଟାଉନରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ପୂର୍ବରୁ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଶେଷ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

# ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ପ୍ରସ୍ତୁତି



ଲକ୍ଷ୍ମୀପୁର, ୮।୮ (ସମିସ): ରାତି ପାହିଲେ ୯ ତାରିଖ। ଏହି ୯ ତାରିଖ ହେଉଛି ଆଦିବାସୀଙ୍କ ଦିନ। ଆଜିର ଦିନକୁ ବିଶ୍ୱରେ ଥିବା ଅଗଣିତ ଆଦିବାସୀ ଅତି ଆନନ୍ଦର ସହ ପାଳନ କରିଥାନ୍ତି। ବର୍ଷକରେ ଥରେ ଏହି ଦିନକୁ ସବୁ ଆଦିବାସୀ ଅନାଇ ରହିଥାନ୍ତି। ଲକ୍ଷ୍ମୀପୁର ବ୍ଲକର ଆଦିବାସୀ ମାନେ ମଧ୍ୟ ଏହି ଦିବସ ପାଳନ ପାଇଁ ପ୍ରସ୍ତୁତ ହେଉ ଥିବା ବେଳେ ଶନିବାର ଦିନ ଏହି ଦିବସ ପାଳନ ନିମନ୍ତେ ବ୍ଲକ ପଡିଆରେ ଟେଣ୍ଟ ମାରି ବ୍ୟାପକ ପ୍ରସ୍ତୁତି କରାଯାଉ ଥିବା ଦେଖିବାକୁ ମିଳିଛି। ଏଥର ବଡ଼ ଧରଣର ଆୟୋଜନ ସହ ଧୁମ୍‌ଧାମରେ ପାଳନ ପାଇଁ ପ୍ରସ୍ତୁତ ହେଉଥିବା ନେଇ ଆୟୋଜକ ମାନେ କହିଛନ୍ତି। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ ଆଗଧାଡ଼ିର ଆଦିବାସୀ ଯୁବକ ତଥା ଆପାରାଓ ୱାଡେକା, ରାଧାଶ୍ୟାମ ଜାନୀ, ବସନ୍ତ ମିଣିଆକା ଓ ଅନ୍ୟମାନେ ସବୁ ଲାଗିପଡିଛନ୍ତି। ସ୍ଥାନୀୟ ଅଞ୍ଚଳ ନେତା ମାନେ ମଧ୍ୟ ଏଥିପାଇଁ ପୂର୍ଣ୍ଣ ସହଯୋଗ କରିବା ସହ ସମସ୍ତ କାର୍ଯ୍ୟର ଗୁରୁ ଦାୟିତ୍ୱ ବହନ କରୁଛନ୍ତି।

# ସିଆରପିଏଫ ଯବାନଙ୍କୁ ରାଖି ବାନ୍ଧିଲେ କେଭି ଛାତ୍ରଛାତ୍ରୀ



ରାୟଗଡ଼ା,୮।୮ (ସମିସ):

କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ରାୟଗଡାର ଛାତ୍ରଛାତ୍ରୀମାନେ ଏକ ନିଆରା ପଦକ୍ଷେପ ନେଇ ୪ର୍ଥ ବଟାଲିଅନ୍ ସିଆରପିଏଫ ଯବନମାନଙ୍କ ସହିତ ରକ୍ଷାବନ୍ଧନ ପର୍ବ ପାଳନ କରିଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜେ ତିଆରି କରି ରାକ୍ଷୀଗୁଡିକ ନେଇ ସେମାନଙ୍କ ଶିବିରରେ ପହଞ୍ଚି ଯବାନମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଘରୁ ଦୂରେ ଥିବା ଏବଂ ପର୍ବ ସମୟରେ ଘରକୁ ଯାଇପାରିନଥିବା ଯବାନଙ୍କ ପାଇଁ ଏହି ଉଦ୍ୟମ ଆନନ୍ଦ ଓ ସ୍ନେହର ଭାବନା ନେଇଆସିଥିଲା। ବଟାଲିଅନ୍‌ର ଡେପୁଟି କମାଣ୍ଡାଣ୍ଟ ପ୍ରଭାକର ଉପାଧ୍ୟାୟ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି ଯବାନ ମାନଙ୍କ ପ୍ରତି ସେମାନଙ୍କ ଭଲପାଇବା ଓ ସମ୍ମାନକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ କେଭି ରାୟଗଡ଼ାର ପ୍ରଧାନଆଚାର୍ଯ୍ୟ ରାଜାରାମ ଓ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡା. ରମେଶ କୁମାର ସାହୁଙ୍କ ନିର୍ଦ୍ଦେଶରେ ପାଳିତ ହୋଇଥିଲା। ରାୟଗଡାର ସ୍ଥାନୀୟ ବୁଦ୍ଧିଜୀବୀମାନେ ଏହି ପଦକ୍ଷେପକୁ ସ୍ୱାଗତ କରି ଏହାକୁ ନୂଆ ପିଢ଼ୀରେ ଦେଶଭକ୍ତି ଓ ସାମାଜିକ ମୂଲ୍ୟବୋଧ ବିକାଶର ଏକ ଅର୍ଥପୂର୍ଣ୍ଣ ପ୍ରୟାସ ବୋଲି ମତ ବ୍ୟକ୍ତ କରିଛନ୍ତି।

# ବ୍ଲକ୍‌ସ୍ତରୀୟ ପ୍ରାକୃତିକ କୃଷି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନାରାୟଣପଟଣା, ୮।୮ (ସମିସ):




ସ୍ଥାନୀୟ ଆଥା ବୈଠକ ଗୃହରେ ସାମାଜିକ ଅନୁଷ୍ଠାନ ସିୱାଇଏସ୍‌ଡି ତରଫରୁ ଦୁଇଦିନିଆ ପ୍ରାକୃତିକ କୃଷି ପ୍ରୋତ୍ସାହନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଶିକ୍ଷଣ ଶିବିରରେ ନାରାୟଣପଟଣା ବ୍ଲକ ବିଭିନ୍ନ ପଞ୍ଚାୟତ ତିରିଶି ଜନରୁ ଅଧିକ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ତଥା ସମ୍ବଳ ବ୍ୟକ୍ତି ରୂପେ ସରକାରୀ ଉଦ୍ୟାନ ଅଧିକାରୀ ଶ୍ରୀମତୀ ଲିପିକା ଚୌଧୁରୀ ଯୋଗ ଦେଇ ସାମ୍ପ୍ରତିକ ଜଳବାୟୁର ପରିବର୍ତ୍ତନରେ ପ୍ରାକୃତିକ କୃଷିର ଆବଶ୍ୟକତା ଓ ମାନବ ସ୍ୱାସ୍ଥ୍ୟ ଉପରେ ସୁପ୍ରବାହ ଉପରେ ଆଲୋକପାତ କରିଥିଲେ। ରାସାୟନିକ ସାର କୀଟନାଶକ ବହୁଳ ବ୍ୟବହାର ଫଳରେ ମାଟିର ଉର୍ବରତା ହ୍ରାସ ହେବା ସହ ଫସଲ ଉପକାରୀ କୀଟ ମାନଙ୍କ ବଂଶ ଧୀରେ ଧୀରେ ଲୋପ ହେଉଥିବା କହିଥିଲେ। ଅନୁଷ୍ଠାନର ବ୍ଲକ ସଂଯୋଜକ ତ୍ରିପତି ପଣ୍ଡା ବିଭିନ୍ନ ପ୍ରକାରର ଜୈବିକ ଖତ ଯଥା ଜୀବାମୃତ୍ର, ଘନ ଜୀବାମୃତ୍ର, ହାଣ୍ଡି ଖତ, ନିମସ୍ତ୍ର, ପ୍ରସ୍ତୁତି ପ୍ରଣାଳୀ ଓ ଏହାର ବ୍ୟବହାର ସମ୍ପର୍କରେ ଅବଗତ କରାଇବା ସହ ବ୍ୟୟ ବହୁଳ ରାସାୟନିକ କୃଷି କିଭଳି ଚାଷୀ ମାନଙ୍କ ଆର୍ଥିକ ମେରୁ ଦଣ୍ଡକୁ କିପରି ଦୁର୍ବଳ କରୁଛି, ସେ ନେଇ ଉପସ୍ଥାପନା କରିଥିଲେ। ଉକ୍ତ କାର୍ଯ୍ୟକର୍ମରେ କୃଷି ବିଭାଗ କର୍ମକର୍ତା ରଜନୀକାନ୍ତ ମହାକୁଡ଼, ସୁଭଦ୍ରା ଶକ୍ତି ବ୍ଲକ ସଂଯୋଜକ କିଶୋର କରକରୀଆ, ଅନୁଷ୍ଠାନର ସହ ସଂଯୋଜକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାନ୍ତା ପ୍ରମୁଖ କାର୍ଯ୍ୟକର୍ମକୁ ସଫଳ ପରିଚାଳନା କରିଥିଲେ।

# ମହିଳା ସ୍ନାତକ ମହାବିଦ୍ୟାଳୟରେ ନବାଗତଙ୍କୁ ସମ୍ବର୍ଦ୍ଧନା




ନବରଙ୍ଗପୁର,୮।୮ (ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ମହାବିଦ୍ୟାଳୟ ଅଧକ୍ଷା ମାଲେଶ୍ୱରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁକ୍ତ ତିନି ପ୍ରଥମ ବର୍ଷର ନୂତନ ଛାତ୍ରୀଙ୍କୁ ମହାବିଦ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ସଭା କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଦ୍ୱିତୀୟ ଓ ଶେଷ ବର୍ଷର ଛାତ୍ରୀମାନେ ବହୁ ଉତ୍ସାହର ସହିତ ନବଗତାଙ୍କୁ ସ୍ୱାଗତ ଜଣାଇବା ସହିତ ସେମାନେ ମହାବିଦ୍ୟାଳୟର ଅନୁଭୂତି ଆଉ ସମସ୍ତେ କିପରି ମିଳିମିଶି ରହିବେ ସେ ବିଷୟରେ ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକାଙ୍କ ସହିତ ସମସ୍ତ କର୍ମଚାରୀ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ବିଶ୍ୱ ଆଦିବାସୀ ଦିବସରେ ପ୍ରତିବାଦ ସଭାକୁ ନେଇ ନୋଟିସ

# ମା, ମାଟି ଓ ମାଳି ସୁରକ୍ଷା ମଞ୍ଚ, ନିୟମଗିରି ସୁରକ୍ଷା ସମିତିକୁ ଚିଠି

ରାୟଗଡ଼ା,୮।୮ (ସମିସ):

ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଠାରେ କାଶୀପୁର ବ୍ଲକ ସମେତ ପଡୋଶୀ କଳାହାଣ୍ଡି ଜିଲାର ଥୁଆମୂଳ-ରାମପୁର ଅଞ୍ଚଳର ଆଦିବାସୀ ସମାଜଙ୍କୁ ଏକତ୍ରିତ କରି ଶନିବାର ବିଶ୍ୱ ଆଦିବାସୀ ଦିବସ ପାଳନ କରାଯିବା ନେଇ ନିଷ୍ପତି ହୋଇଛି। ତେବେ ଏହି ଅବସରରେ ଆଦିବାସୀଙ୍କୁ ଏକତ୍ରିତ କରି କିଛି ବ୍ୟକ୍ତି ଓ ସଂଗଠନ କାଶୀପୁର ଅଞ୍ଚଳରେ ଖଣି ଖନନକୁ ବିରୋଧ ପାଇଁ ପ୍ରତିବାଦ ସଭାର ଆୟୋଜନ କରୁଥିବା ନେଇ ଜିଲ୍ଲା ପ୍ରଶାସନ ସୋସିଆଲ ମିଡିଆ ଓ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିବାରୁ ଏନେଇ ୫ଜଣଙ୍କୁ ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟର ନ୍ୟାୟିକ ବିଭାଗ ପକ୍ଷରୁ ଚିଠି ନଂ ୩୨୫୫ରେ ନୋଟିସ ଜାରି କରାଯାଇଛି। ନୋଟିସ ଜାରି କରାଯାଇଥିବା ୫ଜଣ ହେଲେ ମା ମାଟି ମାଳି ସୁରକ୍ଷା ମଞ୍ଚର ସଭାପତି ସୁବାସ ମାଝି, ଉପସଭାପତି ଲାଲ ମାଝି, କଳାହାଣ୍ଡି ଜିଲା କାର୍ଲାପାଟ ଥାନା ଅର୍ନ୍ତଗତ ତଲାମ ପଦର ଗ୍ରାମନିବାସୀ ତଥା ମା ମାଟି ମାଳି ସୁରକ୍ଷା ମଞ୍ଚର ସମ୍ପାଦକ ଲକ୍ଷ୍ମଣ ମାଝି, ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକକା ଏବଂ ସଂଯୋଜକ ଲିଙ୍ଗରାଜ ଆଜାଦ୍। ସେମାନଙ୍କୁ ଜାରି ହୋଇଥିବା ନୋଟିସରେ ଉଲେଖ ରହିଛି ଯେ, ଯଦି କୌଣସି ପ୍ରତିବାଦ ସଭା କରାଯାଉଛି, ତେବେ ଏନେଇ କୌଣସି ସୂଚନା କାଶୀପୁର ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନକୁ ଦିଆଯାଇନାହିଁ। ତେଣୁ ୭ ତାରିଖ ସନ୍ଧ୍ୟା ସୁଦ୍ଧା ସୂଚନା ଦେବାକୁ ନିର୍ଦ୍ଦେଶ ରହିଛି। ଯଦି ବିନା ସୂଚନାରେ କୌଣସି ପ୍ରତିବାଦ ସଭା କରାଯାଏ, ତେବେ ସମ୍ପୃକ୍ତ ବ୍ୟକ୍ତି ବା ସଂଗଠନ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ଉଲେଖ ରହିଛି। ସେହିଭଳି କାଶୀପୁର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟରୁ ମଧ୍ୟ ଦୁଇଟି ଚିଠି ନଂ ୧୦୩ରେ ୧୧ଜଣଙ୍କୁ ଏବଂ ଚିଠି ନଂ ୧୦୭ରେ ୭ଜଣଙ୍କୁ ଅଞ୍ଚଳରେ ଶାନ୍ତି ଭଙ୍ଗର ଆଶଙ୍କାକୁ ଦୃଷ୍ଟିରେ ରଖି ଦୁଇଟି ଚିଠି ଜାରି କରାଯାଇ ଅଗଷ୍ଟ ୨୦ତାରିଖରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ନିକଟରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ




ବୋରିଗୁମ୍ମା,୮।୮ (ସମିସ): ସ୍ଥାନୀୟ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ବନ ବିଭାଗର ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଦାଶରଥି ଗୌଡ଼ ଓ ସ୍ଥାନୀୟ ସରପଞ୍ଚ ତୁଷାର କୁମ୍ରିକା ଚାରାରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଯୁବ ରେଡକ୍ରସର ସଂଯୋଜକ ଅଧ୍ୟାପକ ପଦ୍ମ ଭୂଷଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ସହଯୋଗୀ ବିଶ୍ୱଜିତ ପଣ୍ଡା, ସୁଧାଂଶୁ ଶେଖର ପଟ୍ଟନାୟକ, ନିହାରିକା ପଣ୍ଡା, ସୁମନ୍ତ କୁମାର ସାହୁ, ମୁରଲୀ ଧର ଭଟ୍ଟ, ଅଟଳ ବିହାରୀ ବାଜପେୟୀ, ଅଶୋକ କୁମାର ପଣ୍ଡା, ଫକୀର ମୋହନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ। ସ୍ଥାନୀୟ ବନ ବିଭାଗର ବନପାଳ ମନୋଜ କୁମାର ମହାପାତ୍ର, ପାରାଗାର୍ଡ ହିମାଂଶୁ କୁମର ପ୍ରଧାନ, ବନରକ୍ଷୀ ରେଖାରାଣୀ ସାହୁ ବିଶିଷ୍ଟ ସମାଜସେବୀ ମନୋଜ ସାଗର ପ୍ରମୁଖ ଯୋଗଦେଇ ଚାରାରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ଏଥିରେ ବିଦ୍ୟାଳୟର ସ୍ୱେଚ୍ଛାସେବୀମାନଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀମାନଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣ କରିବା ପାଇଁ ଅତିଥି ମାନେ ମତବ୍ୟକ୍ତ କରିଥିଲେ।



ଆଜି ରାକ୍ଷୀ ପୂର୍ଣ୍ଣିମା

# ଷ୍ଟୋନ୍ ଓ ଫ୍ୟାନ୍ସି ରାକ୍ଷୀ ପାଇଁ ବଜାରରେ ଭିଡ଼

**ରାଉରକେଲା, ୮।୮ (ସମିସ)**

ରାତି ପାହିଲେ ରାକ୍ଷୀ ପୂର୍ଣ୍ଣିମା। ଏତଦ୍‌ବ୍ୟତୀତ ଭଗବାନ ବଳଭଦ୍ରଙ୍କ ଜନ୍ମଦିନ। ଭାଇର ଶୁଭ ମନାସି ଭଉଣୀ ବାନ୍ଧିବ ଭାଇ ହାତରେ ରାକ୍ଷୀ। ଭାଇ - ଭଉଣୀର ଅତୁଟ ସମ୍ପର୍କର ଦିନ ଏହି ରକ୍ଷା ବନ୍ଧନକୁ ପାଳନ କରିବାକୁ ନେଇ ରାଉରକେଲା ବଜାର ସରଗରମ ହୋଇ ଉଠିଛି। ରାକ୍ଷୀ ପୂର୍ଣ୍ଣିମା ପାଇଁ ସହର ମଧ୍ୟ ଚଳଚଞ୍ଚଳ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ନୂଆ ଡିଜାଇନର ରାକ୍ଷୀ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଅନେକ ଲୋକ ରାକ୍ଷୀ କିଣି ଦୂରରେ ରହୁଥିବାବନ୍ଧୁଙ୍କ ଘରକୁ ପଠାଇ ସାରିଲେଣି। କିଛିଲୋକ ଦୋକାନରୁ ନିଜ ମନ ପସନ୍ଦର ରାକ୍ଷୀ ବାଛି ନେଉଥିବାବେଳେ ଆଉ କିଛି ଅନଲାଇନରୁ ବିଭିନ୍ନ ଡିଜାଇନର ରାକ୍ଷୀ କିଣୁଛନ୍ତି। ଆଉ କିଛି ଭଉଣୀମାନେ ଅନଲାଇନ୍‌ରେ ଦୂରରେ ରହୁଥିବା ଭାଇମାନଙ୍କୁ ସିଧାସଳଖ ରାକ୍ଷୀ ପସନ୍ଦ କରି ପଠାଉଛନ୍ତି। ଅପରପକ୍ଷେ ରାଉରକେଲା ସହରରେ ସବୁଠି ମେଳିଛି ଭଳିକି ଭଳି ରାକ୍ଷୀର ପସରା। ଦୋକାନରେ ଝୁଲୁଛି ନାଲି, ହଳଦିଆ, ନୀଳ, ସବୁଜ ରଙ୍ଗର ରାଖୀ ସାଙ୍ଗକୁ ଅନେକ ପ୍ରକାରର ଫ୍ୟାନ୍ସି ରାଖୀ। ଗ୍ରାହକଙ୍କ ଚାହିଦାକୁ ଦେଖି ମନଲାଖି



ରାକ୍ଷୀ ରଖିଛନ୍ତି ବ୍ୟବସାୟୀ। ସହରର ପାନପୋଷ, ସିଭିଲ ଟାଉନସିପ, ଏସ୍‌ଟିଆଇ, ଉଦିତନଗର, ପାୱାରହାଉସ ରୋଡ, ଡେଲି ମାର୍କେଟ, ବିଶ୍ରା, ବାସନ୍ତୀ କଲୋନୀ, ଛେଣ୍ଡ, କଳିଙ୍ଗ ବିହାର ସମେତ ସେକ୍ଟର ବିଭିନ୍ନ ସ୍ଥାନରେ ଭଳିକି ଭଳି ରାକ୍ଷୀ ଦୋକାନ ଖୋଲିଛି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଭଳି ଫ୍ୟାନ୍ସି ରାକ୍ଷୀ ସଜାଇ ରଖିଛନ୍ତି। ବଜାରକୁ ଚଳିତଥର ଦାମୀ ଫ୍ୟାନ୍ସି ରାକ୍ଷୀ ମଧ୍ୟ ଆସିଛି। ୫ ଶହ ଟଙ୍କା ପର୍ଯ୍ୟନ୍ତ ଏହାର ଦାମ ରହିଥିବା ଜଣାପଡ଼ିଛି। ତେବେ ବଜାରରେ ଦୁଇ ଟଙ୍କାରୁ ଆରମ୍ଭ ହୋଇ ୫୦୦ ଟଙ୍କା ପର୍ଯ୍ୟନ୍ତ ଦାମର ରାକ୍ଷୀ ରହିଛି। ପିଲାଙ୍କ ପାଇଁ ଖେଳଣା ରାକ୍ଷୀ ବଜାରକୁ ଆସିଛି। ରାକ୍ଷୀ ସାଙ୍ଗରେ ପ୍ଲାଷ୍ଟିକ୍ ପ୍ରୋଜେକ୍ଟର୍, ମ୍ୟୁଜିକ୍, ଲାଇଟିଂ, ଗେମ୍, ବବଲ୍ସ ସମେତ ଡୋରାମେନ୍, ମାର୍ବଲ୍ସ, କ୍ୟାପଟେନ୍ ଆମେରିକା ଆଦି ପରି ଅନେକ ରାକ୍ଷୀ ଆସିଛି। ଏହି ପିଲାଙ୍କ ରାକ୍ଷୀ ଦାମ୍ ୨୦ ଟଙ୍କାରୁ ଆରମ୍ଭ ହୋଇ ୨୫୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଷ୍ଟୋନ୍ ଓ ଫ୍ୟାନ୍ସି ରାକ୍ଷୀର ଅଧିକ ଚାହିଦା ରହିଛି। ଏହାକୁ ବାଦ ଦେଲେ କଷ୍ଟମାଇଜ୍‌ଡ୍ ରାକ୍ଷୀ ଅନେକ ମହିଳା ତିଆରି କରୁଛନ୍ତି। ଭଉଣୀମାନେ ଭାଇର ଫଟୋ ଓ ନାମକୁ ସେଥିରେ ରଖି ରାକ୍ଷୀ ତିଆରି ପାଇଁ ଅର୍ଡର ଦେଉଥିବା କୁହାଯାଇଛି। ଅପରପକ୍ଷେ ହାତ ତିଆରି ରାକ୍ଷୀ ଏବଂ ଜଗନ୍ନାଥ ରାକ୍ଷୀର ମଧ୍ୟ ଚାହିଦା ରହିଥିବା ଗ୍ରାହକ କହିଛନ୍ତି। ବଜାରରେ ଷ୍ଟୋନ୍ ରାକ୍ଷୀ, କାର୍ଟୁନ୍ ରାକ୍ଷୀ, ଜରି ରାକ୍ଷୀ, ଧାନ ରାକ୍ଷୀ, ଠାକୁର ରାକ୍ଷୀ, ଚେନ୍ ରାକ୍ଷୀ, ପାରମ୍ପାରିକ ରାକ୍ଷୀ, ମ୍ୟୁଜିକାଲ ରାକ୍ଷୀ, କୁନ୍ଦନ ରାକ୍ଷୀ, ଫୁଲ ରାକ୍ଷୀ, ଘଣ୍ଟା ରାକ୍ଷୀ ସମେତ ସୁନା ଚାନ୍ଦି ରାକ୍ଷୀ ମଧ୍ୟ ବିକ୍ରି ହେଉଛି।

## ‘ଆମେ ଓଡ଼ିଆ’ ପକ୍ଷରୁ ରକ୍ଷା ବନ୍ଧନ



**ରାଉରକେଲା, ୮।୮ (ସମିସ):** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଏବଂ ରକ୍ଷା ବନ୍ଧନର ଅବ୍ୟବହିତ ପୂର୍ବରୁ ଆଜି ସ୍ଥାନୀୟ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସହରର ଜଣାଶୁଣା ସାମାଜିକ ସଂଗଠନ ‘ଆମେ ଓଡ଼ିଆ’ ପକ୍ଷରୁ ନିଆରା ଢଙ୍ଗରେ ରକ୍ଷାବନ୍ଧନ ପାଳିତ ହୋଇଛି। ରକ୍ଷା ବନ୍ଧନରେ ସାଧାରଣତଃ ଭାଇ ହାତରେ ରାକ୍ଷୀ ବାନ୍ଧି ଭଉଣୀମାନେ ଶୁଭ ମନାସିବା ସହିତ ତା’ର ଜୀବନ କ୍ଷେତ୍ରରେ ରକ୍ଷା କବଚ ସଦୃଶ ବିଦ୍ୟମାନ ରହି ସମସ୍ତ ବିପଦଆପଦ ସମୟରେ ସାହା ହେବାରେ ମନରେ ଦୃଢ଼ ଆଶା ପୋଷଣ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ପରିସ୍ଥିତି ଓ ପରିବେଶକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ପୁଅ ଝିଅମାନଙ୍କ ମନରେ ଭାଇ ଭଉଣୀର ସମ୍ପର୍କକୁ ଦୃଢ଼ିଭୂତ କରିବା ସହିତ ପ୍ରତ୍ୟେକ ପୁଅକୁ ଭାଇ ବୋଲି ବିବେଚନା କରି ସେମାନଙ୍କ ହାତରେ ଝିଅମାନେ ବନ୍ଦାପନା କରି ରାକ୍ଷୀ ବାନ୍ଧି ନିଜର ସୁରକ୍ଷା ନିମନ୍ତେ ପରିବେଶ ସୃଷ୍ଟି କରିବାର ଏକ ନିଆରା ଉଦାହରଣ ସୃଷ୍ଟି କରିଛି ରାଉରକେଲାର ଓଡିଆ ଅନୁଷ୍ଠାନ ‘ଆମେ ଓଡ଼ିଆ’। ସଂଗଠନର ଅଧ୍ୟକ୍ଷ ଶମ୍ଭୁନାଥ ପରିଡ଼ାଙ୍କ ସଭାପତିତ୍ୱରେ ଉଦିତନଗର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ‘ଆମେ ଓଡ଼ିଆ’ ପକ୍ଷରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏକତ୍ରିତ କରାଯାଇ ରାକ୍ଷୀ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ବିଷୟରେ ସଚେତନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଜଗନ୍ନାଥ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ପ୍ରଫେସର ସମର ମୁଦାଲି ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲା ବେଳେ ଉପଦେଷ୍ଟା ଶଶଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସରସ୍ୱତୀ ପରିଡ଼ା ଓ ଝିଲିମା ମହାନ୍ତି ଶପଥ ପାଠ କରାଇଥିଲେ। ସୁବ୍ରତ ମଲ୍ଲିକ, ଅନିଲ ଦାସ, ଚାନ୍ଦ ମଣି ବେହୁରା, ଗଙ୍ଗାଧର ପୁହାଣ, ବିଜୟ ପାତ୍ର, ସୁଷମା ରାଣୀ ପଣ୍ଡା, ସ୍ନିଗ୍ଧା ପ୍ରଧାନ, ସସ୍ମିତା ଦଳବେହେରା, ଦେବାଶିଷ ପାତ୍ର, ଆଶୁତୋଷ ମହାନ୍ତି ଓ ମାନସ କୁମାର ବେହେରା ସହଯୋଗ କରିଥିଲେ।

## ଫାଇଲେରିଆ ନିରାକରଣ ସଚେତନତା ଶିବିର

**ବଣାଇଁ, ୮।୮ (ସମିସ):** ବଣାଇଁଗଡ଼ ମହାବିଦ୍ୟାଳୟର ଇକୋ କ୍ଲବ୍ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ମହାବିଦ୍ୟାଳୟ ସଭାଗୃହ ଠାରେ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫାଇଲେରିଆ ରୋଗ ମଶା ଦ୍ୱାରା ବ୍ୟାପେ ଏବଂ ମଶାରୀ ବ୍ୟବହାର କରି ଶୋଇଲେ ତାର ନିରାକରଣ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସରସରା, ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସରୋଜ କୁମାର ଯୋଗଦେଇ ଚଳିତମାସ ଅଗଷ୍ଟ ୧୦ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ଔଷଧ ବିତରଣ କରାଯିବ ବୋଲି ସୂଚନା ଦେଇଥିଲେ। ଅଧ୍ୟାପିକା ଲିପିକା ପ୍ରଧାନ, ପ୍ରେମ ସାଗର ମାହାନ୍ତ, ଡ. ସତ୍ୟବ୍ରତ ନନ୍ଦ, ଡ. ଖଗେଶ୍ୱର ମେହେର, ଜୟନ୍ତ ବେହେରା, ବିଜୟ ଦେହୁରୀ, ଅଧ୍ୟାପିକା ଗିତାଞ୍ଜଳି ଦାସ, ଅନ୍ନପୂର୍ଣ୍ଣା ତ୍ରିପାଠୀ, ସୁଷମା ପତି, ଦୀପାଞ୍ଜଳି ହାଁସଦା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁହାପଥର ଫାଇନ୍ସ ସୁରକ୍ଷିତ ନିଷ୍କାସନ ସମସ୍ୟା ସମାଧାନ



**ରାଉରକେଲା, ୮।୮ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନାର କଞ୍ଚାମାଲ ପ୍ରବନ୍ଧନ ବିଭାଗ ପକ୍ଷରୁ (ଆରଏମଏଚପି)ର ଉଦ୍ୟୋଗୀ ସେଫ୍ଟି ସର୍କଲ୍ ଦଳ ‘ପିନାକଲ୍’ ଟ୍ରାକ୍ ହପର୍-୩ ରେ ବିଓବିଏସ ୱାଗନରୁ ଲୁହାପଥର ଫାଇନ୍ସର ସୁରକ୍ଷିତ ନିଷ୍କାସନରେ ଦୀର୍ଘଦିନ ରହି ଆସିଥିବା ସମ୍ଭାବ୍ୟ ବିପଦକୁ ସମାଧାନ କରିବା ପାଇଁ ଏକ ଅଭିନବ ସମାଧାନ କାର୍ଯ୍ୟକାରୀ କରାଯାଇଛି। ଏହି ଦଳରେ ବିଭାଗର ଜୁନିୟର ଇଞ୍ଜିନିୟର ଏବଂ ଦଳର ଲିଡର ଆଲୋକ କୁମାର ଜେନା ଏବଂ ସଦସ୍ୟ ଜୁନିୟର ଇଞ୍ଜିନିୟର ସୁଶାନ୍ତ କୁମାର ସାମଲ ଓ ବିଭୁତିଭୂଷଣ ସେଠୀ ଏବଂ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଅମିତ କୁମାର ଜେନା ସାମିଲ ଥିଲେ। ବିଭାଗର ଏଜିଏମ୍ ହରିନାଥ ଯାଦବ ଦଳର ସହାୟକ ଥିଲେ। ଉଲ୍ଲେଖନୀୟ ଯେ, ଲୁହାପଥର ଫାଇନ୍ସଗୁଡ଼ିକୁ ଟ୍ରାକ୍ ହପର୍-୩ରେ ସାଇଡ ଡୋର ମାଧ୍ୟମରେ ଅନଲୋଡ୍ କରାଯାଏ। ତଥାପି, ଅନେକ ସମୟରେ ବିଶେଷକରି ବର୍ଷା ଋତୁରେ, ସାମଗ୍ରୀ ସମ୍ପୂର୍ଣ୍ଣ ଭାବରେ ନିଷ୍କାସନ ହୋଇ ନ ଥାଏ, ଯାହାପାଇଁ ୱାଗନର ଉପରୁ ଏକ ପୋକିଂ ରଡ୍ (ଭଲ୍ଲା) ବ୍ୟବହାର କରି ମାନୁଆଲ୍ ପୋକିଂ କରିବାକୁ ପଡ଼ିଥାଏ। ଏହି କାର୍ଯ୍ୟ ପାଇଁ ଶ୍ରମିକମାନଙ୍କୁ ପ୍ଲାଟଫର୍ମର ୪୦ ମିଲିମିଟର ବ୍ୟାସର ଏମଏସ ପାଇପ୍ ରେ ତିଆରି ହ୍ୟାଣ୍ଡ ରେଲିଂ ଉପରେ ଚଢ଼ିବାକୁ ହେଉଥିଲା, ଯାହା ଖରାପ ଗ୍ରୀପ୍ ପ୍ରଦାନ କରୁଥିଲା ଏବଂ ଏକ ଗୋଡ଼ ଖସିବା ଓ ପଡ଼ିଯିବା ଭଳି ବିପଦସୃଷ୍ଟି କରୁଥିଲା। ସାଇଟ୍ ପରିଦର୍ଶନ ଏବଂ ମାନସମନ୍ଥନ କରିବା ପରେ, ଏହି ଦଳ ହ୍ୟାଣ୍ଡରେଲର ୨୫୦-ମିଟର ଦୈର୍ଘ୍ୟକୁ ୭୫୦ ମିଲିମିଟର ଆକାରର ଏମଏସ ଆଙ୍ଗେଲ ଗୁଡ଼ିକର ଡିଜାଇନ୍ ଏବଂ ୱେଲ୍ଡିଂ କରିଥିଲା, ଯାହା ଗ୍ରୀପ୍‌ରେ ଉଲ୍ଲେଖନୀୟ ଭାବରେ ଉନ୍ନତି ଆଣିଥିଲା। ସେମାନେ ସୁରକ୍ଷିତ ପୋକିଂ କାର୍ଯ୍ୟକୁ ସହଜ କରିବା ପାଇଁ ଟ୍ରାକ୍ ହପର୍-୩ ର ବିପରୀତ ପାର୍ଶ୍ୱରେ ଏକ ଡବଲ୍ ଡେକର୍ ପ୍ଲାଟଫର୍ମ ନିର୍ମାଣ କରିବାକୁ ମଧ୍ୟ ସୁପାରିଶ କରିଥିଲେ ଯାହାକୁ ଗ୍ରହଣ କରାଯାଇଥିଲା। କାର୍ଯ୍ୟାନ୍ୱୟନ ପରେ, ସୁରକ୍ଷା ଘଟଣା ବହୁ ପରିମାଣରେ ହ୍ରାସ ପାଇଛି ଏବଂ ନୂତନ ପ୍ଲାଟଫର୍ମ ସହିତ, ଶତ ପ୍ରତିଶତ ସୁରକ୍ଷିତ ପୋକିଂ ବର୍ତ୍ତମାନ ସୁନିଶ୍ଚିତ ହୋଇଛି। ସୂଚନାଯୋଗ୍ୟ ଏହି ଦଳ ଭିଲାଇ ଠାରେ ଅନୁଷ୍ଠିତ ସୁରକ୍ଷା ସର୍କଲ ସମ୍ମିଳନୀରେ ଏହି କେସ୍ ଷ୍ଟଡି ଉପସ୍ଥାପନ କରି ରୌପ୍ୟ ପୁରସ୍କାର ହାସଲ କରିଥିଲା।

## ଆର୍‌ଏସ୍‌ପିରେ ଠିକା ଶ୍ରମିକ ପୁରସ୍କୃତ



**ରାଉରକେଲା, ୮।୮ (ସମିସ):** ସେଲ୍‌ଙ୍କ, ରାଉରକେଲା ଇସ୍ପାତ କାରଖାନାର ଶକ୍ତି ପରିଚାଳନା ବିଭାଗରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ଏକ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଇଏମ୍‌ଡି ବିଭାଗର ସିଜିଏମ ପି ଏସ୍ କନ୍ନନ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଭିନ୍ନ ଏଜେନ୍ସିର ୧୦ ଜଣ ଠିକା ଶ୍ରମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଇଏମଡି ବିଭାଗର ଜିଏମଏ ଏସ୍ ଖାଖା, କେକେ ବାର୍ଲା ଏବଂ ଏଚ୍‌ଆର ସିଏଲସି ବିଭାଗର ସିନିୟର ମ୍ୟାନେଜର ସଙ୍ଗୀତା ଏମ୍ ସିନ୍ଦୁର ଏବଂ ଇଏମଡିର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ କାନ୍ନନ ସମସ୍ତ ବିଜେତାଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶଂସା କରିଥିଲେ। ଉଲ୍ଲେଖନୀୟ ଯେ, ସିପିପି-୧ ନିକଟରେ ସ୍ଥାପନା ପରଠାରୁ ପ୍ରଥମଥର ପାଇଁ ୨୬୦୦ ମିଲିମିଟର ବ୍ୟାସର ପାଇପଲାଇନ ପରିବର୍ତ୍ତନ ଏବଂ ଏମଆରଡି ଛକ ନିକଟରେ ୨୦୦ ମିଲିମିଟର ଅକ୍ସିଜେନ ଲାଇନ ସ୍ଥାନାନ୍ତରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଠିକା ଶ୍ରମିକଙ୍କୁ ପୁରସ୍କୃତ କରାଯାଇଥିଲା। ହିମାଂଶୁ ମିଶ୍ର ସଂଯୋଜନା କରିଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ



**ରାଉରକେଲା, ୮।୮ (ସମିସ) :** ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ସ୍ତନ୍ୟପାନର ଦ୍ୱାରା ସ୍ୱାସ୍ଥ୍ୟ, ପରିବେଶ ଏବଂ ସାମାଜିକ ସୁବିଧା ବିଷୟରେ ଜନମାନସରେ ସଚେତନତା ସୃଷ୍ଟି କରିବା। ୨୦୨୫ର ଥିମ୍ ‘ସ୍ତନ୍ୟପାନକୁ ପ୍ରାଥମିକତା ଦିଅନ୍ତୁ : ସ୍ଥାୟୀ ସହାୟତା ବ୍ୟବସ୍ଥା ଗଠନ କରନ୍ତୁ’ ବୋଲି ରଖାଯାଇଛି। ସହରର ଜଣାଶୁଣା ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ- ଉତ୍କଳ ସ୍ନେହୀ ମହିଳା ସମିତି ଆନୁକୂଲ୍ୟରେ ଗୋପବନ୍ଧୁ ପାଠାଗାର ଠାରେ ବିଶ୍ୱସ୍ତନ୍ୟପାନ ସପ୍ତାହ -୨୦୨୫ ମହିଳା ସମିତିର ସଭାନେତ୍ରୀ ସବିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡା. ପରମାନନ୍ଦ ରଥ ବିଶ୍ୱ ସ୍ତନ୍ୟପାନ ସପ୍ତାହର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଡା. ଗୋକୁଳାନନ୍ଦ ସାହୁ ମଧ୍ୟ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ଆଲୋଚନା କରି ଏହା କିପରି ସ୍ତନକର୍କଟ ପରି ମାରାତ୍ମକ ରୋଗରୁ ମାଆ ମାନଙ୍କୁ ରକ୍ଷା କରିଥାଏ କହିଥିଲେ। ମହିଳା ସମିତିର ଅନ୍ୟତମ ସଦସ୍ୟା ମଞ୍ଜୁବାଳା ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ପ୍ରୀତି କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନମିତା ଆଚାର୍ଯ୍ୟ, ଭାରତୀ କର, ସାବିତ୍ରୀ ଦାସ, ଗୀତା ସେନାପତି, ସ୍ନିଗ୍ଧା ସାମନ୍ତରାୟ, ସବିତା ନନ୍ଦ, ଗୀତାଞ୍ଜଳି ମିଶ୍ର, ଅନିତା ସାହୁ, ଜ୍ୟୋତି ମହାପାତ୍ର ପ୍ରମୁଖ ମହିଳା ସମିତିର ସଦସ୍ୟା ମାନେ ସହାୟତା କରିଥିବା ବେଳେ ଛେଣ୍ଡ କଲୋନୀ, ବାଗୁଡ଼ି ବସ୍ତି ଆଦିରେ ଥିବା ଅଙ୍ଗନବାଡି କେନ୍ଦ୍ରର ଆଶା ଦିଦି - ଶାନ୍ତି କୁସୁମା, ପ୍ରଭାତୀ ମୁଣ୍ଡାରି, ବିଜୟଲକ୍ଷ୍ମୀ ପ୍ରଧାନ, ଅନିତା ନାଏକଙ୍କ ନେତୃତ୍ୱରେ ସନ୍ତୋଷୀ ମୁଣ୍ଡାରୀ, ପିଙ୍କୀ ଦେବୀ, ଅର୍ସାଲାନି ମୁଣ୍ଡାରି, ଗୀତା ଗୋପ, ସୁନୀତା ଖେସ, ବୁଧୁନୀ ମୁଣ୍ଡାରୀ, ଆଲବିନା ଯୋଜୋ, ରେସମା ଟୋପ୍ପୋ, କିତିନୀ ମୁଣ୍ଡାରୀ, ସୁଖନି ବାଡାଇକ, ପୂଜା ମୁଣ୍ଡାରୀ, ବିଜୟଲକ୍ଷ୍ମୀ ବର୍ଦ୍ଧନ ଏବଂ ତିଳବତୀ କେରକେଟା ପ୍ରମୁଖ ଯୋଗ ଦେଇଥିଲେ।

## ଏସ୍‌ପିଙ୍କ ଜରିଆରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ



**ରାଉରକେଲା, ୮।୮ (ସମିସ):** ରାଉରକେଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟରେ ବୃଦ୍ଧି ପାଉଥିବା ଛାତ୍ରୀ ଓ ନାରୀ ନିର୍ଯାତନା ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ରାଉରକେଲା ଏସ୍‌ପିଙ୍କ ଜରିଆରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଦାବି କରାଯାଇଛି ଯେ ଡବଲ ଇଂଜିନ ସରକାର ଆସିବା ଠାରୁ ଗାଁରୁ ସହର, ବେଳାଭୂମି, ସ୍କୁଲ କଲେଜ କ୍ୟାମ୍ପାସ ସବୁଠି ଛାତ୍ରୀ ଓ ମହିଳାମାନେ ଅସୁରକ୍ଷିତ। ବିପର୍ଯ୍ୟସ୍ତ ଆଇନି ଶୃଙ୍ଖଳା ସତ୍ତ୍ୱେ ଡବଲଇଞ୍ଜିନ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ରାଜ୍ୟରେ ଏଭଳି ପରିସ୍ଥିତି କେବେ ଦେଖାଯାଇ ନଥିଲା ବୋଲି ଯୁବ, ଛାତ୍ର ନେତାମାନେ ସରକାରଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଯୁବନେତା ସୁଶାନ୍ତ ରାଉତ, ବିଭୁତି ପୁହାଣ, ଛାତ୍ର ନେତା ଅଭିକ କୁମାର, ସଞ୍ଜିତ ଛୋଟରାୟ ଓ ମହିଳାନେତ୍ରୀ ଜୋତ୍ସ୍ନା ନାୟକ, ସୁଧାଂଶୁ ସାମଲ, କାବୁଲି ପ୍ରତିହାରୀ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ବରିଷ୍ଠ ନେତା ଗଗନ ପଣ୍ଡା, ବିରେନ ସେନାପତି, ଜୟନ୍ତ କୁମାର ମିଶ୍ର, ବ୍ରିଜେଶ ମାହାତୋ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣୟ ନାୟକ, ପ୍ରକାଶ ଧଳ, କୃଷ୍ଣ ପ୍ରସାଦ ସିଂ, ବୀଣାପାଣି ମହାପାତ୍ର, ପ୍ରତିମା ନାୟକ, ଭରତ ଦାସ, ନିରଞ୍ଜନ ଚୌଧୁରୀ, ସୁଦାମ ପ୍ରଧାନ, ଆଦିତ୍ୟ ଧଳ, ମନ୍ମଥ ସାହୁ, ସୁଶାନ୍ତ ପରିଡ଼ା, ରାହୁଲ ମହାନ୍ତି, ପପୁ ମହାନ୍ତି, ବାବୁ ଖାନ, ପିଙ୍କୁ ଜୟସ୍ୱାଲ, ବିଶ୍ୱରଞ୍ଜନ ଦାସ, ଦୀପକ ବାରିକ, କାଲୁ ଲାକ୍ରା, ଶେଖର ଦାସ, ଆୟୁଷ ଜେନା ଉପସ୍ଥିତ ଥିଲେ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଶିବିର



**ବଣାଇଁ, ୮।୮ (ସମିସ):** ବଣାଇଁଗଡ଼ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଶିବିର ଇକୋକ୍ଲବ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜେନାମଣୀ ସାହୁ ଅଧ୍ୟକ୍ଷତା ପୂର୍ବକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ତଥା ସଚେତନତା ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦାର୍ଥ ବିଜ୍ଞାନର ମୁଖ୍ୟ ଲିପିକା ପ୍ରଧାନ ମଧ୍ୟ ଏ ସମ୍ପର୍କରେ ସୁଚିନ୍ତିତ ମନ୍ତବ୍ୟ ରଖିଥିଲେ। ଓଡ଼ିଆ ଅଧ୍ୟାପକ ଡ.ଖଗେଶ୍ୱର ମେହେର ସଂଯୋଜନା କରିଥିଲେ। ରସାୟନ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଡ. ପ୍ରେମସାଗର ମହାନ୍ତ, ଦର୍ଶନ ବିଭାଗର ମୁଖ୍ୟ ଗୀତାଞ୍ଜଳି ଦାସ, ଅର୍ଥନୀତି ବିଭାଗର ଅଧ୍ୟାପକ ଜୟନ୍ତ ବେହେରା, ଭୂ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ଅନପୂର୍ଣ୍ଣା ତ୍ରିପାଠୀ, ଦୀପାଞ୍ଜଳି ହାଁସଦା ମାଝୀ, ଲ୍ୟାବ ଆସିଷ୍ଟାଣ୍ଟ ବିଜୟ ଦେହୁରୀ, ସୁଷମା ପତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡ. ସତ୍ୟବ୍ରତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

**ବଣାଇଁ, ୮।୮ (ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନସ୍ଥ ଲଲେଇ ଗ୍ରାମର ରୁଗୁଡ଼ି ସାହିରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଲଲେଇ ଗ୍ରାମର ବସନ୍ତ ବେହେରା (୪୫) ଶୁକ୍ରବାର ଅପରାହ୍ନରେ କାମରୁ ଫେରି ଖାଇପିଇ ବିଶ୍ରାମ ନେଇଥିଲେ, ତଳେ ଶୋଇଥିବା ଅବସ୍ଥାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ଧୀରେ ଧୀରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲହୁଣୀପଡ଼ା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଯୁବକଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ରାଉରକେଲା, ୮।୮ (ସମିସ):** ସ୍ଥାନୀୟ ଡେଲିମାର୍କେଟସ୍ଥିତ ସହର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା କୁମାରୀ ଗଡ଼ନାୟକ ଅବସରଗ୍ରହଣ କରିଥିବାରୁ ଏହି ଅବସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ରାଉଳଙ୍କ ସଭାପତିତ୍ୱରେ ମଧୁସୂଦନପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ବାଡ଼ତିଆ, କଲ୍ୟାଣୀ ଦେବୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ଦାସ, ଆର୍ତ୍ତତ୍ରାଣ ଜେନା, ତ୍ରିନାଥ ବିଶୋଇ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ ଜେନା, ଯଶୋଦା ମିଶ୍ର, ସୁଭାଷିନୀ ବାଇ, ଆଲୁମିନି କମିଟି ଅଭୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଯଶୋବନ୍ତୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ରାଜଶ୍ରୀ ବେହେରା ଧନ୍ୟବାଦ ଦେଇଥିଲେ।

## ବିଜେଡି ପକ୍ଷରୁ ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର



## ହାତୀ ଉପଦ୍ରବରୁ ସୁରକ୍ଷା ଲାଗି ଆଲୋଚନା

**ବଣାଇଁ, ୮।୮ (ସମିସ):** ବଣାଇ ବିଜେଡି ତରଫରୁ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବଣାଇ ଡିଏଫ୍ଓ ଲଳିତ ପାତ୍ରଙ୍କୁ ସାକ୍ଷାତକରି ବଣାଇ ଅଞ୍ଚଳରେ ଘୁରି ବୁଲୁଥିବା ହାତୀଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାର ଏକ ସ୍ଥାୟୀ ପ୍ରତିକାର କରିବା ପାଇଁ ଦାବିପତ୍ର ଦେଇଥିଲେ। ଏହାସହ ଗତବର୍ଷରୁ ଆଜି ପର୍ଯ୍ୟନ୍ତ ଉପଯୁକ୍ତ କ୍ଷତିପୂରଣ ମିଳି ନ ଥିବା ଏବଂ ଏବର୍ଷ ମଧ୍ୟ ବଣାଇ ଉପଖଣ୍ଡର ଚାଷୀମାନେ କ୍ଷତିର ସମ୍ମୁଖୀନ ବାବଦରେ ଜଣାଇଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଏହାର ସ୍ଥାୟୀ ପ୍ରତିକାର ନହେଲେ ଦଳ ବାଧହୋଇ ଆନ୍ଦୋଳନ କରିବା ପାଇଁ ଦାବି ପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବିରବିଚିତ୍ର ସେନ ନାଏକ, ପୂର୍ବତନ ବ୍ଲକ ସଭାପତି ରଘୁନାଥ ସାହୁ, ସମିତି ସଭ୍ୟା ଲକ୍ଷ୍ମୀ କିଷାନ୍, କେଦାର ମହନ୍ତ, ରୋହିତାସ୍ ମିଶ୍ର, ସଞ୍ଜୟ ଦାଶ, ଦେବକାନ୍ତ ଯଇସ୍ୱାଲ, ଏମ୍‌ଡି ଆଫଜଲ, ସୁରଜ୍ ସେଠ୍, ଲିଙ୍ଗରାଜ ସାହୁ, ପପୁନ ପ୍ରଧାନ, ଅଭିଷେକ ବେହେରା, ସିପୁନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଯାଜପୁରରେ ନଗର ଉନ୍ନୟନ ମନ୍ତ୍ରୀ ▶ ଜନକଲ୍ୟାଣ ଯୋଜନା ଓ ପ୍ରକଳ୍ପର ସମୀକ୍ଷା



ଯାଜପୁର, ୮।୮ (ସମିସ)

ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ, ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯାଜପୁର ଜିଲ୍ଲା ଗସ୍ତରେ ଆସି ଯାଜପୁର ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡ ପରିଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଯାଜପୁର ଓ ବ୍ୟାସନଗର ମ୍ୟୁନିସିପାଲିଟିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସାଧାରଣ ଲୋକଙ୍କୁ ସେବା ଯୋଗାଇଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କିଛି ଦିନ ପୂର୍ବରୁ ଜିଲ୍ଲାରେ ହଇଜା ସଂକ୍ରମଣ ବ୍ୟାପକ ହୋଇଥିଲା। ଯାଜପୁର ସହରରେ ବିଭିନ୍ନ ସ୍ଥାନରେ ଅଳିଆ ଜମା ହୋଇ ରହୁଛି। ଡମ୍ପିଂୟାର୍ଡରୁ ଅଳିଆ ଯାଇ ନଦୀରେ ମିଶୁଛି। ଏହା ଦ୍ୱାରା ଡେଙ୍ଗୁ, ଡାଇରିଆ, ମ୍ୟାଲେରିଆ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ସହରର ସ୍ଥିତିକୁ ସୁଧାରିବାକୁ ପଡ଼ିବ। ସରକାର ସଦାସର୍ବଦା ଲୋକଙ୍କ ସେବାକୁ ଗୁରୁତ୍ୱ ଦେଉଛନ୍ତି। ସମସ୍ତେ ମିଳିମିଶି କାମ କରିବା ଏବଂ ଲୋକଙ୍କୁ ମୌଳିକ ସେବା ଯୋଗାଇଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସହରର ପରିଷ୍କାର ପରିଚ୍ଛନ୍ନତା, ରାସ୍ତାଘାଟ ନିର୍ମାଣ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସହର ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ବୈଠକରେ ଉପସ୍ଥିତ ରହି ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ପେଭର ରୋଡ, ଡ୍ରେନେଜ ବ୍ୟବସ୍ଥା, ସିଏଫ୍‌ସି, ଏସଏଫ୍‌ସି ଫଣ୍ଡ ବିନିଯୋଗ, ଟ୍ୟାକ୍ସ କଲେକ୍ସନ, ସହରାଞ୍ଚଳ ପୋଖରୀ ଉନ୍ନତିକରଣ, ଗରିମା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଗା ମିଶନ, ସ୍ମାର୍ଟ ଏଲଇଡି ଷ୍ଟ୍ରିଟ ଲାଇଟ୍, ପାର୍କ, ଆହାର କେନ୍ଦ୍ର, ପି.ଏମ ସ୍ୱନିଧି, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ମଶା ନିରାକରଣ ତୈଳ ଉପଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ସକାଳେ ମନ୍ତ୍ରୀ ମା' ବିରଜାଙ୍କ ଦର୍ଶନ କରି ୧୬ ନମ୍ବର ୱାର୍ଡର ଶବରସାହି ବୁଲି ଭୂମିହୀନ ପରିବାରଙ୍କ ସହିତ ଆଲୋଚନା କରିଥିଲେ। ପରେ ମହାବୀର ଜିମନାସିୟମ ଓ ହଂସିଆନାଳ ପରିଦର୍ଶନ କରିଥିଲେ। ପରେ ବରାହ ମନ୍ଦିର, ମହାପ୍ରୟାଣ ଶ୍ମଶାନ ଓ ଡମ୍ପିଂ ୟାର୍ଡ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ, ଦେବୀ ପ୍ରସାଦ ମହାନ୍ତି, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ପାଢ଼ୀ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଘଟଣା
# ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

**ଯାଜପୁର, ୮।୮ (ନିପ୍ର):** ଯାଜପୁର ଜିଲାର ବିଞ୍ଝାରପୁର ଥାନା ଅଞ୍ଚଳର ଜନୈକା ମାନସିକ ଅନଗ୍ରସର ଯୁବତୀ(୨୪)କୁ ବଳାତ୍କାର ଘଟଣାରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇଛି। ବିବରଣୀରୁ ପ୍ରକାଶ, ୨୦୧୯ ମସିହା ଜାନୁଆରୀ ୨୮ ତାରିଖ ଦିନ ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ମାନସିକ ଭିନ୍ନକ୍ଷମ ଯୁବତୀ ଘରେ ଏକୁଟିଆ ଥିବା ସମୟରେ ସେହି ଗ୍ରାମର ବାଦଲ ଓରଫ ଅଜୟ କୁମାର ସାମଲ(୪୪) ତା'ର ଏକୁଟିଆ ସୁଯୋଗ ନେଇ ଜୋର ଜବରଦସ୍ତ ବଳାତ୍କାର କରିଥିଲା। ସେହି ସମୟରେ ଯୁବତୀର ବାପା ଟ୍ୟୁସନ କରିବାକୁ ଯାଇଥିବା ବେଳେ ତା'ର ସାନ ଭଉଣୀ ପଡ଼ୋଶୀ ଘରକୁ ଯାଇଥିଲା। ବଳାତ୍କାର କରୁଥିବା ସମୟରେ ହଠାତ୍ ତାର ସାନ ଭଉଣୀ ବାଦଲକୁ ଦେଖି ଦେବାରୁ ସେ ତାକୁ ଧକ୍କା ମାରି ଦୌଡ଼ି ପଳାଇଥିଲା। ପରେ ସାନ ଝିଅ ସମସ୍ତ ଘଟଣା ତା'ର ବାପାଙ୍କୁ ଜଣାଇବାରୁ ତା'ର ବାପା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ବାଦଲକୁ ଗିରଫ କରି ଉଭୟ ବାଦଲ ଓ ଯୁବତୀର ଡାକ୍ତରୀମାଇନା କରିଥିଲା। ପରେ ବାଦଲକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଶୁକ୍ରବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୨ଜଣ ସାକ୍ଷୀ ଓ ପୁଲିସର ଦସ୍ତାବିଜକୁ ଆଧାର କରି ଯାଜପୁର ଆଡହକ ତଥା ପୋକ୍‌ସୋ ବିଚାରପତି ଶରତ କୁମାର ଦେହୁରୀ ଅଭିଯୁକ୍ତ ବାଦଲ ଓରଫ ଅଜୟ ସାମଲକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଏକ ହଜାର ଟଙ୍କା ଜରିମାନା, ଅନାଦେୟ ୨ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଆଇନ ସେବା ପ୍ରାଧିକରଣକୁ ୭ଲକ୍ଷ ଟଙ୍କା ପୀଡ଼ିତାକୁ ସହାୟତା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।

# କେବୁଲ ତାର ଚୋରି; ଜଣେ ଗିରଫ

**ସୁକିନ୍ଦା, ୮।୮ (ସମିସ):** କଳିଙ୍ଗନଗର ଥାନା ଅନ୍ତର୍ଗତ ଶଗଡ଼ଗୁଳା ଛକ ନିକଟ ଏୟାରଟେଲ ଟାୱାରରୁ କେବୁଲ ତାର ଚୋରି ଘଟଣାରେ ପୁଲିସ ନଡ଼ିଆଭଙ୍ଗା ଗ୍ରାମ ମଧୁ ବେହେରା(୩୨)କୁ ଗିରଫ କରି କୋର୍ଟଚାଲାଣ କରିଛି। ଶଗଡ଼ଗୁଳା ନିକଟସ୍ଥ ଟାୱାରରୁ କେବୁଲ ଚୋରି ହୋଇଥିବା କଳିଙ୍ଗନଗର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ୨୫୨/୨୦୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ସମ୍ପୃକ୍ତ ଯୁବକକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ସୂଚନା ଦେଇଛନ୍ତି।

# ଶୂନ୍ୟବ୍ରହ୍ମ ଆଶ୍ରମରେ ମହାପ୍ରୟାଣ ଦିବସ

**ପାଣିକୋଇଲି, ୮।୮ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ଗୋଳାପୋଖରୀ ଶୂନ୍ୟବ୍ରହ୍ମ ଅବିନାଶୀ ଆଶ୍ରମରେ ୫୫ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଅବିନାଶୀ ଟ୍ରଷ୍ଟ କମିଟି ପକ୍ଷରୁ ଏଥି ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତ୍ୟୁଷରୁ ପତାକା ଉତ୍ତୋଳନ ପରେ ଯଜ୍ଞାରମ୍ଭ କରାଯାଇଥିଲା। ପରେ ନାମ ସଂକୀର୍ତ୍ତନ, ପ୍ରବଚନ କରାଯିବା ସହ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥି। ଏହି ଅବସରରେ ସମ୍ବର୍ଦ୍ଧନା ସଭା ମଧ୍ୟ ଆୟୋଜନ କରାଯାଇଥିଲା। ଅବିନାଶୀ ଆଶ୍ରମର ଭକ୍ତ, ଗ୍ରାମାବସୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବା ସହ ଶାନ୍ତି ଶୃଙ୍ଖଳା ପାଇଁ ପାଣିକୋଇଲି ପୁଲିସ ମୁତୟନ ରହିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କାର୍ଯ୍ୟରତ ସମ୍ବାଦିକାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ମହେନ୍ଦ୍ର କୁମାର ନାୟକ, ଉପସଭାପତି ମନମୋହନ ପଣ୍ଡା, ସମ୍ପାଦକ ରାଘବ ଚନ୍ଦ୍ର ସାହୁ, ସହ ସମ୍ପାଦକ ନବଘନ ସାହୁ, କୋଷାଧ୍ୟକ୍ଷ ରଞ୍ଜନ କୁମାର ନାଥ କମିଟି ସଦସ୍ୟ ଗୋଲକ ସାହୁ, ଦୁର୍ଯ୍ୟୋଧନ ସାହୁ, ବୃନ୍ଦାବନ ମହାପାତ୍ର, ମକର କେତନ ମଲିକ, ଅନାଦି ଚରଣ ମଲିକ, ମଧୁସୂଦନ ମଲିକ, ରଘୁନାଥ ମଲିକ, କରୁଣାକର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ସଂଗ୍ରାମୀ ବୀର ସହିଦ ପଟ ହୋ'
# ପାଠ୍ୟକ୍ରମରେ ସହିଦଙ୍କ ଜୀବନୀ ସାମିଲ ଦାବି



**ଯାଜପୁର, ୮।୮ (ସମିସ):** ଇଂରେଜଙ୍କ ଦ୍ୱାରା ଅକଥନୀୟ ଅତ୍ୟାଚାରକୁ ବିରୋଧ କରି ୧୮୩୭ ନଭେମ୍ବର ୧୯ ତାରିଖ ଦିନ ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମି ଜିଲ୍ଲାର ସେରେଙ୍ଗସିଆ ଘାଟିରେ ବ୍ରିଟିଶ ସେନା ସହିତ ଲଢେଇରପ୍ରମୁଖଭୂମିକାଗ୍ରହଣକରିଥିଲେହୋ ସମ୍ପ୍ରଦାୟର ସ୍ୱାଧୀନତା ସଂଗ୍ରାମୀ ବୀର ସହିଦ ପଟ ହୋ ଏବଂ ତାଙ୍କ ସମ୍ପ୍ରଦାୟର ସାଥିମାନେ। ଏହି ଯୁଦ୍ଧକୁ ସେରେଙ୍ଗସିଆ ମହାଯୁଦ୍ଧ ବୋଲି ଇତିହାସ ସାକ୍ଷୀ ଦେଉଛି। ଏହି ଯୁଦ୍ଧରେ ୧୦୦ରୁ ଊର୍ଦ୍ଧ୍ୱ ବ୍ରିଟିଶ ସେନାଙ୍କୁ ହତ୍ୟା କରିବା ଅଭିଯୋଗରେ ବ୍ରିଟିଶ ସରକାରଙ୍କ ଦ୍ୱାରା ପଟ ହୋ' ଏବଂ ତାଙ୍କ ବିଦ୍ରୋହ ସାଥିମାନଙ୍କୁ ଗିରଫ କରାଯାଇଥିଲା। ଏହି ଅପରାଧର ବିଚାର ପ୍ରକ୍ରିୟାରେ ସେ ଏବଂ ତାଙ୍କ ସାଥିମାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତେଣୁ ୧୮୩୮ ମସିହା ଜାନୁଆରୀ ୧ ତାରିଖରେ ତାଙ୍କୁ ଜଗନ୍ନାଥପୁର (ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟ)ରେ ଫାଶୀ ଦଣ୍ଡ ପ୍ରଦାନ କରାଯାଇଥିଲା। ତାଙ୍କର ସାଥୀମାନଙ୍କୁ ଜାନୁଆରୀ ୨ ତାରିଖ ଦିନ ଫାଶୀ ଦଣ୍ଡ ପ୍ରଦାନ କରାଯାଇଥିଲା। ହୋ ସମ୍ପ୍ରଦାୟର ଏହି ସ୍ୱାଧୀନତା ସଂଗ୍ରାମୀ ପଟ ହୋ'ଙ୍କ ଅଭୂତପୂର୍ବ ସାହସିକତା ପାଇଁ ତାଙ୍କୁ ମରଣୋତ୍ତର ସର୍ବଶ୍ରେଷ୍ଠ ମିଲିଟାରୀ ପରମବୀର ଚକ୍ର ପୁରସ୍କାର କିମ୍ବା ମରଣୋତ୍ତର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବା ନିମନ୍ତେ 'ଅଖିଳ ଓଡ଼ିଶା ଶହୀଦ ପଟ ହୋ' ସାମାଜିକ ଓ ସାଂସ୍କୃତିକ ସ୍ମୃତି ପରିଷଦ ତରଫରୁ ଦାବି କରାଯାଇଛି। ଏ ନେଇ ଆଜି ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଗୁଡ଼ିକ ମଧ୍ୟରେ ପଟ ହୋ'ଙ୍କ ସଂଘର୍ଷର ଜୀବନ କାହାଣୀ ଏବଂ ଉକ୍ତ 'ସେରେଙ୍ଗସିଆ ମହାଯୁଦ୍ଧ' ପ୍ରସଙ୍ଗ/ବିଷୟକୁ ଜାତୀୟ ଶିକ୍ଷା ପରିଷଦ ପାଠ୍ୟକ୍ରମରେ ସାମିଲ କରାଯିବା ପ୍ରମୁଖ ଦାବି ରହିଛି। ଆଜିର ଦାବିପତ୍ର ଦେବା କାର୍ଯ୍ୟକ୍ରମରେ କମିଟି/ପରିଷଦ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ସମ୍ପାଦକ ଜାମାଦାର ବାଲମୁଚୁ, ଉପସଭାପତି ପିଣ୍ଟୁ ବାଲମୁଚୁ, କମିଟିର ପ୍ରତିଷ୍ଠାତା ବିକ୍ରମ ବିରୁଲି, ଉପଦେଷ୍ଟା ରମେଶ ବିରୁଆ, ଉମେଶ ବୁଲିଉଲି, ନାନିକା ଡାଙ୍ଗିଲ, ବେଲ ତିୟୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



**ବଡଚଣା, ୮।୮ (ସମିସ):** ବଡଚଣାସ୍ଥିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ କୁନିକୁନି ପିଲାମାନେ, ପରିବେଶ ପ୍ରଦୂଷଣ, ପରିବେଶ, ସୁରକ୍ଷା, ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ କୃଷି, ବିଦ୍ୟୁତ୍ ଶକ୍ତି, ସୌର ଶକ୍ତି ବିଷୟରେ ବିଭିନ୍ନ ବିଜ୍ଞାନ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶନ କରି ଥିଲେ। ଶ୍ରେଷ୍ଠ ପ୍ରକଳ୍ପକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଆଚାର୍ଯ୍ୟ ଇତିଶ୍ରୀ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଲେଖିକା ମାନସୀ ଦାସ ଯୋଗଦେଇ ବିଜ୍ଞାନ ମେଳା ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ମନବୃତି ସୃଷ୍ଟି କରିବା ସହିତ ଉଚ୍ଚ ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଡକ୍ଟର କାର୍ତିକେଶ୍ୱର ପାଣି, ନିର୍ଦ୍ଦେଶିକା ଅନୁପମା ସାମଲ, ଶିଶୁ ସୌରଭ ର ସମ୍ପାଦକ ଅଭିମନ୍ୟୁ ଧଳ, ଅବସରପ୍ରାପ୍ତ ଶିକ୍ଷକ ଗୋଲକ ସାମଲ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

# କୁଇଜ୍ ଓ ସାଂସ୍କୃତିକ ଦଳ ଚୟନ ପ୍ରତିଯୋଗିତା

**ଯାଜପୁର, ୮।୮ (ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ୨୦୨୫ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଅଗ୍ରଣୀ ବ୍ୟାଙ୍କ୍ ମିଳିତ ଆନୁକୂଲ୍ୟରେ ଆସନ୍ତା ୧୦ ତାରିଖ ସକାଳ ୧୦ଟାରେ ଏକ ଓପନ୍ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ବର୍ଗରେ ଯଥା ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସାଧାରଣ ଜନତା ସ୍ତରରେ ଭାଗ ନେଇପାରିବେ। ସେହିପରି ୧୨ଟାରେ ସାଂସ୍କୃତିକ ଦଳ ଚୟନ ପ୍ରତିଯୋଗିତା ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଜପୁର ଠାରେ ଅନୁଷ୍ଠିତ ହେବ। ଏହି ଓପନ୍ କୁଇଜ୍ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାର ବିଭିନ୍ନ ସ୍କୁଲ/ କଲେଜର ଛାତ୍ରଛାତ୍ରୀ ଓ ଜନ ସାଧାରଣଙ୍କୁ ବହୁଳ ମାତ୍ରାରେ ଯୋଗଦାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

# ରୁଦ୍ରନାରାୟଣ ମେଧାବୃତ୍ତି ପ୍ରଦାନ



**ବିଞ୍ଝାରପୁର, ୮।୮ (ସମିସ):** ବିଞ୍ଝାରପୁର ବ୍ଲକ ଶାସନ୍ଦା ପଞ୍ଚାୟତ ଜଗବନ୍ଧୁ ହାଇସ୍କୁଲ ପରିସରରେ ରୁଦ୍ରନାରାୟଣ ବେହୁରିଆଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ପରିବାର ପକ୍ଷରୁ ଏକ ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଗବନ୍ଧୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ସେକ୍ ସମିଅକତରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଧାବୃତ୍ତି ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପଞ୍ଚ କାମଦେବ ଧଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ବିଶ୍ୱନାଥ ସାହୁ, ମୁରଲୀଧର ନୋଡାଲର ପ୍ରଧାନ ଶିକ୍ଷକ ଏମ୍‌ଡି ଓଦୁଦ ପ୍ରମୁଖ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ସୌମ୍ୟ ନାରାୟଣ ବେହେରାଙ୍କୁ ରୁଦ୍ରନାରାୟଣ ମେଧାବୃତ୍ତି ପ୍ରଦାନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ରୁଦ୍ରନାରାୟଣଙ୍କ ପିତା ରବୀନ୍ଦ୍ର କୁମାର ବେହୁରିଆ, ସାମ୍ବାଦିକ ଶେଖ ସଂନୱାର, ପ୍ରଫୁଲ ସାମଲଙ୍କ ସମେତ ବିଦ୍ୟାଳର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସୁକିନ୍ଦା, ୮।୮ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବାର୍ଷିକ ପରୀକ୍ଷାରେ ସୁକିନ୍ଦା ମହାବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜୋସ୍ନାମୟୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ, ପୂର୍ବତନ ଅଧ୍ୟକ୍ଷ ଶରତ କୁମାର ନାୟକ, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ଶୀତିକଣ୍ଠ ଦାସ, ରାଜେନ୍ଦ୍ର ନାରାୟଣ ରାଉଳ, ଅଧ୍ୟାପକ ସୁଶାନ୍ତ କୁମାର ବେହେରା, ଅଧ୍ୟାପିକା କବିତା



ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଅଧ୍ୟକ୍ଷ ଶରତ କୁମାର ନାୟକ ଗତ କିଛି ବର୍ଷ ଧରି ସୁକିନ୍ଦା ଓ ହରିପୁର ସ୍ଥିତ ଭାରତୀବିହାର ମହାବିଦ୍ୟାଳୟର +୨ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀଙ୍କୁ ଏହିପରି ସମ୍ବର୍ଦ୍ଧିତ କରି ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ପ୍ରଦାନ କରି ଆସୁଛନ୍ତି।

# ଧିମା ଗତିରେ ଚାଲିଛି ଚାଷୀ ପଞ୍ଜୀକରଣ

**ଦଶରଥପୁର, ୮।୮ (ସମିସ):** ଚାଷୀ ପଞ୍ଜୀକରଣ ପକ୍ରିୟାରେ ଉପୁଜିଥିବା ଜଟିଳ ବ୍ୟବସ୍ଥାକୁ ସଜାଡ଼ିବାକୁ ଯାଇ ସରକାର ଚାଷ ଜମିର ଉତ୍ତରାଧିକାରୀ କିମ୍ବା ବଂଶାନୁକ୍ରମ ପ୍ରମାଣପତ୍ର ଆବଶ୍ୟକ ନାହିଁ ବୋଲି ଘୋଷଣା କରିଛନ୍ତି। ହେଲେ ସରକାରୀ ସ୍ତରରେ କୌଣସି ଲିଖିତନାମ ପ୍ରକାଶ ପାଇନଥିବାରୁ ସରକାରଙ୍କ ଘୋଷଣା କାର୍ଯ୍ୟକାରୀ ହେଉନଥିବା ଚାଷୀ କୂଳ ଅଭିଯୋଗ କରିଛନ୍ତି। ଫଳରେ ଚାଷୀ ପଞ୍ଜୀକରଣରେ ସୃଷ୍ଟି ହୋଇଥିବା ସମସ୍ୟାରେ ସୁଧାର ହୋଇପାରୁନି। ସେହିପରି ସରକାରଙ୍କ ଘୋଷଣା ଏବଂ ବାସ୍ତବତାକୁ ନେଇ ଚାଷୀ ଓ ପଞ୍ଜୀକରଣ ଅଧିକାରୀ ହନ୍ତସନ୍ତ ହେଉଛନ୍ତି। ଏବେ ମଧ୍ୟ କିଛି ରାଜସ୍ୱ ନିରୀକ୍ଷକ ଉତ୍ତରାଧିକାରୀ ପ୍ରମାଣ ପତ୍ର ଦେବାରେ ଆଗ ପଛ ହେଉଥିବାରୁ ଚାଷୀ ପଞ୍ଜୀକରଣ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଯାହାଫଳରେ ଦଶରଥପୁର ବ୍ଲକ ଅଞ୍ଚଳରେ ଚାଷୀ ପଞ୍ଜୀକରଣ ପକ୍ରିୟା ସ୍ୱାଭାବିକ ଗତିରେ ଆଗେଇ ପାରୁନଥିବା ଅଭିଯୋଗ ହୋଇଛି। ସ୍ୱ-ଘୋଷଣା ପତ୍ର ନିୟମ କେବେ ଲାଗୁ ହେବ ତାହାକୁ ଚାଷୀ ଅପେକ୍ଷା କରି ବସିଥିବା ବେଳେ ଚଳିତ ବର୍ଷ ଧାନ ବିକ୍ରି ପାଇଁ ପଞ୍ଜୀକରଣରେ ଜମିର ଉତ୍ତରାଧିକାରୀ କିମ୍ବା ବଂଶାନୁକ୍ରମ ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଭାଇ କିମ୍ବା ଭଉଣୀମାନେ ବାହାରେ ରହୁଥିଲେ ସେମାନଙ୍କ ସ୍ୱୀକୃତିପତ୍ର ଆଣିବାକୁ ଚାଷୀଙ୍କୁ ନାକେଦମ ହେବାକୁ ପଡୁଛି। ଯଦି କେଉଁଠି ଭାଇ କିମ୍ବା ଭଉଣୀଙ୍କ ଅନୁମତି ଦେବାରେ ସମସ୍ୟା ରହୁଛି ତେବେ ନାମ ପଞ୍ଜୀକରଣ କରିବା ଅସମ୍ଭବ ହୋଇପଡୁଛି। ଚାଷ ସମୟରେ ଚାଷୀ ଆର୍‌ଆଇ ନିକଟକୁ ଯାଇ ସ୍ୱୀକୃତିପତ୍ର ସଂଗ୍ରହ କରିବା ପାଇଁ ଧାଁ ଧପଡ କରୁଥିବାରୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପୂର୍ବରୁ ଏସବୁ ସମସ୍ୟା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ସରକାର ପଞ୍ଜୀକରଣ ପକ୍ରିୟାକୁ ସରଳିକରଣ କରିବାକୁ ଯାଇ ଚାଷୀ କେବଳ ସ୍ୱ-ଘୋଷଣାପତ୍ର ଦାଖଲ କରି ନାମ ପଞ୍ଜୀକରଣ କରିବାକୁ ସରକାର ଘୋଷଣା କରିଥିଲେ ମଧ୍ୟ ସରକାରୀ ସ୍ତରରେ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇନଥିବା ଯୋଗୁଁ ସରକାରଙ୍କ ଘୋଷଣା ପ୍ରହସନ ପାଲଟିଛି। ଅପରପକ୍ଷେ ଉତ୍ତରାଧିକାରୀ ପ୍ରମାଣ ପତ୍ର ଦେବାରେ କିଛି ଆରଆଇ ଟାଳଟୁଳ ନୀତି ଆପଣଉଥିବାରୁ ଦଶରଥପୁର ବ୍ଲକରେ ପଞ୍ଜୀକରଣ ପକ୍ରିୟା ଧିମା ଗତିରେ ଚାଲିଥିବା ଜଣାପଡ଼ିଛି। ଯାହାକୁ ନେଇ ଜମିର ଆର୍‌ଆଇମାନେ ଉତ୍ତରାଧିକାରୀ ପ୍ରମାଣ ପତ୍ର ଶୀଘ୍ର ଦେବା ସହିତ ସରକାର ପଞ୍ଜୀକରଣ ସମୟସୀମା ବୃଦ୍ଧି କରିବାକୁ ଚାଷୀ ମହଲରୁ ଦାବି ହୋଇଛି।

# 'ବିକଶିତ ବାଲିଆ-ବିକଶିତ ଯାଜପୁର' ଆଲୋଚନାଚକ୍ର



**ବରୀ, ୮।୮ (ସମିସ):** ଅଭିମନ୍ୟୁ ସାମନ୍ତ ସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ନବଘନ ଜେନାଙ୍କର ୩୫ ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ 'ବିକଶିତ ବାଲିଆ-ବିକଶିତ ଯାଜପୁର' ବିଷୟ ବସ୍ତୁକୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ୱର୍ଗତଃ ନବଘନ ଜେନା କେବଳ ଜଣେ ଶିକ୍ଷାପ୍ରେମୀ ନଥିଲେ ନିଜ ଅଞ୍ଚଳର ବିକାଶ ପାଇଁ ବହୁ ଶିକ୍ଷାନୁଷ୍ଠାନ ସହିତ ସଂଗଠନ ସୃଷ୍ଟି କରିଥିଲେ। ଏପରିକି କଟକ ସହର ସହିତ ରାଜ୍ୟର ବିଭିନ୍ନ ଅଗମ୍ୟ ଅଞ୍ଚଳରେ ୧୨ ଗୋଟି ଶିକ୍ଷାନୁଷ୍ଠାନ ନିର୍ମାଣରେ ତାଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। ବରୀ ଅଞ୍ଚଳରେ ନବ ବାବୁ ବୋଲି କହିଲେ ଏକ ଆବେଗ ବୁଝା ପଡୁଥିଲା। ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମମାଟି ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ କବି ଅଭିମନ୍ୟୁଙ୍କ ଜୟନ୍ତୀ ପାଳନ କରି ସେ ସାହିତ୍ୟ ଓ ସାହିତ୍ୟିକଙ୍କୁ କିଭଳି ଭଲ ପାଉଥିଲେ ତାହାର ଉଦାହରଣ ସୃଷ୍ଟି କରିଥିଲେ ବୋଲି ଅତିଥି ମାନେ କହିଥିଲେ। ଏହି ଆଲୋଚନାରେ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଏବଂ କମଚାରିମାନେ ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରଦିପ କୁମାର ମୁଦୁଲିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଟାଟା ପ୍ରକଳ୍ପକୁ ରେଳପଥ ନିର୍ମାଣ ▶ ଆବଶ୍ୟକତା ଠାରୁ ଅଧିକ ଜମି ଅଧିଗ୍ରହଣକୁ ବିରୋଧ

ସୁକିନ୍ଦା, ୮।୮ (ସମିସ)



ଅନୁଗୁଳ- ସୁକିନ୍ଦା ରେଳପଥରୁ କଳିଙ୍ଗନଗର ସ୍ଥିତ ଟାଟା ପ୍ରକଳ୍ପକୁ ରେଳପଥ ସଂଯୋଗୀକରଣ ନାମରେ ଆବଶ୍ୟକତା ଠାରୁ ଅଧିକ ଜମି ଅଧିଗ୍ରହଣକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ବିରୋଧ କରାଯାଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏକ ଘରୋଇ କମ୍ପାନୀକୁ ଜମି ଯୋଗାଇଦେବାକୁ ପ୍ରଶାସନିକ ଅଧିକାରୀମାନେ ବାରମ୍ବାର ଚାଷୀମାନଙ୍କୁ ଡାକି ବିଭିନ୍ନ ପ୍ରଲୋଭନ ଓ ଭୟ ସୃଷ୍ଟି କରୁଥିବା କୃଷିକ୍ଷେତ୍ର ବଞ୍ଚାଅ କୃଷକ କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଏହି ଅଞ୍ଚଳର ଚାଷୀ ମାନେ ଜାତୀୟ ରାଜପଥ ସମ୍ପ୍ରସାରଣ, ରେଙ୍ଗାଲି କେନାଲ ପ୍ରକଳ୍ପ, ଅନୁଗୁଳ ସୁକିନ୍ଦା ରେଳପଥ ଭଳି ପ୍ରକଳ୍ପ ପାଇଁ ନିଜର ଅଧିକାଂଶ ଜମି ହରାଇ ସାରିଥିବା ବେଳେ ବଞ୍ଚି ଯାଇଥିବା ଜମି ସେମାନଙ୍କ ପରିବାର ପ୍ରତିପୋଷଣର ଏକମାତ୍ର ରାସ୍ତା। ସେହି ଜମିକୁ ଦେବାପରେ ସେମାନେ ଜମିହିନ ହୋଇଯିବେ ବୋଲି ଜଣାପଡ଼ିଛି। ଏହି ପ୍ରକଳ୍ପର ରୁଟ ପରିବର୍ତ୍ତନ କରି ଡୁବୁରୀ ଷ୍ଟେସନ ଠାରୁ ସିଧା ଟାଟା ପ୍ରକଳ୍ପକୁ ନେବାକୁ ସଂଗଠନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଦୀର୍ଘ ବର୍ଷ ହେବ ଜିଲ୍ଲା ପ୍ରଶାସନ ବାରମ୍ବାର ନୋଟିସ କରି ସ୍ଥାନୀୟ ଅଞ୍ଚଳର ଚାଷୀ ମାନଙ୍କୁ ଡକାଇ ହଇରାଣ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଦିନ ପୁନଃ ଚାଷୀ ମାନଙ୍କୁ ନୋଟିସ କରି ସୁକିନ୍ଦା ତହସିଲ କାର୍ଯ୍ୟାଳୟରେ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ, ଚାଷୀମାନେ ସେମାନଙ୍କ ନ୍ୟାର୍ଯ୍ୟ ଦାବୀ ଉପସ୍ଥାପନ କରିଛନ୍ତି। ଚାଷକାର୍ଯ୍ୟ ସମୟରେ ସେମାନଙ୍କୁ ବାରମ୍ବାର ଡକାଇ ମାନସିକ ଯନ୍ତ୍ରଣା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଭୂଅର୍ଜନ ଅଧିକାରୀ ତଥା ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ, ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## କେନାଲରେ ଓଲଟିଲା ବସ୍; ୨୦ ଗୁରୁତର

କାମାକ୍ଷାନଗର, ୮।୮ (ସମିସ): ତୁମୁସିଙ୍ଗା ଥାନା କନ୍ତିଓକାଟେଣୀ ଗ୍ରାମ ନିକଟରେ ଜଗନ୍ନାଥ ନାମକ ଘରୋଇ ବସ୍ ଭାରସାମ୍ୟ ହରାଇ କେନାଲରେ ଓଲଟି ପଡ଼ିବାରୁ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏହି ବସ ପରଜଙ୍ଗ ଅଞ୍ଚଳରୁ



ଭୁବନେଶ୍ୱର ଯାଉଥିବା ବେଳେ ରେଙ୍ଗାଳି ଶାଖା କେନାଲରେ ଓଲଟି ପଡ଼ିଛି। ବସରେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। କାମାକ୍ଷାନଗର ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ଯାତ୍ରୀମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ସମସ୍ତଙ୍କ ମୁଣ୍ଡ, ଗୋଡ଼, ହାତ ଓ ଶରୀରର ଅନ୍ୟ ଅଙ୍ଗରେ ଗଭୀର ଆଘାତ ଲାଗିଛି। କେନାଲ ରାସ୍ତାରେ ବସ ଦ୍ରୁତଗତିରେ ଯାଉଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ଚକ ଖସିଯାଇ ଏପରି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ପରିତ୍ୟକ୍ତ କୂଅରୁ ବାଛୁରୀ ଉଦ୍ଧାର



ଖଜୁରିଆକଟା, ୮।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଗ୍ରାମ୍ୟ ବ୍ୟାଙ୍କ ନିକଟ ପୁରୁଣା କଟକ-ସମ୍ବଲପୁର ରାସ୍ତା କଡ଼ରେ ଥିବା ପରିତ୍ୟକ୍ତ କୂଅରୁ ଗୁରୁବାର ଏକ ବାଛୁରୀକୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ବାଛୁରୀ କୂଅରେ ପଡ଼ିଥିବା ଦେଖି ଜନମଙ୍ଗଳ ସଙ୍ଗଠନର ସେବକ ମଙ୍ଗରାଜ ବେହେରା ରାସୋଳ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ ମୁଖ୍ୟ ତପନ ମିଶ୍ର ଓ ତାଙ୍କ ଟିମ ପହଞ୍ଚି ବାଛୁରୀକୁ ଉଦ୍ଧାର କରିଥିଲେ।

## ବିଳମ୍ବିତ ରାତିରେ ଘର ଉପରକୁ ବୋମାମାଡ଼

● ଘର ମାଲିକ ଆହତ



ଢେଙ୍କାନାଳ, ୮।୮ (ସମିସ): ସଦରଥାନା ଅନ୍ତର୍ଗତ ନୂଆଗାଁ ହରିଜନ ସାହିରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକ ଘର ଉପରକୁ ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି। ବୋମାମାଡ଼ର କାରଣ ଜଣାପଡ଼ି ନ ଥିବା ବେଳେ ଘର ମାଲିକ ଏଥିରେ ଆହତ ହୋଇଛନ୍ତି। ସାହିର ବିଜୟ ନାୟକଙ୍କ ପରିବାର ଲୋକେ ରାତିରେ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ୨ଟାରେ ହଠାତ ପ୍ରଚଣ୍ଡ ଶବ୍ଦ ହେବାରୁ ସାହି ବାସିନ୍ଦା ଘର ବାହାରକୁ ଦୌଡ଼ି ଆସିଥିଲେ। ଚାରିଆଡ଼ ଧୂଆଁମୟ ହୋଇଯାଇଥିବା ବେଳେ କିଛି ଦେଖାଯାଉ ନ ଥିଲା। ଦୁର୍ବୃତ୍ତମାନେ ବିଜୟଙ୍କ ଘର ଉପରକୁ ଲକ୍ଷ୍ୟ କରି ବୋମାମାଡ଼ କରିଥିଲେ। ଫଳରେ ତାଙ୍କ ଝରକା ଭାଙ୍ଗି ଟିଣର ଏକ ଖଣ୍ଡ ତାଙ୍କ ମୁଣ୍ଡରେ ବାଜିବାରୁ ସେ ଆହତ ହୋଇଥିଲେ। ଏଥିସହ କବାଟର କିଛି ଅଂଶ ବି ଭାଙ୍ଗିଯାଇଛି। ଘରେ ଥିବା ଝିଅ ଏବଂ ପତ୍ନୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ କିଏ କାହିଁକି ବୋମାମାଡ଼ କଲା ତାହା ଜଣାପଡ଼ିନାହିଁ। ତାଙ୍କର କେହି ଶତ୍ରୁ ନ ଥିବା ବିଜୟ ପ୍ରକାଶ କରିଛନ୍ତି। ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ପରେ ବୋମାମାଡ଼ର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

● ଓଡ଼ିଶାରୁ ଏକମାତ୍ର ନିମନ୍ତ୍ରିତ ଅତିଥି

## ଲାଲ୍‌କିଲ୍ଲା ଯିବେ ଢେଙ୍କାନାଳ କଲେଜ ଛାତ୍ର



ଢେଙ୍କାନାଳ, ୮।୮ (ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ଲିଟୁ ଦେହୁରୀ ଆସନ୍ତା ଅଗଷ୍ଟ ୧୫ ତାରିଖ ଲାଲ କିଲ୍ଲାରେ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ସ୍ୱାଧୀନତା ଦିବସ ଅବସରରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ହେବେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଚୟନିତ ୫୦ ଜଣ ସ୍ୱତନ୍ତ୍ର ଅତିଥିଙ୍କ ମଧ୍ୟରେ ଓଡ଼ିଶାର ଏକମାତ୍ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଲିଟୁଙ୍କ ନାମ ରହିଛି। ଲିଟୁଙ୍କ ସହ ସହଯାତ୍ରୀ ଭାବେ ତାଙ୍କ ମାଆ ଦିଲ୍ଲୀ ଯିବେ ବୋଲି ଜଣାପଡ଼ିଛି। ଲିଟୁ କାଇମାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କାଇମାଟି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଶିକ୍ଷାଲାଭ କରିବା ପରେ ଏବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ପୂର୍ବରୁ ରାଜ୍ୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ସେ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତାର ଶ୍ରେୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷିକା, ମହାବିଦ୍ୟାଳୟର ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀଙ୍କ ମାର୍ଗଦର୍ଶନକୁ ଦେଇଛନ୍ତି।

# ଧାନବିକ୍ରି ପଞ୍ଜୀକରଣ ସରଳ କରିବାକୁ ଦାବି

ଢେଙ୍କାନାଳ, ୮।୮ (ସମିସ)




ଢେଙ୍କାନାଳ ଜିଲ୍ଲାରେ ଧାନ ବିକ୍ରି କରିବାକୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ସରଳ କରିବାକୁ ଦାବି ହୋଇଛି। ଦୀର୍ଘବର୍ଷ ଧରି ବନ୍ଦୋବସ୍ତ ହେଉ ନ ଥିବାରୁ ୮୦ ପ୍ରତିଶତ ଚାଷୀଙ୍କ ଜମି ସେମାନଙ୍କ ଜେଜେ, ବାପା କିମ୍ବା ଭାଇମାନଙ୍କ ନାମ ସହ ମିଳିତ ରେକର୍ଡ ରହିଛି। ପୂର୍ବରୁ ପାଉତି ଦେଖାଇ ଓ ପଟ୍ଟାରେ ନାମ ଥିଲେ ପଞ୍ଜୀକରଣ କରାଯାଉଥିଲା। ଏବେ ଉତ୍ତରାଧିକାରୀ ପ୍ରମାଣପତ୍ର, ବୈଧ କାଗଜପତ୍ର, ଅଲଗା ବ୍ୟାଙ୍କ ଖାତା ସହ ଆଧାର ଲିଙ୍କ ଓ କେୱାଇସିକୁ ବାଧ୍ୟତାମୂଳକ କରାଯାଇଥିବାରୁ ଏହା ବିରୋଧରେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଓଡ଼ିଶା କୃଷକ ସଭା, କିଷାନ୍ କଂଗ୍ରେସ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଧାନର ଏମଏସପି ବୃଦ୍ଧି କରା ନ ଯାଇ ୮୦୦ ଟଙ୍କା ବୋନସ ବ୍ୟବସ୍ଥା ରହିଥିବାରୁ ଚାଷୀଙ୍କ ସଂଖ୍ୟା ବଢ଼ିଛି। କିନ୍ତୁ ପଞ୍ଜୀକରଣରେ ବ୍ୟାପକ କଟକଣା କରାଯାଇ ଚାଷୀମାନେ ଯେପରି ସରଳ ଉପାୟରେ ଧାନ ବିକ୍ରି କରି ନ ପାରନ୍ତି ସେଥି ପାଇଁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ଓଡ଼ିଶା କୃଷକ ସଭା, କଟକ ଜିଲ୍ଲା କମିଟି ତରଫରୁ ଅଭିଯୋଗ କରାଯାଇଛି। ସବୁ ବର୍ଷ ଭଳି ଚଳିତ ବର୍ଷ ଧାନ ପଞ୍ଜୀକରଣର ବ୍ୟବସ୍ଥା କରିବା, ଅପରାହ୍ଣ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ପଞ୍ଜୀକରଣ କରିବା, ଆରଆଇମାନଙ୍କ ରିପୋର୍ଟ ଭିତ୍ତିରେ ଭାଗଚାଷୀଙ୍କ ନାମ ପଞ୍ଜୀକରଣ କରିବା, ଚାଷୀଙ୍କଠାରୁ ପଞ୍ଜୀକରଣ ଅନୁଯାୟୀ କ୍ରମାନ୍ୱୟରେ ଧାନ କିଣିବାକୁ ଟୋକନ ଦେବା, ପଞ୍ଜୀକରଣର ସମୟସୀମାକୁ ସେପ୍ଟେମ୍ବର ୨୦ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଧାନ ସଂଗ୍ରହ ପାଇଁ ଥିବା ପ୍ରାଥମିକ କମିଟି ଓ ସେବା ସମବାୟ ସମିତିର ପରାମର୍ଶକୁ ଅଗ୍ରାଧିକାର ଦେବା ପାଇଁ ଓଡ଼ିଶା କୃଷକ ସଭା କଟକ ଜିଲ୍ଲା କମିଟି ତରଫରୁ ଦାବି କରାଯାଇଛି। ଏହି ଦାବି ନେଇ ଓଡ଼ିଶା କୃଷକ ସଭା, ଢେଙ୍କାନାଳ ଜିଲ୍ଲା କମିଟି ତରଫରୁ ଢେଙ୍କାନାଳ ଜିଲ୍ଲାପାଳଙ୍କ ଅଫିସ୍

**କୃଷକ ସଭାର ବିକ୍ଷୋଭ**

ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଏଥିରେ ଓଡ଼ିଶା କୃଷକସଭା ଜିଲ୍ଲା ସଭାପତି ସରୋଜ ଶତପଥୀ, ଶ୍ରୀଧର ମଲ୍ଲିକ, ନନ୍ଦକିଶୋର ବରାଳ, ରୋହିତ ବାରିକ, କମଳା ପ୍ରଧାନ, ମାଗଲ ପ୍ରଧାନ, ଶନି ପ୍ରଧାନ, ଭାରତୀ ସ୍ୱାଇଁ, ଜୟନ୍ତୀ ସ୍ୱାଇଁ, କିଶାନ କଂଗ୍ରେସର ଢେଙ୍କାନାଳ ଜିଲ୍ଲା ସଭାପତି ବିପ୍ରବର ସାହୁ, ଉପସଭାପତି ନକୁଳ ରାଉତ, ବ୍ଲକ ସଭାପତି ବ୍ରହ୍ମାନନ୍ଦ କଅଁର, ସିଆଇଟିୟୁର ଜିଲ୍ଲା ପ୍ରତିନିଧି ସର୍ବଜ୍ଞ ସାହୁ ଏବଂ ରାଜ୍ୟ ସଦସ୍ୟ ବଦ୍ରିନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ।

● ବନ୍ୟଜନ୍ତୁ ସୁରକ୍ଷା ଆଇନକୁ ବିରୋଧ

## ତହସିଲ ଅଫିସ ଘେରିଲେ ଆଦିବାସୀ




କାମାକ୍ଷାନଗର, ୮।୮ (ସମିସ): ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ଧାରା ୧୭୦ ଲାଗୁ କରିବା ପାଇଁ ସରକାରୀ ବିଜ୍ଞପ୍ତିକୁ ବିରୋଧ କରି ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ଠାରେ ଗର୍ଜିଲେ ଆଦିବାସୀ। ହଜାର ହଜାର ଆଦିବାସୀ ବିକ୍ଷୋଭ ଶୋଭାଯାତ୍ରା କରି ତହସିଲ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

କଙ୍କଡ଼ାହାଡ଼ ଏକ ଆଦିବାସୀ ଅଧ୍ୟୁଷିତ ବ୍ଲକ ହୋଇଥିବା ବେଳେ ଆଜିକୁ ଚାରି, ପାଞ୍ଚ ପିଢ଼ି ଧରି ବହୁ ସଂଖ୍ୟକ ଆଦିବାସୀ ଲୋକ ବିରାଶାଳ, ଅନନ୍ତପୁର ଓ ମହାବିରୋଡ୍ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସ୍ଥାୟୀ ଭାବେ ବାସକରି ଆସୁଛନ୍ତି। ସେମାନେ ସରକାରଙ୍କ ଦ୍ୱାରା ବାସିନ୍ଦା ପ୍ରମାଣପତ୍ର, ଚାଷଜମି ପ୍ରମାଣପତ୍ର ଓ ଜଙ୍ଗଲ ଜମି ଶିରୋନାମା ମଧ୍ୟ ହାସଲ କରିଛନ୍ତି। କିନ୍ତୁ ଏସବୁ ପାଇଥିବା ସତ୍ତ୍ୱେ ଉକ୍ତ ଜଙ୍ଗଲ ଅଞ୍ଚଳରେ ଫରେଷ୍ଟ ଆକ୍ଟ ଲାଗୁ କରାଯାଇଛି। ଫଳରେ ଆଦିବାସୀମାନେ ନିଜ ହକ, ଅଧିକାର ଓ ଜୀବନଜୀବିକା ହରାଇ ବସିବା ଆଶଙ୍କା ଦେଖାଦେଇଛି। ଯେଉଁ ଅଞ୍ଚଳରେ ଆଦିବାସୀମାନେ ବାସ କରୁଛନ୍ତି ସେହି ସ୍ଥାନରେ ଏହି ଆଇନ ଲାଗୁ ନ କରିବା ପାଇଁ ସେମାନେ ଦାବି କରିଛନ୍ତି। ଯଦି ପ୍ରଶାସନ ଓ ସରକାର ଆଦିବାସୀମାନଙ୍କ ହକ୍ ଓ ଅଧିକାର ନ ଶୁଣିବେ ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆଦିବାସୀ ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି। ଏ ନେଇ ତହସିଲଦାରଙ୍କ ମାଧ୍ୟମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ଓ ବନଖଣ୍ଡ ଅଧିକାରୀଙ୍କୁ ଆଦିବାସୀ ସଂଘର୍ଷ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଦୌଡ଼େଶ୍ୱର ମନ୍ଦିର ପରିଚାଳନା ପରିଷଦ ଗଠିତ

ଗଁଦିଆ, ୮।୮ (ସମିସ): ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଦୌଡ଼େଶ୍ୱର ଶୈବପୀଠ ପାଇଁ ପରିଚାଳନା ପରିଷଦ ଗଠନ କରାଯାଇଛି। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦେବୋତ୍ତର ବିଭାଗ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ୧୬ ଜଣିଆ କମିଟି ଗଠନ କରାଯାଇଛି। କରମୂଳ ପଞ୍ଚାୟତ ଅଧୀନ ସମସ୍ତ ରାଜସ୍ୱ ଗ୍ରାମ ଯଥା; କରମୂଳ ଭଲିଆକଣ, ମଝିପାଳ, ହାତୀବାରି, ଆମ୍ବପଡ଼ା, ଗୋରଡ଼ାପାଳ, ଅଶ୍ୱଖୋଲା, ମକୁନ୍ଦପୁରର ପ୍ରତିନିଧିଙ୍କ ଉପସ୍ଥିତିରେ କମିଟି ଗଠନ କରାଯାଇଥିଲା।



ସଭାପତି ରୂପେ ଅନ୍ତର୍ଯ୍ୟାମୀ ମଲ୍ଲିକ, ସମ୍ପାଦକ ବେଣୁଧର ପାତ୍ର, କୋଷାଧ୍ୟକ୍ଷ ପ୍ରମୋଦ ବେହେରା, ଉପସଭାପତି ପବିତ୍ର ମୋହନ ନାୟକ, ସଭ୍ୟ ଭାବେ ଦିବାକର ପାତ୍ର, ନିରଞ୍ଜନ ସ୍ୱାଇଁ, ଲକ୍ଷ୍ମୀଧର ସାମଲ, ଦିବାକର ସାମଲ, ବିଷ୍ଣୁଚରଣ କବି, ରବି ଦେହୁରୀ, ପ୍ରମୋଦ ଲେଙ୍କା, ରବିନାରାୟଣ ସାହୁ, ବିଚିତ୍ରାନନ୍ଦ ବେହେରା, ବିଜୟ କୁମାର ବେହେରା, ବେଣୁଧର ସାମଲ, ରତ୍ନାକର ପରିଡ଼ାଙ୍କୁ ଚୟନ କରାଯାଇଛି।

## ହିନ୍ଦୋଳ ଅମଲା ସଙ୍ଘର ସାମୂହିକ ଛୁଟି ଦରଖାସ୍ତ

ଖଜୁରିଆକଟା, ୮।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନଙ୍କ ଦାବି ପୂରଣ କରିବାରେ ରାଜ୍ୟ ସରକାର ବିଫଳ ହେବାରୁ ସାମୂହିକ ଛୁଟିରେ ଯିବାକୁ ଦରଖାସ୍ତ କରିଛନ୍ତି। ଗତ ଜୁନ ୨୨ ତାରିଖ ରାଜ୍ୟ ରେଡ୍‌କ୍ରସ ଭବନରେ ଆୟୋଜିତ ରାଜ୍ୟ ଅମଲା ସଂଘ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ଅନୁଯାୟୀ ସଂଘ ପକ୍ଷରୁ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ବିଭାଗକୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସରକାର ଦାବିଗୁଡ଼ିକୁ ଅଗଷ୍ଟ ୮ ସୁଦ୍ଧା ପୂରଣ କରିବାରେ ବିଫଳ ହୋଇଥିବାରୁ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ଆସନ୍ତା ୧୧ ତାରିଖରୁ ସାମୂହିକ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଲିଖିତ ଭାବେ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। ସଙ୍ଘର ବରିଷ୍ଠ ରାଜସ୍ୱ ସହାୟକ କ୍ଷିତୀଶ କୁମାର ଆଚାର୍ଯ୍ୟ, କନିଷ୍ଠ ରାଜସ୍ୱ ସହାୟକ ପ୍ରଦ୍ୟୁମ୍ନ କୁମାର ବେହେରା, ଅମଲା ତପନ ଲେଙ୍କା, ମନୋଜ ପରିଡ଼ା, ବିବେକାନନ୍ଦ ବିଶ୍ୱାଳ, ତାରାକାନ୍ତ ଦେହୁରୀ, ବିନୋଦ ନାଏକ, ଜ୍ୟୋତିରଞ୍ଜନ ଭୋଇ, କେଶବ ବେହେରା, ସନ୍ଦୀପ ବେହେରା, ତୁଷାର ରଞ୍ଜନ ମହାନ୍ତି, ଶକ୍ତିପ୍ରସାଦ ସେଠୀ ପ୍ରମୁଖ ହିନ୍ଦୋଳ ଉପଜିଲ୍ଲାପାଳ ଅଫିସରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ଯିବାକୁ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି।

## ଦଶହରା ଓ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଯୋରନ୍ଦା, ୮।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ବଜାରରେ ଦଶହରା ଓ ଦୁର୍ଗାପୂଜା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନାଟିମା ବଜାର ବଣିକ ସଂଘ ବରିଷ୍ଠ ସଭ୍ୟ ପଞ୍ଚାନନ ସ୍ୱାଇଁଙ୍କ ସଭାପତିତ୍ୱରେ ଜଟିଆ ବାବା ଆଶ୍ରମ ସଭା ମଣ୍ଡପରେ ବୈଠକ ହୋଇଥିଲା। ସମ୍ପାଦକ ଶ୍ରୀବତ୍ସ ମହାନ୍ତି ଚଳିତ ବର୍ଷ ପୂଜା ଉତ୍ସବ ପାଇଁ



ବଜେଟ ଉପସ୍ଥାପନ କରିଥିଲେ। ପୂଜା ମଣ୍ଡପ ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଭସାଣି ଉତ୍ସବ ଓ ଶାନ୍ତିଶୃଙ୍ଖଳା ସମ୍ପର୍କରେ ଆଲୋଚନା ହୋଇଥିଲା। ବରିଷ୍ଠ ସଭ୍ୟ ଲଳିତ ବେହେରା, ପ୍ରଫୁଲ୍ଲ ରାଉତ, ପ୍ରମୋଦ ରାଉତ, କେଶବ ନାୟକ, ଆଲୋକ ରାଉତ, ବାଇନ ଦାସ, ଗୋପାଳ ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଯୋରନ୍ଦା ବଜାର କମିଟି ପକ୍ଷରୁ ବୁଧବାର ସଭାପତି ମାନଗୋବିନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସମ୍ପାଦକ ସୁଧାକର ସାହୁ ବାର୍ଷିକ ଆୟବ୍ୟୟ ଉପସ୍ଥାପନ କରିବା ସହ ଚଳିତ ବର୍ଷ ବଜେଟ ପ୍ରସ୍ତାବ ଦେଇଥିଲେ। ବରିଷ୍ଠ ସଭ୍ୟ ରଞ୍ଜନ ସାହୁ, ବିଶ୍ୱନାଥ ଚିନ୍ନରା, ହିମାଂଶୁ ନାୟକ, ଚିତ୍ତରଞ୍ଜନ ସାହୁ, ଅରୁଣ ପ୍ରଧାନ, ଦାଶରଥି ରାଉତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଖଜୁରିଆକଟା, ୮।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଗୌତମ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨୯ତମ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସାତମାଇଲ ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପରାଣୀ ନାଥ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଶିଶୁମାନଙ୍କୁ ନୂତନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ବାର୍ତ୍ତା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଇ-ଟେକ ମହାବିଦ୍ୟାଳୟର ସମ୍ପାଦିକା



ସାଗରବାଳା ହୋତା ଯୋଗଦେଇ ବିଜ୍ଞାନର ଉପାଦେୟତା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଶଶିଭୂଷଣ ବେହେରା, ସଭାପତି ସୁକୁମାର ବିଶ୍ୱାଳ, ପ୍ରଧାନଆଚାର୍ଯ୍ୟ ପ୍ରଦୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ଯୋଗଦେଇ ବିଜ୍ଞାନର ଗୁରୁତ୍ୱ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଗଣିତ, ବିଜ୍ଞାନ ଓ ସଂସ୍କୃତିଜ୍ଞାନ ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ମୋଟ ୨୯୬ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଚାର୍ଯ୍ୟ/ଆଚାର୍ଯ୍ୟା ପ୍ରତାପ ଚନ୍ଦ୍ର ବିଶ୍ୱାଳ, ରାଜକିଶୋର ପାଳ, ପ୍ରକାଶ କୁମାର ସାହୁ, ସାଗର ପ୍ରଧାନ, ଶରତ ଚନ୍ଦ୍ର ସାହୁ, ଶାନ୍ତିପ୍ରିୟା ପାଳ, ଦୀପ୍ତିମୟୀ ସାହୁ, କୀର୍ତ୍ତିମୟୀ ଦାଶ, ଶୈଳବାଳା ଜେନା ଓ ମଞ୍ଜୁଳା ରାଉଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

**ଗେଣ୍ଡାଳିଆଙ୍କ ଗାଁ ଗଡ଼ପଳାଶୁଣୀ**

# ପକ୍ଷୀଙ୍କ କୋଳାହଳରେ ମନମୁଗ୍ଧକର ପରିବେଶ

କାମାକ୍ଷାନଗର, ୮।୮ (ସମିସ)

ଅସନ୍ତୁଳିତ ପରିବେଶ ଓ ପ୍ରାକୃତିକ ଜୈବ ବିବିଧତା କ୍ଷୟ ପାଇଁ ଏବେ ଗେଣ୍ଡାଳିଆ ପକ୍ଷୀ ବିଲୁପ୍ତପ୍ରାୟ। ଯେଉଁ ଗେଣ୍ଡାଳିଆ ପକ୍ଷୀ ଦିନେ ହଜାର ହଜାର ସଂଖ୍ୟାରେ ଗାଁ ଗହଳିରେ ଦେଖାଯାଉଥିଲେ, ଏବେ ସେମାନଙ୍କୁ ଦେଖିବା ଦୁର୍ଲଭ ପାଲଟିଛି। ତଥାପି ଏମିତି କିଛି ଅଞ୍ଚଳ ଅଛି ଯେଉଁଠାରେ ଆଜିପର୍ଯ୍ୟନ୍ତ ସୁଦୂର ସାଇବେରିଆ ଅଞ୍ଚଳରୁ ଆସୁଛନ୍ତି ବିରଳ ଗେଣ୍ଡାଳିଆ। ଢେଙ୍କାନାଳ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣୀ ଗାଁ। ଏହି ଗାଁ ଏବେ ଗେଣ୍ଡାଳିଆଙ୍କ ପାଇଁ ସାରା ଜିଲ୍ଲାରେ ଚର୍ଚ୍ଚା ସାଉଁଟୁଛି। ସୁଦୂର ସାଇବେରିଆ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ବିରଳ ଗେଣ୍ଡାଳିଆ ଆସି ଗାଁ ଶିବମନ୍ଦିର ପାଖରେ ଥିବା ଆମ୍ବ ତୋଟା, ଗାଁ ମୁଣ୍ଡରେ ଥିବା ବିଶାଳ ତେନ୍ତୁଳି ଗଛରେ ବସା ବାନ୍ଧିଛନ୍ତି।



ପ୍ରାୟ ୧୦ ହଜାରରୁ ଅଧିକ ଗେଣ୍ଡାଳିଆଙ୍କ କୋଳାହଳ ଶବ୍ଦରେ ଏକ ମନମୁଗ୍ଧକର ପରିବେଶ ସୃଷ୍ଟି ହୋଇଛି।

ଓଡ଼ିଶାର ପାରମ୍ପରିକ ଚାଷ ସହ ରହିଛି ଗେଣ୍ଡାଳିଆଙ୍କ ଗଭୀର ସମ୍ପର୍କ। ଏହି ଗେଣ୍ଡାଳିଆଙ୍କ ଆଗମନରେ ଏହି ଅଞ୍ଚଳର ଚାଷୀଟିଏ ପ୍ରସ୍ତୁତ ହୁଏ ଚାଷ କରିବାକୁ। ଜୁନ-ଜୁଲାଇ ମାସ ଆରମ୍ଭରୁ ଆସି ଦୀପାବଳି ପର୍ଯ୍ୟନ୍ତ ଗଡ଼ପଳାଶୁଣୀ ଗାଁ ପାଲଟିଯାଏ ଗେଣ୍ଡାଳିଆଙ୍କ ଅନ୍ତୁଡ଼ିଶାଳ। ଚାଷୀଙ୍କ ମିତ୍ର ଭାବେ ପରିଚିତ ଏହି ପକ୍ଷୀ ଚାଷ କାମ ଆରମ୍ଭ ସମୟରେ ବିଲବାଡ଼ିରେ ଥିବା ଅଦରକାରୀ ପୋକଜୋକ ଖାଇ ବିଲକୁ ସୁରକ୍ଷା ଦେଇଥାନ୍ତି। କାହିଁ କେଉଁ କାଳରୁ ଗାଁକୁ ଆସୁଥିବା ଏହି ଗେଣ୍ଡାଳିଆମାନେ ଏଠାରେ ପ୍ରାୟ ପାଞ୍ଚ ମାସ ପର୍ଯ୍ୟନ୍ତ ରହି ଅଣ୍ଡାରୁ ଛୁଆ ଫୁଟାଇ ନିଜ ଅଞ୍ଚଳକୁ ପୁଣି ଫେରିଯାଆନ୍ତି। ଆଉ ସେତିକି ଦିନ ପର୍ଯ୍ୟନ୍ତ ଏହି ବିଲୁପ୍ତପ୍ରାୟ ଗେଣ୍ଡାଳିଆଙ୍କୁ ସୁରକ୍ଷା ଦେବାପାଇଁ ଆଗେଇ ଆସନ୍ତି ଗ୍ରାମବାସୀ। ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଗେଣ୍ଡାଳିଆଙ୍କୁ ବଞ୍ଚାଇବା ପାଇଁ ସୁରକ୍ଷା ଦାୟିତ୍ୱରେ ରୁହନ୍ତି ଗ୍ରାମବାସୀ। ଏପରିକି କେହି ଗେଣ୍ଡାଳିଆଙ୍କୁ ଶିକାର କଲେ ତାଙ୍କୁ ୫ ହଜାର ଟଙ୍କା ଜରିମାନା କରିବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଫଳରେ ବିରଳ ଗେଣ୍ଡାଳିଆମାନେ ସୁରକ୍ଷିତ ଭାବେ ଏଠାରେ ରହି ନିଜ ବଂଶବିସ୍ତାର କରି ପୁଣି ନିଜ ଅଞ୍ଚଳକୁ ଫେରିଯାଆନ୍ତି। ଚାଷୀ ଓ ଗେଣ୍ଡାଳିଆଙ୍କ ମଧ୍ୟରେ ଏ ଗଭୀର ଭଲପାଇବା ସାଜିଛି ଅନ୍ୟମାନଙ୍କ ପାଇଁ ପ୍ରେରଣା। ବିଲୁପ୍ତ ହେବାକୁ ବସିଥିବା ଏହି ବିରଳ ପକ୍ଷୀଙ୍କ ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ପଦକ୍ଷେପ ଫଳରେ ଆଜି ବି ସେମାନଙ୍କ କୋଳାହଳରେ ଫାଟିପଡୁଛି ପୂରା ଗାଁ।

## ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଅଣଆବାସିକ ସେତୁ ପାଠ୍ୟକ୍ରମ କେନ୍ଦ୍ର ଉଦଘାଟିତ

କାମାକ୍ଷାନଗର, ୮।୮ (ସମିସ): କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ପଦ୍ମପୁର ଗ୍ରାମ ଅଙ୍ଗନାବାଡ଼ି କେନ୍ଦ୍ରରେ ଟାଟା ଷ୍ଟିଲ ଫାଉଣ୍ଡେସନ ତରଫରୁ ଅଣଆବାସିକ ସେତୁ ପାଠ୍ୟକ୍ରମ (ଏନଆରବିସି) କେନ୍ଦ୍ର ଉଦଘାଟିତ ହୋଇଛି। ଟାଟା ଷ୍ଟିଲ ଫାଉଣ୍ଡେସନର ପ୍ରକଳ୍ପ ଅଧିକାରୀ ଟି ଶିବରାମଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ, ସମିତି ସଭ୍ୟା ପଦ୍ମିନୀ ବେହେରା, ୱାର୍ଡ ମେମ୍ବର ଜୟନ୍ତୀ ଦେହୁରୀ, ବ୍ଲକ ସଂଯୋଜକ ଲଲାଟେନ୍ଦୁ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା ହିଁ ଅମୂଲ୍ୟ ସମ୍ପଦ। ପିଲାମାନଙ୍କ ଉତ୍ତମ ଶିକ୍ଷା ଗ୍ରହଣ ପ୍ରତି ବାପା, ମା'ଙ୍କ ପ୍ରମୁଖ ଭୂମିକା ରହିଛି। ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହିଲେ ପିଲାଙ୍କ ପାଠପଢ଼ାରେ କେଉଁଠି ଅସୁବିଧା ରହୁଛି ତାହା ଜଣାପଡ଼ିବ ବୋଲି ଅତିଥିମାନେ କହିଥିଲେ। ନୂତନ ଶିକ୍ଷାନୀତି ଉପରେ ଆଲୋଚନା ହୋଇଥିଲା। ଏହି ପାଠ୍ୟକ୍ରମ ମାଧ୍ୟମରେ ଅଧାରୁ ପାଠ



ଛାଡ଼ିଥିବା, ଆଦୌ ବିଦ୍ୟାଳୟରେ ନାମ ଲେଖାଇ ନ ଥିବା ପିଲା, ଅନିୟମିତ ଭାବେ ଅବା ନିଜ ଇଚ୍ଛା ମୁତାବକ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ଉପଯୁକ୍ତ ବୟସରେ ଉପଯୁକ୍ତ ଶ୍ରେଣୀରେ ମୁଖ୍ୟସ୍ରୋତରେ ସାମିଲ କରିବା ଓ ଶିଶୁ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ପ୍ରୟାସ କରାଯାଇଛି। ସ୍ୱଳ୍ପ ସମୟ ମଧ୍ୟରେ ଉକ୍ତ କେନ୍ଦ୍ରରେ ସ୍ୱତନ୍ତ୍ର ପାଠ୍ୟଖସଡ଼ା ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଟାଟା ଫାଉଣ୍ଡେସନ ପକ୍ଷରୁ ପ୍ରତିକାନ୍ତ ସାହୁ, ପ୍ରଦୀପ କୁମାର ନାଏକ, ସୁଜିତ କୁମାର ବିଶ୍ୱାଳ, ଲିଟୁ ବିଶ୍ୱାଳ, ଶୁଭ୍ରକାନ୍ତି ସାହୁ, ରାଜଶ୍ରୀ ପ୍ରଧାନ, ଶିବାନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିରିବୋଲେଇ କ୍ଲଷ୍ଟର ଲର୍ଣ୍ଣିଂ ଫାସିଲିଏଟର ଲୀଳାବତୀ ଜ୍ୟୋତିଷ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକର ସୀମାନ୍ତ ପଞ୍ଚାୟତ ଘାଗରାମୁଣ୍ଡାର ଆଦିବାସୀ ପଡ଼ା ପଦ୍ମପୁର ଗ୍ରାମରେ କେବଳ ଅଙ୍ଗନାବାଡ଼ି କେନ୍ଦ୍ର ଥିବାବେଳେ ଏଠି ପ୍ରାଥମିକ ବିଦ୍ୟାଳୟ ନାହିଁ। ଟାଟା ଫାଉଣ୍ଡେସନ ପକ୍ଷରୁ ଗ୍ରାମରେ ଏନଆରବିସି ସେଣ୍ଟର ଖୋଲାଯିବାରୁ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି।

# ଦାଉ ସାଧିଲା ବର୍ଷାପବନ; ଉଜୁଡ଼ିଲା ମକା ଚାଷ

ସିନାପାଲି,୮ ।୮ (ସମିସ):



ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବଣ ପାହାଡ ଘେରା ନୂଆମାଳପଡ଼ା ଅଞ୍ଚଳରେ ବର୍ଷା ସାଙ୍ଗକୁ ଜୋର୍‌ରେ ପବନ ବହିବାରୁ ମକା ଚାଷ ନଷ୍ଟ ହୋଇଯାଇଛି। ଏହା ଫଳରେ ଚାଷୀ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଦୁଇ ପଇସା ଭଲ ରୋଜଗାର କରି ପରିବାର ପ୍ରତିପୋଷଣ କରିବା ପାଇଁ ସେମାନେ ମନରେ ଅନେକ ଆଶା ବାନ୍ଧି ଥିଲେ; ହେଲେ ବର୍ଷାପବନରେ ସବୁ ଭାଙ୍ଗି ଚୂର୍ମାର ହୋଇଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ନୂଆମାଳପଡ଼ା, ଖଦାପଡ଼ା, ପୋର୍ଟିପଡ଼ା ଅଞ୍ଚଳର ଚାଷୀ ବହୁଳ ଭାବେ ମକା ଚାଷ କରିଥିଲେ। ଧାର କରଜ କରି ବିହନ, ସାର ଓ ଆବଶ୍ୟକ କୀଟ ନାଶକ ଔଷଧ ପ୍ରୟୋଗ କରି ବହୁ ପରିଶ୍ରମ କରିଥିଲେ। ମକା ଗଛ ମଧ୍ୟ ହୃଷ୍ଟପୁଷ୍ଟ ହୋଇ ଫଳ ଧରିବା ସମୟ ଆସିଯାଇଥିଲା; ହେଲେ ବର୍ଷା ପବନ ଦାଉ ସାଜିଥିଲା। ଗଛଗୁଡ଼ିକ ଭାଙ୍ଗି ପଡି ମାଟି ତଳେ ଲୋଟି ପଡ଼ିଛି। ଏହାକୁ ଦେଖି ଚାଷୀ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ଧାର କରଜ କିଭଳି ସୁଝିବେ ସେହି ଚିନ୍ତାରେ ଘାରି ହେଉଛନ୍ତି।

ନୂଆମାଳପଡ଼ା ପଞ୍ଚାୟତ ଏକ ଆଦିବାସୀ ପ୍ରବଣ ଅଞ୍ଚଳ। ଏଠି ଅନେକ ଗରିବ ଶ୍ରେଣୀର ଲୋକେ ବସ ବାସ କରନ୍ତି। ଜଙ୍ଗଲ ଜମି ଦଖଲ କରି ଏମାନେ ଚାଷବାସ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ମକା ଚାଷ କରି ପ୍ରତିବର୍ଷ ଦୁଇ ପଇସା ରୋଜଗାର କରି ଆସୁଥିବା ବେଳେ ଚଳିତ ବର୍ଷ ଉଜୁଡ଼ି ଯାଇଛି। ଏହି ଅଞ୍ଚଳ ଏକ ବଣ ପାହାଡ ଘେରା ଥିବା ବେଳେ ଏଠାରେ କୌଣସି ଜଳ ସେଚନର ବ୍ୟବସ୍ଥା ନାହିଁ। ଏହା ଫଳରେ ପ୍ରତିବର୍ଷ ମରୁଡିର ଶିକାର ହେବାକୁ ପଡ଼ିଥାଏ। ଏଣୁ ଏଠାର ଲୋକେ ଧାନ ଚାଷ ବ୍ୟତୀତ ସ୍ୱଳ୍ପ ବର୍ଷାରେ ହେଉଥିବା ମକା ଚାଷ ପ୍ରତି ଅଧିକ ଗୁରୁତ୍ୱ ଦେଇଥାନ୍ତି। ନୂଆମାଳପଡ଼ାର ଚାଷୀ ଉଜ୍ଜଳ ମାଝି ତାଙ୍କର ୩ ଏକର ଜମିରେ ମକା ଚାଷ କରି ଥିଲେ। ପ୍ରାୟ ୮୦ ହଜାର ଟଙ୍କା ଖର୍ଚ୍ଚ କରି ନବରଙ୍ଗପୁର ଅଞ୍ଚଳରୁ ଉନ୍ନତ ବିହନ ଆଣି ସାର ପ୍ରୟୋଗ କରି ଚାଷ କରିଥିଲେ; କିନ୍ତୁ ସବୁ ଉଜୁଡି ଯାଇଥିବା ପ୍ରକାଶ କରିଛନ୍ତି। କ୍ଷତି ପୂରଣ ପାଇଁ ପ୍ରଶାସନ ନିକଟରେ ସେ ଦାବି କରିଛନ୍ତି। ସେହିପରି ଟୋପଚନ ମାଝି, ନେତ୍ର ଗହିର, ଡବଲ ମାଝି, କ୍ଷୀର ସିଂ ମାଝି, ପୁରୁନ ମାଝି, ଫୋଗନି ମାଝି, ବଲମତ ମାଝି, ଆନନ୍ଦ ରଣା ଭୀଷ୍ମ ରଣା ସମେତ ଅନେକ ଚାଷୀଙ୍କ ଏକର ଏକର ମକା ଚାଷ ନଷ୍ଟ ହୋଇ ପଡ଼ିଛି। ଏଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ କ୍ଷତି ପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ଆର୍ଟ ଅଫ ଲିଭିଂ ତରଫରୁ ରୁଦ୍ରପୂଜା



ବୌଦ୍ଧ,୮ ।୮ (ସମିସ): ବୌଦ୍ଧ ଶ୍ରୀ ଶ୍ରୀ ଚନ୍ଦ୍ରଚୂଡ଼ ମନ୍ଦିରରେ ବିଶ୍ୱ ପ୍ରସିଦ୍ଧ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଆର୍ଟ ଅଫ ଲିଭିଂ ବୌଦ୍ଧ ଶାଖା ତରଫରୁ ପବିତ୍ର ଶ୍ରାବଣ ମାସ ଅବସରରେ ରୁଦ୍ରପୂଜା ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ ଲିଭିଂର ବରିଷ୍ଠ ଶିକ୍ଷକ ତଥା ପୂଜକ ପଣ୍ଡିତ ହିମାଂଶୁ ଶେଖର ପାଢ଼ୀ, ପଣ୍ଡିତ ଓଁ ପ୍ରକାଶ ବ୍ରହ୍ମା ଓ ରାମ ଶଙ୍କର ମିଶ୍ରଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥିଲା। ଆର୍ଟ ଅଫ ଲିଭିଂର ଯୋଗ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂ, ବୌଦ୍ଧ ଜିଲ୍ଲା ସଂଯୋଜକ ବିଜୟ ପ୍ରଧାନ, କୃତ୍ତିବାସ ପଲିଆ, ରବୀନ୍ଦ୍ର ସାହୁ, ଡ. ପ୍ରବୀର ଦାସ, ଲବକିଶୋର ପ୍ରଧାନ, ରାଜକୁମାର ବେହେରା, ପ୍ରଭାସ ମହାପାତ୍ର, ପ୍ରତାପ ସାହୁ, ରଜନୀକାନ୍ତ ରାଉତ, ସୌମେନ୍ଦ୍ର ରଞ୍ଜନ ପୁରୋହିତ ପ୍ରମୁଖ ଭୂମିକା ନେଇଥିଲେ।

## କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର



ଶଗଡା,୮ ।୮ (ସମିସ): ଘଣ୍ଟାପଡ଼ା ରେଞ୍ଜ କାର୍ଯ୍ୟାଳୟରେ କେନ୍ଦୁପତ୍ର ଗୋଛା କଟାଳି, ପତ୍ର ତୋଳାଳି ଓ ବନ୍ଧାଳୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ବନାଞ୍ଚଳ କେନ୍ଦୁପତ୍ର ବିଭାଗ ଓ ମୋବାଇଲ ହେଲ୍ଥ ୟୁନିଟ ମିଳିତ ସହଯୋଗରେ ଶିବିରରେ ପ୍ରାୟ ୩୦୦ ହିତାଧିକାରୀ ପଞ୍ଜିକୃତ ହୋଇଥିଲେ। ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଶିକ୍ଷକ ନେତା ନିଳାଚଳ ଭୋଇ, କରୁଣାକର ସାହୁ, ଫରେଷ୍ଟର ବିଜୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହେଡ଼ଚେକର ଋଷଭ ମାଝୀ, ଫରେଷ୍ଟର ସୁଧୀର ମହାନନ୍ଦ, ପ୍ରତ୍ୟୁଷରଂଜନ ବେହେରା, ଦିଲୀପ କୁମୁରା, ମାର୍ଟିନ ପୂର୍ତି ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ। କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ରୋଜାଲିନ ମିଶ୍ର, ଫାର୍ମାସିଷ୍ଟ ସ୍ମୃତିରଞ୍ଜନ ମହାକୁଡ଼ ଓ ଏଏନଏମ ପ୍ରଭାତୀ ଥପା ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରିଥିଲେ। ବନାଞ୍ଚଳ ଅଧିକାରୀ ସୁଧିର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଫଳ, ପନିପରିବା ଚାଷ ଉପରେ ଆଲୋଚନା



ବୌଦ୍ଧ,୮ ।୮ (ସମିସ): ଜିଲ୍ଲାପାଳଙ୍କ ସଭାଗୃହରେ ଉଦ୍ୟାନ ବିଭାଗ ଆୟୋଜନରେ ଜିଲ୍ଲାରେ ଫଳ ଓ ପନିପରିବା ଚାଷର ଉନ୍ନତି ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ମହାପାତ୍ର ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି ଭି ଭେଙ୍କଡ଼ ରାଓ, ନାବାର୍ଡ ଡିଡ଼ିଏମ ଡ. ସତ୍ୟ ସ୍ୱରୂପ ବିଦାନ୍ତ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ତପନ ଦାସ, ଅନ୍ୟତମ କୃଷି ବୈଜ୍ଞାନିକ ଡ. ମୟୂରୀ ସିଂ ସର୍ଦ୍ଦାର, ଡ. ସମାପିକା ଦଳେଇ, ସସ୍ମିତା ପାଲ, ମିଶନ ଶକ୍ତି ଜିଲ୍ଲା ସଂଯୋଜକ ରଶ୍ମି ରଞ୍ଜନ ସେଠି, ଓରମାସର ସୌମ୍ୟରଞ୍ଜନ ପଣ୍ଡା, କୃତ୍ତିବାସ ପଲିଆ, ଉତ୍ତମ ମହାକୁଳ, ମଞ୍ଜୁଲତା ଦାସ, ଭଗବାନ ସାହୁ, ସୁଶୀଲ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ଖଟୁଆ, ପ୍ରଫୁଲ୍ଲ ମହାକୁଡ଼, ଦିବ୍ୟଲୋଚନ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ହରଭଙ୍ଗା ବ୍ଲକ ଉଦ୍ୟାନ ଅଧିକାରୀ ଜ୍ଞାନ ରଞ୍ଜନ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସମାରୋହ




ସୁବଳୟା,୮।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ ଶିବ କୁମାର ପୁରୋହିତ, ଅଧ୍ୟାପକ ନରେନ୍ଦ୍ର ଝା, ଅଧ୍ୟାପକ ସ୍ମୃତିରଞ୍ଜନ ଭରାସାଗର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁକ୍ତତିନି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ବାର୍ତ୍ତା ପ୍ରଦାନ କରିଥିଲେ। ଏହାସହ ଓଡ଼ିଆ ଅଧ୍ୟାପିକା ଜାମିନୀ ଦାଶ, ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସୁପ୍ରଭା ନନ୍ଦ, ରସାୟନ ବିଜ୍ଞାନ ଅଧ୍ୟାପକ ଦୀପକ ଛପୋ ଓ ଅଧ୍ୟାପକ ଜିତେନ୍ଦ୍ର କୁମାର ସାହୁ, ଅର୍ଥନୀତି ବିଭାଗ ଅଧ୍ୟାପକ ପ୍ରଭାତ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ। ତୃତୀୟବର୍ଷର ଛାତ୍ରୀ ଆକାଂକ୍ଷା ପ୍ରିୟଦର୍ଶିନୀ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିଲେ। ତୃତୀୟ ବର୍ଷର ଛାତ୍ରୀ ପ୍ରଜ୍ଞା ପରମିତା ସାଥୁଆ ସଭା ସଂଯୋଜନା କରିଥିବାବେଳେ ଦ୍ୱିତୀୟବର୍ଷର ଛାତ୍ରୀ ପ୍ରତିକ୍ଷା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

ବୀରମହାରାଜପୁର,୮।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଶୁକ୍ରବାର ଭୋଟର୍ ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେର, ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଡେପୁଟି କଲେକ୍ଟର



ଶୁଭମ୍ ସୁବାସିସ ଶତପଥୀ ତାଲିମ୍ ପ୍ରଦାନ କରିଥଲେ। ଜାତୀୟ ନିର୍ବାଚନ ଆୟୋଗ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍‌ର ଲେବର ଅଫିସର୍ ଘରକୁ ଘର ଯାଇ ନୂତନ ଭୋଟର୍ ତାଲିକା କାର୍ଯ୍ୟକ୍ରମର ତଦାରଖ କରି ତ୍ରୁଟିଶୂନ୍ୟ କାର୍ଯ୍ୟସମାପନ କରିବେ ସେ ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା।

## ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ସୁବଳୟା,୮ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କଳାପଥରସ୍ଥିତ ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଥମ ବର୍ଷର ନବାଗତମାନଙ୍କ ପାଇଁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀକାନ୍ତ ପଧାନ ସଭାପତିତ୍ୱ କରିଥିଲେ। ସଂଘର୍ଷ ଓ ଦୃଢ଼ ଇଚ୍ଛାଶକ୍ତି ଦିନେ ସଫଳତାର ଶୀର୍ଷରେ ପହଞ୍ଚାଇ ପାରେ ବୋଲି ସେ କହିଥିଲେ। ଅଧ୍ୟାପକ କିଶୋର ସାହୁ ଆଭ୍ୟନ୍ତରିଣ ଶୃଙ୍ଖଳା, ନିୟମାନୁବର୍ତ୍ତିତା, ର୍‍ୟାଗିଙ୍ଗ୍ ମୁକ୍ତ ଅଞ୍ଚଳ ଉପରେ ଆଲୋକପାତ କରିଥିଲେ। ଦେବଯାନୀ ମେଶୁଆ ମାର୍ଜିତ ବ୍ୟବହାର ଓ ଚରିତ୍ର ଗଠନ ଉପରେ ଆଲୋଚନା କରିଥିଲେ। ଅତିଥି ଅଧ୍ୟାପିକା ଅବନ୍ତି ନାଏକ ଓ ରିଙ୍କି ଗଡ଼ୁଆ ଭବିଷ୍ୟତରେ ଭଲ ମଣିଷ ହେବାକୁ ପ୍ରେରଣା ଦେଇଥିଲେ। ସଞ୍ଜୟ କର୍ଣ୍ଣ ରାଜ୍ୟ ସରକାରଙ୍କ ଦ୍ୱାରା ମିଳୁଥିବା ବିଭିନ୍ନ ବୃତ୍ତି ସଂପର୍କରେ ଆବେଦନ କରିବା ପାଇଁ ଜଣାଇଥିଲେ। ୧୮ ଜଣ ଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ ସରସ୍ୱତୀ ପ୍ରଧାନ, ଜ୍ୟୋତ୍ସ୍ନାମୟୀ ମେହେର, ସଂଧାରାଣୀ ପଧାନ ପରିଚାଳନା କରିଥିଲେ। ଛାତ୍ର ମହେଶଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶାନ୍ତନୁ ପଧାନ, ବସୁଦେବ ରଣା, ବିପିନ୍ କଲତା, ଶିବବ୍ରତ କର୍ଣ୍ଣ ସହଯୋଗ କରିଥିଲେ।

## ବିଶିମୁଣ୍ଡା ବରଗଛ ଛକରୁ ଖମ୍ବେଶ୍ୱରୀପାଲି ରାସ୍ତା ଶୋଚନୀୟ

ସୋନପୁର, ୮।୮ (ସମିସ): ସୋନପୁର ବ୍ଲକ୍ ଅଧୀନ ବିଶିମୁଣ୍ଡା ପଞ୍ଚାୟତ ଅଧୀନ ମୁର୍ଗାବାର ବରଗଛ ଛକଠାରୁ ଖମ୍ବେଶ୍ୱରୀପାଲି ରାସ୍ତା ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ପାଣି ଜମା ହେଉଥିବାରୁ ଲୋକେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ସୋନପୁର- ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥକୁ ସଂଯୋଗ



ହେଉଥିବାରୁ ଏହା ଏକ ବ୍ୟସ୍ତବହୁଳ ରାସ୍ତା। ଏଠାରେ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ହେଉଛି। ଏହା ଫଳରେ ବାଇକ୍ ଆରୋହୀ ଏବଂ ସାଇକଲ ଆରୋହୀମାନେ ବିପଦରେ ପଡୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏହି ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପାଣି ଜମୁଛି। ଜିଲ୍ଲା ପ୍ରଶାସନ ଯଥାଶୀଘ୍ର ଧ୍ୟାନଦେଇ ରାସ୍ତା ମରାମତି ଓ ଜଳନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପିକ୍‌ଅପ୍ ଧକ୍କାରେ ସାଇକଲ ଆରୋହୀଙ୍କ ମୃତ୍ୟୁ

ବୌଦ୍ଧ,୮ ।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଝାରଖମନ୍ ଛକ ନିକଟରେ ଦୁର୍ଘଟଣା ଘଟିଛି। ଜଣେ ସାଇକଲ ଆରୋହୀଙ୍କୁ ଧକ୍କା ଦେଇ ଏକ ଚାଉଳ ବୋଝେଇ ମିନି ଟ୍ରକ୍ ଓଲଟି ପଡିଛି। ଘଟଣା ସ୍ଥଳରେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତରଙ୍ଗ ଗ୍ରାମର ଭରତ ବାରିକ। ତେବେ ଦୁର୍ଘଟଣା ଘଟାଇ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ମାରିଛି। କ୍ଷତିପୂରଣକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଲୋକେ ରାସ୍ତାରେ ଶବ ରଖି ଅବରୋଧ କରିଥିଲେ। ହରଭଙ୍ଗା ପୁଲିସ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି।

## ବଧୂ ନିର୍ଯାତନା ଅଭିଯୋଗ

ବୀରମହାରାଜପୁର,୮ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଧୀନ ଗୁରୁପଙ୍ଗା ଗ୍ରାମର ଜଣେ ମହିଳା ମାନସିକ ଓ ଶାରୀରିକ ନିର୍ଯାତନାର ଶିକାର ହୋଇଥିବା ବୀରମହାରାଜପୁର ଥାନରେ ଅଭିଯୋଗ ହୋଇଛି। ମହିଳା ହେଉଛନ୍ତି ମାମୀ ମହାକୁଡ଼। ତାଙ୍କ ସ୍ୱାମୀ ସୁଧାଂଶୁ ମହାକୁଡ଼, ଶାଶୂ, ଶ୍ୱଶୁର ଓ ଦିଅରଙ୍କ ନାମରେ ଅଭିଯୋଗ କରିଛନ୍ତି। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଥାନରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ସଞ୍ଜୀବ କୁମାର ବସ୍ତିଆ କହିଛନ୍ତି। ସୂଚନାଯୋଗ୍ୟ ଯେ ଭୁଡୋବର ଗ୍ରାମର ସଦାନନ୍ଦ କର୍ମୀଙ୍କ ଝିଅ ମାମି ୨୦୨୦ରେ ଗୁରପଙ୍ଗା ଗ୍ରାମର ସୁଧାଂଶୁ ମହାକୁଡ଼ଙ୍କୁ ବିବାହ କରିଥିଲେ। ମାତ୍ର ଯୌତୁକ ଦାବିକୁ ନେଇ ସବୁବେଳେ ମାମିକୁ ଶଶୁରଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ମାତ୍ର ପରିସ୍ଥିତି ଜଟିଳହେବାରୁ ମାମି ଥାନାରେ ଅଭିଯୋଗ କରିଥିବା ସେ କହିଛନ୍ତି।

## ଗୋଲାବନ୍ଧରେ ଯୁବ ବିକାଶ କାର୍ଯ୍ୟକ୍ରମ



ସୁବଳୟା,୮ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କାଦୋଦର ପଞ୍ଚାୟତ ଗୋଲାବନ୍ଧ ଗ୍ରାମରେ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଦୋଦର ମାଁ ଉମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଲ୍ଲଭ ପୁରୋହିତ, ଆଇଟି ଅଧ୍ୟାପକ ଉଦ୍ଧବ ପଧାନ, ଗ୍ରାମ ଉତଥାନ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ସ୍ୱର୍ଣ୍ଣରୂପା ମିଶ୍ର, ମାଟୁପାଲି ନିଶା ନିବାରଣ କେନ୍ଦ୍ରର ଶମ୍ଭୁରାଜ କର୍ଣ୍ଣ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଷିରେନ୍ଦ୍ର ରଣା, ସୁବଳ ମେହେରଙ୍କ ସମେତ ଯୁବକ ଯୁବତୀ, ଅଙ୍ଗନବାଡି ଓ ଆଶକର୍ମୀ, ୱାର୍ଡମେମ୍ବର, ଛାତ୍ର ଛାତ୍ରୀ, ଗ୍ରାମବାସୀ ଉପସ୍ଥିତ ଥିଲେ। ସୀମାରାଣୀ ପର୍ଡିଆ, ଶୃତି ସ୍ମରଣିକା ଦାସ, ରଶ୍ମିତା ପଧାନ ସହଯୋଗ କରିଥିଲେ।

## ମାହେଶ୍ୱରୀ ଦେବୀଙ୍କ ନୀତିକାନ୍ତିରେ ଅବହେଳା ଅଭିଯୋଗ

ବୀରମହାରାଜପୁର,୮ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ବାଗବର ପଞ୍ଚାୟତ ନୂଆଁଗଡ ଗ୍ରାମରେ ଗାଁ ଦେବୀ ମାହେଶ୍ୱରୀଙ୍କ ନୀତିକାନ୍ତି ସମ୍ପାଦନରେ ଜଣେ ଦେହୁରୀ (ପୂଜକ) ଅବହେଳା କରୁଥିବା ଅଭିଯୋଗ କରି ଆଜି ଗ୍ରାମବାସୀ ସ୍ଥାନୀୟ ଦେବୋତ୍ତର ଅଧିକାରୀ ତଥା ଉପଜିଲ୍ଲାପାଳ ଏବଂ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।



ସୂଚନା ଅନୁସାରେ ନୂଆଗଡ଼ ଗ୍ରାମର ଦେହୁରୀ ଗାଁର ମାହେଶ୍ୱରୀ ଦେବୀଙ୍କ ପାଇଁ ଥିବା ଜମିକୁ ଚାଷ କରିଆସୁଥିଲେ ମଧ ଦେବୀଙ୍କ ପୂଜାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି। କିଛିଦନ ତଳେ ଗାଁ ଦେବୀଙ୍କଠାରେ କାଦୋ ପୂଜା ନ କରି ଦେବୀଙ୍କୁ ଗମ୍ଭିରାକୁ ନେଇଯାଇଥିବା ମଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି କାର୍ଯ୍ୟ ନ କରିବାକୁ ଗ୍ରାମବାସୀ ବାରଣ କରିଥିଲେ ସୁଦ୍ଧା ସେ କାହାକଥା ଶୁଣି ନ ଥିବା ଓ ଓଲଟା କେତେକ ଗ୍ରାମବାସୀଙ୍କ ନାମରେ ବୀରମହାରାଜପୁର ଥାନାରେ ଏତଲା ଦେଇଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ଗ୍ରାମବାସୀ ଶୀଘ୍ର ଏହାର ସମାଧାନ କରାଯିବାକୁ ଦାବି କରିଛନ୍ତି।

## ୪ ହେକ୍ଟର ଜମିରେ ୬୪୦୦ ଚାରା ରୋପଣ



ମନମୁଣ୍ଡା,୮ ।୮ (ସମିସ): ବୌଦ୍ଧ ବନଖଣ୍ଡ ମନମୁଣ୍ଡା ରେଞ୍ଜ କୁମରକାନି ସେକ୍ସନ ଅମୂର୍ତ୍ତା ବିଟ୍ ମହାନଦୀ କୂଳରେ ମା ପାଇଁ ଗଛଟିଏ ଯୋଜନାରେ ବନୀକରଣ କରାଯାଇଛି। ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କ ନେତୃତ୍ୱ ଓ ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଡିଏଫ୍‌ଓ ରାଜେନ୍ଦ୍ର ଗୋଚ୍ଛାୟତଙ୍କ ଉପସ୍ଥିତିରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରାୟ ୪ ହେକ୍ଟର ଜମିରେ ବାଉଁଶ, ନିମ୍ବ, ମହୁଲ, ଆମ୍ବ, ପିଜୁଳି, ଆତ, ଜାମୁ, ତେନ୍ତୁଳି, ଅଁଳା ଇତ୍ୟାଦି ବିଭିନ୍ନ କିସମର ପ୍ରାୟ ୬୪୦୦ ଚାରାରୋପଣ କରାଯାଇଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ପ୍ରକୃତି ବନ୍ଧୁ ବୈଦ୍ୟନାଥ ହୋତା, ପ୍ରକୃତି ପ୍ରେମୀ ସ୍ୱରାଜ୍ୟ କହଁର ଯୋଗ ଦେଇଥିଲେ। ଶେଷରେ ବନପାଳ ପ୍ରକାଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଡେପୁଟି ରେଞ୍ଜର ଦେବରାଜ ଛତ୍ରିଆ, ବନପାଳ ଦେବକାନ୍ତ ବେହେରା, ବନରକ୍ଷୀ ରଞ୍ଜିତ ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ବୌଦ୍ଧ,୮ ।୮ (ସମିସ):



ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୩୭ତମ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଭାଗର ବିଜ୍ଞାନ ଅଧ୍ୟାପକ ପ୍ରବୀର ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ଜାଲ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ନିରୋଦ ମେହେର, ଗୌରୀ ଶଙ୍କର ପବ୍ଲିକ ସ୍କୁଲର ବିଜ୍ଞାନ ଶିକ୍ଷକ ସୌମିତ୍ରି ବାରିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଟଙ୍କଧର ସାହୁ, ସମ୍ପାଦକ ଖୁଦିରାମ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ବିଦ୍ୟାଳୟର କୋଷାଧ୍ୟକ୍ଷ ଅଭିଷେକ ଅଗ୍ରୱାଲ, ସଦସ୍ୟା ପୁଷ୍ପାଞ୍ଜଳି ନାୟକ, ତୃପ୍ତିମୟୀ ପଟ୍ଟନାୟକ ଉପସ୍ଥିତ ଥିଲେ। ବିଚାରକ ଭାବରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ହୃଦାନନ୍ଦ ଜାଲ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ନିରୋଦ ମେହେର, ଗୌରୀ ଶଙ୍କର ପବ୍ଲିକ ସ୍କୁଲର ବିଜ୍ଞାନ ଶିକ୍ଷକ ଶ୍ରୀମାନ ସୌମିତ୍ରୀ ବାରିକ ଦାୟିତ୍ୱ ତୁଲାଇଥିଲେ। ପ୍ରାକ୍ ଶିଶୁ, ଶିଶୁ, ବାଲ୍ ଓ କିଶୋର ବର୍ଗରେ ବିଜ୍ଞାନ ବିଭାଗରେ ୧୩୮ଟି ଓ ଗଣିତ ବିଭାଗରେ ୧୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଆଚାର୍ଯ୍ୟ ଅଶୋକ ପୁରୋହିତ ଧନ୍ୟବାଦ୍ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ଅଭିଯାନ ବୈଠକ

ବୌଦ୍ଧ,୮ ।୮ (ସମିସ): ସ୍ଥାନୀୟ ଯୋଗେନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ଅଭିଯାନ ଯୋଜନାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରୀ ଅତିଥି ପରିଚୟ ସହିତ ସ୍ୱାଗତ ଜଣାଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଦୁବେ ଆସ ସ୍କୁଲ ଯିବା ଯୋଜନାର ବିସ୍ତୃତ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ବୌଦ୍ଧ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କାମଳକାନ୍ତ ଦଳବେହେରା, ଭାରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ (ହରଭଙ୍ଗା) ଭୁବନେଶ୍ୱର ସେଠୀ, କଣ୍ଟାମାଳ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗାଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦାଉ ସାଧିଲା ବର୍ଷାପବନ; ଉଜୁଡ଼ିଲା ମକା ଚାଷ

ସିନାପାଲି,୮ ।୮ (ସମିସ):

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବଣ ପାହାଡ ଘେରା ନୂଆମାଳପଡ଼ା ଅଞ୍ଚଳରେ ବର୍ଷା ସାଙ୍ଗକୁ ଜୋର୍‌ରେ ପବନ ବହିବାରୁ ମକା ଚାଷ ନଷ୍ଟ ହୋଇଯାଇଛି । ଏହା ଫଳରେ ଚାଷୀ ଚିନ୍ତାରେ ଭାଙ୍ଗି ପଡିଛନ୍ତି । ଦୁଇ ପଇସା ଭଲ ରୋଜଗାର କରି ପରିବାର ପ୍ରତିପୋଷଣ କରିବା ପାଇଁ ସେମାନେ ମନରେ ଅନେକ ଆଶା ବାନ୍ଧି ଥିଲେ; ହେଲେ ବର୍ଷାପବନରେ ସବୁ ଭାଙ୍ଗି ଚୂର୍‌ମାର ହୋଇଯାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି ।



ନୂଆମାଳପଡ଼ା, ଖଦାପଡ଼ା, ପୋର୍ଟିପଡ଼ା ଅଞ୍ଚଳର ଚାଷୀ ବହୁଳ ଭାବେ ମକା ଚାଷ କରିଥିଲେ । ଧାର କରଜ କରି ବିହନ, ସାର ଓ ଆବଶ୍ୟକ କୀଟ ନାଶକ ଔଷଧ ପ୍ରୟୋଗ କରି ବହୁ ପରିଶ୍ରମ କରିଥିଲେ । ମକା ଗଛ ମଧ୍ୟ ହୃଷ୍ଟପୁଷ୍ଟ ହୋଇ ଫଳ ଧରିବା ସମୟ ଆସିଯାଇଥିଲା; ହେଲେ ବର୍ଷା ପବନ ଦାଉ ସାଜିଥିଲା । ଗଛଗୁଡ଼ିକ ଭାଙ୍ଗି ପଡି ମାଟି ତଳେ ଲୋଟି ପଡ଼ିଛି । ଏହାକୁ ଦେଖି ଚାଷୀ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି । ଧାର କରଜ କିଭଳି ସୁଝିବେ ସେହି ଚିନ୍ତାରେ ଘାରି ହେଉଛନ୍ତି ।

ନୂଆମାଳପଡ଼ା ପଞ୍ଚାୟତ ଏକ ଆଦିବାସୀ ପ୍ରବଣ ଅଞ୍ଚଳ । ଏଠି ଅନେକ ଗରିବ ଶ୍ରେଣୀର ଲୋକେ ବସ ବାସ କରନ୍ତି । ଜଙ୍ଗଲ ଜମି ଦଖଲ କରି ଏମାନେ ଚାଷବାସ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି । ମକା ଚାଷ କରି ପ୍ରତିବର୍ଷ ଦୁଇ ପଇସା ରୋଜଗାର କରି ଆସୁଥିବା ବେଳେ ଚଳିତ ବର୍ଷ ଉଜୁଡ଼ି ଯାଇଛି । ଏହି ଅଞ୍ଚଳ ଏକ ବଣ ପାହାଡ ଘେରା ଥିବା ବେଳେ ଏଠାରେ କୌଣସି ଜଳ ସେଚନର ବ୍ୟବସ୍ଥା ନାହିଁ । ଏହା ଫଳରେ ପ୍ରତିବର୍ଷ ମରୁଡିର ଶିକାର ହେବାକୁ ପଡ଼ିଥାଏ । ଏଣୁ ଏଠାରା ଲୋକେ ଧାନ ଚାଷ ବ୍ୟତୀତ ସ୍ୱଳ୍ପ ବର୍ଷାରେ ହେଉଥିବା ମକା ଚାଷ ପ୍ରତି ଅଧିକ ଗୁରୁତ୍ୱ ଦେଇଥାନ୍ତି । ନୂଆମାଳପଡ଼ାର ଚାଷୀ ଉଜ୍ଜଳ ମାଝି ତାଙ୍କର ୩ ଏକର ଜମିରେ ମକା ଚାଷ କରି ଥିଲେ । ପ୍ରାୟ ୮୦ ହଜାର ଟଙ୍କା ଖର୍ଚ୍ଚ କରି ନବରଙ୍ଗପୁର ଅଞ୍ଚଳରୁ ଉନ୍ନତ ବିହନ ଆଣି ସାର ପ୍ରୟୋଗ କରି ଚାଷ କରିଥିଲେ; କିନ୍ତୁ ସବୁ ଉଜୁଡି ଯାଇଥିବା ପ୍ରକାଶ କରିଛନ୍ତି । କ୍ଷତି ପୂରଣ ପାଇଁ ପ୍ରଶାସନ ନିକଟରେ ସେ ଦାବି କରିଛନ୍ତି । ସେହିପରି ଟୋପଚନ ମାଝି, ନେତ୍ର ଗହିର, ଡବଲ ମାଝି, କ୍ଷୀର ସିଂ ମାଝି, ପୁରୁନ ମାଝି, ଫୋଗନି ମାଝି, ବଲମତ ମାଝି, ଆନନ୍ଦ ରଣା ଭୀଷ୍ମ ରଣା ସମେତ ଅନେକ ଚାଷୀଙ୍କ ଏକର ଏକର ମକା ଚାଷ ନଷ୍ଟ ହୋଇ ପଡ଼ିଛି । ଏଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ କ୍ଷତି ପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

## ଆର୍ଟ ଅଫ ଲିଭିଂ ତରଫରୁ ରୁଦ୍ରପୂଜା



ବୌଦ୍ଧ,୮ ।୮ (ସମିସ): ବୌଦ୍ଧ ଶ୍ରୀ ଶ୍ରୀ ଚନ୍ଦ୍ରଚୂଡ଼ ମନ୍ଦିରରେ ବିଶ୍ୱ ପ୍ରସିଦ୍ଧ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଆର୍ଟ ଅଫ ଲିଭିଂ ବୌଦ୍ଧ ଶାଖା ତରଫରୁ ପବିତ୍ର ଶ୍ରାବଣ ମାସ ଅବସରରେ ରୁଦ୍ରପୂଜା ଅନୁଷ୍ଠିତ ହୋଇଯାଇଛି । ଆର୍ଟ ଅଫ ଲିଭିଂର ବରିଷ୍ଠ ଶିକ୍ଷକ ତଥା ପୂଜକ ପଣ୍ଡିତ ହିମାଂଶୁ ଶେଖର ପାଢ଼ୀ, ପଣ୍ଡିତ ଓଁ ପ୍ରକାଶ ବ୍ରହ୍ମା ଓ ରାମ ଶଙ୍କର ମିଶ୍ରଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥିଲା । ଆର୍ଟ ଅଫ ଲିଭିଂର ଯୋଗ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଲିୟାର ସିଂ, ବୌଦ୍ଧ ଜିଲ୍ଲା ସଂଯୋଜକ ବିଜୟ ପ୍ରଧାନ, କୃତ୍ତିବାସ ପଲିଆ, ରବୀନ୍ଦ୍ର ସାହୁ, ଡ. ପ୍ରବୀର ଦାସ, ଲବକିଶୋର ପ୍ରଧାନ, ରାଜକୁମାର ବେହେରା, ପ୍ରଭାସ ମହାପାତ୍ର, ପ୍ରତାପ ସାହୁ, ରଜନୀକାନ୍ତ ରାଉତ, ସୌମେନ୍ଦ୍ର ରଞ୍ଜନ ପୁରୋହିତ ପ୍ରମୁଖ ଭୂମିକା ନେଇଥିଲେ ।

## କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର



ଶଗଡା,୮ ।୮ (ସମିସ): ଘଣ୍ଟାପଡ଼ା ରେଞ୍ଜ କାର୍ଯ୍ୟାଳୟରେ କେନ୍ଦୁପତ୍ର ଗୋଛା କଟାଳି, ପତ୍ର ତୋଳାଳି ଓ ବନ୍ଧାଳୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ବନାଞ୍ଚଳ କେନ୍ଦୁପତ୍ର ବିଭାଗ ଓ ମୋବାଇଲ ହେଲ୍ଥ ୟୁନିଟ ମିଳିତ ସହଯୋଗରେ ଶିବିରରେ ପ୍ରାୟ ୩୦୦ ହିତାଧିକାରୀ ପଞ୍ଜିକୃତ ହୋଇଥିଲେ । ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ଶିକ୍ଷକ ନେତା ନିଳାଚଳ ଭୋଇ, କରୁଣାକର ସାହୁ, ଫରେଷ୍ଟର ବିଜୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ହେଡ଼ଚେକର ଋଷଭ ମାଝୀ, ଫରେଷ୍ଟର ସୁଧୀର ମହାନନ୍ଦ, ପ୍ରତ୍ୟୁଷରଂଜନ ବେହେରା, ଦିଲୀପ କୁମୁରା, ମାର୍ଟିନ ପୂର୍ତି ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ । କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ରୋଜାଲିନ ମିଶ୍ର, ଫାର୍ମାସିଷ୍ଟ ସ୍ମୃତିରଞ୍ଜନ ମହାକୁଡ଼ ଓ ଏଏନଏମ ପ୍ରଭାତୀ ଥପା ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରିଥିଲେ । ବନାଞ୍ଚଳ ଅଧିକାରୀ ସୁଧିର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଫଳ, ପନିପରିବା ଚାଷ ଉପରେ ଆଲୋଚନା



ବୌଦ୍ଧ,୮ ।୮ (ସମିସ): ଜିଲ୍ଲାପାଳଙ୍କ ସଭାଗୃହରେ ଉଦ୍ୟାନ ବିଭାଗ ଆୟୋଜନରେ ଜିଲ୍ଲାରେ ଫଳ ଓ ପନିପରିବା ଚାଷର ଉନ୍ନତି ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ । ଏଥିରେ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ମହାପାତ୍ର ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି ଭି ଭେଙ୍କଟ୍ ରାଓ, ନାବାର୍ଡ ଡିଡ଼ିଏମ ଡ. ସତ୍ୟ ସ୍ୱରୂପ ବିଦାନ୍ତ, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ତପନ ଦାସ, ଅନ୍ୟତମ କୃଷି ବୈଜ୍ଞାନିକ ଡ. ମୟୂରୀ ସିଂ ସର୍ଦାର, ଡ. ସମାପିକା ଦଳେଇ, ସସ୍ମିତା ପାଳ, ମିଶନ ଶକ୍ତି ଜିଲ୍ଲା ସଂଯୋଜକ ରଶ୍ମି ରଞ୍ଜନ ସେଠି, ଓରମାସର ସୌମ୍ୟରଞ୍ଜନ ପଣ୍ଡା, କୃତ୍ତିବାସ ପଲିଆ, ଉତ୍ତମ ମହାକୁଳ, ମଞ୍ଜୁଲତା ଦାସ, ଭଗବାନ ସାହୁ, ସୁଶୀଲ ଦେହୁରୀ, ପୂର୍ଣ୍ଣଚନ୍ଦ୍ର ଖଟୁଆ, ପ୍ରଫୁଲ୍ଲ ମହାକୁଡ଼, ଦିବ୍ୟଲୋଚନ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ହରଭଙ୍ଗା ବ୍ଲକ ଉଦ୍ୟାନ ଅଧିକାରୀ ଜ୍ଞାନ ରଞ୍ଜନ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସମାରୋହ




ସୁବଳୟା,୮।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ ଶିବ କୁମାର ପୁରୋହିତ, ଅଧ୍ୟାପକ ନରେନ୍ଦ୍ର ଝା, ଅଧ୍ୟାପକ ସ୍ମୃତିରଞ୍ଜନ ଭରାସାଗର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁକ୍ତତିନି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ବାର୍ତ୍ତା ପ୍ରଦାନ କରିଥିଲେ । ଏହାସହ ଓଡ଼ିଆ ଅଧ୍ୟାପିକା ଜାମିନୀ ଦାଶ, ପଦାର୍ଥ ବିଜ୍ଞାନ ଅଧ୍ୟାପିକା ସୁପ୍ରଭା ନନ୍ଦ, ରସାୟନ ବିଜ୍ଞାନ ଅଧ୍ୟାପକ ଦୀପକ ଛପୋ ଓ ଅଧ୍ୟାପକ ଜିତେନ୍ଦ୍ର କୁମାର ସାହୁ, ଅର୍ଥନୀତି ବିଭାଗ ଅଧ୍ୟାପକ ପ୍ରଭାତ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ । ତୃତୀୟବର୍ଷର ଛାତ୍ରୀ ଆକାକ୍ଷା ପ୍ରିୟଦର୍ଶିନୀ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇଥିଲେ । ତୃତୀୟ ବର୍ଷର ଛାତ୍ରୀ ପ୍ରଜ୍ଞା ପରମିତା ସାଥୁଆ ସଭା ସଂଯୋଜନା କରିଥିବାବେଳେ ଦ୍ୱିତୀୟବର୍ଷର ଛାତ୍ରୀ ପ୍ରତିକ୍ଷା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

ବୀରମହାରାଜପୁର,୮।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଶୁକ୍ରବାର ଭୋଟର୍ ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଉପଜିଲ୍ଲାପାଳ ସୁରେନ୍ଦ୍ର କୁମାର ମେହେର, ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ଡେପୁଟି କଲେକ୍ଟର ଶୁଭମ୍ ସୁବାସିସ ଶତପଥୀ ତାଲିମ୍ ପ୍ରଦାନ କରିଥଲେ । ଜାତୀୟ ନିର୍ବାଚନ ଆୟୋଗ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍‌ର ଲେବର ଅଫିସର୍ ଘରକୁ ଘର ଯାଇ ନୂତନ ଭୋଟର୍ ତାଲିକା କାର୍ଯ୍ୟକ୍ରମର ତଦାରଖ କରି ତ୍ରୁଟିଶୂନ୍ୟ କାର୍ଯ୍ୟସମାପନ କରିବେ ସେ ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା ।



## ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ

ରାଉରକେଲା, ୮।୮ (ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ନାଟ୍ୟ ସଂଘ ଓ ରାଉରକେଲା ଇସ୍ପାତ କାରଖାନା ମିଳିତ ଉଦ୍ୟମରେ ୧୫ ଦିନିଆ ନାଟ୍ୟ କର୍ମଶାଳା ସେକ୍ଟର -୨୦ ଇସ୍ପାତ ଇଂରାଜୀ ମାଧ୍ୟମ ସ୍କୁଲଠାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆରଏସପି ମୁଖ୍ୟ ମହାପ୍ରବନ୍ଧକ ଟିଜି କାନେକର ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଦେବାନନ୍ଦ ନାୟକ, ଓଡ଼ିଶା ନାଟ୍ୟ ସଂଘ ଉପଦେଷ୍ଟା ଡ. ସମରମୁଦାଲି, ଭାସ୍କର ମହାପାତ୍ର, କୈଳାଶ ପାଣିଗ୍ରାହୀ, କାର୍ଯ୍ୟକ୍ରମ ସଂଯୋଜକ ଆଲୋକ ଘୋଷ, ସହ ସଂଯୋଜକ ପ୍ରଫୁଲ୍ଲ ସେଠୀ, ଏକତ୍ର ସଭାପତି ରାଜୀବ ପାଣି, ସମ୍ପାଦକ ବିଜୟ କୁମାର ପାତ୍ର, ସଂଘର ସଂଯୋଜିକା କନକଲତା ଦାସ ଉପସ୍ଥିତ ଥିଲେ । ଆଗାମୀ ୨୨ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଜିଲ୍ଲାସ୍ତରୀୟ ଆକାଂକ୍ଷା ହାଟ ଉଦ୍‌ଯାପିତ




ରାଉରକେଲା, ୮।୮ (ସମିସ): ସୁନ୍ଦରଗଡ଼ ଶଙ୍କରାସ୍ଥିତ କଲ୍ୟାଣମଣ୍ଡପଠାରେ ଆରମ୍ଭ ହୋଇଥିବା ଆକାଂକ୍ଷା ହାଟ ଉଦ୍‌ଯାପିତ ହୋଇଛି । 'ଲୋକାଲ ଫର ଭୋକାଲ' ଅଭିଯାନ ଅଭିଯାନ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, କାରିଗର, କୃଷକ ଉତ୍ପାଦକ ସଂଗଠନ ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ବଜାର ବ୍ୟବସ୍ଥା କରିବା ଆଦି । ଜିଲ୍ଲାରେ ଥିବା ଦୁଇଟି ଆକାଂକ୍ଷା ବ୍ଲକ ଯଥା ବାଲିଶଙ୍କରା ଏବଂ ନୂଆଗାଁ ବ୍ଲକର ଉତ୍ପାଦଗୁଡ଼ିକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥିଲା । ଏହି ସପ୍ତାହବ୍ୟାପୀ ଆକାଂକ୍ଷା ହାଟରେ ହସ୍ତଶିଳ୍ପ, ହସ୍ତତନ୍ତ, ଜୈବିକ ଉତ୍ପାଦ, ପାରମ୍ପରିକ ଖାଦ୍ୟ, ପାରମ୍ପରିକ କଳାକୃତି ଏବଂ ଅଞ୍ଚଳ-ବିଶେଷ ଉତ୍ପାଦ ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା ଏବଂ ପ୍ରାୟ ୬, ୩୫, ୦୦୦ ଟଙ୍କାର ମୋଟ ବିକ୍ରି ହୋଇଥିଲା । ଯାହାକି ସୁନ୍ଦରଗଡ଼ ଆଗ୍ରିକ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ଦ୍ୱାରା ସର୍ବାଧିକ ବିକ୍ରି (ଅଣ-ଖାଦ୍ୟ ବର୍ଗ) ୧ ଲକ୍ଷ ୫ ହଜାର ଟଙ୍କା ହୋଇଥିବା ବେଳେ ନୂଆଗାଁ ବ୍ଲକର ଜ୍ୟୋତି ଏସ୍‌ଏଚ୍‌ଜି ଦ୍ୱାରା ସର୍ବାଧିକ ବିକ୍ରି (ଖାଦ୍ୟ ଷ୍ଟଲ୍) ୧ ଲକ୍ଷ ୨୫ ହଜାର ଟଙ୍କା ବିକ୍ରି ହୋଇଥିଲା । ଏହି ଅବସରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପୁରସ୍କାର ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ସୁନ୍ଦରଗଡ଼କୁ ମିଳିଥିଲା । ଏହି ଆକାଂକ୍ଷା ହାଟ - ୨୦୨୫ ସ୍ଥାନୀୟ ଉତ୍ପାଦକୁ ସଫଳତାର ସହ ପ୍ରୋତ୍ସାହିତ କରିବା ସହ ଗ୍ରାମୀଣ ବଜାର ସଂଯୋଗକୁ ମଜଭୁତ କରିଥିଲା ।

## ପିକ୍‌ଅପ୍ ଧକ୍କାରେ ସାଇକଲ ଆରୋହୀଙ୍କ ମୃତ୍ୟୁ

ବୌଦ୍ଧ,୮ ।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଝାରଖମନ୍ ଛକ ନିକଟରେ ଦୁର୍ଘଟଣା ଘଟିଛି । ଜଣେ ସାଇକଲ ଆରୋହୀଙ୍କୁ ଧକ୍କା ଦେଇ ଏକ ଚାଉଳ ବୋଝେଇ ମିନି ଟ୍ରକ୍ ଓଲଟି ପଡିଛି । ଘଟଣା ସ୍ଥଳରେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଛତରଙ୍ଗ ଗ୍ରାମର ଭରତ ବାରିକ । ତେବେ ଦୁର୍ଘଟଣା ଘଟାଇ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ମାରିଛି । କ୍ଷତିପୂରଣକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା । ଲୋକେ ରାସ୍ତାରେ ଶବ ରଖି ଅବରୋଧ କରିଥିଲେ । ହରଭଙ୍ଗା ପୁଲିସ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି ।

## ବଧୂ ନିର୍ଯାତନା ଅଭିଯୋଗ

ବୀରମହାରାଜପୁର,୮ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଧୀନ ଗୁରୁପଙ୍ଗା ଗ୍ରାମର ଜଣେ ମହିଳା ମାନସିକ ଓ ଶାରୀରିକ ନିର୍ଯାତନାର ଶିକାର ହୋଇଥିବା ବୀରମହାରାଜପୁର ଥାନରେ ଅଭିଯୋଗ ହୋଇଛି । ମହିଳା ହେଉଛନ୍ତି ମାମୀ ମହାକୁଡ଼ । ତାଙ୍କ ସ୍ୱାମୀ ସୁଧାଂଶୁ ମହାକୁଡ଼, ଶାଶୂ, ଶ୍ୱଶୁର ଓ ଦିଅରଙ୍କ ନାମରେ ଅଭିଯୋଗ କରିଛନ୍ତି । ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଥାନରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ସଞ୍ଜୀବ କୁମାର ବସ୍ତିଆ କହିଛନ୍ତି । ସୂଚନାଯୋଗ୍ୟ ଯେ ଭୁଡୋବର ଗ୍ରାମର ସଦାନନ୍ଦ କର୍ମୀଙ୍କ ଝିଅ ମାମି ୨୦୨୦ରେ ଗୁରପଙ୍ଗା ଗ୍ରାମର ସୁଧାଂଶୁ ମହାକୁଡ଼ଙ୍କୁ ବିବାହ କରିଥିଲେ । ମାତ୍ର ଯୌତୁକ ଦାବିକୁ ନେଇ ସବୁବେଳେ ମାମିକୁ ଶଶୁରଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ । ମାତ୍ର ପରିସ୍ଥିତି ଜଟିଳହେବାରୁ ମାମି ଥାନାରେ ଅଭିଯୋଗ କରିଥିବା ସେ କହିଛନ୍ତି ।

## ଗୋଲାବନ୍ଧରେ ଯୁବ ବିକାଶ କାର୍ଯ୍ୟକ୍ରମ



ସୁବଳୟା,୮ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କାଦୋଦର ପଞ୍ଚାୟତ ଗୋଲାବନ୍ଧ ଗ୍ରାମରେ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାଦୋଦର ମାଁ ଉମାଦେବୀ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ବଲ୍ଲଭ ପୁରୋହିତ, ଆଇଟି ଅଧାପକ ଉଦ୍ଧବ ପଧାନ, ଗ୍ରାମ ଉତଥାନ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ସ୍ୱର୍ଣ୍ଣରୂପା ମିଶ୍ର, ମାଟୁପାଲି ନିଶା ନିବାରଣ କେନ୍ଦ୍ରର ଶମ୍ଭୁରାଜ କର୍ଣ୍ଣ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କ୍ଷିରେନ୍ଦ୍ର ରଣା, ସୁବଳ ମେହେରଙ୍କ ସମେତ ଯୁବକ ଯୁବତୀ, ଅଙ୍ଗନବାଡି ଓ ଆଶକର୍ମୀ, ୱାର୍ଡମେମ୍ବର, ଛାତ୍ର ଛାତ୍ରୀ, ଗ୍ରାମବାସୀ ଉପସ୍ଥିତ ଥିଲେ । ସୀମାରାଣୀ ପର୍ଡିଆ, ଶୃତି ସ୍ମରଣିକା ଦାସ, ରଶ୍ମିତା ପଧାନ ସହଯୋଗ କରିଥିଲେ ।

## ମାହେଶ୍ୱରୀ ଦେବୀଙ୍କ ନୀତିକାନ୍ତିରେ ଅବହେଳା ଅଭିଯୋଗ

ବୀରମହାରାଜପୁର,୮ ।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ବାଗବର ପଞ୍ଚାୟତ ନୂଆଁଗଡ ଗ୍ରାମରେ ଗାଁ ଦେବୀ ମାହେଶ୍ୱରୀଙ୍କ ନୀତିକାନ୍ତି ସମ୍ପାଦନରେ ଜଣେ ଦେହୁରୀ (ପୂଜକ) ଅବହେଳା କରୁଥିବା ଅଭିଯୋଗ କରି ଆଜି ଗ୍ରାମବାସୀ ସ୍ଥାନୀୟ ଦେବୋତ୍ତର ଅଧିକାରୀ ତଥା ଉପଜିଲ୍ଲାପାଳ ଏବଂ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ନୂଆଗଡ଼ ଗ୍ରାମର ଦେହୁରୀ ଗାଁର ମାହେଶ୍ୱରୀ ଦେବୀଙ୍କ ପାଇଁ ଥିବା ଜମିକୁ ଚାଷ କରିଆସୁଥିଲେ ମଧ୍ୟ ଦେବୀଙ୍କ ପୂଜାରେ ଅବହେଳା କରୁଥିବା ଅଭିଯୋଗ ହୋଇଛି । କିଛିଦିନ ତଳେ ଗାଁ ଦେବୀଙ୍କଠାରେ କାଦୋ ପୂଜା ନ କରି ଦେବୀଙ୍କୁ ଗମ୍ଭିରାକୁ ନେଇଯାଇଥିବା ମଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।



ଏଭଳି କାର୍ଯ୍ୟ ନ କରିବାକୁ ଗ୍ରାମବାସୀ ବାରଣ କରିଥିଲେ ସୁଦ୍ଧା ସେ କାହାକଥା ଶୁଣି ନ ଥିବା ଓ ଓଲଟା କେତେକ ଗ୍ରାମବାସୀଙ୍କ ନାମରେ ବୀରମହାରାଜପୁର ଥାନାରେ ଏତଲା ଦେଇଥିବା ଗ୍ରାମବାସୀ ଦର୍ଶାଇଛନ୍ତି । ଗ୍ରାମବାସୀ ଶୀଘ୍ର ଏହାର ସମାଧାନ କରାଯିବାକୁ ଦାବି କରିଛନ୍ତି ।

## ୪ ହେକ୍ଟର ଜମିରେ ୬୪୦୦ ଚାରା ରୋପଣ

ମନମୁଣ୍ଡା,୮ ।୮ (ସମିସ): ବୌଦ୍ଧ ବନଖଣ୍ଡ ମନମୁଣ୍ଡା ରେଞ୍ଜ କୁମରକାନି ସେକ୍ସନ ଅମୂର୍ତ୍ତା ବିଟ୍ ମହାନଦୀ କୂଳରେ ମା ପାଇଁ ଗଛଟିଏ ଯୋଜନାରେ ବନୀକରଣ କରାଯାଇଛି । ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କ ନେତୃତ୍ୱ ଓ ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଡିଏଫ୍‌ଓ ରାଜେନ୍ଦ୍ର ଗୋଛାୟତଙ୍କ ଉପସ୍ଥିତିରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ । ପ୍ରାୟ ୪ ହେକ୍ଟର ଜମିରେ ବାଉଁଶ, ନିମ୍ବ, ମହୁଲ, ଆମ୍ବ, ପିଜୁଳି, ଆତ, ଜାମୁ, ତେନ୍ତୁଳି, ଅଁଳା ଇତ୍ୟାଦି ବିଭିନ୍ନ କିସମର ପ୍ରାୟ ୬୪୦୦ ଚାରାରୋପଣ କରାଯାଇଛି । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ପ୍ରକୃତି ବନ୍ଧୁ ବୈଦ୍ୟନାଥ ହୋତା, ପ୍ରକୃତି ପ୍ରେମୀ ସ୍ୱରାଜ୍ୟ କହଁର ଯୋଗ ଦେଇଥିଲେ । ଶେଷରେ ବନପାଳ ପ୍ରକାଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଡେପୁଟି ରେଞ୍ଜର ଦେବରାଜ ଛତ୍ରିଆ, ବନପାଳ ଦେବକାନ୍ତ ବେହେରା, ବନରକ୍ଷୀ ରଞ୍ଜିତ ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।



## 'ଭୋଟର ତାଲିକା ସଂଶୋଧନ ଅଗଣତାନ୍ତ୍ରିକ'

ରାଉରକେଲା, ୮।୮ (ସମିସ): କେନ୍ଦ୍ରନିର୍ବାଚନ କମିଶନ ଭୋଟର ତାଲିକାର ଗଭୀର ସ୍ୱତନ୍ତ୍ର ନିରୀକ୍ଷଣ ବା ଏସ୍‌ଆଇଆର୍ ଜରିଆରେ ଭୋଟର ତାଲିକା ସଂଶୋଧନ ନାଁରେ ଦେଶବାସୀଙ୍କ ନାଗରିକତ୍ୱ ଯାଞ୍ଚ୍ କରିବା ପ୍ରକ୍ରିୟା ଯାହା ବିହାରରୁ ଆରମ୍ଭ କରି ବର୍ତ୍ତମାନ୍ ଦେଶ ତମାମ ଲାଗୁ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ତାହାସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ବୋଲି ସିପିଆଇଏମ୍ ପକ୍ଷରୁ ପ୍ରତିବାଦ କରି ଦେଶ ତମାମ ନିର୍ବାଚନ ଆୟୋଗଙ୍କ ଏପରି କ୍ଷମତା ବହିଃବୃତ୍ତ କାର୍ଯ୍ୟ ବିରୁଦ୍ଧରେ ଜିଲ୍ଲାର ସଦରମହକୁମା ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆହ୍ୱାନ ଦିଆଯାଇଛି ।




ଏହି କ୍ରମରେ ସିପିଆଇଏମ୍ ରାଉରକେଲା ଓ ରଘୁନାଥପାଲି ଆଞ୍ଚଳିକ ସାଂଗଠନିକ କମିଟି, ବିଶ୍ରା ଶାଖାପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ନିର୍ବାଚନ ଆୟୋଗଙ୍କ ନିକଟକୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ରାଉରକେଲା ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲ୍ଲା କମିଟି ସଦସ୍ୟ ବିପି ମହାପାତ୍ର, ରଘୁନାଥପାଲି ଆବାହକ ହୃଦୟାନନ୍ଦ ଯାଦବ, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ଲକ୍ଷ୍ମୀଧର ନାୟକ, ସୁରେନ୍ଦ୍ର ମହାନ୍ତି, ପ୍ରଭାତ ମହାନ୍ତି, ଅରୁଣ ମହାରଣା, ସୁବାସ ବର୍ଦ୍ଧନ, ବିନୟ ବେହୁରିଆ, ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଦିବାକର ମହାରଣା, ସୁଧାଂଶୁ ଜେନା, ଅନାଦି ସାହୁ, ବଛିରାମ ବେହେରା, ସାଗର ଛୋଟରାୟ, ଶୁଭେନ୍ଦୁ ମହାନ୍ତି, ତଲତ ମେହେମୁଦ, ପ୍ରମୋଦ ପରିଡ଼ା, ବୁଧନୀ ମୁଣ୍ଡାରୀ, ଶାନ୍ତି ମିଞ୍ଜ, ଶକୁନ୍ତଳା ମହାକୁଡ଼, କେଶବ ସାହୁ, ରାଜୁ ସୋନା ପରିଚାଳନା କରିଥିଲେ ।

## ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ଅଭିଯାନ ବୈଠକ

ବୌଦ୍ଧ,୮ ।୮ (ସମିସ): ସ୍ଥାନୀୟ ଯୋଗେନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଜିଲ୍ଲାସ୍ତରୀୟ ଆସ ସ୍କୁଲ ଯିବା ଅଭିଯାନ ଯୋଜନାର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରୀ ଅତିଥି ପରିଚୟ ସହିତ ସ୍ୱାଗତ ଜଣାଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଦୁବେ ଆସ ସ୍କୁଲ ଯିବା ଯୋଜନାର ବିସ୍ତୃତ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ବୌଦ୍ଧ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କାମଳକାନ୍ତ ଦଳବେହେରା, ଭାରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ (ହରଭଙ୍ଗା) ଭୁବନେଶ୍ୱର ସେଠୀ, କଣ୍ଟାମାଳ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗାଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।





### ପୁଣି ବିବାଦରେ ଭରତପୁର ଥାନା

# ପୁଲିସ ଚାପରେ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ



ଭୁବନେଶ୍ୱର, ୮।୮ (ସମିସ): ପଣ୍ଡାକୁଦିଆ ଅଞ୍ଚଳରେ ଥିବା ଏକ ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ କରିଛି ଭରତପୁର ଥାନା ପୁଲିସ। ମୃତକ ହେଉଛନ୍ତି ଯାଜପୁର ଜିଲ୍ଲା ସୁଜନପୁର ନୌପଡ଼ା ଗାଁର ଶିବପ୍ରସାଦ ବାରିକ। ପରିବାର ଲୋକେ ହତ୍ୟା ଅଭିଯୋଗ କରୁଥିବା ବେଳେ ଥାନାର ସବ୍ ଇନ୍ସପେକ୍ଟର ଆତ୍ମହତ୍ୟା ଅଭିଯୋଗ କରିବାକୁ ଚାପ ପକାଇଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇ ଥାନା ପୁଲିସ

**● ଗଛରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ**

ଏଫ୍ଆଇଆର୍ ନ ରଖିବାରୁ ଛାତ୍ରୀ ମୃତ୍ୟୁ ଘଟଣା ମନରୁ ନ ଲିଭୁଣୁ ଭରତପୁର ଥାନା ବିରୋଧରେ ମଧ୍ୟ ସମାନ ଅଭିଯୋଗ ଆସିବା କମିସନରେଟ ପୁଲିସର ଛବିକୁ ମଳିନ କରିଛି।

ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲ୍ଲା ସୁଜନପୁର ନୌପଡ଼ା ଗାଁର ଶିବପ୍ରସାଦ ବାରିକ ପଣ୍ଡାକୁଦିଆରେ ବିବାହ କରିଥିଲେ। ଦୁଇ ଦିନ ପୂର୍ବେ ଶିବ ଶଶୁର ଘରକୁ ବୁଲିବାକୁ ଆସିଥିଲେ। ଗତକାଲି ରାତିରେ ପରିବାର ସହ ଖିଆପିଆ କରି ଶୋଇଥିଲେ। ହେଲେ ଶୁକ୍ରବାର ସକାଳେ ଘର ଠାରୁ ଗୋଟିଏ କିଲୋମିଟର ଦୂରରେ ଥିବା ଏକ ଗଛରୁ ଶିବଙ୍କ ମୃତଦେହ ଠାବ ହୋଇଥିଲା। ପତ୍ନୀ ଓ ଶଶୁର ଘର ଲୋକେ ଘଟଣାସ୍ଥଳକୁ ଯାଇଥିବାବେଳେ ଭରତପୁର ଥାନା ପୁଲିସ ମଧ୍ୟ ସେଠାରେ ପହଞ୍ଚିଥିଲା।

ଶିବଙ୍କୁ ହତ୍ୟା କରି ଟାଙ୍ଗି ଦିଆଯାଇଥିବା ନେଇ ପତ୍ନୀ ଓ ପରିବାର ଲୋକେ ଅଭିଯୋଗ ଆଣିଥିଲେ। ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପତ୍ନୀ ଲିଖିତ ଅଭିଯୋଗ କରିବାକୁ ଚାହୁଁଥିବା ବେଳେ ଏସ୍ଆଇ ବୈକୁଣ୍ଠନାଥ ବେହେରା ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲେ। ଏମିତିକି ଏଫ୍ଆଇଆରରେ କ'ଣ ଲେଖାଯିବ ନିଜେ ଡାକିବା ସହିତ ହତ୍ୟା ନୁହଁ, ବରଂ ଆତ୍ମହତ୍ୟା ବୋଲି ଲେଖିବାକୁ ଚାପ ପକାଇଥିଲେ। ଅଭିଯୁକ୍ତମାନଙ୍କ ସହ ପୁଲିସର ସଲାସୁତରା ଥିବା ଶିବଙ୍କ ସମ୍ପର୍କୀୟ ଅଭିଯୋଗ ଆଣିଛନ୍ତି। ସେପଟେ ସେ ଉଦ୍ଦେଶ୍ୟ ମୂଳକ ଭାବେ ଏଭଳି କରିନଥିବା ଏସ୍ଆଇ ଶ୍ରୀ ବେହେରା କହିଛନ୍ତି। ପଟ୍ଟାମୁଣ୍ଡାଇ ଥାନା ପୁଲିସର ନିଷ୍କ୍ରିୟତାକୁ ନେଇ ରାଜ୍ୟରେ କମ୍ପନ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଖୋଦ୍ କମିସନରେଟ ପୁଲିସରେ ଏଫ୍ଆଇଆର୍ ବଦଳାଇବାକୁ ଚାପ ପକାଇବା ପୁଲିସର ଅପାରଗତାକୁ ପଦାରେ ପକାଇଛି।

ଶେଷରେ ବାପା ଗଜେନ୍ଦ୍ର ବାରିକଙ୍କ ଅଭିଯୋଗ ଆଧାରରେ ହତ୍ୟା ମାମଲା ରୁଜୁ କରିଛି ଭରତପୁର ଥାନା ପୁଲିସ। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଏଯାଏଁ ଜଣା ପଡ଼ିନଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ସବୁ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ନାବାଳିକା ଦୁଷ୍କର୍ମ ଉଦ୍ୟମକାରୀକୁ ୨୦ ବର୍ଷ ସଜା

**ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ**

ଭୁବନେଶ୍ୱର, ୮।୮ (ସମିସ): ବିସ୍କୁଟ ଦେଇ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିଥିବା ଘଟଣାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଆଡହକ ଆଡିସନାଲ ସେସ୍ସନ ଜଜ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍ସୋ)ର ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାରକରି ରବୀନ୍ଦ୍ର ବେହେରା ଓରଫ୍ ରବିକୁ ୨୦ ବର୍ଷ ସଜା ଶୁଣାଇଛନ୍ତି।

ପୁଲିସ ସୂଚନା ମୁତାବକ, ଅଭିଯୋଗକାରିଣୀ ପରିବାର ସହ ତମାଣ୍ଡୋ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ଅଞ୍ଚଳରେ ରହୁଥିଲେ। ପଡ଼ୋଶୀ ରବୀନ୍ଦ୍ର ଅନେକ ସମୟରେ ତାଙ୍କ ପିଲାମାନଙ୍କୁ ଚକୋଲେଟ ଓ ବିସ୍କୁଟ ଆଦି ଖାଇବାକୁ ଦିଏ। ଗତ ୨୦୨୧ ମସିହା ଫେବୃୟାରୀ ୨୫ ତାରିଖ ମଧ୍ୟାହ୍ନରେ ୭ ବର୍ଷୀୟା ନାବାଳିକା ଓ ଦୁଇ ଯାଆଁଳା ପୁଅ ଘରେ ଖେଳୁଥିଲେ। ଅଭିଯୋଗକାରିଣୀ ତାଙ୍କ ପଡ଼ୋଶୀ ମହିଳାଙ୍କ ସହ କଥାବାର୍ତ୍ତା ହେଉଥିବାବେଳେ ରବୀନ୍ଦ୍ର ଘର ପାଖରେ ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିଲା।

ଏହାର କିଛି ସମୟ ପରେ ହଠାତ୍ ରବୀନ୍ଦ୍ର ଗାଏବ ହୋଇ ଯାଇଥିଲା। ଅଭିଯୋଗକାରିଣୀ ସନ୍ଦେହରେ ଘର ଭିତରକୁ ଯିବା ବେଳକୁ ରବୀନ୍ଦ୍ର ନାବାଳିକାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିଲା ଦେଖିବାକୁ ପାଇଥିଲେ। ଅଭିଯୋଗକାରିଣୀ ତା'ର କଲର ଧରି ବଡ ପାଟିରେ ସମସ୍ତଙ୍କୁ ଡାକ ପକାଇଥିଲେ। ରବୀନ୍ଦ୍ର ତାଙ୍କୁ ଧକା ପକାଇ ଖସିବାକୁ ଉଦ୍ୟମ କରୁଥିବାବେଳେ ପଡ଼ୋଶୀ କାବୁ କରିନେଇଥିଲେ।

ନାବାଳିକାଙ୍କ ମାଆ ଏନେଇ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ-୪୭/୨୧ରେ ଦଫା ୪୫୦/୩୭୬-ଏବି ଆଇପିସି ଓ ୬ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ସବ୍ ଇନ୍ସପେକ୍ଟର ରାଜଶ୍ରୀ ପ୍ରଧାନ ରବୀନ୍ଦ୍ର ବେହେରାକୁ ଗିରଫ କରିଥିଲେ। ପରବର୍ତ୍ତୀ ସମୟରେ ଇନ୍ସପେକ୍ଟର ସୁଜାତା ଜେନା ଏହି ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଦାଲତରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ୯ ଜଣ ସାକ୍ଷୀ ଓ ୫୫ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ରବୀନ୍ଦ୍ରକୁ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫ ହଜାର ଟଙ୍କା ଜରିମନା ଦେବାକୁ ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୩ ମାସର କାରାଦଣ୍ଡ ଆଦେଶ ଦେଇଛନ୍ତି। ସେହିପରି ଆଇପିସି ୪୫୦ ଅନୁଯାଇ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୩ ଟଙ୍କା ଜରିମନା ଆଦେଶ ଦେଇଛନ୍ତି ଓ ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୨ ମାସ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ଅଭିଯୁକ୍ତ କ୍ଷେତ୍ରରେ ଶୁଣାଣି ହୋଇଥିବା ଉଭୟ ଦଣ୍ଡ ଏକ ସଙ୍ଗେ ଲାଗୁ ହେବ।

ନାବାଳିକା ପୀଡ଼ିତାଙ୍କ ସହ ହୋଇଥିବା ଶାରୀରିକ ଓ ମାନସିକ ଆଘାତକୁ ବିଚାର କରି ଓଡ଼ିଶା ପୀଡିତା କ୍ଷତିପୂରଣ ଯୋଜନା ଅନୁଯାୟୀ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଦେବାପାଇଁ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ



ହଂସପାଳ, ୮।୮ (ସମିସ): ଏକ ଦୁଷ୍କର୍ମ ମାମଲାରେ ପାହାଳ ଥାନା ପୋଲିସ ଲିଖିତ ରିପୋର୍ଟ ଆଧାରରେ ନହରକଣ୍ଟା କାଣ୍ଡି ସାହିର ବିକାଶ ନାଏକ(୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଅଭିଯୋଗକାରିଣୀ ତଥା ପୀଡିତା ଜଣକ ପାହାଳ ଥାନା ଅନ୍ତର୍ଗତ ମାମୁ ଘର ଗାଁରେ ଛୋଟ ବେଳୁ ରହିଆସୁଛନ୍ତି ଏବଂ ବିକାଶ ହେଉଛନ୍ତି ତାଙ୍କର ପଡୋଶୀ। ପୂର୍ବରୁ ବିକାଶ ତାଙ୍କୁ ଏକପାଖିଆ ଭଲ ପାଇଆସୁଥିଲେ। ପରେ ତାଙ୍କ ସହ ଛଳନା କରି ତାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲେ। ଗତ ୧୬ ତାରିଖ ଦିନ ମଧ୍ୟ ବିକାଶ ତାଙ୍କୁ ନିଜ ମୋଟର ସାଇକେଲରେ ବସାଇ ଭୁବନେଶ୍ୱରସ୍ଥିତ ଏକ ଗେଷ୍ଟ ହାଉସକୁ ଆଣି ସେଠାରେ ତାଙ୍କୁ ଦୁଷ୍କର୍ମ କରିଥିଲେ। ଏହି ଘଟଣା ପରଠାରୁ ବିକାଶ ପୀଡ଼ିତାଙ୍କୁ ବାରମ୍ବାର ଖରାପ ସମ୍ପର୍କ ରଖିବା ଲାଗି ବାଧ କରିବା ସହ ଏଥିରେ ରାଜି ନ ହେଲେ ସେ ତାଙ୍କର ଫଟୋ ଓ ଭିଡିଓ ଭାଇରାଲ କରିବାର ଧମକ ଦେଉଥିଲେ। ଏନେଇ ପୀଡିତା ଶେଷରେ ପାହାଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାର ତଦନ୍ତ କରିବା ସହ ବିକାଶକୁ ଗିରଫ କରି ତାଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ମୋଟରସାଇକେଲକୁ ଜବତ କରିଥିଲେ। ତଦନ୍ତ ବେଳେ ବିକାଶ ତାଙ୍କର ସମସ୍ତ ଅପରାଧ ସ୍ୱୀକାର କରିଥିଲେ।

### ଉଠାଦୋକାନ ଉଚ୍ଛେଦରେ ବିଏମ୍ସିର ପାତରଅନ୍ତର

**ବିଜେପି ନେତ୍ରୀଙ୍କୁ ମାଫ୍**

# ଦିବ୍ୟାଙ୍ଗଙ୍କ ଦୋକାନରେ ଚଢ଼ିଲା ବୁଲ୍‌ଡୋଜର୍

ଭୁବନେଶ୍ୱର, ୮।୮ (ସମିସ)

ଜବରଦଖଲ ଉଚ୍ଛେଦ ବେଳେ ବି ବିଏମ୍ସିର ପାତରଅନ୍ତର। ଭାଙ୍ଗିବା ପୂର୍ବରୁ ଖୋଜା ଯାଉଛି ଜବରଦଖଲ କରିଥିବା ଦୋକାନ ମାଲିକଙ୍କ କେଉଁ ରାଜନୈତିକ ଦଳ ସହ ସମ୍ପୃକ୍ତି ରହିଛି। ଶାସକ ଦଳ ସମ୍ପୃକ୍ତ ଦୋକାନୀଙ୍କ ବ୍ୟବସାୟିକ ପ୍ରତିଷ୍ଠାନକୁ ଛାଡି ଦେବାକୁ ଦଳ ପକ୍ଷରୁ ଖୋଲାଖୋଲି ନିର୍ଦ୍ଦେଶ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ ବିଏମ୍ସି ଅଧିକାରୀମାନେ ଉଚ୍ଛେଦକାରୀ ଦଳକୁ ଇଙ୍ଗିତ କରୁଛନ୍ତି। ସେହି ନିର୍ଦ୍ଦେଶ ଅନୁଯାୟୀ ବୁଲଡୋଜର ଆଗକୁ ବଢ଼ୁଛି ଆଉ ଘର, ଦୋକାନକୁ ମାଟିରେ ମିଶାଇ ଦେଉଛି। ବିଏମ୍ସିର ଏଭଳି ଏକ ପାତରଅନ୍ତର ଉଚ୍ଛେଦକୁ ଶୁକ୍ରବାର ଦୋକାନୀମାନେ ତୀବ୍ର ବିରୋଧ କରିଛନ୍ତି। ଜଣେ ବିଜେପି ନେତ୍ରୀଙ୍କ ଦୋକାନକୁ ଛାଡ଼ି ଦିଆଯାଇଥିବା ବେଳେ ଦିବ୍ୟାଙ୍ଗଙ୍କ ବ୍ୟବସାୟ ପ୍ରତିଷ୍ଠାନକୁ ବିଏମ୍ସି ପକ୍ଷରୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।

ପୂର୍ବରୁ ଜବରଦଖଲ ଉଚ୍ଛେଦ ବେଳେ ଗୋଟିଏ ଅଞ୍ଚଳରୁ ସମସ୍ତ ଜବରଦଖଲ ହଟାଯାଉଥିଲା। ହେଲେ ଏବେ ସମୟ ବଦଳିଗଲାଣି। ଏବେ ଅଧିକାରୀମାନେ ଜବରଦଖଲ ଉଚ୍ଛେଦ ବେଳେ ନିଜର ମନମାନି କରୁଛନ୍ତି। ନିଜ ଇଚ୍ଛାରେ ଯାହାକୁ ପାରୁଛନ୍ତି ଭାଙ୍ଗୁଛନ୍ତି ଆଉ ଯାହାକୁ ପାରୁଛନ୍ତି ଛାଡି ଦେଉଛନ୍ତି। ମାର୍କେଟ ବିଲ୍ଡିଂରେ ପଛପଟେ ଏକ ପ୍ରମୁଖ ରାଜନୈତିକ ଦଳର ଜଣେ ନେତ୍ରୀଙ୍କ ଚାଲିଆ ହୋଟେଲକୁ ଜାଣି ଜାଣି ଛାଡିଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏଭଳି ପାତରଅନ୍ତର ଉଚ୍ଛେଦକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଦୋକାନୀମାନେ ଏକାଠି ହୋଇ ବିଏମ୍ସିର ଉଚ୍ଛେଦକାରୀ ଦଳକୁ ଘେରି ଯାଇଥିଲେ। ପାତରଅନ୍ତର ଉଚ୍ଛେଦ ବିରୋଧରେ ନାରାବାଜୀ କରିଥିଲେ। ଫଳରେ ବିଏମ୍ସି ଅଧିକାରୀ ଏବଂ ପୁଲିସ୍ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

ମିଳିଥିବା ସୂଚନା ମୁତାବକ ବିଏମ୍ସି କମିସନର୍ କିଛିଦିନ ତଳେ ଉକ୍ତ ଅଞ୍ଚଳକୁ ପରିଦର୍ଶନରେ ଯାଇଥିଲେ। ବିଭିନ୍ନ



ଅସୁବିଧା ଦର୍ଶାଇ ଏଠାରୁ ଜବରଦଖଲ ଉଚ୍ଛେଦ କରିବାକୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ବିଏମ୍ସି ପୁଲିସ ସହାୟତାରେ ଉଚ୍ଛେଦକାର୍ଯ୍ୟ ଆରମ୍ଭ କରିଥିଲା। ଗୋଟିଏ ମୁଣ୍ଡରୁ ଉଚ୍ଛେଦ ହେବା କଥା। ହେଲେ ଏକ ପ୍ରମୁଖ ରାଜନୈତିକ ଦଳର ନାରୀନେତ୍ରୀ ସେହି ରାସ୍ତାରେ ୭ଶହ ବର୍ଗଫୁଟର ସରକାରୀ ଜମିମାଡି ବସି ହେଟେଲ କରିଥିଲେ। ଯାହା ଡ୍ରେନ୍ ଉପରେ ବି ରହିଛି। ହେଲେ ତାଙ୍କ ହୋଟେକୁ ହାତ ମାରି ନ ଥିଲା ବିଏମ୍ସି। ଉକ୍ତ ରାସ୍ତାରେ ଥିବା ଜଣେ ଦିବ୍ୟାଙ୍ଗଙ୍କ ଆସବାବପତ୍ର ମରାମତି ଦୋକାନକୁ ଭାଙ୍ଗି ଦେଇଥିଲେ। ପରେ ମାର୍କେଟବିଲ୍ଡିଂ ପଛ ପଟେଲ ବସ୍ତି ରାସ୍ତାରେ ଆଉ ୪ଜଣଙ୍କ ଦୋକାନ ଭଙ୍ଗା ଯାଇଥିଲା। ଏହି ୪ ଦୋକାନ ମାଲିକମାନେ ୨୦ବର୍ଷ ତଳେ ହୋଇଥିବା ବେଲୁନ ବିସ୍ଫୋରଣର ପୀଡିତ। ଗୋଟିଏ ପଟେ ଦିବ୍ୟାଙ୍ଗ। ଅନ୍ୟପଟେ ନେତ୍ରୀ। ନାରୀନେତ୍ରୀଙ୍କ ଦୋକାନ ରହିଗଲା ଦିବ୍ୟାଙ୍ଗଙ୍କ ହୋଟେଲ ଭାଙ୍ଗିଗଲା। ଯାହାକୁ ନେଇ ବିରୋଧ ହୋଇଥିଲା।

ଜଣେ ଦୋକାନୀ କହିଥିଲେ ରାଜନୈତିତ ଦଳ ସହ ସମ୍ପୃକ୍ତି ନାହିଁ ବୋଲି ଆମ ଦୋକାନ ଭଙ୍ଗାଯିବ। ତାଙ୍କର ରାଜନୈତିକ ଦଳର ସହ ସମ୍ପୃକ୍ତି ରହିଛି ବୋଲି ତାଙ୍କ ହୋଟେଲ ଛଡାଯିବ। ଏହା କି ପ୍ରକାର ଜବରଦଖଳ ଉଚ୍ଛେଦ ବୋଲି ପ୍ରଶ୍ନ କରିଥିଲେ। ତାଙ୍କ ହୋଟେଲ ପ୍ରଥମରୁ ଥିବାରୁ ପ୍ରଥମେ ଭାଙ୍ଗାଯିବ। ପରେ ଆମ ସମସ୍ତେ ଆପେ ଆପେ ହଟିଯିବୁ। ହେଲେ ବିଏମ୍ସି ଅଧିକାରୀଙ୍କ ଉକ୍ତ ହୋଟେଲକୁ ହାତ ମାରିବାକୁ ସାହାସ ହେଲା ନାହିଁ।

ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟସଭାପତି ପ୍ରତାପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚିବାକୁ ବିରୋଧର ସ୍ୱର ବଢ଼ିଥିଲା। ଶ୍ରୀ ସାହୁ କହିଛନ୍ତି ବିଜେପିର ନାରୀନେତ୍ରୀଙ୍କ ହୋଟେଲକୁ ବିଏମ୍ସି ନ ଭାଙ୍ଗି ପାତରଅନ୍ତର କରିଛି। ତେଣୁ ଏଭଳି ପାତରଅନ୍ତର ନୀତି ଚଳିବନି। ଏଭଳି ଆଗକୁ ହେଲେ ଆମେ ବାଧ ହୋଇ ମୁଖ୍ୟମନ୍ତ୍ରୀଙ୍କ ଆବାସ ଘେରାଉ କରିବୁ। ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ୪୦ ନମ୍ବର କର୍ପୋରେଟର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଥଇଥାନ ପରେ ଜବରଦଖଲ ଉଚ୍ଛେଦ କରିବାକୁ କହିଥିଲେ। ହେଲେ ବିଏମ୍ସି ଅଧିକାରୀ ସେମାନଙ୍କ କଥା ନ ମାନିବାକୁ ଶେଷରେ ବିରୋଧର ସମ୍ମୁଖିନ ହୋଇ ଜବରଦଖଲ ବନ୍ଦ କରିଛନ୍ତି।

**■ ଘଟଣାସ୍ଥଳରେ ଉତ୍ତେଜନା, ଚମ୍ପଟ ମାରିଲେ ଅଧିକାରୀ**

**■ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିବେ ଉଠାଦୋକାନୀ**

ଅନ୍ୟପକ୍ଷରେ ଡମଣାଠାରୁ ଶୈଳଶ୍ରୀ ବିହାର ପର୍ଯ୍ୟନ୍ତ ଫଳ ମାର୍କେଟ, ପରିବା ମାର୍କେଟ, ମାଛ ମାର୍କେଟ ଉଚ୍ଛେଦ ସମୟରେ ସେଠାରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟର ସମ୍ପାଦକ ଲଲାଟ କୁମାର ଓଝା ପହଞ୍ଚି ବିଏମ୍ସି ଅଧିକାରୀଙ୍କ ସହିତ ଆଲୋଚନା କରି ଗାଡ଼ି ଫେରାଇଥିଲେ।

# ନ୍ୟାୟ ପାଇଁ ଥାନା ଚାରିପଟେ ବୁଲୁଛି 'ଭୂତ'

ଭୁବନେଶ୍ୱର, ୮।୮ (ସମିସ)

ହତ୍ୟା ମାମଲା ହେଉ ଅବା ସନ୍ଦେହଜନକ ମୃତ୍ୟୁ କିମ୍ବା ଦୁଷ୍କର୍ମ ମାମଲା; ଅଧିକାଂଶ ମାମଲାରେ ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ଏକମାତ୍ର ପ୍ରମାଣ ହେଉଛି ଘଟଣାସ୍ଥଳରୁ ଜବତ ସାମଗ୍ରୀ। କିନ୍ତୁ ପୁଲିସ ଏହି ଜବତ ସାମଗ୍ରୀକୁ ସଠିକ୍ ଢଙ୍ଗରେ ରଖୁନାହିଁ। ବିଶେଷକରି ଥାନା ଠାରୁ ବହୁ ଦୂରରେ ଜବତ ହୋଇଥିବା ଗାଡି ଭିତରେ ରଖାଯାଉଥିବା ବେଳେ ଆଉ କେଉଁଠି ଥାନା ପଛ ପଟରେ ଜରୀ ବ୍ୟାଗ୍‌ରେ ଟାଙ୍ଗି ଦେଉଛନ୍ତି। ଏଭଳି ଅସୁରକ୍ଷିତ ଭାବେ ରଖାଯାଉଥିବା ବେଳେ କୋର୍ଟରେ ରାୟ ପୂର୍ବରୁ ଏହା ନଷ୍ଟ ହେବାର ସମ୍ଭାବନା ରହିଛି। ପ୍ରମାଣ ନଷ୍ଟ ହୋଇ ଯାଉଥିବାରୁ ଦୋଷୀଙ୍କୁ କୋର୍ଟରେ ଦଣ୍ଡ ଦେବାରେ ସମସ୍ୟା ହେବ। ବଡ଼କଥା ହେଲା ଯୁଡି(ଅପମୃତ୍ୟୁ ମାମଲା) ରେ ଜବତ ସାମଗ୍ରୀ ଲୁଗା, ଗାମୁଛ, ଓଢ଼ଣୀ, ଶାଢ଼ି ଏବଂ ଦଉଡି ଇତ୍ୟାଦିକୁ ଦାୟିତ୍ୱରେ ସହ ରଖୁନି। ଡାକ୍ତର ଶବ ବ୍ୟବଚ୍ଛେଦ କରିବା ପରେ ପୁଲିସ ଏହାକୁ ଆଣି ଜରିରେ ଭର୍ତ୍ତି କରି ଥାନା ପଛରେ ଟାଙ୍ଗୁଥିବା ବେଳେ ଅନେକ ଥାନା ଏହାକୁ ଥାନାଠୁ ବହୁ ଦୂରରେ ରଖୁଛନ୍ତି। ଏଭଳି ମଞ୍ଚେଶ୍ୱର ଥାନା ଠାରୁ ଦୂରରେ ଥିବା ଜବତ ଗାଡିରେ ଏହି ସାମଗ୍ରୀ ସବୁ ରଖାଯାଇଛି। ଯାହାକି ନଷ୍ଟ ହେବାର ସମ୍ଭାବନା ରହିବା ସହ ଦୁର୍ଗନ୍ଧ ପୋଡ଼ି ଦେବାର ଅଧିକ ସମ୍ଭାବନା ରହିଛି। କେବଳ ଏହି ଗୋଟିଏ ଥାନା ନୁହେଁ ରାଜଧାନୀରେ ଥିବା ସମସ୍ତ ଥାନାରେ ଏଭଳି ବେପରୁଆ ଭାବେ ଜବତ ସାମଗ୍ରୀ ରଖାଯାଉଛି। ଯେଉଁଥି ପାଇଁ ଅନେକ ମୃତ ବ୍ୟକ୍ତି ନ୍ୟାୟ ପାଇଁ ଥାନା ଚାରିପଟେ ଭୂତ ହୋଇ ବୁଲୁଥିବା କୁହାଯାଉଛି।

ଯୁଡି (ଆତ୍ମହତ୍ୟା) ମାମଲାରେ ଜବତ ସାମଗ୍ରୀ ଥାନାରେ ରଖିବା ଅଶୁଭ ଭାବି ପୁଲିସ ଥାନା ଚାରିପଟେ ଜରିରେ ବାନ୍ଧି ରଖୁଛନ୍ତି। ଯାହାକି ଥାନାର ସୌନ୍ଦର୍ଯ୍ୟ ନଷ୍ଟ କରିବା ସହ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି କରୁଛି। ଯେଉଁଥି ପାଇଁ ଥାନାର କୌଣସି କର୍ମଚାରୀ ଏକାକୀ ଥାନା ପଛକୁ ଯିବାକୁ ଡରୁଛନ୍ତି। ଥାନା ଚାରିପଟେ ଏଭଳି ଜରୀରେ ବନ୍ଧା ହୋଇ ଖୋଲାମେଲାରେ ରହୁଥିବାରୁ ପ୍ରମାଣ ନଷ୍ଟ ହେବାର ଅଧିକ ଆଶଙ୍କା ରହିଛି। ଭବିଷ୍ୟତରେ ପୁଲିସ କୋର୍ଟରେ ଏହି ପ୍ରମାଣ ଦାଖଲ କରିବା ବେଳକୁ ସେଥିରେ କୌଣସି ଚିହ୍ନବର୍ଣ୍ଣ ରହୁନାହିଁ। ଅନେକ ଆତ୍ମହତ୍ୟା ମାମଲାରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଯେଉଁ ସାମଗ୍ରୀ ଦ୍ୱାରା ବ୍ୟକ୍ତି ଆତ୍ମହତ୍ୟା କରିଥିଲେ ତାହାକୁ ପୁଲିସ ଜବତ କରୁଛି। ଡାକ୍ତର ଶବ ବ୍ୟବଚ୍ଛେଦ କରିବା ପରେ ପୁଲିସ ଏହାକୁ ଆଣି ଜରିରେ ଭର୍ତ୍ତି କରି ଥାନା ପଛରେ ଟାଙ୍ଗୁଛି। ଯଦି ବ୍ୟବଚ୍ଛେଦ ରିପୋର୍ଟରେ ହତ୍ୟା ବୋଲି ପ୍ରମାଣ ହେଲା ତେବେ ପୁଲିସ ଜବତ ସାମଗ୍ରୀକୁ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇ ଦେଉଛନ୍ତି। କିନ୍ତୁ ଯଦି ଏହା ଅପମୃତ୍ୟୁ ମାମଲା ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ପ୍ରମାଣ ହୋଇଗଲା, ତାହାକୁ ପୁଲିସ ସେମିତି ଥାନା ପଛରେ ଟାଙ୍ଗି ରଖୁଛି। ଫଳରେ ଏହା ଥାନା ପଛରେ ପଡ଼ି ପଡ଼ି ଖତ ଖାଉଛି।







**■ କୋର୍ଟଙ୍କ ରାୟ ପୂର୍ବରୁ ନଷ୍ଟ ହୋଇଯାଉଛି ପ୍ରମାଣ**
**■ ବେପରୁଆ ଭାବେ ଥାନାଠୁ ଦୂରରେ ରହୁଛି ମୃତକଙ୍କ କପଡ଼ା**
**■ ପୁଲିସକୁ ଅଡୁଆ ପାଲଟିଛି ଯୁଡି ମାମଲାର ଜବତ ସାମଗ୍ରୀ**
**■ ସ୍ୱତନ୍ତ୍ର ଗୃହରେ ରଖା ନ ଯିବାରୁ ନଷ୍ଟ ହେଉଛି ପ୍ରମାଣ**

### ପୁଲିସ ପାଇଁ ଚିନ୍ତା ବଢ଼ାଉଛି ଅଜଣା ଅପମୃତ୍ୟୁ

ଅପମୃତ୍ୟୁ ମାମଲାରେ ଜତବ ସାମଗ୍ରୀକୁ ପୁଲିସ ବାବୁ ଥାନା ଭିତରକୁ ପୂରାଇ ଦେଉନାହାନ୍ତି। ଏହାକୁ ଥାନା ପଛରେ ରଖି ଖତ କରି ଦେଉଛନ୍ତି। କିନ୍ତୁ ଏହା ପୁଲିସ ପାଇଁ ସମସ୍ୟା ପାଲଟିଛି। ଅନେକ ଅପମୃତ୍ୟୁ ମାମଲାରେ ପୁଲିସ ମୃତ ବ୍ୟକ୍ତିଙ୍କ ପରିଚୟ ପାଉନି। ପୁଲିସ ଶେଷରେ ମୃତ ବ୍ୟକ୍ତିଙ୍କ ଶବ ଦାହ କରୁଛି। କିନ୍ତୁ ପରବର୍ତ୍ତୀ ସମୟରେ ମୃତ ବ୍ୟକ୍ତିଙ୍କ ପରିବାର ଥାନାରେ ହତ୍ୟା ଅଭିଯୋଗ କଲେ ପୁଲିସ ଅଡୁଆରେ ପଡୁଛି। କାରଣ ଥାନା ପଛରେ ରଖିଥିବା ଲୁଗାରେ ପାଣି ପଡ଼ି ସବୁ ପ୍ରମାଣ ଧୋଇ ହୋଇ ଯାଉଛି। ଯଦି ଅପରାଧୀ ଦୁଷ୍କର୍ମ କରିବା ପରେ ଜଣେ ମହିଳାଙ୍କୁ ହତ୍ୟା କରୁଛି। ତେବେ ଥାନା ପଛରେ ରହୁଥିବାରୁ ପାଣି ପଡ଼ି ସେଥିରେ କୌଣସି ସାମ୍ପୁଲରୁ ପ୍ରମାଣ ରହୁନାହିଁ। କୋର୍ଟରେ ଏହାକୁ ଦୁଷ୍କର୍ମ ପ୍ରମାଣ କରିବା ପୁଲିସ ପାଇଁ ସମସ୍ୟା ହେଉଛି। ଏହିଭଳି ଅପମୃତ୍ୟୁର ହତ୍ୟା ମାମଲାକୁ ପରିବର୍ତ୍ତନ ହେଉଥିବା ମାମଲା ପୁଲିସ ପାଇଁ ଚିନ୍ତା ବଢ଼ାଉଛି।

### ଡିଜିଟାଲ ଯୁଗରେ କାନ୍ଥରେ ଝୁଲୁଛି ଫାଇଲ

ବର୍ତ୍ତମାନ ଡିଜିଟାଲ ଯୁଗରେ ସମସ୍ତ କାମ କମ୍ପ୍ୟୁଟର ମାଧ୍ୟମରେ ହେଉଛି। ଅପରାଧୀ ଗିରଫ ଠାରୁ ଆରମ୍ଭ କରି ମାମଲା ରୁଜୁ ପର୍ଯ୍ୟନ୍ତ। ଏପରିକି ଥାନାରେ କେଉଁ ଡିସିଓ କେତେବେଳେ ରହୁଛନ୍ତି, ତାହା ମଧ୍ୟ ସିସିଟିଏନ୍ଏସ୍‌ରେ ଅପଲୋଡ କରାଯାଉଛି। କିନ୍ତୁ ଅପମୃତ୍ୟୁ ମାମଲାରେ ପୂର୍ବରୁ ଯେଉଁ ପରମ୍ପରା ଚାଲୁଥିଲା ବର୍ତ୍ତମାନ ତାହା ମଧ୍ୟ ଚାଲୁଛି। ଆତ୍ମହତ୍ୟା କରିଥିବା ଏକାଧିକ ମୃତ ବ୍ୟକ୍ତିଙ୍କ ଫାଇଲ୍ ଥାନା ଭିତରେ ଥିବା କାନ୍ଥରେ ଝୁଲୁଛି। କେଉଁ ବର୍ଷରେ କେତେ ସେଥିରେ ଲେଖା ହେଉଛି। କିନ୍ତୁ ଏବେବି ଅନେକ ଥାନାରେ ସେହି ପରମ୍ପରା ଚାଲିଛି।

# ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଓଡିଆ ଚିତ୍ରଶିଳ୍ପୀ ପୁରସ୍କୃତ



ଭୁବନେଶ୍ୱର, ୮।୮ (ସମିସ): ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ୬୪ ତମ ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଓଡ଼ିଶାର ଯୁବ ଚିତ୍ରଶିଳ୍ପୀ ମାନସ ଦାସ ପୁରସ୍କୃତ ହୋଇଛନ୍ତି। ଲଳିତ କଳା ଏକାଡେମୀ ଦ୍ୱାରା ନିମନ୍ତ୍ରଣ ପାଇ ମଙ୍ଗଳବାର ସେ ଦିଲ୍ଲୀ ଯାଇ ସେଠାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ମାନସ ଦାସଙ୍କର 'ଏ କଲ ଫର ପ୍ରୋଗ୍ରାମ' ଶୀର୍ଷକ ଛବିଟି ରାଷ୍ଟ୍ରର ବଛା ବଛା ଜୁରୀମାନଙ୍କ ଦ୍ୱାରା ଚୟନ କରାଯାଇଥିଲା। ସେହିପରି ଆସନ୍ତା ମାସ ୪ ତାରିଖରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ତାଙ୍କୁ ୨ ଲକ୍ଷ ଟଙ୍କା ଅର୍ଥରାଶି ସହିତ ମାନପତ୍ର ପ୍ରଦାନ କରିବେ ବୋଲି ସୂଚନା ରହିଛି। ମାନସ ଜଣେ ମୂକ ବଧୀର ଚିତ୍ରଶିଳ୍ପୀ ଭାବରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ଓଡ଼ିଶା ମଡ଼ର୍ଣ୍ଣ ଆର୍ଟ ଗ୍ୟାଲେରୀ ଓ କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ତରଫରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି।



**ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣା**

# ପ୍ରେମିକକୁ ତାମିଲନାଡୁରୁ ଧରିଲା ପୁଲିସ୍

ପଟ୍ଟାମୁଣ୍ଡାଇ, ୮।୮ (ସମିସ):

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର କଲେଜ ଛାତ୍ରୀ ପି.ଡି ସଂଗୀତାଙ୍କ ଆତ୍ମାହୁତି ଘଟଣାରେ କେନ୍ଦ୍ରାପଡ଼ା ପୁଲିସ୍ ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରିଛି। ଏହି ଘଟଣାରେ କେନ୍ଦ୍ରାପଡ଼ା ପୁଲିସ୍‌ର ଏକ ଟିମ୍ ସଂଗୀତାଙ୍କ ପ୍ରେମିକ କୁହାଯାଉଥିବା ପଟ୍ଟାମୁଣ୍ଡାଇ ବ୍ଲକ୍ ତେରୋହୀ ଗ୍ରାମର ପ୍ରମୋଦ ବେହେରାଙ୍କୁ ତାମିଲନାଡୁରୁ ଧରିଛି। ଅପରପକ୍ଷେ, ଆଜି ଅପରାହ୍ଣରେ ସାଇଣ୍ଟିଫିକ୍ ଟିମ୍ ସହ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିୟା ଓ ପଟ୍ଟାମୁଣ୍ଡାଇ ମଡେଲ ଥାନା ଆଇଆଇସି କାଠିଆପଡ଼ାରେ ସଂଗୀତାଙ୍କ ଘରେ ପହଞ୍ଚି ତଦନ୍ତ କରିଛି। ଘର ଛାତ ଉପରକୁ ଯିବା ସହ ଶିଡ଼ି ଘର ଓ ଗ୍ରିଲ ନିକଟରେ ପ୍ରମାଣ ଖୋଜିଛନ୍ତି। ଏହାସହ ପୁଲିସ ତାଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ଓ ପଡ଼ୋଶୀଙ୍କ ମତାମତ ସଂଗ୍ରହ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଏହି ଘଟଣା ଉପରୁ ପରଦା ହଟାଇବାରେ ସହାୟକ ହେବ ବୋଲି ଏସପି ଗଣମାଧ୍ୟମକୁ କହିଛନ୍ତି। ସେହିପରି ସଂଗୀତାଙ୍କ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ପୁଲିସ ଘଟଣାସ୍ଥଳକୁ ଆଣି ତଥ୍ୟ ସଂଗ୍ରହ କରିଛି। ସାଇଣ୍ଟିଫିକ ଟିମର ତଦନ୍ତ, ପୋଷ୍ଟମର୍ଟମ ରିପୋର୍ଟ, ଘଟଣାସ୍ଥଳରୁ ସଂଗ୍ରହ କରାଯାଇଥିବା ଫିଙ୍ଗର ପ୍ରିଣ୍ଟ ଓ କେମିକାଲ ଟେଷ୍ଟରୁ ପ୍ରକୃତ ଘଟଣା ଜଣାପଡିବା ସହିତ ପ୍ରକୃତ ଅପରାଧୀ ପାଖରେ ପୁଲିସ ପହଞ୍ଚିପାରିବ ବୋଲି ଏସପି ଓ ତଦନ୍ତକାରୀ ଅଫିସର୍ କହିଛନ୍ତି। ସେପଟେ, ପ୍ରେମିକ ପ୍ରମୋଦ ବେହେରାଙ୍କ ବାପା ଗଣେଶ୍ୱର ବେହେରା, ମା' ଓ ଭଉଣୀ, ଗ୍ରାମବାସୀ ଏହି ଘଟଣାରେ ଭିନ୍ନ ମତ ରଖିଛନ୍ତି। ସଂଗୀତାଙ୍କ ପରିବାରଲୋକ ପ୍ରମୋଦକୁ ଫସାଇ ଦେଇଛନ୍ତି ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି। ପ୍ରମୋଦ ସମ୍ପୂର୍ଣ୍ଣ ନିରୀହ ଓ ତାଙ୍କର ଏଥିରେ କୌଣସି ସମ୍ପୃକ୍ତି ନାହିଁ। ସଂଗୀତାଙ୍କ ଆତ୍ମଦାହ ଓ ମୃତ୍ୟୁ ପାଇଁ ତାଙ୍କ ପରିବାରଲୋକେ ଦାୟୀ ବୋଲି ପ୍ରେମିକଙ୍କ ପରିବାରଲୋକ ଓ କିଛି ଗ୍ରାମବାସୀ କହିଛନ୍ତି।

**ଘଟଣାସ୍ଥଳରେ ଏସ୍‌ପି ଓ ସାଇଣ୍ଟିଫିକ ଟିମ୍‌ର ତନାଘନା**



## ରାଜ୍ୟ ସରକାର ଓ ପୁଲିସ ପ୍ରଶାସନକୁ ଦାୟୀ କଲା ସିପିଆଇଏମ୍

କେନ୍ଦ୍ରାପଡ଼ା: ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ କାଠିଆପଡ଼ା ଗ୍ରାମର ବଡ଼ପଡ଼ା କଲେଜ +୩ ଶେଷ ବର୍ଷର ଛାତ୍ରୀ ପି.ଡ଼ି. ସଙ୍ଗୀତାଙ୍କ ଅପମୃତ୍ୟୁ ପାଇଁ ପୁଲିସ ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ବୋଲି ସିପିଆଇଏମ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଛାତ୍ରୀଙ୍କ ପୁରୁଷ ବନ୍ଧୁ ତାଙ୍କ ନଗ୍ନଚିତ୍ର ଭାଇରାଲ କରିବା ଘଟଣାକୁ ନେଇ ସୁଶ୍ରୀ ସଙ୍ଗୀତା ଗତ ୬ ମାସ ପୂର୍ବେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ଆଣିବା ସତ୍ତ୍ୱେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏଥିରେ ଛାତ୍ରୀ ନିରାଶ ହୋଇ ପ୍ରାଣ ହରାଇଲେ। ଓଡ଼ିଶାର ଅସ୍ମିତା, ନାରୀ ସୁରକ୍ଷା ପାଇଁ ଦିନରାତି ପ୍ରଚାର କରୁଥିବା ରାଜ୍ୟ ବିଜେପି ସରକାରଙ୍କ କାର୍ଯ୍ୟର ଏହା ହିଁ ବାସ୍ତବ ଚିତ୍ର। ଏଥିପାଇଁ ଦାୟୀ ପୁଲିସ ଅଫିସର, ଉଚ୍ଚ ପୁଲିସ କର୍ତ୍ତୃପକ୍ଷ ଓ ପ୍ରଶାସନ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ନାରୀ ସୁରକ୍ଷା ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଇସ୍ତଫା ପ୍ରଦାନ କରିବା ଆବଶ୍ୟକ। ଏଥିସହ ସମ୍ପୃକ୍ତ ଅଧିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ସହ ପୀଡ଼ିତା ପରିବାରକୁ କ୍ଷତିପୂରଣ ଦେବା ପାଇଁ ସିପିଆଇଏମ୍ କେନ୍ଦ୍ରାପଡା ଜିଲ୍ଲା କମିଟି ଦୃଢ ଦାବି କରି ଦାବିପତ୍ର ପ୍ରଦାନ କରିଛି। ଜିଲ୍ଲା ସମ୍ପାଦକ ଗୟାଧର ଧଳ, ବରିଷ୍ଠ ନେତା ଜଗତଜୀବନ ଦାଶ, ନରୋତ୍ତମ ପାର୍ଥସାରଥୀ, କାଳୀପ୍ରସାଦ ନାୟକ, ମାଧବ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଦାବିପତ୍ର ଗ୍ରହଣ କରିଥିଲେ।



## ସମାଜବାଦୀ ପାର୍ଟିର ବିଚାର ବିଭାଗୀୟ ତଦନ୍ତ ଦାବି



କେନ୍ଦ୍ରାପଡ଼ା: ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରି ସମାଜବାଦୀ ପାର୍ଟି କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଭାପତି ଧୀରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାର୍ଟିର ରାଜ୍ୟ ପ୍ରବକ୍ତା ପ୍ରଦୀପ ମିଶ୍ର ସରକାରଙ୍କ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ କଡା ସମାଲୋଚନା କରିଛନ୍ତି। ପଟ୍ଟାମୁଣ୍ଡାଇରେ କଲେଜ ଛାତ୍ରୀ ପିଡି ସଙ୍ଗୀତା ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ସରକାରଙ୍କ ଅପାରଗତାକୁ ଦର୍ଶାଉଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ମାରି ଦିଆଯାଇଛି ତାହାର ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ କରାଯାଉ। ଏହି ପ୍ରତିନିଧି ଦଳରେ କେନ୍ଦ୍ରାପଡ଼ା ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ପାତ୍ର, ମହିଳା ସଭାନେତ୍ରୀ ମିନତୀ ସୁନ୍ଦରାୟଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତି ଥିଲେ।

## ବିଚାର ବିଭାଗୀୟ ତଦନ୍ତ ଦାବିକଲା କମ୍ୟୁନିଷ୍ଟ ପାର୍ଟି



କେନ୍ଦ୍ରାପଡ଼ା: ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ କାଠିଆପଡା ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରୀୟ କମିଟି ସଭ୍ୟ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦକ ବିକାଶ ବେଉରା, ସହସମ୍ପାଦକ ଆଦିକନ୍ଦ ରାଉଳ, ଅନ୍ୟତମ ସହସମ୍ପାଦକ ସୋହାନା ବେଗମ, ଅଖିଳ ଭାରତ ଯୁବ ସଙ୍ଘ ସମ୍ପାଦକ ଜ୍ଞାନରଞ୍ଜନ ବେଉରା, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ମଲିକ, ସଂଯୁକ୍ତା ରାଉତ, ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ଷାବନ୍ଧନ ମାଧ୍ୟମରେ ସଚେତନତା ବାର୍ତ୍ତାଦେଲେ ଛାତ୍ରଛାତ୍ରୀ

ପଟ୍ଟାମୁଣ୍ଡାଇ,୮।୮ (ସମିସ): ଆସନ୍ତାକାଲି ରକ୍ଷାବନ୍ଧନ ଉତ୍ସବ। ଆଜି ଏହି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରି ଭାଇଚାରା ଓ ପରିବେଶ ସଚେତନତା ବାର୍ତ୍ତା ଦେଇଛନ୍ତି ପଟ୍ଟାମୁଣ୍ଡାଇ ଭେଙ୍କଟେଶ୍ୱର ସ୍କୁଲ ଛାତ୍ରଛାତ୍ରୀ। ସ୍କୁଲ ନିର୍ଦ୍ଦେଶକ ଆଡ଼ଭୋକେଟ ସଞ୍ଜୟ ସାହୁଙ୍କ ନିର୍ଦ୍ଦେଶରେ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ରିଙ୍କେଶ୍ୱରୀ ଦାସ, ନମିତା ସୂତାର, ବୀରସେନ ଜେନା, ସୌମ୍ୟରଞ୍ଜନ ପଣ୍ଡା, ଅମିତ ପାତ୍ର, ଜ୍ୟୋତ୍ସ୍ନାରାଣୀ ନାୟକ, ମୋନାଲିସା ରାୟ, ଭକ୍ତରଞ୍ଜନ ମହାନ୍ତି, ମଧୁସ୍ମିତା ଗିରି, ଶୁଭସ୍ମିତା ସାମଲ, ବିଶ୍ୱଜିତ ପରିଡ଼ା, ସୁପ୍ରିୟା ନନ୍ଦୀ, ଆଶାଲତା ମଲ୍ଲିକ, ଇତିଶ୍ରୀ ପଣ୍ଡା ପ୍ରମୁଖ ପିଲାଙ୍କୁ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ, ଥାନା, ବ୍ଲକ, ତହସିଲ, ମ୍ୟୁନିସିପାଲିଟି, ଡାକ୍ତରଖାନା ଓ କୋର୍ଟକୁ ଯାଇ ବିଭିନ୍ନ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ହାତରେ ରାଖୀ ବାନ୍ଧିବା ସହିତ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ, ପ୍ଲାଷ୍ଟିକ ଦ୍ରବ୍ୟ ବର୍ଜନ, ନିରୋଗ ହେବା ପାଇଁ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ବଜାୟ ରଖିବାକୁ ଅନୁରୋଧ କରିଥିଲେ।

## ବାଘୁଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ସାଂସଦଙ୍କ ପଦକ୍ଷେପ

ପଟ୍ଟାମୁଣ୍ଡାଇ,୮।୮ (ସମିସ): ପେଣ୍ଟପାଳ ପଞ୍ଚାୟତ କୋଳଥିଆ ଗ୍ରାମ ନିକଟ ବାଘୁଆ ନାଳ ପାର ହୋଇ ଚାଷୀ ବହୁ କଷ୍ଟରେ ଭେଡ଼ାରେ ଥିବା ଚାଷ ଜମିକୁ ଯାଇଥା'ନ୍ତି। ଫଳରେ ଅଞ୍ଚଳବାସୀ ଓ ଚାଷୀ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗ କରିଆସୁଥିଲେ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ବିଶ୍ୱାଳ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଚିଠି ଲେଖି ବାଘୁଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ସାଂସଦ ସ୍ଥାନୀୟ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବାଘୁଆ ନାଳ ଉପରେ ପୋଲ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ସରକାର ଓ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀଙ୍କୁ ପତ୍ର ଲେଖି ପରାମର୍ଶ ଦେଇଥିବା ଜଣାପଡ଼ିଛି।

## ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରକ୍ଷାବନ୍ଧନ ଉତ୍ସବ

ରାଜକନିକା,୮।୮ (ସମିସ): ରାଜକନିକା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକଙ୍କୁ ଏ ଅବସରରେ 'ମୋ ରାଜା ଭାଇ' ଅଭିଯାନରେ ରକ୍ଷାବନ୍ଧନ କରାଯାଇଛି। ଚେରଣ୍ଟପଡାସ୍ଥ ଅନୁଷ୍ଠାନର ସଦଭାବନା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜକନିକା ମୁଖ୍ୟ ବ୍ରହ୍ମାକୁମାରୀ ଲୀନା ଭଉଣୀ, ଲିଜା ଭଉଣୀ, ଅଲିଭା ଭଉଣୀ, ବ୍ରହ୍ମକୁମାର କଳ୍ପତରୁ ଭାଇ, ଶରତ ଭାଇ, ବଟ ଭାଇ, ବ୍ରହ୍ମକୁମାରୀ ଡଲି ଭଉଣୀ, ସୁନୀତା ଭଉଣୀ, ଧରିତ୍ରୀ ଭଉଣୀ ପ୍ରମୁଖ ଯୋଗ ଦେଇଥିଲେ।

## ତୁଷାରକାନ୍ତଙ୍କୁ ଆଦିକଳା ସମ୍ମାନ

ମାଳିପୁର,୮।୮ (ସମିସ): ବଳଭଦ୍ରପୁର ପଞ୍ଚାୟତ ଖର୍ଦ୍ଦାପାଟଣା ଗ୍ରାମର ତୁଷାରକାନ୍ତ ବେହେରାଙ୍କୁ ଆଦିକଳା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସାଂସ୍କୃତିକ ଉନ୍ନୟନ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି। ସଫଳ ମଞ୍ଚ ଅଭିନେତା ଓ ସଫଳ ମଞ୍ଚ ନିର୍ଦ୍ଦେଶକ ଭାବେ ତୁଷାରକାନ୍ତଙ୍କୁ ଏହି ସମ୍ମାନ ମିଳିଛି। ସାଂସ୍କୃତିକ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡଃ ଷ୍ଟାଲିନ ପରିଜାଙ୍କ ଅଧ୍ୟକ୍ଷତାରେ ପୁରୀରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ଶରତ ମହାନ୍ତି ଯୋଗଦେଇ ତୁଷାରକାନ୍ତ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ।

**■ ଛାତ୍ରୀ ଓ ନାରୀ ନିର୍ଯାତନାର ପ୍ରତିବାଦ**

# ଯୁବ ବିଜେଡି ପକ୍ଷରୁ ଏସ୍‌ପିଙ୍କୁ ସ୍ମାରକପତ୍ର

କେନ୍ଦ୍ରାପଡ଼ା,୮।୮ (ସମିସ): ଛାତ୍ରୀ ଓ ନାରୀ ନିର୍ଯାତନା ବିରୋଧରେ ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ଦିଆଯାଇଛି। ଗତ କିଛିଦିନ ମଧ୍ୟରେ ରାଜ୍ୟର ଛାତ୍ରୀ ଓ ନାରୀ ଯେପରି ନିର୍ଯାତନାର ଶିକାର ହେଉଛନ୍ତି, ତାହା ରାଜ୍ୟର ସମଗ୍ର ଛାତ୍ର ସମାଜକୁ ସ୍ତମ୍ଭୀଭୂତ କରିଛି। ଅସଦାଚରଣ, ଅପହରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଆଦି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ହେଉଛି। ନିୟମିତ ଭାବେ ଏଭଳି ହୃଦୟ ବିଦାରକ ଘଟଣା ଲୋକଲୋଚନକୁ ଆସୁଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି। ଯେଉଁ କାରଣରୁ ଛାତ୍ରୀ ଓ ମହିଳା ଏକୁଟିଆ ଘରୁ ବାହାରିବାକୁ ନିରାପଦ ମଣୁନାହାନ୍ତି। ଏ ପରିପ୍ରେକ୍ଷୀରେ ଜିଲ୍ଲା ଯୁବ ବିଜେଡି ସଭାପତିଙ୍କ ନେତୃତ୍ୱରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୋପାଳପୁର ବିଚ୍‌ରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ଏଫଏମ୍ କଲେଜ ବାଲେଶ୍ୱରରେ ଛାତ୍ରୀଙ୍କ ଆତ୍ମଦାହ ଘଟଣା, ବଳଙ୍ଗାରେ ନାବାଳିକାକୁ ଜିଅନ୍ତା ଜାଳିଦେବା, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ କାଠିଆପଡା ଗ୍ରାମରେ ବଡପଡା ମହାବିଦ୍ୟାଳୟ +୩ କଳା ଛାତ୍ରୀ ସୁଶ୍ରୀ ପି.ଡି ସଙ୍ଗୀତା ନିଜ ଦେହରେ ନିଆଁ ଲଗାଇ ଆତ୍ମଦାହ କରିଥିବାର ଘଟଣା ଆଉଏକ ଆଲୋଡନ ସୃଷ୍ଟି କରିଛି। ଗତ ୬ ତାରିଖରେ ଘଟିଥିବା ଏହି ଘଟଣା ତାଙ୍କ ପ୍ରତି ହେଉଥିବା ମାନସିକ ନିର୍ଯାତନାର ଦୁଃଖଦ ପରିଣତି ବୋଲି ଛାତ୍ରୀଙ୍କ ପିତା ଶଶୀକାନ୍ତ ପରିଡା ଅଭିଯୋଗ କରିବା ସହ ସମ୍ପୃକ୍ତ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ କରିବା ହେତୁ ତାଙ୍କ ଝିଅର ଜୀବନ ଗଲା ବୋଲି ଦର୍ଶାଇଛନ୍ତି। ବିଜେପି ସରକାରରେ ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ବହୁ ଦୁଷ୍କର୍ମ ଓ ନିର୍ଯାତନ ଅଭିଯୋଗ ଆସିଛି। ୨୦୨୪ ସେପ୍ଟେମ୍ବର ୧୭ରେ ନବରଙ୍ଗପୁର ତେନ୍ତୁଳିଖୁଣ୍ଟିରେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା, ସେପ୍ଟେମ୍ବର ୨୨ରେ ଭରତପୁର ପୁଲିସ ଷ୍ଟେସନରେ ମହିଳାଙ୍କୁ ଦୁର୍ବ୍ୟବହାର, ଅକ୍ଟୋବର ୨୩ରେ କୁଚିଣ୍ଡାରେ ଦଳିତ ନାବାଳିକାକୁ ଗଣଦୁଷ୍କର୍ମ, ୨୦୨୫ ମେ' ୩ରେ କୋରାପୁଟ ଲମତାପୁଟରେ ଥିବା ଅନୁସୂଚିତ ଜାତି ଓ ଜନଜାତି ସ୍କୁଲରେ ନାବାଳିକାକୁ ଦୁଷ୍କର୍ମ, ଜୁନ୍ ୧୭ରେ କେନ୍ଦୁଝର ତେନ୍ତଳାପଶିରେ ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ଓ ହତ୍ୟା, ଜୁନ୍ ୨୪ରେ ବ୍ରହ୍ମପୁରରେ ବିଜେପିର ଜଣେ ସକ୍ରିୟ ସଦସ୍ୟ ତଥା ହୋମିଓପାଥି ଡାକ୍ତରଙ୍କ ଦ୍ୱାରା ନାବାଳିକ ଦୁଷ୍କର୍ମର ଶିକାର, ଜୁଲାଇ ୨୨ରେ ମାଲକାନଗିରିରେ ଗୋଟିଏ ଦିନରେ ଦଳିତ ନାବାଳିକାକୁ ପ୍ରଥମେ ୩ ଜଣ ଗଣଦୁଷ୍କର୍ମ କରିବା ପରେ ଦ୍ୱିତୀୟ ଥର ଟ୍ରକ୍ ଡ୍ରାଇଭର ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିବା ଘଟଣା ଘଟିଛି। ଉପରୋକ୍ତ ସମସ୍ତ ଘଟଣାର ତ୍ୱରିତ ତଦନ୍ତ କରାଯାଇ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ଓ ଦୋଷୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଯୁବ ବିଜେଡି ପକ୍ଷରୁ ଦାବି କରାଯାଇଛି।



## ତ୍ରିରଙ୍ଗା ଯାତ୍ରା ପାଇଁ ବିଜେପିର ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୮।୮ (ସମିସ): ସ୍ୱାଧୀନତା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ପଟ୍ଟାମୁଣ୍ଡାଇରେ ତ୍ରିରଙ୍ଗା ଶୋଭାଯାତ୍ରା ପାଇଁ ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ନଗର ବିଜେପି ସଭାପତି ଅଶୋକ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କେନ୍ଦ୍ରାପଡ଼ା ବିଜେପି ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ, ପୂର୍ବତନ ନଗର ସଭାପତି ପଦ୍ମନାଭ ପଣ୍ଡା, ବରିଷ୍ଠ ବିଜେପି ନେତା ପୀତାମ୍ବର କର, ମିଟୁ ମନୋଜ ନାୟକ, ଉତ୍ତମ ମଲିକ, ରବୀନ୍ଦ୍ର ବିଶ୍ୱାଳ, ପ୍ରମୋଦ ସାହୁ, ଗୋଲେଖ ମଲିକ, ରତ୍ନାକର ଗିରି, ଗିରିଜା ମଲିକ, ମନୋଜ ସ୍ୱାଇଁ, ନାରୀନେତ୍ରୀ ସବିତା ନାୟକ, ଅନୁସୟା ଲେଙ୍କା, ଶର୍ମିଷ୍ଠା ପାତ୍ର ପ୍ରମୁଖ ଯୋଗଦେଇ ପୌରାଞ୍ଚଳର ୨୦ଟି ୱାର୍ଡରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯିବାକୁ ନିଷ୍ପତ୍ତି ନେଇଥିଲେ।



## ପୁନର୍ବାସ ପକ୍ଷରୁ ଯୌନ ଶୋଷଣ ନିରୋଧ ସଚେତନତା ସଭା

କେନ୍ଦ୍ରାପଡ଼ା,୮।୮ (ସମିସ): ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତା ମହିଳାଙ୍କୁ ସୁସ୍ଥ ଓ ନିରାପଦ କର୍ମ ପରିବେଶ ଯୋଗାଇ ଦେବା ଉଦ୍ଦେଶ୍ୟରେ ପୋସ୍ ଆଇନ- ୨୦୧୩ର ପ୍ରଣୟନ କରାଯାଇଛି। ଏହି ଯୌନଶୋଷଣ ନିରୋଧ ଆଇନରେ ରହିଥିବା ପ୍ରତିରୋଧଗତ, ବ୍ୟବସ୍ଥାଗତ ଓ ପ୍ରତିକାରଗତ ଦିଗ ଉପରେ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘର ପ୍ରାକ୍ତନ ଉପସଭାପତି ତଥା ବରିଷ୍ଠ ଆଡ଼ଭୋକେଟ୍ ସୁଶ୍ରୀ ନାୟକ ଆଲୋକପାତ କରିଥିଲେ। ଜିଲ୍ଲାରେ ଭିନ୍ନକ୍ଷମଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତୀକରଣ ଦିଗରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ମାଧପୁରସ୍ଥ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ରିହାବିଲିଟେସନାଲ୍ ଷ୍ଟାପ୍ ଓ ସହାୟକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ସାମ୍ପ୍ରତିକ ସମୟରେ ଦେଖାଯାଉଥିବା ବିଭିନ୍ନ ଯୌନ ଉତ୍ପୀଡ଼କ ସମସ୍ୟାର ଉତ୍‌ଥାପନ ପୂର୍ବକ ଏହାର ଆଇନଗତ ଅଧିକାର ସମ୍ପର୍କିତ ଅନୁସନ୍ଧିତ୍ସା ଦୂର କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ପରିଚାଳନାରେ ଏହି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଥେରାପିଷ୍ଟ ସୁନୀଲ କୁମାର, ରଚିତା ଜେନା, ଗୁଞ୍ଜନସ୍ମିତା ବେହେରା, ସାଇଶ୍ରିତା ମେକାପ, ଥେରାପିଷ୍ଟ କମଳକାନ୍ତ ବିଶ୍ୱାଳ, ପ୍ରଶିକ୍ଷିତା ଥେରାପିଷ୍ଟ ମଧୁସ୍ମିତା ପଣ୍ଡା, ସ୍ୱତନ୍ତ୍ର ଶିକ୍ଷା ପ୍ରଶିକ୍ଷିକା ଶିବାନୀ ଭୋଳ, ପ୍ରୋଜେକ୍ଟ ସୁପରଭାଇଜର ସଂଜୀବ ଜେନା, କୋଷାଧ୍ୟକ୍ଷ ଓ ସଂଯୋଜକ ବିଭବ ମହାନ୍ତି, ସହାୟକ ଷ୍ଟାପ୍ ଗାୟତ୍ରୀ ପୃଷ୍ଟି, ରଞ୍ଜନ ସ୍ୱାଇଁ, ସଂଗ୍ରାମ ନାୟକ, ପ୍ରଫୁଲ୍ଲ ସାମଲ, ମିହିର ବାରିକ, ଦୀପକ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ପାକିସ୍ତାନ ଟୋପି ପିନ୍ଧିଥିବା ବ୍ୟକ୍ତିଙ୍କୁ ଧରିଲା ପୁଲିସ



ରାଜନଗର,୮।୮ (ସମିସ): ରାଜନଗର ବ୍ଲକ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ପାକିସ୍ତାନ ଟୋପି ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କୁ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଏଭଳି ବ୍ୟକ୍ତିଙ୍କୁ ଦେଖି ତାଲଚୁଆ ସାମୁଦ୍ରିକ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ତାଲଚୁଆ ଘାଟ ନିକଟରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲେ। ବୋଟରେ ଧାମରା ପଟରୁ ଆସି ତାଲଚୁଆ ଘାଟରେ ଓହ୍ଲାଇଥିବା ଅନୱାର ଖାଁର ପରିଚୟ ଜାଣିବାକୁ ପୁଲିସ ଉଦ୍ୟମ କରିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ଭଦ୍ରକ ଜିଲ୍ଲା ବାସୁଦେବପୁର ଏନଏସି ଅଞ୍ଚଳର ବୋଲି ସେ ପ୍ରକାଶ କରିବା ପରେ ପୁଲିସ ତାଙ୍କ ଘର ସହ ଯୋଗାଯୋଗ କରିଥିଲା। ତାଙ୍କ ଘରୁ ଫଟୋ ପରିଚୟପତ୍ର ଓ ଆଧାରକାର୍ଡ ପୁଲିସ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ିଥିଲା। ଅନୱାରଙ୍କ ମୁଣ୍ଡ ଦୋଷ ଅଛି ବୋଲି ପରିବାର ଲୋକ ପୁଲିସକୁ କହିଥିଲେ। ସମସ୍ତ ବିଷୟକୁ ତର୍ଜମା କରି ଅନୱାରଙ୍କୁ ଛାଡ଼ିଦିଆଯାଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଯୁବକ ଗୁରୁତର

ଡେରାବିଶ, ୮।୮ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର କାକଟିଆ ଛକରେ ଆଜି ଅପରାହ୍ନରେ ତେଲ ଟ୍ୟାଙ୍କର ସହ ଏକ ବାଇକ୍ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବାଇକ୍ ଆରୋହୀ ଜିତୁ ଦାସ। ତାଙ୍କ ଘର କେନ୍ଦ୍ରାପଡ଼ାର କଜଳା ଅଞ୍ଚଳରେ ହୋଇଥିବା ସୂଚନା ମିଳିଛି। ଜିତୁ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ କେନ୍ଦ୍ରାପଡ଼ାରୁ କଟକକୁ ଏକ ତେଲ ବୋଝେଇ ଟ୍ୟାଙ୍କର ଯାଉଥିଲା। କାକଟିଆ ଛକରେ ବାଇକ୍‌ଟି ଟ୍ୟାଙ୍କରକୁ ଅତିକ୍ରମ କରିବା ବେଳେ ପଛଚକା ତଳକୁ ପଶିଯାଇଥିଲା। ଜିତୁଙ୍କ ଗୋଡ଼ ଓ ହାତ ଭାଙ୍ଗିଯାଇ ସେ ଗୁରୁତର ହୋଇପଡ଼ିଥିଲେ। ନିଶ୍ଚିନ୍ତକୋଇଲି ଅଗ୍ନିଶମ କର୍ମଚାରୀଙ୍କ ଯୁବକଙ୍କୁ ନିଶ୍ଚିନ୍ତକୋଇଲି ମେଡ଼ିକାଲକୁ ପଠାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

**ପଞ୍ଚୁପାଣ୍ଡବ ଛକରେ ଡ୍ରେନ୍ ଖୋଳାଯିବା ଘଟଣା**

# ଖାଲକୁ ପୋତି ସମାନ କଲେ ଠିକାଦାର

ପଞ୍ଚୁପାଣ୍ଡବ,୮।୮ (ସମିସ):



ପାରାଦୀପ-ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକଠାରେ ଚାଲିଥିବା ରାସ୍ତାକାମ ପାଇଁ ଯାତାୟାତ କରିବା ସମସ୍ୟା ହେଉଥିବା ଅଭିଯୋଗ ହୋଇଥିଲା। ଏହି ରାସ୍ତା ପାର୍ଶ୍ୱରେ ଏକ ଡ୍ରେନ୍ ତିଆରି ପାଇଁ ଠିକାଦାର ମାସେ ପୂର୍ବରୁ ଖାଲ ଖୋଳିଦେଇ କାମ ନ କରି ବିଳମ୍ବ କରୁଥିବା ଦେଖିବାକୁ ମିଳିଥିଲା। ଏ ଖବର ଗୁରୁବାର ଦିନ 'ସକାଳ' ଖବରକାଗଜରେ ପ୍ରକାଶ ପାଇବା ପରେ ଠିକାଦାର ତୁରନ୍ତ ରାସ୍ତା ପାର୍ଶ୍ୱର୍ ଦୋକାନ ଆଗରେ ହୋଇଥିବା ଡ୍ରେନ୍‌କୁ ପୋତି ଦେଇଥିବା ଦେଖିବାକୁ ମିଳୁଛି।

**ସକାଳ ପ୍ରଭାବ**

ପଞ୍ଚୁପାଣ୍ଡବ ଛକ ନିକଟରେ ପ୍ରାୟ ମାସ ଧରି ଖାଲ ହୋଇଥିବାରୁ ଲୋକମାନେ ଓ ସ୍ଥାନୀୟ ଦୋକାନୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ଏହି ଖାଲ ହୋଇଥିବା ଜାଗାରେ ଅଜଣା ଲୋକ ପଡ଼ି ଆହତ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ରାସ୍ତା ଦେଇ ବିଭିନ୍ନ ଗାଡ଼ି ଓ ଦୁଇଟି ସରକାରୀ ବସ୍ ଯାତାୟାତ କରୁଛି। ଏହି ରାସ୍ତାରେ ଏଣ୍ଡର, ଓଳକଣା, ଗୌଡଗୋପ, ଏରକଣା ଓ ଇଟାମୁଣ୍ଡୁଳୀକୁ କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଲୋକମାନେ ଯାତାୟାତ କରୁଥିବାବେଳେ କୁସୁନପୁର ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯାତାୟାତ କରୁଛନ୍ତି। ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବାବେଳେ କେତେକ ବ୍ରିଜ ତଳେ ବର୍ଷା ପାଣି ଜମି ରହୁଥିବାବେଳେ କେତେକ ଜାଗାରେ ମାସ ମାସ ଧରି ଖାଲ ଖୋଳିଦେଇ କାମରେ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟରେ ଲୋକେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। କେତେକ ଜାଗାରେ କେନାଲ ମୁହଁକୁ ପୋତିଦେଇଥିବାରୁ ଚାଷୀ ଚାଷ କରିବାରେ ହଇରାଣ ହେଉଛନ୍ତି। ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଠିକାଦାର ନିମ୍ନମାନର କାମ କରୁଥିବା ଓ ଦାୟିତ୍ୱହୀନତା ଭଳି କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପଞ୍ଚୁପାଣ୍ଡବ ଛକରେ ଖରା ଓ ବର୍ଷାରେ ଲୋକଙ୍କ ଠିଆ ହେବାକୁ ବ୍ୟବସ୍ଥା ନାହିଁ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଠିକାଦାର ଶୁଣୁ ନ ଥିବା ଅଭିଯୋଗ ହୋଇଥିଲା। 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଲା ପରେ ଠିକାଦାରଙ୍କ ଚେତା ପସିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖାଲକୁ ଠିକାଦାର ପୋତି ଦେଇଥିବାରୁ ସ୍ଥାନୀୟ ଲୋକେ ଓ ଦୋକାନୀ 'ସକାଳ' ଖବରକାଗଜକୁ ସାଧୁବାଦ ଜଣାଇଛନ୍ତି।



## ୭ ଜୁଆଡ଼ି ଗିରଫ; ୬୧ହଜାର ଟଙ୍କା ଜବତ



ବ୍ରହ୍ମପୁର,୮ ।୮ (ସମିସ): ଗୁରୁବାର ରାତିରେ ଚିକିଟି ଧାନଘର ରୋଡ ସ୍ଥିତ ଏକ ଘରେ ଚାଲିଥିବା ଜୁଆଆଡ୍ଡା ଉପରେ ଚିକିଟି ଫାଣ୍ଡି ପୁଲିସ ପକ୍ଷରୁ ଅତର୍କିତ ଚଢଉ କରି ୭ଜଣ ଜୁଆଡ଼ିଙ୍କୁ କାବୁ କରାଯାଇଛି। ଘଟଣା ସ୍ଥଳରୁ ପୁଲିସ ନଗଦ ୬୧ହଜାର ୨୭୦ଟଙ୍କା ସହ ତାସ କାଟା ଜବତ କରିଛି। ଫାଣ୍ଡି ଅଧିକାରୀ ଗୌତମ ସାହୁ ଦାୟିତ୍ୱ ଗ୍ରହଣ କରିବା ପରେ ସମ୍ପୃକ୍ତ ଅଞ୍ଚଳରେ ପେଟ୍ରୋଲିଂ କଡାକଡି କରିଥିବା ସାଧାରଣରେ ଆଲୋଚନା ହେଉଛି।

## ଚୋରକୁ ଗଛରେ ବାନ୍ଧି ନିର୍ଦ୍ଧୁମ୍ ମାଡ଼



ବ୍ରହ୍ମପୁର,୮ ।୮ (ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ବ୍ରହ୍ମପୁର ୧୦ନମ୍ବର ୱାର୍ଡ ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ମେଣ୍ଟୁ ଛକରେ ରବି ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ ଘରେ ପଶି ଚୋରି କରୁଥିବା ବେଳେ ଚୋରକୁ କାବୁ କରିଥିଲେ ସ୍ଥାନୀୟ ଲୋକେ। ଚୋରକୁ ନିକଟରେ ଥିବା ଏକ ଗଛରେ ବାନ୍ଧି ନିର୍ଦ୍ଧୁମ ମାଡ ମାରିବା ପରେ ବଡବଜାର ଥାନାରେ ଜିମା ଦେଇଥିଲେ। ଚୋର ଜଣକ ପୁରୁଣା ବ୍ରହ୍ମପୁର ପାଣ୍ଡବ ନଗର କହ୍ନେଇ ବୋଲି ଜଣାପଡ଼ିଛି।

● ୫କୋଟି ଠକେଇ ମାମଲା

## ବିଲ୍ଡର ଚେତନଙ୍କ ଜାମିନ ଖାରଜ

ବ୍ରହ୍ମପୁର,୮ ।୮ (ସମିସ): ଗୋଷାଣିନୁଆଗାଁ ଥାନା ଅଞ୍ଚଳରେ ଥିବା ସାଧ୍ୱୀ କନଷ୍ଟ୍ରକସନ ମାଲିକ ଚେତନ ଚୌଧୁରୀ(୪୩)ଙ୍କୁ ବହୁକୋଟି ଟଙ୍କା ଠକେଇ ମାମଲାରେ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ସେ ବ୍ରହ୍ମପୁର ଜେଲରେ ବିଚାରଧୀନ ବନ୍ଦୀ ଭାବେ ଅଛନ୍ତି।



ତାଙ୍କ ଜାମିନ ପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ କୋର୍ଟରେ ଆବେଦନ କରାଯାଇଥିଲା। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ରଜତ କୁମାର ଦାଶ ଉକ୍ତ ଜାମିନ ଆବେଦନର ଦୃଢ଼ ବିରୋଧ କରିଥିଲେ। ଅଭିଯୁକ୍ତ ଚେତନଙ୍କ ନାମରେ ପୂର୍ବରୁ ଏଭଳି ଅନେକ ଠକେଇ ମାମଲା ରହିଥିବା ପୋଲିସ ପକ୍ଷରୁ ଦାଖଲ ହୋଇଥିବା କେସ ଡାଏରୀରେ ଉଲ୍ଲେଖ ରହିଛି। ବିଚାରପତି ଜ୍ଞାନେନ୍ଦ୍ର କୁମାର ବାରିକ ଉକ୍ତ ଜାମିନ ଆବେଦନକୁ ଖାରଜ କରିଦେଇଥିବା ଏପିପି ରଜତ ଦାଶ ସୂଚନା ଦେଇଛନ୍ତି।

● ନାବାଳକ ପୁତୁରା ସହ ଅପ୍ରାକୃତିକ ଯୌନସମ୍ପର୍କ ମାମଲା

## ଅଭିଯୁକ୍ତ ପିଉସାକୁ ୨୦ବର୍ଷ ଜେଲ୍

ବ୍ରହ୍ମପୁର,୮ ।୮ (ସମିସ): ଜଣେ ନାବାଳକ ସହ ଅପ୍ରାକୃତିକ ଯୌନସମ୍ପର୍କ ମାମଲାରେ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଜଜ୍ ପ୍ରଣତୀ ପଟ୍ଟନାୟକ। ଅଭିଯୁକ୍ତ ଜଣକ ହେଲେ ଲାଞ୍ଜିପଲ୍ଲୀ ଉମାନଗର ୫ମ ଲାଇନ ନିବାସୀ ନିତ୍ୟାନନ୍ଦ ପାତ୍ର(୫୭)। ଜେଲଦଣ୍ଡ ସହ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟ ଅତିରିକ୍ତ ୧ବର୍ଷ ସଶ୍ରମ କାରଦଣ୍ଡ ଭୋଗିବାକୁ ରାୟରେ ସ୍ପଷ୍ଟ କରାଯାଇଛି। ସେହିପରି ପୀଡ଼ିତଙ୍କୁ ୫୦ହଜାର ଟଙ୍କାର ସହାୟତା ପ୍ରଦାନ କରିବାକୁ କୋର୍ଟ ଆଇନସେବା ପ୍ରାଧିକାରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ପ୍ରକାରେ ପୀଡିତ ନାବାଳକ(୧୬)ଙ୍କ ପରିବାର ସହ ଅଭିଯୁକ୍ତ ନିତ୍ୟାନନ୍ଦଙ୍କ ସମ୍ପର୍କ ରହିଛି। ନାବାଳକ ଓ ତାଙ୍କ ପରିବାର ଲୋକେ ନିତ୍ୟାନନ୍ଦଙ୍କ ଘରକୁ ଯାତାୟତ କରୁଥିଲେ। ୨୦୨୨ ସେପ୍ଟେମ୍ବର ୧୭ରେ ନିତ୍ୟାନନ୍ଦ ସମ୍ପୃକ୍ତ ନାବାଳକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତାଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ ରଖିଥିଲେ। ଘଟଣା ବିଷୟରେ ପରିବାର ଲୋକଙ୍କୁ ଜଣାଇଲେ ଉଭୟଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବାକୁ ଓ ମାରି ଦେବାକୁ ଧମକ ଦେଉଥିଲେ। ବାରମ୍ବାର ନିର୍ଯାତନା ପରେ ନାବାଳକ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ଚିକିତ୍ସା କରିଥିଲେ ହେଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନଥିଲା। ପରିବାର ଲୋକେ ନାବାଳକଙ୍କୁ ପଚାରିବାରୁ ସେ ସବୁ କଥା ନିଜ ମା'ଙ୍କୁ କହିଥିଲେ। ପରେ ପରିବାର ଲୋକେ ନିତ୍ୟାନନ୍ଦଙ୍କୁ ପଚାରିବାରୁ ସେ ଓଲଟା ଧମକ ଦେଇଥିଲେ। ଫଳରେ ୨୦୨୩ ଫେବୃଆରୀ ୧୭ରେ ନାବାଳକଙ୍କ ପରିବାର ଲୋକେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ନିତ୍ୟାନନ୍ଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ସେ ଜେଲ୍‌ରେ ଥିଲେ।

ମାମଲାର ତଦନ୍ତ କରୁଥିବା ଏସଆଇ ବିଭୂତି ଭୂଷଣ ସେଠୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ବିଚାରଣା ବେଳେ ମୋଟ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଏବଂ ସାକ୍ଷୀଙ୍କ ବୟାନ ଆଧାରରେ ତଥା ଉପଯୁକ୍ତ ପ୍ରମାଣଥିବା ଦର୍ଶାଇ କୋର୍ଟ ଶୁକ୍ରବାର ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

**ଆଇନରୁ ଉର୍ଦ୍ଧ୍ୱରେ କି ଆମ୍ବପୁଆ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ?**

# ନାହାନ୍ତି ମାତୃଭାଷା ଓଡ଼ିଆ ଶିକ୍ଷକ; ପିଲାଙ୍କ ପାଠପଢ଼ା ଠପ୍

ବ୍ରହ୍ମପୁର,୮ ।୮ (ସମିସ)




ଓଡ଼ିଶାରେ ମାତୃଭାଷା 'ଓଡ଼ିଆ'କୁ ଅଣଦେଖା ଅଭିଯୋଗ। ଏଭଳି ଅଭିଯୋଗ ଆସିଛି ସ୍ଥାନୀୟ ଆମ୍ବପୁଆ ସ୍ଥିତ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବିରୋଧରେ। ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଓଡିଆ ବିଷୟରେ ପାଠପଢା ହେଉଛି। ହେଲେ ଗତ କିଛିମାସ ହେଲା ବିଦ୍ୟାଳୟରେ ଜଣେ ମଧ ଓଡିଆ ଭାଷା ଶିକ୍ଷାଦାନ କରିବାକୁ

● ଛାତ୍ରଛାତ୍ରୀଙ୍କ ପରିବହନବେଳେ କୋର୍ଟ ନିର୍ଦ୍ଦେଶକୁ ଅବମାନନା
● ଦାବି ପୂରଣ ପାଇଁ 'ଓଡିଆ ଭାଷା ଆନ୍ଦୋଳନ' ପକ୍ଷରୁ ମାସେ ମହଲତ

ଶିକ୍ଷକ ନଥିବା ଜଣାପଡିଛି। ଗୋଟିଏ ପଟେ ଓଡିଆ ଅସ୍ମିତାର ଦ୍ୱାହି ଦେଉଥିବା ଡବଲ ଇଂଜିନ ସରକାରଙ୍କ ଏଭଳି ବୈମାତୃକ ମନୋଭାବକୁ ନେଇ ଉଠିଛି ପ୍ରଶ୍ନ। ବିଦ୍ୟାଳୟରେ ଓଡିଆ ବିଷୟ ପାଇଁ ସ୍ୱତନ୍ତ୍ର ଜଣେ ଶିକ୍ଷକ ନଥିବା ବେଳେ ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ କିଏ ଶିକ୍ଷାଦାନ କରୁଛି ଓ ପିଲାମାନେ କିଭଳି ପାଠପଢି ପରୀକ୍ଷା ଦେଉଛନ୍ତି ତାକୁ ନେଇ ଅଭିଭାବକଙ୍କ ଚିନ୍ତା ବଢିଯାଇଛି। ପୂର୍ବରୁ ଜଣେ ଶିକ୍ଷକ ଥିବା ବେଳେ ପରବର୍ତ୍ତି ସମୟରେ ଜଣେ ଅସ୍ଥାୟୀ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ଚାଲିଥିଲା। ତେବେ ଗତ କିଛିମାସ ହେଲେ ମାତୃଭାଷା ଓଡିଆରେ ଜଣେ ମଧ ଶିକ୍ଷକ ନଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଖୋଦ୍ ପ୍ରମୁଖ ଶାସନ ସଚିବ ଉଷା ପାଢୀ ରାଜ୍ୟର ସମସ୍ତ ମହାନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦର କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଗୁଡିକର ନାମଫଳକ ବା ସାଇନବୋର୍ଡକୁ ଓଡିଆରେ ଲେଖିବାକୁ ବାଧ୍ୟତାମୂଳକ ବୋଲି କହିଛନ୍ତି। ସେପଟେ କିନ୍ତୁ ଖୋଦ୍ ରାଜ୍ୟର ଅନ୍ୟତମ ପ୍ରମୁଖ ତଥା ସରକାରୀ ଶିକ୍ଷାନୁଷ୍ଠାନରେ ଓଡିଆ ଭାଷାର ଶିକ୍ଷକ ନଥିବା ଓ ମାତୃଭାଷାକୁ ଅଣଦେଖା କରାଯିବା ଘଟଣାକୁ ନେଇ ପ୍ରଶ୍ନ ଉଠାଇଛି ଓଡିଆ ଭାଷା ଆନ୍ଦୋଳନ ବ୍ରହ୍ମପୁର ଶାଖା। ଏନେଇ ସଙ୍ଗଠନ ପକ୍ଷରୁ ଆମ୍ବପୁଆ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏବଂ ସମସ୍ୟାର ସମାଧାନ ପାଇଁ ଅର୍ଥାତ୍ ଓଡିଆ ଶିକ୍ଷକ ନିଯୁକ୍ତି ପାଇଁ ଏକମାସର ମହଲତ ଦିଆଯାଇଥିବା କହିଛନ୍ତି ଓଡିଆ ଭାଷା ଆନ୍ଦୋଳନ ବ୍ରହ୍ମପୁର ଶାଖାର ସଭାପତି ତ୍ରିନାଥ ମହାରଣା। କେବଳ ଏଥିକି ନୁହେଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପରିବହନ କ୍ଷେତ୍ରରେ ମଧ ଜିଲା ସୁରକ୍ଷା ବ୍ୟବସ୍ଥା ତଥା ଖାମଖିଆଲି ନୀତି ମଧ ପଦାରେ ପଡିଛି। ସ୍କୁଲ ବସରୁ ପଡି ଛାତ୍ରଛାତ୍ରୀ ଆହତ ହେବା ଭଳି ଏକାଧିକ ଘଟଣା ଘଟିବା ପରେ କୋର୍ଟ ଓ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନ ଗୁଡିକର ପରିବହନ ସେବା ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ଯେଉଁଥିରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି।

ପ୍ରଥମତଃ ସ୍କୁଲ ଛାତ୍ରଛାତ୍ରୀଙ୍କ ପରିବହନରେ ନିୟୋଜିତ ଯାନବାହାନ ସବୁ ହଳଦିଆ ରଙ୍ଗର ହେବ। ଝରକାରେ ଜାଲି ବା କଭର ରହିବ। ବସ ଭିତରେ ସୁରକ୍ଷା କର୍ମୀ ବା ଚାଳକଙ୍କୁ ସହାୟତା ପାଇଁ ସହକାରୀ ନିୟୋଜିତ ରହିବେ। ଗାଡିଗୁଡିକର ଫିଟନେସ ପ୍ରମାଣପତ୍ର ରହିବା ଜରୁରୀ। ଏଭଳି ବହୁ ନୀତିନିୟମ ରହିଥିବା ବେଳେ ଜାରି ମାର୍ଗଦର୍ଶିକା ଓ କୋର୍ଟଙ୍କ ନିର୍ଦ୍ଦେଶକୁ କେନ୍ଦ୍ରୀୟ ବିଦ୍ୟାଳୟରେ ନିୟୋଜିତ ଗାଡିଗୁଡିକ ଖୋଲାଖୋଲି ଉଲଂଘନ କରୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପରିବହନ ପାଇଁ ନିୟୋଜିତ ପ୍ରାୟ ସମସ୍ତ ୧୦ରୁ ଉର୍ଦ୍ଧ୍ୱ ବସ ଘରୋଇ ହୋଇଥିବା ବେଳେ କୌଣସି ଗାଡିର ରଙ୍ଗ ହଳଦିଆ ନୁହେଁ। ସେହିଭଳି ବସଗୁଡିକର ଫିଟନେସ ସାର୍ଟିଫିକେଟ ଅଛିକି ନାହିଁ ତାକୁ ନେଇ ମଧ ସନ୍ଦେହ ପ୍ରକାଶ ପାଇଛି। ଫଳରେ କେନ୍ଦ୍ରୀୟ ବିଦ୍ୟାଳୟ ଆଇନରୁ ଉଦ୍ଧ୍ୱର୍ରେ କି ବୋଲି ପ୍ରଶ୍ନ ଉଠିଛି। ଏଭଳି ପରିସ୍ଥିତିରେ ଶନିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଉଭୟ ସମସ୍ୟାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସମସ୍ୟାର ସମାଧାନ କେନ୍ଦ୍ରମନ୍ତ୍ରୀ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଉପରେ ରହିଛି ସମସ୍ତଙ୍କର ନଜର।

## ୧୫ ଶିକ୍ଷକଙ୍କ ବଦଳି ସୁପାରିସ ପ୍ରସଙ୍ଗକୁ ଅଦାଲତି ଝଟକା

କଟକ,୮।୮ (ସମିସ)

ବିଧାୟକ ଓ ସାଂସଦ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିବା ନେଇ ସରକାର ଗ୍ରହଣକରିଥିବା ନୀତିଗତ ନିଷ୍ପତ୍ତିକୁ ଶକ୍ତ ଧକ୍କା ଲାଗିଛି। ଗଞ୍ଜାମ ଜିଲ୍ଲାର ଜଣେ ବିଧାୟକଙ୍କ ସୁପାରିସ ଆଧାରରେ ଜାରି ବଦଳି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସଂପୃକ୍ତ ଶିକ୍ଷୟିତ୍ରୀ ଦାୟର କରିଥିବା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରି ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହିତ ସମାନ ପଦବିରେ ଶିକ୍ଷୟିତ୍ରୀ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବେ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ମାମଲାରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଗଞ୍ଜାମ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ସୋରଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରି ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ଉପରେ ହାଇକୋର୍ଟଙ୍କ ରୋକ**

ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ନମିତା ମିଶ୍ରଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ସୋରଡ଼ା ବ୍ଲକର ସିଦ୍ଧପୁରସ୍ଥିତ ସରକାରୀ ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ଆବେଦନକାରୀଙ୍କ ବେଲଗୁଣ୍ଠା ବ୍ଲକ ଅଧୀନ ବୋରି ଅପଗ୍ରେଡେଡ୍ ହାଇସ୍କୁଲକୁ ବଦଳି ପାଇଁ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଡିଇଓଙ୍କ ତରଫରୁ ଜାରି ଜୁଲାଇ ୧୦ର ନିର୍ଦ୍ଦେଶରେ ଆବେଦନକାରୀଙ୍କ ସହିତ ବହୁ ଶିକ୍ଷକଙ୍କ ବଦଳି କରାଯାଇଥିଲା। ବିଧାୟକଙ୍କ ସୁପାରିସ ଆଧାରରେ ଆବେଦନକାରୀଙ୍କ ବଦଳି ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ୨୦୧୨, ମେ ୧୫ର ବିଜ୍ଞପ୍ତିରେ ଉଲ୍ଲେଖ ବଦଳି ଗାଇଡଲାଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରି ଏପରି ବଦଳି ଆଦେଶ ଜାରି କରାଯାଇଛି ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡ. ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ପ୍ରିୟମ୍ବଦା ନାଥ ଓ ପ୍ରୀତି ପୁଣ୍ୟତୋୟା ସହାୟତା କରୁଛନ୍ତି।

## ଡି'ପଲ୍ ସ୍କୁଲରେ ବିଜ୍ଞାନ ମେଳା ଓ ରକ୍ତଦାନ ଶିବିର

ବ୍ରହ୍ମପୁର,୮ ।୮ (ସମିସ): ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ରୋଡ ସ୍ଥିତ ଡି'ପଲ ସ୍କୁଲରେ ବିଜ୍ଞାନ ମେଳା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଫାଦର ରିକାର୍ଡୋ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟ କାର୍ଯ୍ୟକ୍ରମ ସହିତ ଅଭିଭାବକ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଫାଦର ରିକାର୍ଡୋ ପ୍ରଧାନ ଓ ଉପାଧ୍ୟକ୍ଷ ଫାଦର ଜୋଶ ପାଇମ୍ପିଲିକୁନ୍ନେଲ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମେଳାରେ ବିଦ୍ୟାଳୟର ୫ମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ୪୦ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ଆୟୋଜିତ ସ୍ୱେଚ୍ଛାକୃତ




ରକ୍ତଦାନ ଶିବିରରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ସକ୍ରିୟ ଅଂଶଗ୍ରହଣ କରିବା ସହ ରକ୍ତଦାନ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଦୈନିକ 'ସକାଳ' ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଓ ରାଜେଶ କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ ଅଭିଭାବକ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୨୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏମକେସିଜି ମେଡିକାଲ ପରିସରରେ ଥିବା ଓଡିଶା ରକ୍ତଭଣ୍ଡାର ସହଯୋଗରେ ତଥା ଡି'ପଲ ସ୍କୁଲ ଆନୁକୂଲ୍ୟରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ରକ୍ତଭଣ୍ଡାରର ଡାକ୍ତର ଜୟନ୍ତ ମିଶ୍ର, ଅନୁରାଧା ମାଝୀ, ପ୍ରଦୀପ ସୁବୁଦ୍ଧି, ରବୀନ୍ଦ୍ର ପ୍ରଧାନ, ଅନୀଲ ପ୍ରଧାନ, ମଧୁସୂଦନ ପାତ୍ର, ବସନ୍ତ ପଣ୍ଡା ଓ ପ୍ରଦୀପ୍ତ ପରିଚ୍ଛା ପ୍ରମୁଖ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ମୁମ୍ବାଇ ଟ୍ରେନ୍‌ରୁ ଶ୍ରମିକ ନିଖୋଜ; ଏସ୍‌ପିଙ୍କୁ ଭେଟିଲେ ପରିବାର



ବ୍ରହ୍ମପୁର,୮ ।୮ (ସମିସ): ମୁମ୍ବାଇରୁ ଟ୍ରେନ୍ ଯୋଗେ ଘରକୁ ଫେରୁଥିବା ବେଳେ ଜଣେ ଦାଦନ ଶ୍ରମିକ ନିଖୋଜ ହୋଇଯାଇଛନ୍ତି। ଘଟଣାକୁ ମାସେ ବିତି ଯାଇଥିଲେ ହେଁ ସେ ଘରୁ ଫେରିନାହାନ୍ତି। ଏପରିକି ସମ୍ପୃକ୍ତ ଶ୍ରମିକଙ୍କ ମୋବାଇଲ ନମ୍ବର ବନ୍ଦ ରହିଛି। ଫଳରେ ନିରୁପାୟ ହୋଇ ଶୁକ୍ରବାର ନିଖୋଜ ଶ୍ରମିକଙ୍କ ପରିବାର ଲୋକେ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ତାଙ୍କର ସନ୍ଧାନ କରିବାକୁ ଅନୁରୋଧ କରିଛନ୍ତି।

ସୂଚନା ପ୍ରକାରେ, ଜରଡା ଅଞ୍ଚଳର ଯୁବକ ଅଶୋକ ନାୟକ କିଛିବର୍ଷ ଧରି ମୁମ୍ବଇରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଜୁନ ୮ ତାରିଖରେ ଅଶୋକ ଟ୍ରେନ ଯୋଗେ ଘରକୁ ଫେରୁଥିବା ପରିବାର ଲୋକଙ୍କୁ ଜଣାଇଥିଲେ। କିନ୍ତୁ ୪ଦିନ ପରେ ବି ସେ ଘରେ ପହଞ୍ଚିନଥିଲେ। ପରିବାର ଲୋକେ ତାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ତାଙ୍କ ମୋବାଇଲ ବନ୍ଦ ରହିଥିଲା। କିଛିଦିନ ପରେ ଏନେଇ ଜରଡା ଥାନାରେ ନିଖୋଜ ମାମଲା ଦେଇଥିଲେ। ଦୀର୍ଘଦିନ ପରେ ମଧ ଅଶୋକଙ୍କ ପତ୍ତା ମିଳୁନଥିବାରୁ ତାଙ୍କୁ ଖୋଜିବାରେ ଜରଡା ପୁଲିସ ଅବହେଳା କରୁଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଶୁକ୍ରବାର ନିଖୋଜ ଅଶୋକଙ୍କ ପତ୍ନୀ ଟୁନି ନାୟକଙ୍କ ସମେତ ତାଙ୍କ ମାଆ ଓ ପରିବାର ଲୋକେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମଙ୍କୁ ଭେଟି ଅଶୋକଙ୍କୁ ଖୋଜି ବାହାର କରିବାକୁ ନିବେଦନ କରିଥିଲେ।

## ଏସ୍‌ଆଇଆର୍ ବାତିଲ ଦାବିରେ ସିପିଏମ୍‌ର ବିକ୍ଷୋଭ

ବ୍ରହ୍ମପୁର,୮ ।୮ (ସମିସ)

ସିପିଏମ ପକ୍ଷରୁ ଶୁକ୍ରବାର ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିହାରରେ ୬୫ଲକ୍ଷ ଭୋଟର ତାଲିକାରୁ ବାଦ ପଡିଛନ୍ତି ବୋଲି ବିକ୍ଷୋଭ ଜରିଆରେ ଦାବି କରାଯାଇଛି। ଏଭଳି ନିଷ୍ପତି ଦ୍ୱାରା ଲକ୍ଷ ଲକ୍ଷ ନାଗରିକ ଭୋଟ ଅଧିକାରରୁ ବଞ୍ଚିତ ହେବେ। ଏହାକୁ




ନିର୍ବାଚନ କମିଶନ ଅସମ୍ବିଧାନିକ ଭାବେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି ଯୋଜନାରେ ଅଳ୍ପସଂଖ୍ୟକ, ପ୍ରବାସୀ ଶ୍ରମିକ ଓ ବିଜେପି ବିରୋଧୀଙ୍କୁ ତାଲିକାରୁ ବାଦଦେବା ଯୋଜନା କରାଯାଉଥିବା ସିପିଏମ ପକ୍ଷରୁ ଦାବି କରାଯାଉଛି। ନିର୍ବାଚନ କମିଶନ ଭୋଟରଙ୍କ ପରିଚୟ ପାଇଁ ଆଧାରକାର୍ଡ, ଭୋଟର କାର୍ଡ ଓ ରାସନ କାର୍ଡକୁ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଦେଇଥିବା ଉପଦେଶକୁ ମଧ ଗ୍ରହଣ କରିନାହାନ୍ତି। ଫଳରେ ସାରା ଦେଶରେ ଲାଗୁକରିବାର ଯୋଜନା ରହିଛି। ତେଣୁ ତୁରନ୍ତ ଏସ୍‌ଆଇଆରକୁ ବାତିଲ କରିବା ପାଇଁ ଦାବି କରାଯାଇଛି। ଏନେଇ ସିପିଏମ ପକ୍ଷରୁ ଉପଜିଲ୍ଲାପାଳଙ୍କ ଜରିଆରେ ନିର୍ବାଚନ କମିଶନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭରେ ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବିଦ୍ୟାଧର ଜେନା, ଶିବପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ବିଷ୍ଣୁପ୍ରିୟା ସାହୁ, ବାପିନି ନାୟକ, ଗୋକୁଳ ତ୍ରିପାଠୀ, ହରି ନାହାକ ଓ କାଳି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୁଲିସ କବ୍‌ଜାରେ ଦୁର୍ଦ୍ଧାନ୍ତ ଅପରାଧୀ ହୃଷୀକେଶ ଓ ସହଯୋଗୀ

ବ୍ରହ୍ମପୁର,୮ ।୮ (ସମିସ)

ଆର୍ମସ ଆକ୍ଟ ମାମଲାରେ କେ.ନୂଆଗାଁ ଥାନା ପୁଲିସ ଦୁଇ ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ବାଗଡାପଲ୍ଲୀ (କାଶ୍ମୀର ଶାସନ)ର ହୃଷୀକେଶ ପାତ୍ର(୨୯) ଓ ଆସିକା ସୁଗାର ଫ୍ୟାକ୍ଟ୍ରି ଅଞ୍ଚଳର କାର୍ତ୍ତିକ ନାହାକ (୩୨)। ପୁଲିସ ଅଭିଯୁକ୍ତ ହୃଷୀକେଶ ଘରୁ ଗୋଟିଏ ଆମେରିକାନ ମାଉଜର, ମାଗାଜିନ ଓ ୫ଟି ଜୀବନ୍ତ ଗୁଳି ଜବତ କରିଥିବା ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଏହି ମାମଲାରେ ସୁଲତାନ ଓ ମନୋଜ ଫେରାର ଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ଧାନଘର ଅଞ୍ଚଳର



କିଛି ଅପରାଧୀଙ୍କ ନିକଟରେ ବନ୍ଧୁକ ଥିବା ସୂଚନା ପାଇଥିଲା। ସୂଚନା ଆଧାରରେ ଚିକିଟି ଫାଣ୍ଡି ଅଧିକାରୀ ଗୌତମ ସାହୁ ହୃଷୀକେଶଙ୍କ ଘରେ ଚଢ଼ଉ କରି ମାଉଜ ମିଳିବା ପରେ କେ.ନୂଆଗାଁ ଥାନା ଇନ୍ସପେକ୍ଟରଙ୍କୁ ଜଣାଇଥିଲେ। ପରେ ତାଙ୍କୁ ଗିରଫ କରି ଜେରା କରାଯାଇଥିଲା। ଜେରା ବେଳେ ୨୦୧୮ରେ ଆସିକାର ସୁନିଲ ନାହକ ଓରଫ ସୁଲତାନଙ୍କ କହିବା ପ୍ରକାରେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସିନ୍ଦୁରିଆପଡ଼ା ଗ୍ରାମର ମନୋଜ ସ୍ୱାଇଁ ଉକ୍ତ ମାଉଜରକୁ ପଶ୍ଚିମବଙ୍ଗର ଆସାନସୋଲରୁ କିଣିଥିଲେ। ପରେ ଆସ୍କା ଥାନା ଅନ୍ତର୍ଗତ ଚିନି କାରଖାନା ନୂଆଗାଁର କାର୍ତ୍ତିକ ନାହକ ଓ ସୁନିଲ ନାହକ ଓରଫ ସୁଲତାନ ପୁଣି ବନ୍ଧୁକ କିଣିବାକୁ ଇଛା କରିଥିଲେ। ସେମାନେ ଅଜ୍ଞାତ ବ୍ୟକ୍ତିଙ୍କ ଠାରୁ ତିନୋଟି ବନ୍ଧୁକ କିଣିଥିବା

■ ସ୍କାନର୍‌ରେ ଫେରାର ଅଭିଯୁକ୍ତ ସୁଲତାନ ଓ ମନୋଜ
■ ଆମେରିକାନ୍ ମାଉଜର, ମାଗାଜିନ ସହ ୫ ରାଉଣ୍ଡ ଗୁଳି ଜବତ

ହୃଷୀକେଶ ପୁଲିସକୁ ସୂଚନା ଦେଇଛି। ପରେ ୨୦୧୯ରେ ଲାଞ୍ଜିପଲ୍ଲୀ ବାଇପାସ ନିକଟରେ କଂଗ୍ରେସ ନେତା ମନୋଜ ଜେନାଙ୍କ ହତ୍ୟା ହୋଇଥିଲା। ଏହି ଘଟଣାରେ ପୁଲିସ ଦୁଇଟି ମାଉଜର ଜବତ କରିଥିଲା। ଅନ୍ୟ ଏକ ମାଉଜରକୁ ହୃଷୀକେଶ ନିଜ ଘରେ ମାଟି ତଳେ ଲୁଚାଇ ରଖିଥିବା ସ୍ୱୀକାର କରିଥିବା ଜଣାପଡିଛି। ହୃଷୀକେଶ ଓ ତାଙ୍କ ସହଯୋଗୀ କାର୍ତ୍ତିକ ନାହକ, ମନୋଜ ସ୍ୱାଇଁ ଏବଂ ସୁନୀଲ ନାହାକ ଓରଫ ସୁଲତାନ ଆଦି ମାଉଜର ବ୍ୟବହାର କରି ଡକାୟତି ଓ ଲୋକଙ୍କୁ ଭୟଭୀତ କରି ଅର୍ଥ ଆଦାୟ ପାଇଁ ଯୋଜନା କରିଥିବା ପୁଲିସ ନିକଟରେ ଗିରଫ ହୃଷୀକେଶ ସୂଚନା ଦେଇଛି। ଏପରିକି ସୁଲତାନର ବର୍ତ୍ତମାନର ଠିକଣା ଭୁବନେଶ୍ୱର ବୋଲି ମଧ ଜେରା ବେଳେ ଜଣାପଡ଼ିଛି। ପୁଲିସ ଗୁରୁବାର ଅଭିଯୁକ୍ତ ହୃଷୀକେଶ ପାତ୍ରଙ୍କ ଘରୁ ୟୁଏସ୍‌ଏ ନିର୍ମିତ ମାଉଜର, ଗୋଟିଏ ମାଗାଜିନ ଓ ୫ଟି ଗୁଳି ଜବତ କରିଥିଲା।

# ଶ୍ରୀକ୍ଷେତ୍ର ସିଟି

୮/୮/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୫୩,୨୧୩/- ସୁନା: ୦୪.୬୫୦ ଗ୍ରାମ୍ ରୁପା: ୦୫.୭୫୦ ଗ୍ରାମ୍



## ଆଜି ଶ୍ରୀମନ୍ଦିରରେ ରାକ୍ଷୀ ଲାଗି, ବଳଭଦ୍ରଙ୍କ ଜନ୍ମ ନୀତି



ପୁରୀ,୮।୮ (ସମିସ): ଶନିବାର ଗହ୍ମାପୂର୍ଣ୍ଣିମା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ଓ ବଳଭଦ୍ରଙ୍କ ଜନ୍ମ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ହାତରେ ରାକ୍ଷୀ ବାନ୍ଧିବେ ଭଉଣୀ ଦେବୀ ସୁଭଦ୍ରା। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ୨ଟି ଲେଖାଏଁ ରାକ୍ଷୀ ଓ ୨ଟି ଲେଖାଏଁ ଗୁଆମାଳ ପରିଧାନ କରିବେ। ପାଟଣା ବିଶୋଇ ସେବକ ବାସୁଙ୍ଗା ପାଟରେ ରାକ୍ଷୀ ଏବଂ ଗୁଆମାଳ ପ୍ରସ୍ତୁତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଏବଂ ନାଲି ରଙ୍ଗର ଗୁଆମାଳ, ଶ୍ରୀବଳଭଦ୍ର ବାଇଗଣି ଏବଂ ନୀଳ ରଙ୍ଗର ଗୁଆମାଳ ପରିଧାନ କରିବେ। ସେହିପରି ବଳଭଦ୍ରଙ୍କ ଜନ୍ମ ନୀତି ମଧ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ଚକ୍ରରାଜ ଶ୍ରୀସୁଦର୍ଶନ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିବେ। ସେଠାରେ ଥିବା ମଣ୍ଡପରେ ସୁଦର୍ଶନଙ୍କୁ ବିଜେ କରାଯିବ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିବେ। ପୂଜାପଣ୍ଡା ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିବେ।

## ସୁରକ୍ଷାକର୍ମୀଙ୍କ ବାଇକ୍ ନେଇଗଲେ ଲୁଟେରା

ପୁରୀ,୮।୮ (ସମିସ): ସୁରକ୍ଷାକର୍ମୀଙ୍କ ବାଇକ୍ ଲୁଟିନେଲେ ଦୁର୍ବୃତ୍ତ। ସ୍ୱର୍ଗଦ୍ୱାରରେ କାର୍ଯ୍ୟରତ ସୁରକ୍ଷାକର୍ମୀଙ୍କ ବାଇକ୍ ଲୁଟି ନେଇଛନ୍ତି ଦୁଇଜଣ ଦୁର୍ବୃତ୍ତ। ସ୍ୱର୍ଗଦ୍ୱାର ପାର୍କିଂରୁ ଦୁଇଜଣ ଦୁର୍ବୃତ୍ତ ବାଇକ୍ ନେଉଥିବାର ଭିଡିଓ ସିସିଟିଭିରେ କଏଦ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ସୁରକ୍ଷକର୍ମୀ ହେଉଛନ୍ତି ପୁରୀ ମିଶ୍ର ସାହି ତ୍ରିଦେବ ନଗରର କିରଣ କୁମାର ମୁଖୀ। ଏ ନେଇ କିରଣ ସମୁଦ୍ର କୂଳ ଥାନାରେ ଲିଖିତ ଅଭିଯୋଗ କରିବା ସହ ପୁଲିସକୁ ସିସିଟିଭିରେ କଏଦ ହୋଇଥିବା ସମସ୍ତ ଭିଜୁଆଲ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ସ୍ୱର୍ଗଦ୍ୱାରର ମୁଖ୍ୟ ଗେଟ୍ ନିକଟ ପାର୍କିଂରେ ଗତ ୨୯ ତାରିଖରେ କିରଣ ନିଜର ବାଇକ୍ ରଖିଥିଲେ। ଡ୍ୟୁଟି ସାରି ଘରକୁ ଯିବା ପାଇଁ ବାହାରି ଦେଖନ୍ତି ସେଠାରେ ତାଙ୍କର ବାଇକ୍ ନ ଥିଲା। ବହୁତ ଖୋଜାଖୋଜି କରିବା ପରେ ସିସିଟିଭି କ୍ୟାମେରା ଦେଖିବାରୁ ତାଙ୍କ ବାଇକ୍ ଦୁଇଜଣ ଦୁର୍ବୃତ୍ତ ଚୋରି କରି ନେଇଥିବା ଜାଣିଥିଲେ। ଏ ନେଇ ସମୁଦ୍ର କୂଳ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଚୋରି ବାଇକ୍ ସହିତ ଲୁଟେରାଙ୍କୁ ପୁଲିସ ଧରିବାରେ ଏପର୍ଯ୍ୟନ୍ତ ସକ୍ଷମ ହୋଇନାହିଁ। ଅନ୍ୟପକ୍ଷରେ ଗତ କିଛିଦିନ ତଳେ ବଡ଼ଦାଣ୍ଡସ୍ଥିତ ଏକ ସପିଙ୍ଗ୍ ମଲ୍ ପାର୍କିଂରୁ ମଧ୍ୟ ଜଣେ ଗ୍ରାହକଙ୍କ ବାଇକ୍ ଦୁର୍ବୃତ୍ତ ଚୋରି କରିନେଇଥିଲେ। ପୁରୀ ସହରରେ ଦିନକୁ ଦିନ ଚୋରି, ଡକାୟତି, ଦାଦାବଟି ଏପରିକି ମରଣାନ୍ତକ ଆକ୍ରମଣ ଘଟଣା ବୃଦ୍ଧି ପାଇଥିବାବେଳେ ପୁଲିସର ନିଷ୍କ୍ରିୟତାକୁ ସାଧାରଣରେ ଦାୟୀ କରାଯାଇଛି।

### ୧୬ରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା

# ଶୃଙ୍ଖଳିତ ଭାବେ ପାଳନ ଉପରେ ଗୁରୁତ୍ୱ

ପୁରୀ,୮।୮ (ସମିସ)

ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳାର ପରମ୍ପରା ବହୁ ପ୍ରାଚୀନ। କୃଷ୍ଣ ଜନ୍ମଠାରୁ କଂସ ବଧ ପର୍ଯ୍ୟନ୍ତ ମନ୍ଦିର ଭିତରେ ଓ ବାହାରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଏବର୍ଷ ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଏହା ପାଳିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପରମ୍ପରା ଅନୁଯାୟୀ ଶ୍ରୀକୃଷ୍ଣ ଲୀଳାକୁ ଶୃଙ୍ଖଳା ଓ ପାରମ୍ପରିକ ରୀତିନୀତି ଅନୁସାରେ ପାଳନ ପାଇଁ ପରାମର୍ଶ ଦେଇଥିଲେ। ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ରାସ୍ତାଘାଟ ମରାମତି, ପରିଷ୍କାର ପରିଚ୍ଛନ୍ନ, ଆଲୋକୀକରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା ହେବା ସହ ଏହାକୁ ସଠିକ୍ ଭାବେ ପରିଚାଳନା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

କାର୍ଯ୍ୟସୂଚୀ ଅନୁସାରେ ଅଗଷ୍ଟ ୧୬ ତାରିଖ ଭାଦ୍ରବ କୃଷ୍ଣ ନବମୀ ତିଥିରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ପୁତନା ବଧ ଅନୁଷ୍ଠିତ ହେବ। ସେହିପରି ୧୭ରେ ବାଲିସାହି ପକ୍ଷରୁ ବକାସୁର ବଧ ଓ ହରଚଣ୍ଡୀ ସାହି ପକ୍ଷରୁ ଅର୍ଘାସୁର ବଧ, ୧୯ରେ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ଧେନୁକାସୁର ବଧ, ୨୦ରେ ଦୋଳମଣ୍ଡପ ସାହି ପକ୍ଷରୁ ପ୍ରଳମ୍ବାସୁର ବଧ, ୨୧ରେ ଗୌଡ଼ବାଡ଼ ସାହି ପକ୍ଷରୁ ଅନ୍ନ ପ୍ରଥା, ୨୩ରେ କାଳିକା ଦେବୀ ସାହି ପକ୍ଷରୁ ବସ୍ତ୍ରହରଣ, ୨୪ରେ ମାଟି ମଣ୍ଡପ ସାହି ପକ୍ଷରୁ ଦାବାଗ୍ନୀ, ୨୫ରେ ହରଚଣ୍ଡୀ ସାହି ପକ୍ଷରୁ ନିକୁଞ୍ଜ ଲୀଳା, ୨୬ରେ ହରଚଣ୍ଡୀ ସାହି ବାସେଲୀ ସାହି ପକ୍ଷରୁ ଅନ୍ଧ ମନ୍ଦିର ହାତୀ, ୨୮ରେ ଗୌଡ଼ବାଡ଼ ସାହି ପକ୍ଷରୁ ଦାହ ଲୀଳା, ୨୯ରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିମ୍ବାସୁର ବଧ, ୩୦ରେ କାଳିକାଦେବୀ ସାହି ପକ୍ଷରୁ କେକେଶୀ ବଧ, ସେପ୍ଟେମ୍ବର ୨ରେ ମାଟି ମଣ୍ଡପ ସାହି ପକ୍ଷରୁ ମଲ୍ଲ ଯୁଦ୍ଧ ଓ ବାଲି ସାହି ପକ୍ଷରୁ କଂସ ବଧ ଅନୁଷ୍ଠିତ ହେବ ବୋଲି ଆଠସାହି ଆଖଡ଼ା ପକ୍ଷରୁ ସୂଚନା ଦିଆଯାଇଛି।

ଏହି ବୈଠକରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଆଠସାହି ଆଖଡ଼ା ସଭାପତି ରବି ନାରାୟଣ ସେନାପତି, ପ୍ରଫୁଲ୍ଲ ଖୁଣ୍ଟିଆ, ସହ ସମ୍ପାଦକ ଚକ୍ରଧର ମହାପାତ୍ର, ପୁଅ ସୁଆର, ସଦସ୍ୟ ନାରାୟଣ ମହାସୁଆର, ନରେନ୍ଦ୍ର ମହାନ୍ତି, ରବି ଦାଶ, ରଘୁନାଥ ଖୁଣ୍ଟିଆ, ଦାମୋଦର ମହାପାତ୍ର, ବିଶ୍ୱଜିତ ସେନାପତି, ଶ୍ୟାମ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଠସାହି ଆଖଡ଼ା ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଉତ୍ସବ

## ଆକର୍ଷଣ ସାଜିଲା ନାଟକ ମା'ଙ୍କ ମାନଭଞ୍ଜନ

ପୁରୀ,୮।୮ (ସମିସ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱର ଏବଂ ଅନୁଷ୍ଠାନ ଆମର ପୁରୀର ମିଳିତ ସହଯୋଗରେ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ୧୩୩ତମ ଜୟନ୍ତୀ ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପ୍ରାକ୍ତନ ଲୋକ ସମ୍ପର୍କ ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ବିନୋଦ କୁମାର ପଣ୍ଡା, ଅଲ୍ ଇଣ୍ଡିଆ ଖୋ ଖୋ ଫେଡେରେସନର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ର, ବରିଷ୍ଠ ନୃତ୍ୟ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ୍, ବରିଷ୍ଠ ସେବାୟତ ମାଧବ ଚନ୍ଦ୍ର ପୂଜାପଣ୍ଡା, ବରିଷ୍ଠ ଅଭିନେତା ପ୍ରସନ୍ନ କୁମାର ମିଶ୍ର, ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର, ସଂଗଠକ ଚକ୍ରଧର ମହାପାତ୍ର, ଅନୁଷ୍ଠାନ ଆମରର ସଭାପତି ଭରତ କୁମାର ନାୟକ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳାକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ। କଳାକୁ ବଞ୍ଚାଇବା ନିମନ୍ତେ ପୁରୀ ସହରରେ ଏକ ପ୍ରେକ୍ଷାଳୟର ଆବଶ୍ୟକତା ରହିଛି। ତେଣୁ ପ୍ରଶାସନକୁ ଅନୁରୋଧ ଏକ ନୂତନ ପ୍ରେକ୍ଷାଳୟ ତିଆରି କରାଗଲେ କଳା ଆଗକୁ ଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହାପରେ ସଙ୍ଗୀତଜ୍ଞ ଏବଂ ବେହେଲା ବାଦକ ଆର୍ତ୍ତତ୍ରାଣ ଶତପଥୀ ଏବଂ ସଚ୍ଚିଦାନନ୍ଦ ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନ ଆମର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ "ମା'ଙ୍କ ମାନଭଞ୍ଜନ' ପରିବେଷଣ କରାଯାଇଥିଲା। ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ପରିକଳ୍ପନା ଓ ନିର୍ଦ୍ଦେଶିତ ଏହି ନାଟକରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସୁଚିସ୍ମିତା ମହାରଣା। ଏଥିରେ ଅଭିନୟ କରିଥିଲେ ସୁଚିସ୍ମିତା ମହାରଣା, ବିଷ୍ଣୁପ୍ରିୟା ରାଉତ, ସୋନାଲି ଦାସ, ରୂପାଲି ଦାସ, ଶୁଭଲକ୍ଷ୍ମୀ ସିଂ, ରଶ୍ମିରେଖା ପୃଷ୍ଟି, ସତ୍ୟପ୍ରିୟା ରାଉତ। ମଞ୍ଚ ପରିଚାଳନା କରିଥିଲେ ଭରତ ନାୟକ। ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆତୋଟା ଜାଗାରେ ବୋମାମାଡ଼

ପୁରୀ,୮।୮ (ସମିସ): ପୁରୀରେ ଉପରମୁହାଁ ହୋଇଛନ୍ତି ଅପରାଧୀ। ବେଆଇନ ନିଶା କାରବାର, ଦଦାବଟି, ରାହାଜାନି ବଢୁଥିବାବେଳେ ଜନଗହଳିପୂର୍ଣ୍ଣ ସ୍ଥାନରେ ଅପରାଧ ଘଟାଇବାକୁ ଭୟ କରୁନାହାନ୍ତି ଅପରାଧୀ। ନିକଟରେ ଏମିତି ଘଟଣା ଦେଖିବାକୁ ମିଳିଥିବାବେଳେ ଗୁରୁବାର ରାତିରେ ଟାଉନ ଥାନା ଅନ୍ତର୍ଗତ ମୋଚିସାହିସ୍ଥିତ ନୂଆତୋଟା ଜାଗାରେ ବୋମାମାଡ଼ ହୋଇଛି। ଖବର ପାଇ ଟାଉନ ଥାନା ପୁଲିସ ଓ ସିଟି ଡିଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଦେଖିବା ସହ ଏହାର ଛାନ୍‌ଭିନ୍ କରିଛନ୍ତି। ଏହି ଘଟଣା ନେଇ ନୂଆତୋଟା ଜାଗା ପକ୍ଷରୁ ଆତଙ୍କ ଘଟାଇଥିବା ଦୁର୍ବୃତ୍ତମାନଙ୍କୁ ଯଥାଶୀଘ୍ର ଗିରଫ କରିବା ଲାଗି ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏଥିରେ ଦର୍ଶାଯାଇଛି ଯେ, ନୂଆତୋଟା ଜାଗାରେ ପ୍ରତ୍ୟେକ ଦିନ ପିଲାମାନେ ଖେଳ କସରତ କରିଥା'ନ୍ତି। ଜାଗାର ମୁଖ୍ୟଦ୍ୱାର ନିକଟରେ ଏକ କାର୍ଯ୍ୟାଳୟ ମଧ୍ୟ ରହିଛି, ଯେଉଁଠି ଜାଗାର ପିଲାମାନେ ବସାଉଠା କରିଥା'ନ୍ତି। କିନ୍ତୁ ଗତ କିଛିଦିନ ହେବ କେତେକ ଅସାମାଜିକ ଯୁବକ କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ସୁପାରୀକିଲର ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ହାତରେ ବୋମା, ବନ୍ଧୁକ ସହ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଅଞ୍ଚଳରେ ଭୟ ସୃଷ୍ଟି କରୁଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ୩ ଜଣ ଯୁବକ ବାଇକ୍ ଯୋଗେ ଆସି ଜାଗା ମୁଖ୍ୟଦ୍ୱାରରେ ବୋମାମାଡ଼ କରି ଚମ୍ପଟ ମାରିଥିଲେ। ଏହାର ମାଷ୍ଟରମାଇଣ୍ଡ କିଏ, ବୋମାମାଡ଼ କରିଥିବା ୩ ଦୁର୍ବୃତ୍ତ ଏବଂ ସେମାନଙ୍କ ଉଦ୍ଦେଶ୍ୟ କ'ଣ ତାହାର ଖୋଳତାଡ଼ କରି ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରିବା ଲାଗି ଦାବି କରାଯାଇଛି। ଏହି ବୋମାମାଡ଼କୁ ନେଇ ସାଧାରଣରେ ସମସ୍ତେ ଭୟଭୀତ ହୋଇପଡ଼ିଛନ୍ତି। ଯଥାଶୀଘ୍ର ଦୁର୍ବୃତ୍ତମାନଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି ଜାଗାର କର୍ମକର୍ତ୍ତା।

### ମିଳୁନି ଉପଯୁକ୍ତ ବେତନ

## ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭା

ପୁରୀ,୮।୮ (ସମିସ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ୧୯୪ ବିଦ୍ୟାଳୟକୁ ଅନୁଦାନ ଓ ସମସ୍ତ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ ପ୍ରମୁଖ ଦାବି ନେଇ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିଶାଳ ସମାବେଶ ଓ ଅହୋରାତ୍ର ଗଣଧାରଣା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟର ୩୦ଟି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପ୍ରତିବାଦ ସଭା ସହିତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର




ପ୍ରଦାନ କରାଯାଇଛି। ଓଷ୍ଟାର ସଭାପତି ବିଜୟ କୁମାର ବରାଳଙ୍କ ନେତୃତ୍ୱରେ ପୁରୀରେ ଶୋଭାଯାତ୍ରା ସହ ପ୍ରଥମେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ଶିକ୍ଷକ ଓ କର୍ମଚାରୀମାନେ ୩୦ ବର୍ଷରୁ ଊର୍ଦ୍ଧ୍ୱ ଚାକିରି କରିସାରିବା ପରେ କେତେକ ଶିକ୍ଷକ କର୍ମଚାରୀ ବିନା ବେତନରେ ଅବସର ନେଇ ସାରିଲେଣି। ସ୍ୱଳ୍ପ ବେତନରେ ଅନେକ ଅବସର ଗ୍ରହଣ କରି ଔଷଧ କିଣିବାକୁ ଟଙ୍କାଟିଏ ବି ପାଉନାହାନ୍ତି ବୋଲି ପୁରୀ ଜିଲ୍ଲା ଓଷ୍ଟା ପ୍ରାକ୍ତନ ସମ୍ପାଦକ ବିଚିତ୍ରା ନନ୍ଦ ପାତ୍ର, ସହକାରୀ ସଭାପତି ପବିତ୍ର ମୋହନ ଦାସ, ଉପସଭାପତି ଲକ୍ଷ୍ମୀଧର ଉପାଧ୍ୟାୟ, ତରୁଣ କୁମାର ନାୟକ, ବିବାସିନୀ ନାୟକ, ଶିକ୍ଷକ ନେତା ଜାମିନିକାନ୍ତ ନାୟକ, ସୁରେଶ ଚନ୍ଦ୍ର ଦାସ ପ୍ରମୁଖ ଜଣାଇଛନ୍ତି।

## କଳିଙ୍ଗ ସ୍ମାର୍ଟ ସ୍କୁଲରେ ରକ୍ଷାବନ୍ଧନ



ପୁରୀ,୮।୮ (ସମିସ): ଭାଇ ଭଉଣୀର ଅତୁଟ ଭଲ ପାଇବାର ପର୍ବ ରକ୍ଷାବନ୍ଧନ। ଏହି ପବିତ୍ର ଦିବସରେ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥା'ନ୍ତି। ପ୍ରତିବଦଳରେ ଭଉଣୀକୁ ସୁରକ୍ଷା ଦେବାର ଏମିତି ଏକ ପରମ୍ପରା ରହିଆସିଛି। ଶନିବାର ରାକ୍ଷୀ ପୂର୍ଣ୍ଣିମା। ଏହାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର କଳିଙ୍ଗ ସ୍ମାର୍ଟ ସ୍କୁଲରେ ରକ୍ଷାବନ୍ଧନ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ରାକ୍ଷୀ କିପରି ତିଆରି କରାଯାଏ ତାହା ପିଲାଙ୍କୁ ଶିକ୍ଷା ଦିଆଯାଇଥିଲା। ପିଲାମାନେ ନିଜେ ନିଜେ ରାକ୍ଷୀ ତିଆରି କରି ପରସ୍ପର ହାତରେ ବାନ୍ଧି ଥିଲେ। ଏହି ରକ୍ଷାବନ୍ଧନ ଉତ୍ସବରେ ସମସ୍ତ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ରାକ୍ଷୀ ତିଆରି ଓ ପିନ୍ଧାଇବାରେ ସହଯୋଗ କରିଥିଲେ। ସ୍କୁଲର ଅଧ୍ୟକ୍ଷ ଲାୟନ ସଞ୍ଜୟ କୁମାର ପ୍ରଧାନ, ପ୍ରିନ୍ସପାଲ ପ୍ରଜ୍ଞା ଶୁଭମିତା ପ୍ରତିହାରୀ, ଐଶ୍ୱର୍ଯ୍ୟା ମହାନ୍ତି, ଜ୍ଞାନ ଜ୍ୟୋତି ସିଂ, ପ୍ରିୟଙ୍କା ରଥ, ସାଗରିକା ପ୍ରଧାନ, ସନ୍ଧ୍ୟାରାଣୀ ବାରିକ, ବିଶ୍ୱଜିତା ମିଶ୍ର, ସନ୍ଧ୍ୟାରାଣୀ ମହାରଣା ଓ ପ୍ରଲ୍ଲବୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟସ୍ତରରେ ଶ୍ରୀକ୍ଷେତ୍ରର ସାହିତ୍ୟିକ ସମ୍ମାନିତ



ପୁରୀ,୮।୮ (ସମିସ): ସମ୍ପ୍ରତି ନୂଆଦିଲ୍ଲୀଠାରେ ଚାଲିଥିବା ଆନ୍ତର୍ଜାତିକ ଦିଲ୍ଲୀ ପୁସ୍ତକ ମେଳା ଅବସରରେ ଭାରତୀୟ ସାହିତ୍ୟ ଓ ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ଜଣ ପ୍ରବୀଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀକ୍ଷେତ୍ରର ବିଶିଷ୍ଟ ସାହିତ୍ୟିକ ଓ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ଏମାନଙ୍କ ମଧ୍ୟରେ ଥିଲେ ଅନ୍ୟତମ। କେନ୍ଦ୍ର ମନ୍ତ୍ରୀ ହର୍ଷ ମାଲହୋତ୍ରା, ଜାତୀୟ ପ୍ରକାଶନ ସଂସ୍ଥାର ସଭାପତି ନବୀନ ଗୁପ୍ତା, ଭାରତୀୟ ରିପ୍ରୋଗ୍ରାଫିକ୍ ରାଇଟ୍‌ସ ସଂସ୍ଥାର ଅଧ୍ୟକ୍ଷ ଡ. ଅଶୋକ ଗୁପ୍ତା, ଅଥର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ମହାସଚିବ ଡ. ଶିବଶଙ୍କର ଅବସ୍ଥି ଏବଂ ଭାରତୀୟ ପ୍ରକାଶକ ସଂଘର ସମ୍ପାଦକ ପ୍ରଣବ ଗୁପ୍ତାଙ୍କ ଉପସ୍ଥିତିରେ ଶ୍ରୀ ମହାପାତ୍ରଙ୍କୁ "ବାଗେଶ୍ୱରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଅବସରରେ ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆର ପ୍ରକାଶନ ତାଲିମ କାର୍ଯ୍ୟକ୍ରମର ନିର୍ଦ୍ଦେଶକ, ଉତ୍ତର ପୂର୍ବାଞ୍ଚଳ ପରିଷଦର ନିର୍ଦ୍ଦେଶକ ତଥା ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ରର ମୁଖ୍ୟ ଭାବେ କାର୍ଯ୍ୟ କରିଥିବା ଏଇ ପ୍ରତିଭାଧରଙ୍କୁ ବହୁ ବିଶିଷ୍ଟ ଲେଖକ ଓ ପ୍ରକାଶକ ଶୁଭେଚ୍ଛା ଜଣାଇଥିଲେ।

## ସିପିଆଇ (ଏମ୍)ର ବିକ୍ଷୋଭ

ପୁରୀ,୮।୮ (ସମିସ): ପୁରୀ ଜିଲ୍ଲା ସିପିଆଇ (ଏମ୍) ପକ୍ଷରୁ ଭାରତର ନିର୍ବାଚନ କମିଶନଙ୍କ ଭୋଟର ତଥା ଗଣତନ୍ତ୍ର ବିରୋଧୀ ଏଜେଣ୍ଡା ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ନିରୀକ୍ଷଣକୁ ବିରୋଧ କରି ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି, ଭୋଟର ତାଲିକା ସଂଶୋଧନ ନାଁରେ ଭୋଟରମାନଙ୍କ ଅଧିକାର ଏନ୍‌ଆର୍‌ସି ବିରୋଧୀ ଏଜେଣ୍ଡା ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ନିରୀକ୍ଷଣକୁ ଲାଗୁ କରି ବିହାରରେ ୬୫ ଲକ୍ଷ ଭୋଟରଙ୍କୁ କାଟିଲେ। ଆଧାର କାର୍ଡ ଓ ରାସନକାର୍ଡକୁ ନାଗରିକତାର ପ୍ରମାଣ ପତ୍ର ହେବନି ବୋଲି ନିର୍ବାଚନ କମିଶନ କହୁଛନ୍ତି। ଲୋକେ ଆଉ କି ପ୍ରମାଣପତ୍ର ଦେବେ? କେଉଁଠୁ ଆଣିବେ ଜନ୍ମ ପ୍ରମାଣପତ୍ର। ବିହାର ପରେ ସବୁ ରାଜ୍ୟରେ ଲାଗୁ କରି ଅଧିକାର ଛଡ଼ାଇ ନେବେ। ସେହିପରି ଭାରତର ବିଭିନ୍ନ ସ୍ଥାନରେ ହେଉଥିଲା ଭୋଟ୍ ଚୋରି। ମହାରାଷ୍ଟ୍ର, ଗୁଜରାଟ, ବିହାର ଭଳି ରାଜ୍ୟରେ ଗୋଟେ ଲୋକ କିପରି ବାରମ୍ବାର ଅଲଗା ଅଲଗା ଜାଗାରେ ଭୋଟ୍ ଦେଲେ ବୋଲି ପ୍ରଶ୍ନ




କରି ଏହାର ତଦନ୍ତ ଦାବି କରିଛି ଦଳ। ଏଥିରେ ସମ୍ପାଦକ ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଭୀମସେନ ସ୍ୱାଇଁ, ଶ୍ରୀକାନ୍ତ ପରିଜା, ସୁରେନ୍ଦ୍ର ଜେନା, ପୀତବାସ ବେହେରା, ଦୀନବନ୍ଧୁ ପ୍ରଧାନ, ପବିତ୍ର ଦଳାଇ, ବନବାସିନୀ ମହାପାତ୍ର, ଟୁନା ନାୟକ, ମନୋରଞ୍ଜନ ମହାରଣା, ବାହନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ନିଆରା କାର୍ଯ୍ୟକ୍ରମ 'ଆମ ପାଇଁ ଆମେ'

● ସାହାଯ୍ୟ ପାଇଁ ପରସ୍ପରକୁ ରାକ୍ଷୀ ବାନ୍ଧିଲେ ମହିଳା



ପୁରୀ,୮।୮ (ସମିସ): ଏକବିଂଶ ଶତାବ୍ଦୀରେ ମଧ୍ୟ ମହିଳାମାନେ ଆଜି ସୁରକ୍ଷିତ ନୁହନ୍ତି। ଘରେ ହେଉ କିମ୍ବା ବାହାରେ ଯୌନ ଓ ଅନେକ ପ୍ରକାର ଉତ୍ପୀଡ଼ନ, ଶୋଷଣର ଶିକାର ହେଉଛନ୍ତି। ଏଥିରେ ଅନେକ ସ୍ଥାନରେ ମହିଳାମାନଙ୍କ ସହଭାଗିତା ତତ୍‌ସହିତ ଅନ୍ୟ ମହିଳାମାନଙ୍କ ପ୍ରତି ସମବେଦନାହୀନତା, ନିଜ ଭିତରେ କନ୍ଦଳ ଇତ୍ୟାଦି ଏହାର କାରଣ। ତେଣୁ ପରସ୍ପର ପ୍ରତି ସମ୍ବେଦନଶୀଳ ହେବା, ପରସ୍ପରକୁ ସାହାଯ୍ୟ ଓ ରକ୍ଷା କରିବା ପାଇଁ ପ୍ରତିଶ୍ରୁତିବଦ୍ଧତାକୁ ପାଳନ କରିବା ଲାଗି ଦି ବେଲ୍ ଓମେନ୍ସ କ୍ଲବ୍ ତରଫରୁ ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ନିଆରା ଢଙ୍ଗରେ ପାଳିତ ହୋଇଛି "ଆମ ପାଇଁ ଆମେ' କାର୍ଯ୍ୟକ୍ରମ। ଶୁକ୍ରବାର ବଳିଆପଣ୍ଡାସ୍ଥିତ ଏକଲବ୍ୟ ପାଠଶାଳାଠାରେ ଶ୍ରୀଜଗନ୍ନାଥ ଫାଉଣ୍ଡେସନ ଓ ଭାରତ ଯୋଗ କେନ୍ଦ୍ର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ କିଶୋରୀ ଯୋଗଦେଇ ପରସ୍ପରକୁ ରାକ୍ଷୀ ବାନ୍ଧିବା ସହିତ ପରସ୍ପର ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସାମାଜିକ ସ୍ଥିତି ଏବଂ ମହିଳାମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାରକୁ ରୋକିବାକୁ ହେଲେ ପୁରୁଷଙ୍କ ଅପେକ୍ଷା ନାରୀମାନଙ୍କ ସହଭାଗିତା ଅଧିକ ରହିବା ଆବଶ୍ୟକ। ତେଣୁ ଏହି କାର୍ଯ୍ୟକ୍ରମ ସମାଜକୁ ଏକ ନିଆରା ବାର୍ତ୍ତା ଦେବ ବୋଲି ଦ ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି। ଦ ବେଲ୍ ଓମେନ୍ସ କ୍ଲବ୍ ସଂଯୋଜିକା ସବିତା ହରିଚନ୍ଦନ ଓ ସହ ସଂଯୋଜିକା ସିଲି ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବନିତା ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

### ପୁଣି ଚର୍ଚ୍ଚାରେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା

# ବାପାଙ୍କ ସୁରକ୍ଷା ଦାବିକଲା ନାବାଳକ ପୁଅ

ପୁରୀ,୮।୮ (ସମିସ)

ପୁଣି ଚର୍ଚ୍ଚାରେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା ଓରଫ କାଗଜି ପଲାଇ ଏବଂ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ବିବାଦ। ଶିଶୁ ମଙ୍ଗଳ କମିଟି, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ବେଞ୍ଚରେ ହାଜର ହୋଇଛି ନାବାଳକ ପୁଅ। ପୁଅର ଭବିଷ୍ୟତ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିଶୁଯତ୍ନ ଅନୁଷ୍ଠାନରେ ତାକୁ ରଖାଯାଇଥିବା ବେଳେ ଶିଶୁ ମଙ୍ଗଳ କମିଟି କରିଛି କାଉନ୍‌ସେଲିଂ। ବାପାକୁ ବଞ୍ଚାଇବା ପାଇଁ ଥାନାରେ ଅଭିଯୋଗ କରିଛି ନାବାଳକ ପୁଅ। ଅନ୍ୟପକ୍ଷରେ ସୋନାଲିଙ୍କ ବୟାନ ରେକର୍ଡ କରିଛି ପୁରୀ ପୁଲିସ। ସେହିପରି ଉଭୟ ସୋନାଲି ଏବଂ ଶ୍ରୀକ୍ଷେତ୍ର ପ୍ରସାଦଙ୍କର ମଧ୍ୟ କାଉନ୍‌ସେଲିଂ କରିବ ଶିଶୁ ମଙ୍ଗଳ କମିଟି।

କିଛିମାସ ତଳେ ସୋନାଲି ଓ ଶ୍ରୀକ୍ଷେତ୍ର ପ୍ରସାଦଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଏବେ ପୁଣି କଡ଼ ଲେଉଟାଇଛି। ବାପାକୁ ଷଡ଼ଯନ୍ତ୍ରରୁ ବଞ୍ଚାଇବା ପାଇଁ କୃଷ୍ଣପ୍ରସାଦ ଥାନାରେ ଅଭିଯୋଗ କରିଛି ୧୨ ବର୍ଷୀୟ ନାବାଳକ ପୁଅ। ନିଜ ପରିଚୟ ପାଇଁ ଶିଶୁ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିବା ସହ ବାପା ଗିରଫ ହେଲେ ଇଚ୍ଛାମୃତ୍ୟୁ ଆବେଦନ କରିବି ବୋଲି ଅଭିଯୋଗରେ ଦର୍ଶାଇଛି। ଅନ୍ୟପକ୍ଷରେ ନାବାଳକ ଜଣକ ନିଜ ମାତୃତ୍ୱର ପରିଚୟ ପାଉନି। ବାପାଙ୍କ ପାଖରେ ଥିବା ଆଲବମ୍ ଫଟୋରୁ ସେ ଯାହା ମାଆକୁ ଜାଣିଛି। ହେଲେ ମାଆ ଷଡ଼ଯନ୍ତ୍ର କରୁଥିବା ପୁଅ ଅଭିଯୋଗ କରିଥିବାବେଳେ ବାପାଙ୍କ ସୁରକ୍ଷା ଦାବି କରିଛି। ଅନ୍ୟପକ୍ଷରେ ସୋନାଲିଙ୍କ ଅଭିଯୋଗ ଆଧାରରେ ଯାଜପୁର ବାଲିଚନ୍ଦ୍ରପୁର ଥାନାରେ ଚଳିତ ମାସ ୩ ତାରିଖରେ ଏଫ୍‌ଆଇଆର୍ ହୋଇଥିଲା। ସୋନାଲିଙ୍କ ପୈତୃକ ଗାଁ କୃଷ୍ଣପ୍ରସାଦ ହୋଇଥିବାରୁ ମାମଲାକୁ ପୁରୀ ପୁଲିସକୁ ହସ୍ତାନ୍ତର କରାଯାଇଛି। ସେଥିରେ ସୋନାଲି ଶ୍ରୀକ୍ଷେତ୍ର ସାମନ୍ତସିଂହାର ନାଁରେ ଅପହରଣ, ଜୋର୍‌ଜବରଦସ୍ତ ବିବାହ ଭଳି ଅଭିଯୋଗ ଆଣିଛନ୍ତି। ସେହି ଆଧାରରେ ଗୁରୁବାର ପୁରୀ ପୁଲିସ ୧୬୧, ୧୬୪ରେ ସୋନାଲିଙ୍କ ବୟାନ ରେକର୍ଡ କରିଛି। ଖୁବ୍‌ଶୀଘ୍ର ଶ୍ରୀକ୍ଷେତ୍ର ସାମନ୍ତସିଂହାରଙ୍କୁ ଆଣି ଜେରା କରାଯିବ। କେବେ ବିବାହ ହୋଇଥିଲା, ସୋନାଲି କେଉଁ ସ୍କୁଲରେ ପାଠ ପଢୁଥିଲେ, ଜନ୍ମ ପ୍ରମାଣପତ୍ର, ପୁଅର ସ୍କୁଲ ଆଦିର ପ୍ରାମାଣିକ ତଥ୍ୟ ବିଷୟରେ ଜେରା କରିବ ପୁଲିସ। ଏଥିସହିତ ଶିଶୁ ମଙ୍ଗଳ କମିଟି କାଉନ୍‌ସେଲିଂ କରିବ।

ଅନ୍ୟପଟେ ବାପା-ମାଆଙ୍କ ମଧ୍ୟରେ ବିବାଦ ଯୋଗୁଁ ପିଲାର ଭବିଷ୍ୟତ ବାଧାପ୍ରାପ୍ତ ହେବା ଆଶଙ୍କା କରିଛି ପୁଲିସ। ନାବାଳକ ପୁଅର ଅଭିଯୋଗ ଆଧାରରେ ଗୁରୁବାର ରାତିରୁ ତାକୁ କୃଷ୍ଣପ୍ରସାଦ ଥାନା ଆଣି ପୁରୀ ଶିଶୁଯତ୍ନ ଅନୁଷ୍ଠାନରେ ରଖିଥିଲା। ଶୁକ୍ରବାର ତାକୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଇଛି। ଶିଶୁ ମଙ୍ଗଳ କମିଟି ସଦସ୍ୟ ତାକୁ କାଉନ୍‌ସେଲିଂ କରିଛନ୍ତି। ବାପା-ମାଆଙ୍କୁ କାଉନ୍‌ସେଲିଂ ପାଇଁ ପୁଲିସକୁ ଚିଠି ଯିବ। ପିଲାର ଭବିଷ୍ୟତ ପାଇଁ ମାମଲାକୁ ଫ୍ୟାମିଲି କୋର୍ଟକୁ ପଠାଯିବ। ପିଲାର ଉଜ୍ୱଳ ଭବିଷ୍ୟତ ପାଇଁ ଉତ୍ତମ ବାତାବରଣ ଶିଶୁ ମଙ୍ଗଳ କମିଟି ସ୍ଥିର କରିବ ବୋଲି କହିଛନ୍ତି ଶିଶୁ ମଙ୍ଗଳ କମିଟି ସଦସ୍ୟ ହିମାଂଶୁ ଦେବଯାନୀ।





ତିନିମାସ ହେଲା ଅଫ୍‌ଲାଇନ୍‌ରେ 'ଆମ ବସ' ପାସ୍ ବନ୍ଦ

# ନବୀକରଣ କରି ନ ପାରି ଫେରୁଛନ୍ତି ଯାତ୍ରୀ

■ ସ୍ମାର୍ଟଫୋନ୍ ନ ଥିବାରୁ ହୋଇପାରୁନି ମାସିକ ନବୀକରଣ

■ ଖର୍ଚ୍ଚାନ୍ତ ହେଉଛନ୍ତି ରାଜଧାନୀର ହଜାର ହଜାର ବସ୍‌ଯାତ୍ରୀ

ଭୁବନେଶ୍ୱର, ୮।୮ (ସମିସ)

ରାଜଧାନୀ ଏବଂ ଏହାକୁ ସଂଯୋଗ କରୁଥିବା ସହର ପାଇଁ ତଥା ପଡ଼ୋଶୀ ଜିଲ୍ଲା ପାଇଁ ପୂର୍ବ ସରକାରଙ୍କ ପକ୍ଷରୁ ଆମ ବସ୍ (ପୂର୍ବରୁ ମୋ ବସ୍) ଚଳାଚଳ କରାଯାଇଥିଲା। କିନ୍ତୁ ଗତ ୩ ମାସ ହେଲା ଭୁବନେଶ୍ୱର ସହର ଏବଂ ଆଖପାଖ ଅଞ୍ଚଳକୁ ଚଳାଚଳ କରୁଥିବା ମାସିକ ଅଫ୍‌ଲାଇନ୍ ନବୀକରଣ ବ୍ୟବସ୍ଥା ବନ୍ଦ କରି ଅନ୍‌ଲାଇନ୍ ପଞ୍ଜୀକରଣ କରାଯାଉଛି। ଫଳରେ ଯେଉଁମାନଙ୍କର ସ୍ମାର୍ଟ ଫୋନ୍ ନାହିଁ ସେମାନେ ଅନ୍‌ଲାଇନ୍‌ରେ ବସ୍ ପାସ୍ ପଞ୍ଜୀକରଣ କରିପାରୁ ନାହାନ୍ତି।

ରାଜଧାନୀ ଏବଂ ଉପକଣ୍ଠବର୍ତ୍ତୀ ତଥା ନିକଟବର୍ତ୍ତୀ ସହ ଏବଂ ପଡ଼ୋଶୀ ଜିଲ୍ଲାବାସୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିଲା ମୋ ବସ୍ ଚଳାଚଳ। କ୍ରୁଟ୍ ମାଧ୍ୟମରେ ପ୍ରାଥମିକ ପର୍ଯ୍ୟାୟରେ ଶତାଧିକ ବସ୍ ଚଳାଚଳ କରିଥିଲା। ପରବର୍ତ୍ତୀ ସମୟରେ ମୋ ବସ୍ ନାମ ପରିବର୍ତ୍ତନ କରାଯାଇ ଆମ ବସ୍ ନାମରେ ନାମିତ କରାଯାଇଥିଲା। ଏବେ କ୍ରୁଟ୍ ପକ୍ଷରୁ ୩୭୦ରୁ ଅଧିକ ଆମ ବସ୍ ଚଳାଚଳ କରୁଛି।



ସେଥିମଧ୍ୟରୁ ୧୭୦ଟି ଏସି ବସ୍ ଚଳାଚଳ କରୁଥିବା ବେଳେ ୨୦୦ଟି ନନ୍-ଏସି ବସ୍ ଚଳାଚଳ କରୁଛି। ଏହା କଟକ, ପୁରୀ, କୋଣାର୍କ, ଖୋର୍ଦ୍ଧା, ଜଟଣୀ, ସାଲେପୁର ଆଦି ଅଞ୍ଚଳକୁ ଏହି ବସ୍ ଚଳାଚଳ କରୁଛି। ଯେଉଁମାନେ ନିୟମିତ ଯାତ୍ରା କରୁଛନ୍ତି ସେମାନଙ୍କ ପାଇଁ କ୍ରୁଟ୍ ପକ୍ଷରୁ ମାସିକ ପାସ୍ ବ୍ୟବସ୍ଥା କରାଯାଇଛି। ଏହି ପାସ୍‌ଗୁଡ଼ିକ ଦୁଇ ପ୍ରକାରର। ମ୍ୟାଜିକ୍ ପାସ୍‌ରେ ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଟଣୀ, ପିପିଲି ପର୍ଯ୍ୟନ୍ତ ଯାତାୟତ କରିପାରିବେ। ଏଥିପାଇଁ ଯାତ୍ରୀଙ୍କୁ ମାସିକ ୧୧୦୦ ଶହ ଟଙ୍କା ଦେଇ ବିନା ଏସି ଯାତାୟାତ ସୁବିଧା ରହିଥିବା ବେଳେ ୧୫୦୦ ଶହ ଟଙ୍କା ଏସି ବସ୍‌ରେ ଯାତାୟତ କରିପାରିବେ।

ସେହିଭଳି ସାଧାରଣ ପାସ୍ ବ୍ୟବସ୍ଥାରେ ରାଜଧାନୀ ସମେତ ଖୋର୍ଦ୍ଧା ଜିଲ୍ଲା ଗୋହିରା, ନନ୍ଦନକାନନ, ଉତ୍ତରା, କିମ୍ବା ଫୁଲନଖରା ପର୍ଯ୍ୟନ୍ତ ଯାତ୍ରା କରିପାରିବେ। ମାସିକ ୭୫୦ ଟଙ୍କା ଦେଇ ଏସି ବସ୍‌ରେ ଯାତ୍ରା କରିବାର ବ୍ୟବସ୍ଥା ରହିଥିବା ବେଳେ ୫୫୦ ଟଙ୍କା ଦେଇ କେବଳ ବିନା ଏସି ବସର ଯାତ୍ରା କରିପାରିବାର ବ୍ୟବସ୍ଥା ରହିଛି। ଯଦି ନିର୍ଦ୍ଧାରିତ ଅଞ୍ଚଳ ବାହାରକୁ ଯାଉଛନ୍ତି ତେବେ ଅତିରିକ୍ତ ଦେୟ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ମ୍ୟାଜିକ୍ ପାସ୍‌ର ନବୀକରଣ ଅଫ୍‌ଲାଇନ୍‌ରେ ହେଉଥିବା ବେଳେ ଗତ ୩ ମାସ ହେଲା ସାଧାରଣ ପାସ୍ ନବୀକରଣ ଅଫ୍‌ଲାଇନ୍ ବ୍ୟବସ୍ଥା ବନ୍ଦ କରାଯାଇଛି। ଫଳରେ ଯେଉଁମାନଙ୍କ ପାଖରେ ସ୍ମାର୍ଟଫୋନ ନାହିଁ ସେମାନେ ପାସ୍ ନବୀକରଣରୁ ବଞ୍ଚିତ ହେଉଛନ୍ତି। ପାସ୍ ନ ଥିବାରୁ ସେମାନେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ନିୟମିତ ଯାତ୍ରୀ।

ସବୁ କ୍ଷେତ୍ରରେ ଡ଼ିଜିଟାଲକୁ ଗୁରୁତ୍ୱ ଦିଆଯାଉଥିବାରୁ ଆଗକୁ ଏଟିଏମ୍ କାର୍ଡ଼ ଭଳି ଡ଼ିଜିଟାଲ ପାସ୍ କରାଯିବ। ଦର ଏକା ରହିବା ସହ କ୍ରୁଟ୍ ଅଫିସ୍ ଯାଇ କିମ୍ବା କୌଣସି ଡ଼ିପୋକୁ ଯାଇ ପୂର୍ବପରି ପାସ୍ ଯେମିତି କରାଯାଉଥିଲା ସେହିପରି ଭାବରେ କରାଯିବ ବୋଲି ଜଣା ପଡ଼ିଛି। ଏଥିସହିତ ନୂଆ ଡ଼ିଜିଟାଲ କାର୍ଡ଼ରେ ରେଜିଷ୍ଟ୍ରେସନ୍ ନମ୍ବର, ଫୋନ ନମ୍ବର ସହ ୟୁଜର କଣ୍ଟାକ୍ଟ ନମ୍ବର ଉପଲବ୍ଧ ହେବ। ପାସ୍ କାର୍ଡ଼ ହେବା ପାଇଁ ଟିକେ ସମୟ ଲାଗିବ। ତଥାପି ଏବେ ନୂଆ କାର୍ଡ଼ର ଟେକ୍ନିକାଲ କାମ ଚାଲୁଅଛି। ଏହି ମାସ ଶେଷ ସୁଦ୍ଧା ସାରିବାକୁ ଲକ୍ଷ ରଖିଛୁ ବୋଲି କ୍ରୁଟ୍ ମୁଖ୍ୟ କାର୍ଯ୍ୟାଳୟର କମ୍ୟୁନିକେସନ୍ ହେଡ଼ ମନସ୍ୱିନୀ ଶତପଥି କହିଛନ୍ତି।

● ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକଙ୍କର ସମୀକ୍ଷା ବୈଠକ

## ମହିଳା ନେତୃତ୍ୱାଧୀନ ଉଦ୍ୟମିତା ହେଉଛି ସମୟର ଆହ୍ୱାନ

ଭୁବନେଶ୍ୱର, ୮।୮ (ସମିସ): ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କର ଯୋଜନା କାର୍ଯ୍ୟାନ୍ୱୟନ ଓ ରୂପାୟନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଓ-ହବ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଏବଂ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସବିଶେଷ ସମୀକ୍ଷା କରି ଉଦ୍ୟମିତା କ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବାକୁ ପ୍ରଚେଷ୍ଟା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହିଳା ନେତୃତ୍ୱାଧୀନ ଏମଏସ୍‌ଏମଇ କ୍ଷେତ୍ରରେ ସମଗ୍ର ଦେଶରେ ଓଡ଼ିଶା ୧୩ତମ ସ୍ଥାନରେ ଥିବା ବେଳେ ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆହ୍ୱାନ ଦେବା ସହ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ଓ ବିଭାଗ ଅନ୍ତର୍ଗତ ସମସ୍ତ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକୁ ସମୀକ୍ଷା କରି ଲୋକଙ୍କ ପାଇଁ ନୀତିନିଷ୍ଠ କର୍ତ୍ତବ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କର ବିଭିନ୍ନ ଲୋକଭିମୁଖୀ କାର୍ଯ୍ୟକ୍ରମ, ପି.ଏମ୍.ଇ.ଜି.ପି, ପି.ଏମ୍.ଏଫ୍.ଏମ୍.ଇ, ପିଏମ୍-ବିଶ୍ୱକର୍ମା ଏବଂ ଓଡ଼ିଶା ସରକାରଙ୍କର ବିଭିନ୍ନ ଆର୍ଥିକ ଏବଂ ଅଣ ଆର୍ଥିକ ପ୍ରୋତ୍ସାହନଗୁଡ଼ିକର ସମୀକ୍ଷା କରିଥିଲେ। ସେହିପରି ଜିଲ୍ଲାସ୍ତରର କାର୍ଯ୍ୟକାରିତା ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପରିଚାଳକମାନେ ଉପସ୍ଥାପନ କରିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗର କମିସନର ତଥା ଶାସନ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, ସ୍ୱତନ୍ତ୍ର ଶାସନ ସଚିବ ମହେଶ କୁମାର ଚୌଧୁରୀ, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ପ୍ରଭୁ ପ୍ରସାଦ ଚୌଧୁରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ସମୁଚିତା ମଲ୍ଲିକ ଉପସ୍ଥିତ ଥିଲେ।

## 'ସାରଳା ମହାଭାରତରେ ଜ୍ୟୋତିଷ ଚର୍ଚ୍ଚା' ଲୋକାର୍ପିତ




ଭୁବନେଶ୍ୱର, ୮।୮ (ସମିସ): ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ଡ. ରଜନୀ ରଞ୍ଜନ ଦାଶଙ୍କ ଲିଖିତ 'ସାରଳା ମହାଭାରତରେ ଜ୍ୟୋତିଷ ଚର୍ଚ୍ଚା' ପୁସ୍ତକର ପରିବର୍ଦ୍ଧିତ ସଂସ୍କରଣ ଆଜି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ କେଦାରନାଥ ଗବେଷଣା କେନ୍ଦ୍ରରେ ଲୋକାର୍ପିତ ହୋଇଯାଇଛି। ପକ୍ଷୀଘର ପ୍ରକାଶନୀର ବନୋଜ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ସାରଳା ସାହିତ୍ୟର ବିଶିଷ୍ଟ ଗବେଷକ ଜେଏନୟୁର ପ୍ରଫେସର ଡ. ଉଦୟନାଥ ସାହୁ ଏବଂ ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଏବଂ ଡ. ଅଜୟ ସ୍ୱାଇଁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାରଳା ଦାସଙ୍କ ଜ୍ଞାନ ଓ ବହୁଶାସ୍ତ୍ରଦର୍ଶିତା ଉପରେ ବିଶେଷ ଆଲୋଚନା କରିଥିଲେ। ଲେଖକ ଡ. ଦାଶ ନିଜ ଲେଖକୀୟ ଆଭିମୁଖ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ମିରରର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ତନୟା ଦାସଗୋସ୍ୱାମୀ।

## ତୈଳବୀଜ ସମ୍ବନ୍ଧୀୟ ସଚେତନତା ଶିବିର

ବାଲିଅନ୍ତା, ୮।୮ (ସମିସ): ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁରସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭା କକ୍ଷରେ ଜତୀୟ ଖାଦ୍ୟ ନିରାପତ୍ତା ମିସନ - ରବି ୨୦୨୪/୨୫ ଯୋଜନାରେ ତୈଳବୀଜ ଜତୀୟ ଫସଲ ସମ୍ବନ୍ଧୀୟ କୃଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ କୃଷକ ସଚେତନତା ସଭାରେ ବାଲିଅନ୍ତା ବ୍ଲକ ସହକାରୀ କୃଷି ଅଧିକାରୀ ସ୍ଥିତିପ୍ରଜ୍ଞ ଖମାରୀ ସଭାପତିତ୍ୱ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଭୁବନେଶ୍ୱର ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳ, ଅବସରପ୍ରାପ୍ତ ଯୁଗ୍ମ କୃଷି ନିର୍ଦ୍ଦେଶକ ତୁଷାର କାନ୍ତି ସାମଲ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି



ନାରାୟଣ ଶତପଥି, ବାଲିପାଟଣା ବ୍ଲକ ସହକାରୀ କୃଷି ଅଧିକାରୀ ରୋହନ କୁମାର ପଣ୍ଡା, ବାଲିଅନ୍ତା ବ୍ଲକ ଆତ୍ମା ଅଧ୍ୟକ୍ଷ ଚୈତନ୍ୟ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଚାଷୀଙ୍କୁ ଭିଭିନ୍ନ ଫସଲ ସମ୍ପର୍କିତ ସୂଚନା ଏବଂ ପରାମର୍ଶ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ୩୦ ଜଣ ତାଲିମଧାରୀ ଚାଷୀଙ୍କୁ ଅତିଥିବୃନ୍ଦ ସାର୍ଟିଫିକେଟ ପ୍ରଦାନ କରିଥିଲେ। ସହକାରୀ କୃଷି ଅଧିକାରୀ ଗୌତମ ପରିଡ଼ାଙ୍କ ସମେତ ବିଭିନ୍ନ ଗ୍ରାମ ପଞ୍ଚାୟତର କ୍ଷେତ୍ର କୃଷି କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## 'ଇସ୍କ ଟ୍ରାଫିକ୍'ର ମ୍ୟୁଜିକ ରିଲିଜ୍

ଭୁବନେଶ୍ୱର, ୮।୮ (ସମିସ): ଏକ ହୋଟେଲରେ ଗ୍ରୀନ ଚିଲିଜ ଏଣ୍ଟରଟେନମେଣ୍ଟ ନିବେଦିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଇସ୍କ ଟ୍ରାଫିକ୍'ର ସଙ୍ଗୀତ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ଅସଦ ନିଜାମ ଓ ତାଙ୍କ ଟିମ ସମେତ ଚଳଚ୍ଚିତ୍ରର ସମସ୍ତ କଳାକାର ଓ ଟେକନିସିଆନ୍ ଯୋଗ ଦେଇଥିଲେ। ରୋହନଜିତ୍ ଦାସଙ୍କ ନିର୍ଦ୍ଦେଶିତ 'ଇସ୍କ ଟ୍ରାଫିକ' ରେ ସଙ୍ଗୀତ ଦେଇଛନ୍ତି ଅସଦ ନିଜାମ। ତପୁ ନାୟକ, ରଞ୍ଜନ ନାୟକ, ପୁଷ୍ପକ ପରିଡ଼ା ଓ ଅସଦ ନିଜାମଙ୍କ ଦ୍ୱାରା ରଚିତ ଗୀତଗୁଡିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ମଣ୍ଟୁ ଛୁରିଆ, କୁଲଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅବିନାଶ ପ୍ରମୁଖ ଲୋକପ୍ରିୟ କଣ୍ଠଶିଳ୍ପୀ। ଏଥିରେ ଅଭିନୟ କରିଛନ୍ତି ପ୍ରେମ୍, ପପୁ ପମ୍ ପମ୍। ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ମହାପ୍ରସାଦ କର। କାହାଣୀ ଓ ସଂଳାପ ରଚନା କରିଛନ୍ତି ଶୁଭ୍ରାଂଶୁ ବିଶ୍ୱାଳ।

## ଭାରତ ଯୋଡ଼ୋ ଅଭିଯାନର ରାଷ୍ଟ୍ରୀୟ ସମ୍ପାଦକ ହେଲେ ଡଃ ବିଶ୍ୱଜିତ୍

ଭୁବନେଶ୍ୱର, ୮।୮ (ସମିସ): ଦେଶର ଗଣତନ୍ତ୍ର, ଧର୍ମନିରପେକ୍ଷତା ତଥା ସାମାଜିକ ନ୍ୟାୟ ପାଇଁ ନିରବଚ୍ଛିନ୍ନ ଅଭିଯାନରେ ଥିବା ଭାରତ ଯୋଡୋ ଅଭିଯାନର ବିହାରର ପାଟନା ଠାରେ ଅନୁଷ୍ଠିତ ତୃତୀୟ ରାଷ୍ଟ୍ରୀୟ ସମ୍ମିଳନୀରେ ବିଶିଷ୍ଟ ଗାନ୍ଧୀବାଦୀ ଡଃ ବିଶ୍ୱଜିତଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ଭାରତ ଯୋଡୋ ଅଭିଯାନରେ ବିଶିଷ୍ଟ



ସମାଜ ବିଜ୍ଞାନୀ ଯୋଗେନ୍ଦ୍ର ଯାଦବ, ବିଜୟ ମହାଜନ, ଉଲକା ମହାଜନ, ବିଜୟ ପ୍ରତାପ, ପ୍ରଫେସର ଅଜିତ ଝା ପ୍ରମୁଖ ରାଷ୍ଟ୍ରୀୟ ସଂଯୋଜକ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଥାଉ କି ବିଭିନ୍ନ ଜନଆନ୍ଦୋଳନ ସମେତ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ସର୍ବସେବା ସଂଘ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଭଳି ଦେଶର ପ୍ରମୁଖ ଗାନ୍ଧୀବାଦୀ ସଙ୍ଗଠନ ସହ ଜଡିତ ରହି ଡଃ ବିଶ୍ୱଜିତ୍ ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଗାନ୍ଧୀ ବିଚାରକୁ ସମଗ୍ର ଦେଶ ତଥା ରାଜ୍ୟରେ ମଜବୁତ କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି।

## ଆବାସିକ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଓ ଚାରାରୋପଣ



ଭୁବନେଶ୍ୱର, ୮।୮ (ସମିସ): ରାଜଧାନୀ ଉପକଣ୍ଠସ୍ଥ ଭୋଳା ଗ୍ରାମସ୍ଥିତ ଆବାସିକ ଶିଶୁ ବିଦ୍ୟାମନ୍ଦିର ପରିସରରେ ରୋଟାରୀ କ୍ଲବ୍ ଖାଇବେଲ-କଳିଙ୍ଗନଗର ତରଫରୁ ବିଦ୍ୟାଳୟର ୧୬୦ ଛାତ୍ରଛାତ୍ରୀ, ୧୦ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ ଜିଲ୍ଲା ୩୨୬୨ର ପୂର୍ବତନ ପ୍ରାନ୍ତପାଳ ଶିବବ୍ରତ ଦାଶ ମୁଖ୍ୟ ଅତିଥି, ଉପପ୍ରାନ୍ତପାଳ ଡଃ. ଶିଶିର କାନ୍ତ ଷଡ଼ଙ୍ଗୀ ଯୋଗ ଦେଇ ରକ୍ଷାବନ୍ଧନର ତାତ୍ପର୍ଯ୍ୟ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ। କ୍ଲବର ସଭାପତି ଆଡ୍‌ଭକେଟ୍ ଦିଲ୍ଲୀପ୍ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଉତ୍ସବ ବେଶ ଚିତାକର୍ଷକ ହୋଇଥିଲା। ସ୍କୁଲ ପିଲାମାନଙ୍କୁ ନେଇ ଏକ ନୃତ୍ୟ ନାଟିକା 'ପରି' ପରିବେଷଣ କରାଯାଇଥିଲା। ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟତ୍ରୀ ସୁମିତ୍ରା ମିଶ୍ର ତଥା ସମ୍ପାଦକ ଗୌରହରି ପାତ୍ରଙ୍କ ପ୍ରଚେଷ୍ଟାରେ ଗଢ଼ିଉଠିଥିବା ଆବାସିକ ସ୍କୁଲଟି ସାରା ଓଡ଼ିଶାରୁ ପ୍ରାୟ ୧୬୦ ଜଣ ଗରିବ, ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ କରିବା ସହିତ ବୌଦ୍ଧିକ ବିକାଶର ଆତ୍ମା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ରୋଟାରଆ।।ନ ଡଃ କିଶୋର ଚନ୍ଦ୍ର ସ୍ୱାଇଁ ରମେଶ ଚନ୍ଦ୍ର ମହାନ୍ତି, କର୍ଣ୍ଣେଲ୍ ଏସ୍. ଜଗନ୍ନାଥ ରାଓ, ଗୋକୁଳ ବିହାରୀ ଦାସ, ମଧୁସୂଦନ ସାମଲ, ସସ୍ମିତା ଜେନା, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ରାତିପାହିଲେ ଖୁଦୁରୁକୁଣି

## ରାସ୍ତାକଡ଼ରେ ଭାଲୁକୁଣି



ଭୁବନେଶ୍ୱର, ୮।୮ (ସମିସ)

ଆସନ୍ତା ରବିବାର ହେଉଛି ଭାଦ୍ରବ ମାସର ପ୍ରଥମ ରବିବାର। ଖୁଦୁରୁକୁଣି ଓଷା ପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ଭାଲୁକୁଣୀ ମୂର୍ତ୍ତିମାନ ବିକ୍ରି ହେଉଛି। ବିଶେଷକରି ରାଜଧାନୀ ହାଟରେ ଗତ କିଛିଦିନ ହେଲା ଖୁଦୁରୁକୁଣୀ ମୂର୍ତ୍ତି ବିକ୍ରି ହେଉଥିବା ବେଳେ ଏଗୁଡ଼ିକ ଶହେ ଟଙ୍କାରୁ ଆରମ୍ଭ କରି ୪ ହଜାର ଟଙ୍କାରେ ବିକ୍ରି ହେଉଛି। ଛାଞ୍ଚ ମୂର୍ତ୍ତିଗୁଡ଼ିକ ଶହେ ଟଙ୍କାରୁ ଆରମ୍ଭ ହୋଇ ୫ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ହାତଗଢ଼ା ମୂର୍ତ୍ତିଗୁଡ଼ିକ ୬ଶହ ୭ ଶହ ଟଙ୍କାରୁ ଆରମ୍ଭ ହୋଇ ୪ ହଜାର ଟଙ୍କାରେ ବିକ୍ରି ହେଉଛି। କାରିଗରମାନେ ପିପିଲି ଏବଂ ରାଜଧାନୀ ଉପକଣ୍ଠର ବିଭିନ୍ନ ଅଞ୍ଚଳରେ ମୂର୍ତ୍ତି ତିଆରି କରି ଭୁବନେଶ୍ୱରରେ ବିକ୍ରି କରି ଆସୁଛନ୍ତି। ଗତ ଦୁଇରୁ ତିନି ଦିନ ଧରି କିଛି ମାତ୍ରାରେ ମୂର୍ତ୍ତି ବିକ୍ରି ହୋଇଥିବା ବେଳେ ଆଗକୁ ମୂର୍ତ୍ତି ବିକ୍ରି ହେବ ବୋଲି ଆଶା କରାଯାଉଛି। ଶେଷ ପାଳି ଖୁଦୁରୁକୁଣୀ ଓଷାରେ ସର୍ବାଧିକ ମୂର୍ତ୍ତି ବିକ୍ରି ହୋଇଥାଏ। ରାଜଧାନୀରେ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଭାଲୁକୁଣି ମୂର୍ତ୍ତି ବିକ୍ରି ହୋଇଥାଏ ବୋଲି ଜଣେ ବ୍ୟବସାୟୀ ନିଜ ମତ ଦେଉଛନ୍ତି। ସେ କହିଛନ୍ତି ଯେ, ଲାଭ ସେତେ ଭଲ ହୁଏ ନାହିଁ। କିନ୍ତୁ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଗତ ୩୦ ବର୍ଷ ହେଲା ଏହି ମୂର୍ତ୍ତି ବ୍ୟବସାୟ କରି ଆସୁଛୁ। ତେବେ ପୂର୍ବାପେକ୍ଷା ରାଜଧାନର ଲୋକସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ସେଭଳି ବିକ୍ରି ବୃଦ୍ଧି ହୋଇନାହିଁ।

ସନ୍ଧ୍ୟା ହେଲେ ସଂକଟ

## ଭାର୍ଗବୀ ସେତୁରେ ଭୟ ଗୋଡ଼ାଉଛି

ଧଉଳି, ୮।୮ (ସମିସ)

ଜୟଦେବ ନିର୍ବାଚନ ମଣ୍ଡଳୀର ପ୍ରମୁଖ ପ୍ରବେଶପଥ ହେଉଛି ବାଳକାଟି ଭାର୍ଗବୀ ସେତୁ। ଏହି ନିର୍ବାଚନ ମଣ୍ଡଳୀ ପରିସରଭୁକ୍ତ ଅଞ୍ଚଳକୁ ଯାତାୟାତ କରିବାକୁ ହେଲେ ଏହି ସେତୁ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ସେହିପରି ଏହି ସେତୁଦେଇ ଭୁବନେଶ୍ୱର, ପୁରୀ, ପିପିଲି, କଟକ, କୋଣାର୍କ, କାକଟପୁର ଆଦି ପ୍ରମୁଖ ସ୍ଥାନକୁ ହଜାର ହଜାର ଜନସାଧାରଣ ଓ ଯାନବାହନ ଯାତାୟାତ

■ ଦୁର୍ଘଟଣାକୁ ବଳିଯାଉଛି ରାହାଜାନି ଭୟ

■ ମରାମତି ହୋଇପାରୁ ନାହିଁ ସୋଲାର୍ ଲାଇଟ୍

କରୁଛି। ଏଥିସହ ରାତିରେ ଥକ୍କା ମେଣ୍ଟାଇବା ପାଇଁ ସ୍ଥାନୀୟ ଲୋକେ ଏହି ସେତୁ ଉପରେ ବିଶ୍ରାମ ନେଇଥାନ୍ତି। କେହି କେହି ଖରାଦିନେ ରାତିରେ ମଧ୍ୟ ଏହି ସେତୁ ଉପରେ ଶୋଇଥାନ୍ତି। ମାତ୍ର ରାତି ସମୟରେ ଉକ୍ତ ସେତୁଟି ଅନ୍ଧାର ରହୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ସହ ରାହାଜାନୀ ମଧ୍ୟ ହେଉଛି। ତତ୍ ସହିତ ଅନ୍ଧାରରେ ଏହି ସେତୁ ଉପରେ ବିଷାକ୍ତ ସରୀସୃପ ବୁଲୁଥିବାର ମଧ୍ୟ ଦେଖାଯାଉଛି। ସେହିପରି ଏହି ସେତୁ ଉପରେ ଗୋରୁଗାଈ ମଳମୂତ୍ର କରିବା ସହ ବିଶ୍ରାମ ନେଇଥାନ୍ତି। ଫଳରେ ସେତୁ ଉପରେ ପରିମଳ ବ୍ୟବସ୍ଥା ବିଗିଡିବା ସହ ଦୁର୍ଘଟଣା ଘଟୁଛି। ଅତୀତରେ ଦୁର୍ଘଟଣା ଓ ସରୀସୃପ କାମୁଡ଼ା ଘଟଣା ଘଟିଥିବାର ନଜିର ମଧ୍ୟ ରହିଛି।

ସେତୁ ଅନ୍ଧକାରକୁ ଦୃଷ୍ଟିରେ ରଖି ୨୦୧୭/୧୮ ଆର୍ଥିକ ବର୍ଷରେ ତତ୍କାଳୀନ ବିଧାୟକ ତଥା ପୂର୍ବତନମନ୍ତ୍ରୀ



ଶଶୀଭୂଷଣ ବେହେରା ନିଜ ଆଞ୍ଚଳିକ ପାଣ୍ଠିରୁ ଏହି ସେତୁକୁ ଆଲୋକୀକରଣ କରିବା ପାଇଁ ୨ ଲକ୍ଷ ୫୬ ହଜାଇ ଅନୁଦାନ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଏକ ଘରୋଇ କମ୍ପାନୀ ଏହାକୁ ହାତକୁ ନେଇ କାମ କରିଥିଲା। ୧୨.୬୦ ଫୁଟ ଲମ୍ବ, ସାର ୨୪ ଫୁଟ ବିଶିଷ୍ଟ ଏହି ସେତୁର ଗୋଟିଏ ପାର୍ଶ୍ୱରେ ୮ଟି ସୋଲାର ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲା। ପରେ ପୁନର୍ବାର ୨୦୧୮/୧୯ ଅନୁରୂପ ଭାବେ ବିଧାୟକଙ୍କ ଆଞ୍ଚଳିକ ପାଣ୍ଠି ପ୍ରାୟ ୧୪/୧୫ ଲକ୍ଷ ବ୍ୟୟ କରାଯାଇ ଏକ ଘରୋଇ କମ୍ପାନୀ ଦ୍ୱାରା ସେତୁର ଗୋଟିଏ ପାର୍ଶ୍ୱରେ ୧୦ଟି ସୋଲାର ଲାଇଟ୍ ଲାଗିଥିଲା। ସେତୁରେ ସିମେଣ୍ଟ କଂକ୍ରିଟ ଦ୍ୱାରା ଏକ ଲୁହାର ପ୍ରାୟ ୧୫ ଫୁଟ ଉଚ୍ଚର ଜିଆଇ ପାଇପ୍ ଦ୍ୱାରା ମୋଟ ୧୮ଟି ଷ୍ଟ୍ରିଟ୍ ଲାଇଟ ଲାଗିଛି। ମାତ୍ର କିଛି ମୁନାଫଖୋର୍ ରାଜନେତା ତଥା କୁଜି ନେତା ଏବଂ ଠିକାଦାରଙ୍କ ସ୍ୱାର୍ଥ ଯୋଗୁଁ ଏଗୁଡିକ ଅତି ନିମ୍ନମାନର କାମ ହୋଇଥିବାରୁ ଖୁବ୍ କମ୍ ଦିନ ମଧ୍ୟରେ ଖରାପ୍ ହୋଇଯାଇଛି। ଲାଗିଥିବା ୧୮ଟି ଲାଇଟ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ବାତ୍ୟା 'ଫନୀ' ଯିବାର ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ଜନପ୍ରତିନିଧଙ୍କ ଆନ୍ତରିକତା ଅଭାବରୁ ଏହି ସୋଲାର ଲାଇଟ୍‌ର ମରାମତି ହୋଇପାରିଲା ନାହିଁ। ଫଳରେ ପୂର୍ବତନ ବିଧାୟକ ଶ୍ରୀ ବେହେରାଙ୍କ ପାଣ୍ଠି ବିନିଯୋଗରେ ଭାର୍ଗବୀ ସେତୁର ଆଲୋକୀକରଣ ବ୍ୟବସ୍ଥା ପାଣିରେ ପଡ଼ିବା ସହ ସେତୁର ଅବସ୍ଥା 'ଯଥା ପୂର୍ବ ତଥା ପରଂ' ସଦୃଶ ହୋଇଛି। ସ୍ଥାନୀୟ ବାଳକାଟି ବାସୀ ତଥା ହଜାର ହଜାର ପଥଚାରୀଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଲାଇଟ୍ ଗୁଡିକ ମରାମତି କରିବାସହ ଆହୁରି ଅଧି?କ ଲାଇଟ୍ ଲଗାଇବା ପାଇଁ ସାଧାରଣରେ ଦାବି ହୋଇଛି।



# ବେପାର ଶେଷ ଦିନରେ ଅଫର୍ ବର୍ଷା



ଆଜି ରକ୍ଷା ବନ୍ଧନ

ଭୁବନେଶ୍ୱର, ୮।୮ (ସମିସ)

ରାତି ପାହିଲେ ରକ୍ଷା ବନ୍ଧନ। ଏଥିପାଇଁ ରାଜଧାନୀର ପ୍ରମୁଖ ସ୍ଥାନରେ ରାକ୍ଷୀ ଦୋକାନରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ତୁହା କୁ ତୁହା ଅଫର୍ ଘୋଷଣା କରୁଛନ୍ତି। କିଏ ୫୦ପ୍ରତିଶତ ରିହାତିରେ ବିକ୍ରି କରୁଛନ୍ତି ତ ଆଉ କେହି ୩ଟି ରାକ୍ଷୀରେ ୨ଟି ମାଗଣା ଦେଉଛନ୍ତି। ସେହିପରି ଅନେକ ବ୍ୟବସାୟୀ ୧୦ଟି ରାକ୍ଷୀରେ ୫ଟି ର ମୂଲ୍ୟ ମାତ୍ର ୧୦ଟଙ୍କା ନେଉଛନ୍ତି। ଏଭଳି ଭଳିକି ଭଳି ଅଫର୍‌ରେ ରାକ୍ଷୀ ବିକ୍ରି ପାଇଁ ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। କାରଣ ପୁଣି ଅପେକ୍ଷା ଆସନ୍ତା ବର୍ଷକୁ। ସକାଳୁ ରାତି ୧୦ଟା ଯାଏ ପ୍ରତ୍ୟେକ ରାକ୍ଷୀ ଦୋକାନରେ ଗ୍ରାହକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା।

ତେବେ ଏଥର ବଜାରରେ ଷ୍ଟୋନ୍, କ୍ରିଷ୍ଟାଲ, ଚେନ୍, ଟେଣ୍ଡି, କାର୍ଟୁନ୍ ଓ ଫ୍ୟାନ୍ସି ରାକ୍ଷୀ ଉପଲବ୍ଧ ରହିଛି। ଷ୍ଟୋନ୍ ଓ କ୍ରିଷ୍ଟାଲ ରାକ୍ଷୀର ଚାହିଦା ବେଶୀ ରହିଥିବାବେଳେ ଏହାର ଦାମ୍ ୩୦ଟଙ୍କାରୁ ୪ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। କୁନି କୁନି ପିଲାମାନଙ୍କ ପାଇଁ ଡୋରେମନ୍, ଛୋଟାଭିମ୍, ମୋଟୁ ପତ୍‌ଲୁ, ସ୍ପାଇଡର ମ୍ୟାନ୍ ଆଦି ଭଳି ବିଭିନ୍ନ କାର୍ଟୁନ୍ ରାକ୍ଷୀ ରହିଛି। ସେହିପରି ପ୍ରତ୍ୟେକବର୍ଷ ଭଳି ବିଭିନ୍ନ ବାର୍ବିଡଲ୍ ଓ ବିଭିନ୍ନ ପ୍ରକାର ଟେଣ୍ଡି ରାକ୍ଷୀ, ସୁନ୍ଦର କପଡ଼ାରେ ତିଆରି ଜଗନ୍ନାଥ ରାକ୍ଷୀ, କାର୍ଟୁନ୍ ଗଣେଶ ରାକ୍ଷୀ, ଶିରିଡ଼ି ବାବା, ଓଁ ରାକ୍ଷୀ ଓ ମୟୂରପୁଚ୍ଛ ରାକ୍ଷୀର ମଧ୍ୟ ଚାହିଦା ରହିଛି। ସେହିପରି ଚାଉଳ, ଚନ୍ଦନ ଓ ସ୍ୱସ୍ତିକ ଆଦିକୁ ସୁନ୍ଦରଭାବେ ସଜାଇ ଇକୋ ଫ୍ରେଣ୍ଡଲି ରାକ୍ଷୀର ବେଶ୍ ଚାହିଦା ରହିଥିବା ଦେଖିବାକୁ ମିଳିଥିଲା। ଏହାସହିତ ରାକ୍ଷୀ ଷ୍ଟଲରେ ଏବେ ଭାଇମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ବାର୍ତ୍ତା ଲେଖାଯାଇଥିବା କାର୍ଡ ମଧ୍ୟ ବିକ୍ରି ହେଉଛି। ରାକ୍ଷୀ ବିକ୍ରିର ଶେଷ ମୁହୂର୍ତ୍ତରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ଅଫର୍ ଲାଗିଛି। ବ୍ୟବସାୟୀଙ୍କ କହିବା ଅନୁସାରେ, ବର୍ତ୍ତମାନ ଲୋକମାନେ ଅନଲାଇନ୍‌ରେ ଅଧିକ ରାକ୍ଷୀ କିଣୁଛନ୍ତି। ଦୂର ସ୍ଥାନକୁ ପଠାଇବାକୁ ଅନଲାଇନ୍ ସୁବିଧା ହେଉଥିବାରୁ ଗ୍ରାହକମାନେ ଏହି ପନ୍ଥା ଆପଣେଇଛନ୍ତି। ତେଣୁ ବ୍ୟବସାୟୀମାନେ ଷ୍ଟଲରେ ବିଭିନ୍ନ ରିହାତିରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି।

## ବୋହି ନେଲେ ମିଠା; ଦିନକ ଆଗରୁ ଦୋକାନ ଖାଲି

ରାକ୍ଷୀ ବାନ୍ଧି ମୁହଁ ମିଠା କରିବାର ପରମ୍ପରା କାଳ କାଳରୁ ରହିଆସିଛି। ରାକ୍ଷୀ ବାନ୍ଧି ମିଠା ଖୁଆଇବାର ଏହି ପରମ୍ପରା ଗାଁ ଠାରୁ ସହର ଯାଏ ସବୁଠି ଦେଖିବାକୁ ମିଳିଥାଏ। ସେଥିପାଇଁ ରାକ୍ଷୀ ପୂର୍ଣ୍ଣିମା ପୂର୍ବଦିନରୁ ରାଜଧାନୀରବ ବିଭିନ୍ନ ମିଠା ଦୋକାନରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଏମିତିକି ସନ୍ଧ୍ୟା ୭ଟା ସୁଦ୍ଧା ଅଧିକାଂଶ ଦୋକାନରେ ମିଠା ଖାଲି ହୋଇଥିବା ଦେଖିବାକୁ ମିଳିଥିଲା। ରାକ୍ଷୀ ପୂର୍ଣ୍ଣିମା ଅବସରରେ ୨ଦିନ ଧରି ସାରା ରାତି ମିଠା ପ୍ରସ୍ତୁତିରେ ଲାଗିପଡ଼ିଥିଲେ ରାଜଧାନୀର ବିଭିନ୍ନ ମିଠା କାରିଗରମାନେ। ଏଥର ୪୦ରୁ ୫୦ପ୍ରକାରର ମିଠା ବଜାରରେ ଉପଲବ୍ଧ ରହିଥିବା ଦେଖିବାକୁ ମିଳିଥିଲା। କାଜୁ କତ୍‌ଲି, କାଜୁ ବୋଟ୍, କାଜୁ ଫୁଲ, କାଜୁ ପିସ୍ତା ମିଠା, କାଜୁ ପେଟିସ୍, କାଜୁ ବାସ୍କେଟ୍, ନଳିନୀଗୁଡ଼, ସନ୍ଦେସ, ନଡ଼ିଆ କୋରା, ରସ୍‌ମଲେଇ, ରସଗୋଲା, ଗୁଲାବ ଜାମୁନ୍, ରସକଦମ୍, ଷ୍ଟିମ୍, ଛେନା କଟଲେଟ୍ ସାଙ୍ଗକୁ ସୁଗାର ଫ୍ରି ମିଠା ଆଦି ଭଳିକିଭଳି ମିଠା ଦେଖିବାକୁ ମିଳିଥିଲା। ଭୁବନେଶ୍ୱରର ଛୋଟ ବଡ ମିଠା ଦୋକାନରେ ପ୍ରବଳ ଭିଡ଼ ଜମିଥିଲା। ଏହାସହିତ ଡ୍ରାଏ ଫ୍ରୁଟ୍ ମିଠାର ମଧ୍ୟ ବେଶ୍ ଚାହିଦା ରହିଛି। ରସଗୋଲା ଗୋଟିଏକୁ ୧୦ଟଙ୍କାରୁ ଆରମ୍ଭ ହୋଇ ୨୫ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ସ୍ୱତନ୍ତ୍ର ଗିଫ୍ଟ ପ୍ୟାକେଟ୍‌ରେ ମିଠା ବିକ୍ରି କରାଯାଉଛି। ଯାହାର ଦାମ୍ ୨ ଶହ ଟଙ୍କାରୁ ଆରମ୍ଭ କରି ୧ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।



# ଆଜିଠାରୁ ନିର୍ମଳ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ

**ବିଭିନ୍ନ ଭାଷାଭାଷୀର ପ୍ରଦର୍ଶିତ ହେବ ୩୦ ଚଳଚ୍ଚିତ୍ର**

ଭୁବନେଶ୍ୱର, ୮।୮ (ସମିସ): ଆସନ୍ତା ଅଗଷ୍ଟ ୯ ଏବଂ ୧୦ ତାରିଖରେ ବଲିଉଡର ପ୍ରଖ୍ୟାତ ଅଭିନେତା ସ୍ୱର୍ଗତଃ ନିର୍ମଳ ପାଣ୍ଡେଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ଦିନ ବ୍ୟାପୀ ବିଜୁ ପଟ୍ଟନାୟକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍, କଟକଠାରେ ଅନୁଷ୍ଠିତ ହେବ ୬ଷ୍ଠତମ ନିର୍ମଳ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ। ଏହି ଅବସରରେ ଭୁବନେଶ୍ୱର ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ଘୋଷଣା ହୋଇଛି। ଏହି ଫେଷ୍ଟିଭାଲରେ ବିଭିନ୍ନ ଭାଷାଭାଷୀର ୩୦ଟି ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ମୁଖ୍ୟ ଚଳଚ୍ଚିତ୍ର ଭାବେ ଓଡ଼ିଆର ନିର୍ବାକ, ଆଭା, ଦମନ, ଅଦମ୍ୟ, ଅନୁଭବ ଏବଂ ଚନ୍ଦ୍ରଶେଖର ରଥଙ୍କ ନିର୍ଦ୍ଦେଶିତ ଡକ୍ୟୁମେଣ୍ଟାରୀ ଫିଲ୍ମ ସାଥ ଚଲନା ହି ଜିନ୍ଦେଗୀ ହେଁ ଏବଂ ଉମିଦ, ମାଇଁ ମଦର ମାଇଁ ୱାର୍ଲଡ, ଯୋଗର୍ସ ପାର୍କ, ଆତ୍ତୁ୍ୟ, ଖାରା ମୋଦକ, ନଜରୀୟା, ଡିପସ୍ଟିକ ଆଦି ଫିଲ୍ମ ସ୍କ୍ରିନିଂ ହେବାକୁ ସ୍ଥିର ହୋଇଛି। ସାମ୍ବାଦିକ ସମ୍ମିଳନୀରେ ମୁମ୍ବାଇରୁ ଆସିଥିବା ଫେଷ୍ଟିଭାଲର ମୁଖ୍ୟ ପରିଚାଳକ ଅନିଲ ଦୁବେ, ମୁମ୍ବାଇରେ ଅବସ୍ଥାପିତ ବରିଷ୍ଠ କ୍ୟାମେରାମ୍ୟାନ ଓ ନିର୍ଦ୍ଦେଶକ ଚନ୍ଦ୍ରଶେଖର ରଥ, ଫେଷ୍ଟିଭାଲ ମୁଖ୍ୟ ତଥା ସଂରକ୍ଷକ ମୁମ୍ବାଇର ରେଖା ଗୌର, ନିର୍ମଳ ପାଣ୍ଡେଙ୍କ ପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଆମୋଦ ଭଟ୍ଟ, ଶୁଭଶ୍ରୀ ଭଟ୍ଟ, ବିଜୁ ପଟ୍ଟନାୟକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍ ର ଉପଦେଷ୍ଟା ସୁରେନ୍ଦ୍ର କୁମାର ସାହୁ, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଅଭିନେତା ସୁକାନ୍ତ ରଥ, ଅଭିନେତ୍ରୀ ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମାନସିକ ସ୍ୱାସ୍ଥ୍ୟ ସଂକ୍ରାନ୍ତ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର, ୮।୮ (ସମିସ): ବେଙ୍ଗାଲୁରୁର ବେସିକ ନିଡସ୍ ଇଣ୍ଡିଆ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ପ୍ରୟାସରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଏବଂ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ବିଷୟରେ ଆଲୋଚନା ହୋଇଥିଲା। ବଲାଙ୍ଗୀର, ବରଗଡ଼, ଅନୁଗୁଳ, ସୁବର୍ଣ୍ଣପୁର ଏବଂ କନ୍ଧମାଳ ଜିଲ୍ଲାରୁ ଆସିଥିବା ମାନସିକ ରୋଗ ଏବଂ ମାନସିକ ବିଷାଦରୁ ମୁକ୍ତ ହୋଇଥିବା ବ୍ୟକ୍ତିବିଶେଷ ଏ ବାବଦରେ ବୁଝାଇବା ସହ ସେଥିରୁ ମୁକୁଳିବା ପାଇଁ ନିଜର ଚିନ୍ତାଧାରାକୁ ସକାରାତ୍ମକ କରିବା ଏବଂ ମନଭିତରକୁ ପ୍ରବେଶ କରୁଥିବା ନକାରାତ୍ମକ ଚିନ୍ତାଧାରାକୁ ଦୂରେଇ ମାନସିକ ଚାପରୁ ମୁକୁଳିବାର ଉପାୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବୈଠକରେ ସ୍ୱତନ୍ତ୍ର ସଚିବ ଡ. ଜିତେନ୍ଦ୍ର ମୋହନ ବେବୋର୍ଥା, ଅବସରପ୍ରାପ୍ତ ଆଇ.ଏ.ଏସ୍ ବ୍ରତତି ହରିଚନ୍ଦନ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# 'ଗଣଚେତନା' ଲୋକାର୍ପିତ

ଭୁବନେଶ୍ୱର, ୮।୮ (ସମିସ): ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ସୁଦର୍ଶନ ଦାସଙ୍କ ପୁସ୍ତକ 'ଗଣଚେତନା' ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପକ ବିଶ୍ୱରଞ୍ଜନ, ଦାଶ ବେନହୁର, ଶ୍ରୀଜଗଦାନନ୍ଦ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପକ୍ଷୀଘର ପ୍ରକାଶିକା ବବିତା ଦାଶ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ପକ୍ଷୀଘର ପ୍ରକାଶନୀର ପ୍ରତିଷ୍ଠାତା ବନୋଜ ତ୍ରିପାଠୀ ପରିଚାଳନା କରିଥିବା ବେଳେ ରଶ୍ମି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ

ଭୁବନେଶ୍ୱର, ୮।୮ (ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟରେ ରକ୍ଷା ବନ୍ଧନ ଉତ୍ସବ ପାଳିତ କରାଯିବ। ଏହି ଉତ୍ସବ ଦିନ ସକାଳ ୭ ଟା ୩୦ମିରୁ ୯ଟା ୩୦ ମି ପର୍ଯ୍ୟନ୍ତ ବିଦ୍ୟାଳୟ ପରିସରରେ ପାଳନ କରାଯିବ ବୋଲି ବିଦ୍ୟାଳୟର ପକ୍ଷରୁ ସୂଚନା ଦିଆଯାଇଛି।

# ଫାୱେଲ୍ଲେ ପକ୍ଷରୁ ଜାତୀୟ ହସ୍ତତନ୍ତ ଦିବସ



ଭୁବନେଶ୍ୱର, ୮।୮ (ସମିସ): ଫାୱେଲ୍ଲେ ପକ୍ଷରୁ ଭୁବନେଶ୍ୱରରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଫ୍ୟାସନ ସପ୍ତାହ ସିଜିନ ୩, ଓଡ଼ିଶା ଦିଭା ସିଜିନ ୨ ଏବଂ ଫାୱେଲ୍ଲେ ବ୍ୟୁଟି ଏକ୍ସପୋ ଓଡ଼ିଶା ଘୋଷଣା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରୋମୀ ସାହୁ, ଗୀତାଞ୍ଜଳୀ ଶର୍ମା, ନିବେଦିତା ପଟ୍ଟନାୟକ, ସରକାରୀ ଅଧିକାରୀ, ଡିଜାଇନର, ମଡେଲ ଏବଂ ବୟନଶିଳ୍ପ ଏବଂ ସୌନ୍ଦର୍ଯ୍ୟ ଶିଳ୍ପର ବ୍ୟକ୍ତିତ୍ୱମାନେ ଯୋଗ ଦେଇଥିଲେ। ଓଡ଼ିଶାର ହସ୍ତତନ୍ତ କଳାକୃତି ଏବଂ ଭାରତର ବିକଶିତ ଫ୍ୟାସନ କାହାଣୀରେ ଏକ ବର୍ଦ୍ଧିତ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଲୋକଙ୍କ ପାଇଁ ଏକ ପ୍ରଦର୍ଶନୀ ମଧ୍ୟ ରହିବ। ଫାୱେଲ୍ଲେ ପ୍ରତିଷ୍ଠାତା ସଂଯୋଗ ପଟ୍ଟନାୟକ ଫେଶନ ଶୋ ଏବଂ ଏକ୍ସପୋ ଭଳି ଆଧୁନିକ ପ୍ଲାଟଫର୍ମ ମାଧ୍ୟମରେ ହସ୍ତତନ୍ତକୁ ପ୍ରୋତ୍ସାହିତ କରିବାକୁ ଗୁରୁତ୍ୱାରୋପ କରିଥିଲେ।

# ବାଲିପାଟଣାରେ ସାଇବର୍ ସଚେତନ

ବାଲିପାଟଣା, ୮।୮ (ସମିସ): ବାଲିପାଟଣା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନ ବାଗଲପୁର ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ମୋବାଇଲ ଓ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଜାତୀୟ ମାନବାଧିକାର ଫୋରମ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ରାଉତ ସଭାପତିତ୍ୱ କରିଥିବାବେଳେ, ବାଲିପାଟଣା ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁଡିଆ, ବାଲିପାଟଣା ବ୍ଲକ ଶିକ୍ଷାଧିକାରୀ ଡଃ ପ୍ରଭାତ କୁମାର ରଥ, ଏବିଇଓ ବିଜୟ କୁମାର ବେହେରା, ବାଲିପାଟଣା ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ରାମଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ବେହେରା, ପଞ୍ଚ ସଖା ଶିକ୍ଷା ସେତୁ ସଭାପତି ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସିଆରସିସି ଝୁନାରାଣୀ ସାହୁ, ଏସଏମସି ସଭାପତି ଅନନ୍ତ ଦାସ ଏବଂ ମାନବାଧିକାର ଫୋରମ୍‌ର ରାଜ୍ୟ ସଭାପତି ଅରୁଣ କୁମାର ଶତପଥୀ ଯୋଗଦେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ସଚେତନ କରାଇଥିଲେ। ସୂଚନାଯୋଗ୍ୟ କି ବର୍ତ୍ତମାନ ସମୟରେ ଛାତ୍ରଛାତ୍ରୀମାନେ ଅହେତୁକ ଭାବରେ ମୋବାଇଲ ଫୋନରେ ବ୍ୟସ୍ତ ରହୁଥିବାରୁ ସେମାନଙ୍କ ମଧ୍ୟରେ ଥିବା ପ୍ରତିଭା ବିକାଶରେ ବାଧା ସୃଷ୍ଟି ହେଉଛି ଏବଂ ସେମାନଙ୍କ ମଧ୍ୟରେ ଅସାମାଜିକ କାର୍ଯ୍ୟକଳାପ ପରିଲକ୍ଷିତ ହେଉଛି। ଅଧିକାଂଶ ଛାତ୍ରଛାତ୍ରୀ ମାନେ ନିଜ କର୍ତ୍ତବ୍ୟରୁ ଦୂରେଇ ରହୁଥିବାରୁ ଦେଶର ଭବିଷ୍ୟତକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଏପରି ସମୟରେ ମାନବାଧିକାର ଫୋରମ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅବସରରେ ସାଇବର ଠକେଇରୁ ବର୍ତ୍ତିବା ପାଇଁ ଅତିଥି ମାନେ ବିଭିନ୍ନ କୌଶଳ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଜିର ସଭାରେ ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ମହାନ୍ତି ଉପସ୍ଥାପନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ୫୦ ହସ୍ତତନ୍ତ ପ୍ରେମୀ ଗ୍ରାହକ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୮।୮ (ସମିସ): ଓଡ଼ିଶା ହସ୍ତତନ୍ତର ଅନ୍‌ଲାଇନ୍ ବ୍ୟବସାୟିକ ପ୍ଲାଟ୍‌ଫର୍ମ ଆର୍ଟସେ ଅଫ୍ ଉଇଭିଂ (ଏଓଡବ୍ଲ୍ୟୁ) ତରଫରୁ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଯାଇଛି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି ଉତ୍ସବରେ ଏଓଡବ୍ଲ୍ୟୁ ପକ୍ଷରୁ ପ୍ରଥମ ୫୦ ଜଣ ହସ୍ତତନ୍ତ ପ୍ରେମୀ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ଏଓଡବ୍ଲ୍ୟୁ ସହ ଯୋଡ଼ି ହୋଇ ଓଡ଼ିଶା ହସ୍ତତନ୍ତର ପ୍ରଚାର ପ୍ରସାରରେ ବିଶେଷ ଭୂମିକା ନିର୍ବାହ କରିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀଙ୍କୁ କଳାହାଣ୍ଡିର ହବସପୁରୀ ଶାଢ଼ି ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କମ୍ପାନୀ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଟସର ଓ କୋଟପାଡ଼ ବ୍ଲେଜର୍, ଜ୍ୟାକେଟ୍, ବିଚିତ୍ରାପୁରୀ ପାଟର ଲଙ୍ଗ୍ ଜ୍ୟାକେଟ୍ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ସଂସ୍ଥାପକ ଦିଶା ଦାସ, ଅନ୍ୟତମ ସହପ୍ରତିଷ୍ଠାତା ଡ. ସୁଜାତା ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ସଂସ୍କୃତ ଶିକ୍ଷକ

ଭୁବନେଶ୍ୱର, ୮।୮ (ସମିସ): ହାଇସ୍କୁଲ ପାଠ୍ୟକ୍ରମରୁ ୩ୟ ଭାଷା ସଂସ୍କୃତ ଉଚ୍ଛେଦ କରା ନ ଯାଉ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାତରଅନ୍ତର ନକରି ସମସ୍ତଙ୍କୁ ବୈଷୟିକ ଶିକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ପତ୍ରର ବ୍ୟବସ୍ଥା କରିବା, ମାଧ୍ୟମିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷକମାନଙ୍କୁ ବିଜ୍ଞାନ, ଗଣିତ, ଇଂରାଜୀ ଶିକ୍ଷକମାନଙ୍କ ସହିତ ସମାନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇ ସଂସ୍କୃତ ଶିକ୍ଷକମାନଙ୍କର ପଦୋନ୍ନତିର ବ୍ୟବସ୍ଥା ଭଳି ମୋଟ ୫ ଦଫା ଦାବି ଉପସ୍ଥାପନା କରିଛି ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ।




୫ ଦଫା ଦାବି ଉପସ୍ଥାପନା କଲା ମହାସଂଘ

ସଂଘର ଅଭିଯୋଗ ଅନୁଯାୟୀ ଓଡ଼ିଶା ସରକାରଙ୍କର ସ୍କୁଲ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ମାଧ୍ୟମିକ ଶିକ୍ଷା ପରିଷଦର ଚିଠି ଅନୁସାରେ ଓଡ଼ିଶାର ୪୩୧୧ଟି ସରକାରୀ ମାଧ୍ୟମିକ ବିଦ୍ୟାଳୟରୁ ମାଧ୍ୟମିକ ଶିକ୍ଷା ପରିଷଦର ପାଠ୍ୟକ୍ରମ ସମିତିର ବିନା ପରାମର୍ଶରେ ଅଗଣତାନ୍ତ୍ରିକ ଭାବରେ ତୃତୀୟ ଭାଷା ସଂସ୍କୃତକୁ ପାଠ୍ୟକ୍ରମରୁ ଉଚ୍ଛେଦ କରି ତା' ସ୍ଥାନରେ ବିଷୟିକ ଶିକ୍ଷାକୁ ସ୍ଥାନିତ କରାଯାଇଛି। ଏ ପ୍ରସଙ୍ଗରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚରମ ସ୍ମାରକପତ୍ର ପ୍ରଦାନ କରାଯିବ। ମହାସଂଘ ତରଫରୁ ସଂସ୍କୃତ ଶିକ୍ଷାର ପ୍ରଚଳନ, ଅବହେଳିତ ଅବସ୍ଥାରେ ପଡ଼ିଥିବା ରାଜ୍ୟର ଶତାଧିକ ପାରମ୍ପରିକ ସଂସ୍କୃତ ପାଠଶାଳା ଓ ସଂସ୍କୃତ ମହାବିଦ୍ୟାଳୟର ପୁନରୁଦ୍ଧାର କରାଯାଇ ସେମାନଙ୍କର ସୁପରିଚାଳନା ପାଇଁ ଅନ୍ୟ ପ୍ରଦେଶ ଭଳି ଓଡ଼ିଶାରେ ମଧ୍ୟ ଏକ 'ସଂସ୍କୃତ ଏକାଡେମୀ' ପ୍ରତିଷ୍ଠା କରିବା ଆଦି ୫ ଦଫା ଦାବି ଉପସ୍ଥାପନ କରାଯାଇଛି। ସେଗୁଡ଼ିକୁ ଏକ ମାସ ମଧ୍ୟରେ ପୂରଣ କରା ନ ଗଲେ ଓଡ଼ିଶାରେ ବ୍ୟାପକ ଗଣ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଏହି ସମ୍ମିଳନୀରେ ସଭାପତି ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ, ସାଧାରଣ ସମ୍ପାଦକ ଡ. କୁମାର ଚନ୍ଦ୍ର ମିଶ୍ର, ସଂସ୍କୃତର ପ୍ରଫେସର ଡ. ସିପ୍ରା ମଲ୍ଲିକ, ମହାସଂଘର କାର୍ଯ୍ୟକାରୀ ସଭାପତି ଡ. ଅକ୍ଷୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# 'ଭିନ୍ନ ଇଲାକାରେ ବର୍ଷା' ଉନ୍ମୋଚିତ



ଭୁବନେଶ୍ୱର, ୮।୮ (ସମିସ): ସାହିତ୍ୟିକ ଉମାକାନ୍ତ ପ୍ରଧାନଙ୍କ 'ଭିନ୍ନ ଇଲାକାରେ ବର୍ଷା' କବିତା ପୁସ୍ତକ ଉନ୍ମୋଚନ ଉତ୍ସବ ରଘୁନାଥପୁରସ୍ଥିତ ନନ୍ଦନ ଭିଲ୍ଲା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ଆଇଏଏସ୍ ଡ. ନିରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ନିର୍ଭୟ'ର ସମ୍ପାଦକ ନବୀନ ଦାସ, ମୁଖ୍ୟବକ୍ତା ଭାବେ ଡ. ଅଭୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଶ୍ରୀନିବାସ ସାହୁ, ରାମଚନ୍ଦ୍ର ସାହୁ, ବିରୁପାକ୍ଷ ରାୟ, ଶରତ ଚନ୍ଦ୍ର ରଥ, ଶିକ୍ଷାବିତ୍ ଫକୀର ଚରଣ ନାୟକ, ମହିମା ଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ସଭାପତିଙ୍କ ସମେତ ଅନ୍ୟମାନେ ପୁସ୍ତକର ସ୍ରଷ୍ଟା ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ ଗୌତମ ଚରଣ ଜେନା ପରିଚାଳନା କରିଥିବା ବେଳେ ଇଞ୍ଜିନିୟର ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

**କେବେ ସରିବ ରାସ୍ତା କାମ!**

# ସିଆର୍‌ପିରୁ ପାୱାର ହାଉସ୍ ଯମଯନ୍ତ୍ରଣା

ଭୁବନେଶ୍ୱର, ୮।୮ (ସମିସ)



**■ ସମସ୍ୟା କରୁଛି ରାସ୍ତା ଖୋଳା, ବର୍ଷା ଦିନେ ଲୋକ ହନ୍ତସନ୍ତ**

ହାଇଟେନ୍‌ସନ ବିଦ୍ୟୁତ କେବୁଲ ବିଛାଇବା ପାଇଁ ରାଜଧାନୀର ପ୍ରମୁଖ ଭିଆଇପି ରାସ୍ତା କୁହାଯାଉଥିବା ସିଆରପିଠୁ ପାୱାରହାଉସ୍ ରାସ୍ତାକୁ ବିଭିନ୍ନ ସ୍ଥାନରେ ଦୀର୍ଘଦିନ ହେଲା ଖୋଳି ଦିଆଯାଇଛି। ଏହି ରାସ୍ତାକଡ଼ରେ ପ୍ରମୁଖ ୩ଟି ବିଦ୍ୟାଳୟ ରହିଛି। ଫଳରେ ରାସ୍ତା ସଂକୁଚିତ ହେବା ସାଙ୍ଗକୁ ସ୍କୁଲ ପାର୍କିଂ ଭିଡ଼ରେ ଲୋକେ ସନ୍ତୁଳିତ ହେଉଛନ୍ତି। ଆଉ ଯଦି ଏହି ସମୟରେ ବର୍ଷା ହୋଇଗଲା ତେବେ ପରିସ୍ଥିତି ଯମ ଯନ୍ତ୍ରଣାକୁ ବଳି ଯାଉଛି।

ରାଜଧାନୀର ପ୍ରମୁଖ ଅଞ୍ଚଳ ହେଉଛି ସିଆର୍‌ପି ଛକରୁ ପାୱାର ହାଉସ୍। ଏହି ରାସ୍ତାକଡ଼ରେ ସିବିଆଇ କାର୍ଯ୍ୟାଳୟଠାରୁ ଆରମ୍ଭ କରି ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କାର୍ଯ୍ୟାଳୟ, ଡିଏଭି ସ୍କୁଲ୍, ଷ୍ଟୁଆର୍ଟ ସ୍କୁଲ୍, ନାରାୟଣୀ ସ୍କୁଲ ସମେତ ଦୁଇଟି ପ୍ରମୁଖ ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ପ୍ରମୁଖ ସରକାରୀ ଏବଂ ବେସରକାରୀ ସଂସ୍ଥା ରହିଛି। ଅପରପକ୍ଷେ ଏହି ରାସ୍ତା ଦେଇ ସହରର ପ୍ରମୁଖ ଅଞ୍ଚଳବାସୀ ସଚିବାଳୟ, ବିଧାନସଭାଠାରୁ ଆରମ୍ଭ କରି ରାଜୀବ ଭବନ, ଖାରବେଳ ଭବନକୁ ଯାତାୟତ କରିଥାନ୍ତି। କିନ୍ତୁ କେବୁଲ ବିଛା କାମ ପାଇଁ ରାସ୍ତା ଖୋଳାଯାଇଥିବାରୁ ଏହିବାଟ ଦେଇ ଯାଉଥବବା ଯାତ୍ରୀ ହଇରାଣ ହେଉଛନ୍ତି। ସେହି ରାସ୍ତାରେ ପ୍ରତ୍ୟେକ ଦିନ ଛୋଟ ଛୋଟ ପିଲା ସାଇକେଲରେ ଯାଉଛନ୍ତି। ହେଲେ ତାହା କୌଣସି ବିପଦରୁ କମ ନୁହଁ ବୋଲି ସେମାନଙ୍କ ଅଭିଭାବକ ଅଭିଯୋଗ କରୁଛନ୍ତି। କାରଣ ଅନେକ ସମୟରେ ବର୍ଷା ହେଲେ ଗାତ ଜଣା ପଡୁନାହିଁ। ସେହିପରି ସ୍କୁଲ ଥିବାରୁ ପ୍ରତ୍ୟେକ ଦିନ ଭିଡରେ ଗୋଟିଏ କାର ପଶିଗଲେ ଆଉ ଅନ୍ୟ ଗାଡି ଯିବାକୁ ରାସ୍ତା ନ ଥିବାଭଳି ପରିସ୍ଥିତି ଉପୁଜୁଛି। ବିଶେଷକରି ସକାଳେ ସନ୍ଧ୍ୟାରେ ରାସ୍ତା ଅଧିକ ଜାମ ରହୁଛି। ସେପଟେ ରାସ୍ତା କଡରେ ଥିବା ଅନ୍ୟ ଦୋକାନ ପାଇଁ ରାସ୍ତା ପାର୍ଶ୍ୱରେ ଗାଡି ପାର୍କିଂ ଯୋଗୁଁ ସମସ୍ୟା ଆହୁରି ବଢ଼ି ଯାଉଛି। କୌଣସି ଜରୁରୀ କାମରେ ଲୋକ ବାହାରିଲେ ସେହି ରାସ୍ତାରେ ଅଧିକାଂଶ ସମୟ ଫସି ରହିଯାଉଛନ୍ତି। ଫଳରେ ଏହା କୌଣସି ଯମ ଯନ୍ତ୍ରଣାଠୁ କମ ନୁହଁ ବୋଲି ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସେହି ୱାର୍ଡର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ କହିଛନ୍ତି, କାମ ଶିଘ୍ର ସାରିବାକୁ ଚେଷ୍ଟା କରାଯାଉଛି। ଏନେଇ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ହୋଇଛି। ଆଉ ୨୦ ଦିନ ମଧ୍ୟରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି।

# ମହିଳା ସୁରକ୍ଷା ଦାବିରେ ଛାତ୍ର ବିଜେଡିର ବିକ୍ଷୋଭ



ସାରସକଣା, ୮।୮(ସମିସ): ରାଜ୍ୟରେ ମହିଳା ଅସୁରକ୍ଷିତ ପ୍ରତିବାଦରେ ଶୁକ୍ରବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯିବା ସହିତ ପୁଲିସ ଡିଜିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ପ୍ରତି ଗାଁ ସହର ଏବଂ ବିଭିନ୍ନ କଲେଜ କ୍ୟାମ୍ପସରେ ମଧ୍ୟ ନାରୀ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି। ତେଣୁ ଆଜି ସାରସକଣା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଓଃ ଦେବାଶିଷ ମାରାଣ୍ଡିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଖରପୋଖରିଆ ଥାନା ଅଧିକାରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶତାଧିକ ଯୁବ ଛାତ୍ର ମହିଳା ଏକ ପଦଯାତ୍ରାରେ ବାହାରି ଥାନା ସମ୍ମୁଖରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ଅମରେନ୍ଦ୍ର ଦାସ, ବ୍ଲକ ସଭାପତି ମଣିଶଙ୍କର ବାରିକ, ମହିଳା ସଭାପତି ମନାଲି ସାହୁ, ଛାତ୍ର ଜିଲ୍ଲା ସଭାପତି ସୁନିଲ କୁମାର ନାୟକ, ବାରିପଦା ସହର ଯୁବ ବିଜେଡି ସଭାପତି ସେକ ଅମାନ ଉଲ୍ଲା, ରାଜ୍ୟ ଛାତ୍ର ନେତା ଚନ୍ଦ୍ରଶେଖର ସାହୁ, ଦୀପକ ମଡୁଆଲ, ବ୍ଲକ ଯୁବ ନେତା ରାଧାକୃଷ୍ଣ ହାଁସଦା, ଜିଲ୍ଲା ଯୁବନେତା ହରେକୃଷ୍ଣ ଦାସ, ଯୁବ ନେତା ଅଜୟ ସାହୁ ସମେତ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

## ଛାତ୍ର ବିଜେଡି ପକ୍ଷରୁ ଡିଜିଙ୍କୁ ସ୍ମାରକପତ୍ର

କରଞ୍ଜିଆ, ୮।୮(ସମିସ): ମହିଳା ବିରୋଧୀ ହିଂସା ରୋକିବା ଏବଂ ଛାତ୍ରୀଙ୍କ ସୁରକ୍ଷା ଦାବିରେ କରଞ୍ଜିଆ ବିଜେଡି ତରଫରୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର କରଞ୍ଜିଆ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗାଁ ସହର, କଲେଜ କ୍ୟାମ୍ପସ ଆଦି ସବୁଠି ମହିଳା ଏବଂ ଛାତ୍ରୀ ଏବେ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ଦିନକୁ ଦିନ ଦୁଷ୍କର୍ମ ଓ ନିର୍ଯାତନା ବଢ଼ିଚାଲିଛି। ହେଲେ ଅଧିକାଂଶ ଘଟଣାରେ ଅଭିଯୁକ୍ତ ଧରାପଡୁନାହାନ୍ତି। ତେଣୁ ପୁଲିସ ପ୍ରଶାସନ ନାରୀ ସୁରକ୍ଷା ପାଇଁ କଠୋର ପଦକ୍ଷେପ ନେଉବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଏହି ଉଦ୍ଦେଶ୍ୟରେ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ଶରତ କୁମାର ମହାଳିକଙ୍କୁ ଏହି ସ୍ମାରକପତ୍ର କରଞ୍ଜିଆ ଛାତ୍ର ବିଜେଡ଼ି ପକ୍ଷରୁ ପ୍ରଦାନ କରାଯାଇଛି।



## କିସ୍ ଶିକ୍ଷାନୁଷ୍ଠାନରେ ସଂସ୍କୃତ ସପ୍ତାହ ପାଳିତ



ବାରିପଦା, ୮।୮(ସମିସ): ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ କିସ୍ ବାରିପଦାରେ ଦେବଭାଷା ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସଂସ୍କୃତ ଭାଷା ସମଗ୍ର ବିଶ୍ୱକୁ ଅବଦାନ ଓ ଉକ୍ତ ପ୍ରାଚୀନ ଭାଷାର ସୁରକ୍ଷା ଓ ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅତିରିକ୍ତ ଉନ୍ନୟନ ଅଧିକାରୀ ଉପସ୍ଥିତରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀମାନେ ସଂସ୍କୃତ ଭାଷାରେ ନିଜର ବକ୍ତବ୍ୟ ରଖିବା ସହ ଗୀତାର ବିଭିନ୍ନ ଶ୍ଳୋକ ପାଠ କରିଥିଲେ। ଶିକ୍ଷକ ଚକ୍ରଧର ମହାନ୍ତ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ଜୟନ୍ତୀ ଧାଉଁରିଆ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଛାତ୍ରଛାତ୍ରୀ ଦ୍ୱାରା ରାକ୍ଷୀ ପ୍ରସ୍ତୁତ



ଶୁକ୍ଳି, ୮।୮(ସମିସ): ଶୁକ୍ଳି ବ୍ଲକର ପାଣ୍ଡରଶିଳାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ରାକ୍ଷୀ ପ୍ରସ୍ତୁତ କରିଛନ୍ତି। ଘରର ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀରୁ ଏହି ରାକ୍ଷୀ ତିଆର କରିଛନ୍ତି। ଏହା ଅତ୍ୟନ୍ତ ଆକର୍ଷଣୀୟ ହୋଇଛି। ପ୍ରଧାନ ଶିକ୍ଷକ ଗଣେଶ୍ୱର ସାହୁ, ଶିକ୍ଷକ ଗଜେନ୍ଦ୍ର ବେହେରା ଓ ଶିକ୍ଷୟିତ୍ରୀ ସଞ୍ଜିତା ନାଏକଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଭଳି ସହଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ଖୁସି ଆଣିଛି।

## ସୁନାପାଳରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ



ଉଦଳା, ୮।୮(ସମିସ): ଉଦଳା ବ୍ଲକ ଅନ୍ତର୍ଗତ ସୁନାପାଳ ହସ୍ତତନ୍ତ ବୟନ କେନ୍ଦ୍ର ପରିସରରେ ଜାତୀୟ ହସ୍ତତନ୍ତ ଦିବସ ପାଳିତ ହୋଇଛି। ମୌନଧ୍ୱନି ଫାଉଣ୍ଡେସନ ଏବଂ ତନ୍ତଗାଥା ମହିଳା ବୁଣାକାର ଉତ୍ପାଦକ କମ୍ପାନୀ, ବୟନ ବିଭାଗ ଅନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ମହିଳା ବୁଣାକାର ଯୋଗଦେଇ ନୂଆଦିଲ୍ଲୀରେ ଏକାଦଶତମ ଜାତୀୟ ହସ୍ତତନ୍ତ ଦିବସ ପାଳନ ପୁରସ୍କାର ବିତରଣ ଉତ୍ସବର ସିଧାସଳଖ ପ୍ରସାରଣ ଟିଭି ପରଦାରେ ଦେଖିଥିଲେ। ଏହା ପରେ ସଭା ଆରମ୍ଭ ହୋଇଥିଲା। ମୌନଧ୍ୱନି ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ବିନ୍ଦୁ ବିନୋଦନ, ପ୍ରତିଷ୍ଠାତା ସଦସ୍ୟ ଗୋବିନ୍ଦ ବଲ୍ଲଭ ଦଳାଇ, ଆକାଶବାଣୀ ସମ୍ବଲପୁରର ଉପସ୍ଥାପିକା ସସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହସ୍ତତନ୍ତରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଷ୍ଟରଟ୍ରେନର ଏବଂ ମୌନଧ୍ୱନିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବର୍ଷା ଜଳ ନିଷ୍କାସନ ପାଇଁ ତାଡ଼ିଦେଲେ ରାସ୍ତା

ଶୁଳିଆପଦା, ୮।୮(ସମିସ): ଶୁଳିଆପଦା ବ୍ଲକ କଣ୍ଟିସାହି ପଞ୍ଚାୟତ ବାରି ଗ୍ରାମରେ ବର୍ଷାଜଳ ନିଷ୍କାସନ ପାଇଁ ଗ୍ରାମବାସୀ ଶୁଳିଆପଦା-ବାରିପଦା ରାସ୍ତାକୁ ତାଡି ଦେଇଛନ୍ତି। ପ୍ରବଳ ବର୍ଷା କାରଣରୁ ଘରେ ପାଣି ପଶିବା ଆଶଙ୍କା କରି ଗ୍ରାମବାସୀ ଏହି ପଦକ୍ଷେପ ନେଇଛନ୍ତି। ତେବେ ରାସ୍ତା ତଡାଯିବା ଏକ ମାସ ବିତିଯାଇଥିଲେ ହେଁ ଆଜିଯାଏ ମରାମତି ହୋଇନାହିଁ। ଏହି ରାସ୍ତାଟି ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରିଥିବାରୁ ଦୈନିକ ଗାଡି ମଟର ଓ ସ୍କୁଲ କଲେଜକୁ ଛାତ୍ରଛାତ୍ରୀ ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ସୂର୍ଯ୍ୟ ସାହୁଙ୍କୁ ପଚାରିବାରୁ ମରାମତି ନିମନ୍ତେ ପ୍ରସ୍ତାବ ପଠାଯାଇଚି। ଶୀଘ୍ର ମରାମତି ହେବା ସହିତ ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ବୈଶିଙ୍ଗା ହସ୍‌ପିଟାଲକୁ 'ମୋ' ଡାକ୍ତରଖାନା' ଯୋଜନାରେ ସାମିଲ

ବୈଶିଙ୍ଗା, ୮।୮(ସମିସ): ବୈଶିଙ୍ଗା ହସ୍‌ପିଟାଲକୁ 'ମୋ' ଡାକ୍ତରଖାନା' ଯୋଜନାରେ ସାମିଲ କରାଯାଇଛି। ଖୁବଶୀଘ୍ର ଏହି ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର (ସିଏଚସି) ମାନ୍ୟତା ପାଇବା ନେଇ ଆଶା ପ୍ରକାଶ ପାଇଛି। ସୂଚନା ଯୋଗ୍ୟ ଯେ, ଗତ ୧୯୨୮ ମସିହାରେ ମହାରାଜା ପ୍ରତାପ ଚନ୍ଦ୍ର ଦେଓଙ୍କ ଦ୍ୱାରା ଏହି ଡାକ୍ତରଖାନା ଉଦଘାଟିତ ହୋଇଥିଲା। ହେଲେ ଏହି ଡାକ୍ତରଖାନାର ସେଭଳି ଆଖିଦୃଶିଆଭାବେ କୌଣସି ବିକାଶ ହୋଇନାହିଁ। ଆଜିଯାଏ ଆଜବେଷ୍ଟସ ଘରେ ଚାଲିଛି। କେବଳ ପ୍ରସୂତି ଗୃହଟି ଗତ ୨୦୦୦ ମସିହାରେ ତତ୍କାଳୀନ ସାଂସଦ ଖାରବେଳ ସ୍ୱାଇଁଙ୍କ ହାତ ପାଣ୍ଠିରୁ ନିର୍ମିତ ହୋଇଛି। ଏହା ବ୍ୟତୀତ ରୋଷେଇ ଘର, ଦୁର୍ଘଟଣା ୟୁନିଟ୍, ଶିଶୁ ବିଶେଷଜ୍ଞ, ପ୍ରସୂତି ବିଶେଷଜ୍ଞ ଏବଂ ଭେଷଜ ବିଶେଷଜ୍ଞ ଡାକ୍ତର ପଦ ଖାଲି ପଡ଼ିଛି। ଏଠାରେ ସୁଇପର ଡ୍ରେସିଂ ସ୍ପେଶାଲିଷ୍ଟଭାବେ କାମ କରନ୍ତି। ପାଚେରି ନ ଥିବାରୁ ଡାକ୍ତରଖାନା ପରିସର ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି। ଏ ନେଇ ବହୁବାର ସାଂସଦ, ବିଧାୟକଙ୍କୁ ଅଭିଯୋଗ କରାଯାଇଛି; କିନ୍ତୁ କାର୍ଯ୍ୟାନୁଷ୍ଠାନ ଶୂନ। କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ହାତେଇବାରେ ନେତା ବ୍ୟସ୍ତ। ଗତ ବିଧାନସଭା ପୂର୍ବରୁ ସ୍ଥାନୀୟ ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ ସଦସ୍ୟାମାନେ ଡାକ୍ତରଖାନା ପରିସରରେ ଦୀର୍ଘଦିନ ଧରି ଧାରଣାରେ ବସିଥିଲେ; କିନ୍ତୁ କୌଣସି ବିକାଶ ହୋଇପାରିନାହିଁ। ମୋ' ଡାକ୍ତରଖାନା ଯୋଜନାରେ ୧କୋଟି ଟଙ୍କା ବିନିମୟରେ ସୌନ୍ଦର୍ଯ୍ୟକରଣ ପାଇଁ ବଗିଚା ନିର୍ମାଣ, ପାଚେରି, ପ୍ରତୀକ୍ଷାଳୟ ଓ ପାର୍କିଂ ଆଦି ନିର୍ମାଣ ହେବ। ଆଗାମୀ ଦିନରେ ଏହି ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର (ସିଏଚସି) ମାନ୍ୟତା ପ୍ରଦାନ ନେଇ ବିଧାୟକ ପ୍ରତିଶ୍ରୁତି ଦେଇଥିବା ଜଣାଯାଏ।

## ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରତିଯୋଗିତା

କରଞ୍ଜିଆ, ୭।୮(ସମିସ): କରଞ୍ଜିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରାଥମିକ ସ୍ତରରେ ବିବେକାନନ୍ଦ ପବ୍ଲିକ୍ ସ୍କୁଲ ପ୍ରଥମ ଆରୋହୀ ସୁଲତାନ, ଦ୍ୱିତୀୟ ପ୍ରତୀକ ରିତି ସେଠୀ, ମୟଂଶୀ ପଣ୍ଡା ହୋଇଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରରେ ସରସ୍ୱତୀ ଶିଶୁ ମନ୍ଦିରର ଆଦର୍ଶ ମଣ୍ଡଳ ପ୍ରଥମ, ଦ୍ୱିତୀୟ ପ୍ରତିଭାରାଣୀ ସାହୁ ଓ ଖଜୁରୀ ସାଗର ନୋଡାଲ ବିଦ୍ୟାଳୟର ଛାତ୍ରୀ ସ୍ନେହଲତା ରାଉଳ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରଥମ ଅପରାଜିତା ମହାନ୍ତ ପ୍ରଥମ, ଜ୍ୟୋତିରମୟୀ ପ୍ରିୟଦର୍ଶିନି ପାତ୍ର ଦ୍ୱିତୀୟ ଓ ପରିପୂର୍ଣ୍ଣା ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟ ସ୍ତରରେ ପ୍ରଥମ କୁମକୁମ ସାହୁ, କ୍ରିଷ୍ଟାରାଜ ସିଂ ଓ ତୃତୀୟ ରୂପାଲି ହାଁସଦା ପୁରସ୍କାର ପାଇବାପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ତୃପ୍ତିମୟୀ ମହାନ୍ତ, ଦ୍ୱିତୀୟ ସ୍ୱସ୍ତିକ ଦାସ ଓ ତୃତୀୟ ନିକିତା ପ୍ରିୟଦର୍ଶିନୀ ବିବେଚିତ ହୋଇଛନ୍ତି। ଉଚ୍ଚ ପ୍ରାଥମିକ ସ୍ତରରେ ପ୍ରଥମ ଆଦର୍ଶ ମଣ୍ଡଳ, ଦ୍ୱିତୀୟ ସାଙ୍ଗସୀରାଜ ମହାନ୍ତି ଓ ତୃତୀୟରେ ରହିଛନ୍ତି ନତାଶା ମହାନ୍ତ। ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରଥମ ଦୀପଶା ନାଏକ, ଦ୍ୱିତୀୟ ରାଜଲକ୍ଷ୍ମୀ ନାଏକ ଓ ତୃତୀୟ ଚିନୁସ୍ମିତା ନାଏକ ବିବେଚିତ ହୋଇଛନ୍ତି। ମହାବିଦ୍ୟାଳୟ ସ୍ତରରେ ପ୍ରଥମ ପିଙ୍କି ମହାନ୍ତ, ଦ୍ୱିତୀୟ ସୁନେଲୀ ବାରିକ ଓ ତୃତୀୟ ପାର୍ବତୀ ମହାନ୍ତଙ୍କୁ ଚୟନ କରାଯାଇଛି।



## ଶିବୁ ସୋରେନ୍‌ଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

କୁଳିଅଣା, ୮।୮(ସମିସ): କୁଳିଅଣା ବ୍ଲକ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଗୁରୁବାର ଦିଶମ ଗୁରୁ ଶିବୁ ସୋରେନ୍‌ଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗତ ୪ ତାରିଖରେ ତାଙ୍କର ଦିଲ୍ଲୀସ୍ଥିତ ଗଙ୍ଗାରାମ ହସ୍ପିଟାଲରେ ପରଲୋକ ହୋଇଥିଲା। ସେ ଆଦିବାସୀ, ଦଳିତଙ୍କ ଅଧିକାର ପାଇଁ ସର୍ବଦା ଲଢେଇ କରିଆସୁଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ କୁଳିଅଣା ବ୍ଲକ ସଭାପତି ଭାଗିରଥି ସୋରେନ୍, ଜିଲ୍ଲା ପଛୁଆବର୍ଗ ସଭାପତି ରାଜେନ୍ଦ୍ର ସାହୁ, ରମେଶ ହାଁସଦା, ରବୀନ୍ଦ୍ର ସୋରେନ୍, ଚନ୍ଦ୍ରମୋହନ ମୁର୍ମୁ, ଦୀପକ ହାଁସଦା ଓ ଚୈତନ୍ୟ ମୁର୍ମୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୬୧ ଲିଟର ମଦ ଜବତ; ୩ ଗିରଫ

କୁଆମରା, ୮।୮(ସମିସ): ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୬୧ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ପୃଥକ ମାମଲା ରୁଜୁ ହୋଇଛି। ଖୁଣ୍ଟା ଥାନା ଅଧୀନ ଟାଙ୍ଗଣା ଗ୍ରାମର ବୁଢେଶ୍ୱର ସିଂ (୪୫)ଙ୍କଠାରୁ ୨୦ ଲିଟର, କହ୍ନେଇବନ୍ଧ ଗ୍ରାମର ଶ୍ରୀମତୀ ସିଂ (୩୨)ଙ୍କ ଠାରୁ ୨୨ ଲିଟର ଓ ସିମଳାବନ୍ଧ ଗ୍ରାମର ସନାତନ ସରେନ (୪୮)ଙ୍କଠାରୁ ୧୯ ଲିଟର ମଦ ଜବତ ହୋଇଛି।

## ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ

ଜାମଦା, ୮।୮(ସମିସ): ଜାମଦା ବ୍ଲକ ଧଳପୁର ପ୍ରାଥମିକ ବିଦ୍ୟାଳୟରେ ୟୁ.ଏସ. ଆଇ. ସଂଗଠନ ପକ୍ଷରୁ ଚାରା ରୋପଣ, ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ଧରି ରାଜ୍ୟରେ ବିଭିନ୍ନ ସ୍ଥାନରେ ସଂଗଠନ ବିଭିନ୍ନ ସାମାଜିକ କାର୍ଯ୍ୟ ସହ ବୃକ୍ଷରୋପଣ କାର୍ଯ୍ୟ କରି ଆସୁଛି। ଏ ଯାଏ ସଂଗଠନ ପକ୍ଷରୁ ରାଜ୍ୟରେ ୫୭ ପ୍ରକାରର ବୃକ୍ଷ ସହ ୩୩ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ ହୋଇସାରିଛି। ଏହି କାର୍ଯ୍ୟକ୍ରମ ୟୁ.ଏସ.ଆଇ ଫାଉଣ୍ଡେସନର ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀ, ବାମନଘାଟୀ ସଂଯୋଜକ ତଥା ଏମ୍.ପି.ସି ମହାବିଦ୍ୟାଳୟର ପିଜି ଛାତ୍ର ପ୍ରୀତମ ପରୀକ୍ଷାଙ୍କ ଜରିଆରେ ଅନୁଷ୍ଠିତ ହୋଇଯାଇଛି।

## ୧୦୨ ଜଣଙ୍କୁ ଜଙ୍ଗଲ ଅଧିକାର ଶିରୋନାମ ବଣ୍ଟନ

ଠାକୁରମୁଣ୍ଡା, ୮।୮(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଜିବ ଗାନ୍ଧୀ ସେବାକେନ୍ଦ୍ରରେ ତହସିଲଦାର ସମ୍ବିତ କୁମାର କରଙ୍କ ସଭାପତିତ୍ୱରେ 'ମୋ ଜଙ୍ଗଲ ଜମି ଯୋଜନା' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସମ୍ମାନିତ ଅତିଥି ଭାବରେ ବିଡିଓ ସ୍ୱପ୍ନେଶ୍ୱର ବେହେରା, ଏନଜିଓ ପ୍ରଦାନର ଟିସି ଅମ୍ଳାନ କିଶୋର ମଲ୍ଲିକ ଏବଂ ଠାକୁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଯୋଜନାରେ ତରାମରା ରାଜସ୍ୱ ଅଧିକାରୀଙ୍କ ଅଧୀନରେ ଥିବା ଗ୍ରାମଗୁଡ଼ିକରୁ ୧୦୨ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଶିରୋନାମ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଠାକୁରମୁଣ୍ଡା ତହସିଲଦାର, ଏଫଆର ସେଲର ସଂଯୋଜକ ସଞ୍ଜିବ କୁମାର ଦାସ, ଏମଆରଏସ ସହଯୋଗୀ ଆକାଶ କୁମାର ବେହେରା, ଦିଗଦର ରାଜସ୍ୱ ନୀରିକ୍ଷକ ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଅବ୍ୟବସ୍ଥା ମଧ୍ୟରେ ଲକ୍ଷ୍ମୀବସ୍ ସେବା

ବହଳଦା, ୮।୮(ସମିସ): ବହଳଦା ବ୍ଲକରେ ଚଳାଚଳ କରୁଥିବା ଲକ୍ଷ୍ମୀବସ୍ ସେବା ଅବ୍ୟବସ୍ଥା ଦେଇ ଚାଲୁଛି। ଝରାଡିହି ଦେଇ ଅସନା ଗ୍ରାମପଞ୍ଚାୟତ ଅଞ୍ଚଳକୁ ଚଳାଚଳ କରୁଥିବା ବସଟି ନିୟମିତ ଯିବାଆସିବା କରୁନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହଳଦାରୁ ଝରାଡିହି ରାସ୍ତାରେ ୨ଟି ଲକ୍ଷ୍ମୀ ବସ ଚଳାଚଳ କରିଥାଏ। ଗୋଟିଏ ଝରାଡିହି ଦେଇ ସୁରଦା ଯଶିପୁର ଗ୍ରାମପଞ୍ଚାୟତର ନୂଆଗାଁ ଏବଂ ଅନ୍ୟଟି ଝରାଡିହି ଭାୟା ଭିତରାମଦା ଗ୍ରାମପଞ୍ଚାୟତ ଦେଇ ଅସନା ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ଦୈନିକ ଚଳାଚଳ କରିଥାଏ। ହେଲେ ଉକ୍ତ ବସ୍‌ଟି ଯାନ୍ତ୍ରିକ ସମସ୍ୟା ପାଇଁ ନିୟମିତ ଚଳାଚଳ କରୁ ନ ଥିବାରୁ ବିଶେଷକରି ଛାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଏହି ପଥରେ ପୂର୍ବରୁ ଚାଲୁଥିବା ବସଟିକୁ ଅନ୍ୟ କୌଣସି ବ୍ଲକକୁ ପଠାଇ ଦିଆଯାଇ ଏଠାରେ ଯାନ୍ତ୍ରିକ ସମସ୍ୟା ଥିବା ବସଟିକୁ ଦିଆଯାଇଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହି ବସର ଗତି କମ୍ ହୋଇଥିବା ବେଳେ ଏହି ବସଟିର ଚକ ପ୍ରାୟ ଦୈନିକ ପଙ୍କଚର ହେଉଥିବା ବେଳେ ଷ୍ଟେପନି ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

ଶୁଳିଆପଦା, ୮।୮(ସମିସ): ଶୁଳିଆପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ସପ୍ତମ ଶ୍ରେଣୀର ଛାତ୍ର ଲଳିତ ବାରିକ୍ ଓ ଛାତ୍ରୀ ପ୍ରିୟଦର୍ଶନୀ ବାରିକ୍ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଜୁନିୟର ବର୍ଗରେ ଚତୁର୍ଥ ଶ୍ରେଣୀର ଛାତ୍ର ମନିତ୍ କୁମାର ମହାନ୍ତ ଓ ଛାତ୍ରୀ ସାତ୍ୱିକା ସାଧ୍ୱୀ ଗିରି କୃତକାର୍ଯ୍ୟ ହୋଇ ସଙ୍କୁଳ ସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛନ୍ତି। ଶିକ୍ଷକ ନରେନ୍ଦ୍ର କୁମାର ବେହେରା ଓ ବରିଷ୍ଠ ଆଚାର୍ଯ୍ୟ ଛୋଟରାୟ ମହାନ୍ତ ମୂଲ୍ୟାୟନ କରି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ।

## 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ଠାକୁରମୁଣ୍ଡା, ୮।୮(ସମିସ): କରଞ୍ଜିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହୁଲଡିହା ଖୁମଠାଣ ଛକରେ ହନୁମାନ ମନ୍ଦିର ପ୍ରାଙ୍ଗଣ ଓ ପୋଖରୀ ପରିସରରେ ବୁଧବାର ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଏବଂ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ବୃକ୍ଷ ରୋପଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କୃଷକ ମୋର୍ଚ୍ଚାର ପୂର୍ବତନ ଜିଲ୍ଲା ସଭାପତି ରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ ଶହରୁ ଊହରୁ ବଉଳ, ଆମ୍ବ, ବେଲ, କଦଳୀ, ନଡ଼ିଆ ଆଦି ଚାରାରୋପଣ କରାଯାଇଥିଲଶ। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିମଳ କୁମାର ସେନାପତି, ଗଗନ ବିହାରୀ ପୃଷ୍ଟି, ବାବା ଅଗ୍ନିହୋତ୍ରୀ ଭୈରବାନନ୍ଦ ସରସ୍ୱତୀ, ମହୁଲଡିହା ମଣ୍ଡଳ ସଭାପତି ରଘୁନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ରାଜସ୍ୱ ଅମଲା ସଂଘର ଦାବିପତ୍ର



ବଡସାହି, ୮।୮(ସମିସ): ରାଜସ୍ୱ ଅମଲା ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଆସୁଛି। ମାତ୍ର ଦାବି ପୂରଣରେ ସରକାର ଟାଳଟୁଳ ନିତୀ ଗ୍ରହଣ କରି ଆସୁଛନ୍ତି। ଏହାର ପ୍ରତିବାଦରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସଂଘର ଆହ୍ୱାନ କ୍ରମେ ଆସନ୍ତା ୧୧ରୁ କାର୍ଯ୍ୟବନ୍ଦ ପାଇଁ ବଡସାହି ତହସିଲର ଅମଲାମାନେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ତହସିଲଦାର କରୁଣାକର ଧିନ୍ଦାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଏହାର ପ୍ରତିବାଦ ଜଣାଇ ଜୁଲାଇ ୭ରୁ ୧୧ ଯାଏ ଅମଲାମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିଆସୁଥିଲେ। ଏହା ସତ୍ତ୍ୱେ ଦାବି ପୂରଣ ହେଲାନି। ତେଣୁ ସଂଘର ନିଷ୍ପତ୍ତି ଅନୁସାରେ ୧୧ ତାରିଖରୁ ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ରାଜସ୍ୱ ଅମଲାଙ୍କ ମୂଳ ଦରମା ୨୦୧୭ ମସିହା ନିୟମ ଅନୁଯାୟୀ ଲେବଲ୍ ୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି, କନିଷ୍ଠ ରାଜସ୍ୱ ଅମଲାଙ୍କର ରେସିଡେନସି ପିରିୟଡ ୬ ବର୍ଷ ପରିବର୍ତ୍ତେ ୪ ବର୍ଷ କରିବା, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏ.ଏସ୍.ଓ. ପଦବୀକୁ ଏକତ୍ରିକରଣ, କାର୍ଯ୍ୟରତ କର୍ମଚାରୀ ଏବଂ ସେମାନଙ୍କର ପରିବାରବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ, ମୃତ ସରକାରୀ କର୍ମଚାରୀଙ୍କ ପରିବାରରର ଯେ କୌଣସି ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଆଦି ଦାବି ରହିଛି।

## ଜଙ୍ଗଲ ଜମି ଅଧିକାର ନେଇ କଂଗ୍ରେସର ବିକ୍ଷୋଭ

ଉଦଳା, ୮।୮(ସମିସ): ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଏବଂ ଆଦିବାସୀ କଂଗ୍ରେସର ସଭାପତି ଯଶବନ୍ତ ନାରାୟଣ ସିଂ ଲାଗୁରିଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଉଦଳା କଂଗ୍ରେସ ପକ୍ଷରୁ କପ୍ତିପଦା ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପିସିସି ସଦସ୍ୟ ନାରାୟଣ ପଟ୍ଟନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂଙ୍କ ସମୟରେ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ଆଦିବାସୀଙ୍କ ନ୍ୟାଯ୍ୟ ଦାବି ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ। ବିଜେପି ସରକାରର ଆଦିବାସୀ ମାରଣ ନୀତି ଏବଂ ସରକାରର ଉଦାସୀନ ନେଇ ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବତନ ଜିଲ୍ଲା ସମ୍ପାଦକ ଉତ୍ତମ କୁମାର ବେହେରା କହିଥିଲେ ଯେ, ଜଙ୍ଗଲ ଜମିରେ ଆଦିବାସୀଙ୍କୁ ବିସ୍ଥାପିତ କରି ଶିଳ୍ପପତିଙ୍କୁ ପ୍ରଦାନ କରୁଛନ୍ତି। ଶେଷରେ ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬କୁ ସୁଚାରୁ ରୂପେ ପାଳନ କରିବା ପାଇଁ ଓ ଜଙ୍ଗଲ ଜମି ଅଧିକାରକୁ ଗ୍ରାମସଭାରେ ଅନୁମୋଦନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ କପ୍ତିପଦା ବ୍ଲକ ପୂର୍ବତନ ସଭାପତି ରବିନାରାୟଣ ପରିଡ଼ା, ଯୁଗେନ୍ଦ୍ର ବାରସାଳିଆ, ନଳିନି ପଟ୍ଟନାୟକ, ସୁବଳ ବାନାର୍ଜି, ମୟୁଖ ପ୍ରସାଦ ଦାସ, ମାନସ ମହାନ୍ତି, ବିଜୟ କୁମାର ପଶା, କିଶୋର ଟୁଡୁ ପ୍ରମୁଖ ସାମିଲ ହୋଇଥିଲେ।

## ରାଇପଡ଼ା ଗ୍ରାମ୍ୟ ରାସ୍ତା ଶୋଚନୀୟ



ରାଇରଙ୍ଗପୁର, ୮।୮(ସମିସ): କୁସୁମୀ ବ୍ଲକ ଅନ୍ତର୍ଗତ ବଡହାତନାବେଡା ପଞ୍ଚାୟତ ରାଇପଡ଼ା ଗାଁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। କାଠଭାରିଆ ହାଇସ୍କୁଲ ଛକରୁ ରାଇପଡ଼ା ପର୍ଯ୍ୟନ୍ତ ଥିବା ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ କାଦୁଅ ପଚପଚ ହୋଇଛି। ଫଳରେ ଲୋକେ ଯିବାଆସିବା କରିବା କଷ୍ଟକର। ଏହି ରାସ୍ତା ଦେଇ ମୁଖ୍ୟତଃ ବିଭିନ୍ନ ପଞ୍ଚାୟତ, ବ୍ଲକ, ମେଡିକାଲ, ସ୍କୁଲ, କଲେଜ, ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯିବାଆସିବା କରିବା ଉପରେ ନିର୍ଭର କରନ୍ତି। ଦୀର୍ଘ ଦିନ ହେଲା ଏହି ରାସ୍ତାରେ ମୋରମ ଗାଣ୍ଡୁଏ ମଧ୍ୟ ପଡ଼ିନାହିଁ। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରୁଛନ୍ତି।

## ପିଲା ଚୋରି ସନ୍ଦେହରେ ଆକ୍ରମଣ, ଉଦ୍ଧାରକଲା ପୁଲିସ

ଆନନ୍ଦପୁର/ରାମଚନ୍ଦ୍ରପୁର, ୮।୮(ସମିସ): ପିଲା ଚୋରି ସନ୍ଦେହ କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ପୁଲିସର ଜିମା ଦେଇଛନ୍ତି ଗ୍ରାମବାସୀ। ରାମଚନ୍ଦ୍ରପୁର ଥାନା ନୂଆଗାଁ ଏବଂ ଖଲଣାରେ ଏକ ଗୁଜବ ପ୍ରସାରିତ ହୋଇଥିଲା। ଅପରାହ୍ନରେ ଖଲଣା ଗାଁ ବନ୍ଧ ନିକଟରେ ଅଜଣା ଯୁବକ ଚାଲି ଚାଲି ଯାଉଥିବା ବେଳେ କିଛି ଲୋକ ପିଲା ଚୋର ବୋଲି ପାଟି କରିବାରୁ ଯୁବକ ଜଣକ ମାଡ ଭୟରେ ଦୌଡିବାକୁ ଲାଗିଲେ। ପରେ କଥା ପ୍ରଘଟ ହୋଇଯିବା ପରେ ଶହଶହ ଗ୍ରାମବାସୀ ମିଶି ଯୁବକଙ୍କ ପିଛା କରି ନୂଆଗାଁ ଦେଇ ଯେନାପଦା ଗାଁ ନିକଟରେ କାବୁ କରିବା ପରେ ନିର୍ଦ୍ଧୟ ମାଡ ମାରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଯୁବକଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରି ଅଧିକ ପଚରାଉଚରା ପରେ ଉକ୍ତ ଯୁବକ ଜଣକ ଘର କଟକ ଆଠଗଡ ଅଞ୍ଚଳର ବୋଲି ଜଣାପଡ଼ିଛି। ସେ କୌଣସି କାମରେ ଆସି ଏଠାରେ ଅଟକିଥିବା ଏବା ଜଣେ ସାଧାରଣ ଯୁବକ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଗାଡ଼ି ଧକ୍କାରେ ହରିଣ ମୃତ

ଆନନ୍ଦପୁର/ରାମଚନ୍ଦ୍ରପୁର, ୮।୮(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ପୁରୁଣାବାନ୍ଧଗୋଡା ଧନେଇ ପୀଠ ନିକଟରେ ଗତକାଲି ବିଳମ୍ବିତ ରାତ୍ରୀରେ ଅଜଣା ଗାଡ଼ି ଧକ୍କାରେ ଏକ ଟୀପା ହରିଣର ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ଭୋରରେ ଯିବା ସମୟରେ ରାସ୍ତା ଉପରେ ମୃତ ଅବସ୍ଥାରେ ହରିଣ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନବିଭାଗର କର୍ମଚାରୀ ପହଞ୍ଚି ମୃତ ହରିଣଟିକୁ ନିଜ ହେପାଜତକୁ ନେଇଥିଲେ। ଅଜଣା ଗାଡି କିମ୍ବା ବୁଲା କୁକୁରଙ୍କ ଆକ୍ରମଣର ଶିକାର ହୋଇ ହରିଣଟିର ମୃତ୍ୟୁ ହୋଇଥିବା ଅନୁମାନ କରୁଛି ବନ ବିଭାଗ। ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ପ୍ରକୃତ କାରଣ ଜଣପଡିବ ବୋଲି ବନ କର୍ମଚାରୀ କହିଛନ୍ତି।

## ବୋଲବମ୍ ଭକ୍ତ ନିଖୋଜ



ହାଟଡିହୀ,୮।୮(ସମିସ): ଶିବଙ୍କ ଜଳାଭିଷେକ କରିବାକୁ ପାଣି ଭାର ନେଇ ପୁରୀ ଯାଇଥିବା ବଞ୍ଜୋ ଗ୍ରାମର ଦୀପକ ଜେନା ନିଖୋଜ ହୋଇଯାଇଛନ୍ତି। ପରିବାର ପକ୍ଷରୁ ବଳିଆପଣ୍ଡା ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ପ୍ରାୟ ୨୦ ଯୁବକ ପାଣିଭାର ନେଇ ପୁରୀ ଯାଇଥିଲେ। ପରେ ୪ ତାରିଖ ସନ୍ଧ୍ୟାରେ ଅନ୍ୟ ଯୁବକମାନେ ସମୁଦ୍ରକୂଳକୁ ଯାଇଥିଲେ। ପରେ ଅନେକ ସ୍ଥାନରେ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନପାଇବାରୁ ଦୀପକଙ୍କ ଭାଇ ପ୍ରଦ୍ୟୁମ୍ନ ଜେନା ବଳିଆପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଯଦି କେହି ସୂଚନା ପାଆନ୍ତି ତେବେ ନିକଟସ୍ଥ ଥାନାରେ ଜଣାଇବାକୁ ସେ ନିବେଦନ କରିଛନ୍ତି।

## ୩ ଜୁଆଡ଼ି ଅଟକ; ନଗଦ ଟଙ୍କା ସହ ମୋବାଇଲ ଜବତ



ରାମଚନ୍ଦ୍ରପୁର, ୮।୮(ସମିସ): ରାମଚନ୍ଦ୍ରପୁର ଥାନା ଗଡବାନ୍ଧଗୋଡା ପଞ୍ଚାୟତ ବୋହୁଗଡିଆ ସାପ୍ତାହିକ ହାଟରେ ପୁଲିସ ଶୁକ୍ରବାର ଅପରାହ୍ନରେ ଅଚାନକ ଚଢଉ କରିଛି। ଏଥିରେ ୩ ଜଣ ଜୁଆଡିକୁ କାବୁ କରିବା ସହ ଜୁଆଖେଳରେ ବ୍ୟବହୃତ ତାସ, ନଗଦ ୫୭୨୦ ଟଙ୍କା ଏବଂ ଏକ ମୋବାଇଲ ଫୋନ ଜବତ କରିଛି ପୁଲିସ। ସେଠାରେ ଦୀର୍ଘଦିନ ହେଲା ଜୁଆ ଖେଳ ସହ କୁକୁଡା ଲଢେଇ ଚାଲିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଆସୁଥିଲା। ଥାନାଧିକାରୀ ମନୋଜ ସ୍ୱାଇଁ ସଦଳବଳ ଚଢ଼ଉ କରିବା ଫଳରେ କିଛି ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସାପୁଆସାହିର ଶୁକଦେବ ମୁଣ୍ଡା (୨୫), ବୋହୁଗଡିଆ ଗ୍ରାମର ଶେଷଦେବ ସ୍ୱାଇଁ(୪୫), ସୁରେଶ ସ୍ୱାଇଁ(୪୧)ଙ୍କୁ ପୁଲିସ କୋର୍ଟ ଚାଲାଣ କରିବାକୁ ପ୍ରସ୍ତୁତି ଚଳାଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ଆନନ୍ଦପୁର, ୮।୮(ସମିସ): ଦେଓଗାଁ ପଞ୍ଚାୟତ ଢ଼ିଙ୍କିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁଙ୍କ ପତ୍ନୀ ସାବିତ୍ରୀ ସାହୁ ( ୬୬)ଙ୍କ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରକୁ ବହୁ ମାନ୍ୟଗଣ୍ୟ ଲୋକ ସାନ୍ତ୍ୱନା ଦେଇଥିଲେ। ଆନନ୍ଦପୁର ଉପଖଣ୍ଡ ସତସଙ୍ଗ ସହିତ ଜଡିତ ଥିଲେ। ଅନ୍ତିମ ସମୟରେ ତାଙ୍କର କନ୍ୟା ଲକ୍ଷ୍ମୀପ୍ରିୟା, ପୁତ୍ରବଧୂ ଭାନୁମତୀ, ଲଳିତା, ଜାମାତା ଶିକ୍ଷକ ପିତାମ୍ବର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ନାତି ଜ୍ୟୋତିକୃଷ୍ଣ, ଯୋଗବ୍ରତ, ମୃତ୍ୟୁଞ୍ଜୟ, ନାତୁଣୀ ଲପିତା ସାହୁ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶବଦାହ କରାଯାଇଛି। ସାନପୁଅ ଅଧ୍ୟାପକ ଅଜୟ ସାହୁ ମୁଖାଗ୍ନି ଦେଇଥିଲେ।

## ବିଭିନ୍ନ ସେବାସମିତିରେ ଧାନ ପଞ୍ଜୀକରଣର ସମୀକ୍ଷା

ଆନନ୍ଦପୁର/ବେଲବାହାଲି, ୮।୮ (ସମିସ): ଚଳିତ ଖରିଫ ଧାନ ସଂଗ୍ରହ ଅଭିଯାନକୁ ଶୃଙ୍ଖଳିତ ଓ ଚାଷୀ ପଞ୍ଜୀକରଣକୁ ସ୍ୱଚ୍ଛ କରିବା ପାଇଁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ସବଡିଭିଜନର ୫ଟି ସେବା ସମବାୟ ସମିତି ପରିଦର୍ଶନ କରିଛନ୍ତି। ଆନନ୍ଦପୁର ସବଡିଭିଜନର ବେଲବାହାଲି, ଖଲଣା, ବାଟୋ, ଶାଳଦେଇ, ଅଳତି ଓ ଗଡବାନ୍ଧଗୋଡା ପ୍ରଭୃତି ସେବା ସମବାୟ ସମିତିକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପରିଦର୍ଶନ କରିବା ସହିତ ପଞ୍ଜୀକରଣ ଠିକ ଠାକ ଭାବେ ଚାଲୁଛି କି ନାହିଁ ତାହାର ତଦାରଖ କରିଥିଲେ। ବିଭିନ୍ନ ସମସ୍ୟା ବିଷୟରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଘସିପୁରା ବ୍ଲକ ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ବିଜେପି ବରିଷ୍ଠ ନେତା ଅନାଦୀ ଚରଣ ସାହୁ, ପ୍ରାଣବନ୍ଧୁ ସାହୁ, ତୀର୍ଥବାସୀ ଜେନା, ପ୍ରମୋଦ ସାହୁ, ଚତୁର୍ଭୁଜ ମୁର୍ମୁ, ବିକାଶ ଚକ୍ର, ଶ୍ରୀଧର ମହାନ୍ତ, ଖଗେଶ୍ୱର ଜେନା, ମଳୟ ପଣ୍ଡା, ନରେନ୍ଦ୍ର ମଲ୍ଲିକ, ବାଇଧର ଜେନା, ସୁମନ୍ତ ତ୍ରିପାଠୀଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଓ ଚାଷୀ ଉପସ୍ଥିତ ଥିଲେ।

### ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ

# ଜିଲ୍ଲାରୁ ଲିମ୍ଫାଟିକ୍ ଫାଇଲେରିଆ ମୂଳୋତ୍ପାଟନ ଲକ୍ଷ୍ୟ




କେନ୍ଦୁଝର,୮।୮(ସମିସ): କେନ୍ଦୁଝର ଜିଲ୍ଲାରୁ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) କରାଯିବ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆୟୋଜିତ ଏକ କର୍ମଶାଳାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶକ ଡାକ୍ତର ବିନୋଦ ବିହାରୀ ମିଶ୍ର କହିଥିଲେ, '୨୦୨୭ ସୁଦ୍ଧା ଫାଇଲେରିଆର ନିରାକରଣ କରିବାକୁ ଭାରତର ପ୍ରତିବଦ୍ଧତା ଦୃଷ୍ଟିରୁ ଏହି କାର୍ଯ୍ୟକ୍ରମ ତିନୋଟି ପୌରପାଳିକା ଏବଂ ତିନୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଦର (ପଦ୍ମପୁର), ବାସୁଦେବପୁର ଓ ଭଣ୍ଡାରେ ଅନୁଷ୍ଠିତ ହେବ। ଜିଲ୍ଲାରେ ସମସ୍ତ ଯୋଗ୍ୟ ହିତାଧିକାରୀ (୦୨ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ)ଙ୍କୁ ଆଶା, ଅଙ୍ଗନବାଡି କର୍ମୀ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ସେବନ କରାଯିବ। ଏଡିପିଏଚଓ (ଭିବିଡି) ଡାକ୍ତର ପୁଷ୍ପାରାଣୀ ପଟ୍ଟନାୟକ କହିଥିଲେ ଯେ ଫାଇଲେରିଆ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ବ୍ୟାପୁଛି। ଆକ୍ରାନ୍ତ ଲେକମାନେ ଅନେକ ସମୟରେ ହାଇଡ୍ରୋସିଲ, ଲିମ୍ଫୋଡେମା (ଅଙ୍ଗପ୍ରତ୍ୟଙ୍ଗ ଫୁଲିବା) ଇତ୍ୟାଦିର ଶିକାର ହୋଇଥାନ୍ତି। ସେ କହିଥିଲେ ଯେ ମୃତ ପରଜୀବୀଙ୍କଠାରୁ ଉତ୍ପାଦିତ ଆଣ୍ଟିଜେନ କାରଣରୁ କୁଣ୍ଡାଇହେବା, ବାନ୍ତିଲାଗିବା ଭଳି ଲକ୍ଷଣ ଦେଖାଦେଇପାରେ। ଏହି ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ଫାଇଲେରିଆ ନିରୋଧୀ ଔଷଧ ସେବନରୁ ବିରତ ରହିବା ଅନୁଚିତ। ଏହି ଅଭିଯାନ ସମୟରେ ପ୍ରାୟ ୧୯୪୨ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ, ୧୮୭ ଜଣ ସୁପରଭାଇଜର, ୨୩ ଜଣ ଆରଆରଟିଙ୍କୁ ନିଯୁକ୍ତ କରାଯାଇଛି। ଜିଲ୍ଲାରେ ମୋଟ ଧାର୍ଯ୍ୟଲକ୍ଷ୍ୟ ହିତାଧିକାରୀଙ୍କ ସଂଖ୍ୟା ୫,୬୩,୦୭୬ ରହିଛି। ଏନଏଚଏମ ଜିଲ୍ଲା ମୁଖ୍ୟ ନିତ୍ୟରଞ୍ଜନ ବରାଳ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ନିର୍ଦ୍ଦେଶକୁ ବି ଚାପି ଦେଉଛନ୍ତି

## ଶିଶୁ ବିଭାଗରେ ଅଡ୍ଡା ଜମାଇଛନ୍ତି କର୍ମଚାରୀ

ଆନନ୍ଦପୁର, ୮।୮ (ସମିସ): ଘସିପୁରାରେ କାର୍ଯ୍ୟକାରୀ ହେଉନି ବଦଳି ଆଦେଶ। ଏପରିକି ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଆଦେଶକୁ କାର୍ଯ୍ୟକାରୀ କରାଯାଉ ନଥିବାବେଳେ କର୍ମଚାରୀଙ୍କୁ ଚୌକିର ମୋହ ଛାଡୁ ନଥିବା ଅଭିଯୋଗ ହୋଇଛି। ବଦଳି ହେବାପରେ କର୍ମଚାରୀମାନେ ଧରାଧରି କରି ରହୁଥିବା ଏଠାରେ ରହୁଥିବାରୁ ଅନ୍ୟ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ପରିଷଦ ଆଦେଶ ଚିଠି ନମ୍ବର ୪୯୨୫/୫.୯.୨୦୨୪ ଅନୁସାରେ ଘସିପୁରା ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ସସ୍ମିତା ପାତ୍ରଙ୍କ ଝୁମ୍ପୁରା ବ୍ଲକକୁ ବଦଳି ହୋଇଛି। ସେ ଅଦ୍ୟାବଧି ଘସିପୁରା ବ୍ଲକରେ କାର୍ଯ୍ୟରତ ଅଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଞ୍ଚାୟତ ବିଭାଗର ନିର୍ଦ୍ଦେଶ ଚିଠି ନମ୍ବର ୭୬୭/ ତା୨୨.୭.୨୦୨୫ ଅନୁସାରେ ଘସିପୁରା ବ୍ଲକରେ କାର୍ଯ୍ୟରତ ପିଇଓ ଅଶୋକ ମହାନ୍ତଙ୍କର ପାଟଣା ବ୍ଲକକୁ ବଦଳି ହୋଇଛି। ଅନୁରୂପ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏଷ୍ଟାବ୍ଲିସମେଣ୍ଟ ବିଭାଗ ନିର୍ଦ୍ଦେଶ ୨୦୮୯/ତା୨୨.୭.୨୦୨୫ ଅନୁସାରେ ଘସିପୁରା ତହସିଲରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହଯୋଗୀ ବସନ୍ତ ରାଉତଙ୍କ ହାଟଡିହି ତହସିଲକୁ ବଦଳି ହୋଇଥିବାବେଳେ ସେ ମଧ୍ୟ ଏଠାରେ କାର୍ଯ୍ୟରତ ରହିଛନ୍ତି। ଆନନ୍ଦପୁର ଶିଶୁ ବିକାଶ ବିଭାଗରେ ଗତ ପ୍ରାୟ ୧୦ ବର୍ଷ ଧରି କର୍ମଚାରୀ ।ନେ ଆଡ୍ଡା ଜମାଇ ରହିଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ୬ ବର୍ଷ ପରେ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ସରକାରୀ ନିର୍ଦ୍ଦେଶ ଥିବା ବେଳେ ଆଦେଶକୁ ଚାପି ଦିଆଯାଇଛି। ୧୦ ବର୍ଷରୁ ଅଧିକ ଦିନଧରି ସୁପରଭାଇଜରମାନେ ଏହି କାର୍ଯ୍ୟାଳୟରେ ରହିଥିବା ବେଳେ ଏବେବି ବଦଳି ନହେବା ପାଇଁ ଉଦ୍ୟମ ଜାରି ରଖିଥିବା ଆଲୋଚନାର ବିଷୟ ହୋଇଛି। ଚଳିତ ମାସରେ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଜାରି କରିଥିବା ପତ୍ରସଂଖ୍ୟା ୧୬୨୬୫ର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ଏଦିଗରେ ଉଚିତ ପଦକ୍ଷେପ ନେବାକୁ ସାଂସଦ ପ୍ରତିନିଧି ଶ୍ରୀମତୀ ପ୍ରଣୟିନୀ ବ୍ରହ୍ମ ଦାବି କରିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ହାଟଡ଼ିହୀ, ୮।୮(ସମିସ): ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ ନୀଉଦାନୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ମାନାରାଣୀ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ଶିକ୍ଷାବିତ୍ ତଥା ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ମୋହନ ମହାନ୍ତି, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଜେନା, ଅନୁଷ୍ଠାନର ଉପଦେଷ୍ଟା ଅକ୍ଷୟ ବଳ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଗୁରୁମା ଚିତ୍ରଲେଖା ସାମଲ, ସ୍ନେହଲତା ଖୁଣ୍ଟିଆ, ଶାଶ୍ୱତୀ ପ୍ରଧାନ, ବଲ୍ଲଭି ମିଶ୍ର, ଶୁଚିସ୍ମିତା ସାହୁ, ସ୍ନେହଲତା ବାରିକ, କମଳା ଜେନା, ଗୁରୁଜୀ ହେମନ୍ତ ରାଉତ, ଶରତଚନ୍ଦ୍ର ବିନ୍ଧାଣି, ସତ୍ୟନାରାୟଣ ରାଉତ, ଗୟାଧର ରାଉତ, ଗଙ୍ଗାଧର ଆଇଚ ପ୍ରମୁଖ ସହଯୋଗ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ପାଇଁ ମନୋନୀତ କରାଯାଇଛି।

## ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପୁରସ୍କୃତ

ଆନନ୍ଦପୁର, ୮।୮ (ସମିସ): ରାଜ୍ୟସ୍ତରୀୟ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଫ୍ରେଣ୍ଡଲି ଚିକିତ୍ସାଳୟ ଭାବେ ପୁରସ୍କୃତ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଧନେଶ୍ୱର ସେଠୀଙ୍କୁ ମାନପତ୍ର ଓ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟଯେଗତ ୨୪ ତାରିଖରେ ରାଜ୍ୟରୁ ଆସିଥିବା ଏକ ଟିମ୍ ଉପଖଣ୍ଡ ଚିକିତ୍ସାଳୟ ବୁଲି ସମୀକ୍ଷା କରିବା ପରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ମହିଳା କ୍ରିକେଟକୁ ୧୨ ଛାତ୍ରୀ ମନୋନୀତ

ହାଟଡ଼ିହୀ, ୮।୮(ସମିସ): ଆସନ୍ତା ଡିସେମ୍ବର ତୃତୀୟ ସପ୍ତାହରେ ଜଗତସିଂହପୁର ଠାରେ ୨୦୨୫-୨୬ ବର୍ଷ ପାଇଁ ମହିଳା କ୍ରିକେଟ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଆନନ୍ଦପୁର ଉପଖଣ୍ଡ ତଥା ହାଟଡ଼ିହୀ ବ୍ଲକର ବିଭିନ୍ନ ଉଚ୍ଚବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ୧୭ ବର୍ଷରୁ କମ୍ ବୟସର ୧୨ ଜଣ ଛାତ୍ରୀ ଚୟନ ହୋଇଛନ୍ତି। ଏଥିରେ ଅନିଷା ସା, ସାଇପ୍ରତୀକ୍ଷା ଜେନା, ସାଇଲକ୍ଷ୍ମୀ ଜେନା, ସୋହାନୀ ସା, ସୃଷ୍ଟି ବିଶ୍ୱାଳ, ଲିପ୍ସାରାଣୀ ଜେନା, ଦୀପ୍ତିମୟୀ ଜେନା, ଆର୍ଯ୍ୟସୂତା ଜେନା, ସ୍ୱପ୍ନାରାଣୀ ଜେନା, ଆଶାରାଣୀ ମୁଖି, ହରପ୍ରିୟା ଜେନା, ପୂଜାରାଣୀ ଜେନା ରହିଛନ୍ତି। ଆନନ୍ଦପୁର ମଡେଲ ସ୍କୁଲର କ୍ରୀଡ଼ା ଶିକ୍ଷକ ପଦ୍ମନାଭ ସାମଲ ସେମାନଙ୍କ ପ୍ରଶିକ୍ଷଣ ଦାୟିତ୍ୱରେ ରହିଛନ୍ତି। ହାଟଡ଼ିହୀସ୍ଥିତ ମଠକପୁଣ୍ଡି ମିନି ଷ୍ଟାଡିୟମରେ ସେମାନେ ଅଭ୍ୟାସ ଜାରି ରଖିଛନ୍ତି।

## ସୁରକ୍ଷା ବଳ ପାଇଁ ରାକ୍ଷୀ ପଠାଇଲେ ଲିପାଞ୍ଜଳି



ବେଲବାହାଲି/ ରାମଚନ୍ଦ୍ରପୁର, ୮।୮(ସମିସ): ଘସିପୁରା ବ୍ଲକ ସାଇଁକୁଳ ଗ୍ରାମର ଭଉଣୀ ଲିପାଞ୍ଜଳି ଜେନା ନିଜ ହାତରେ ରାଖି ତିଆରି କରି ପବିତ୍ର ରକ୍ଷା ବନ୍ଧନରେ ଭାରତର ସୀମା ସୁରକ୍ଷାରେ କାର୍ଯ୍ୟରତ ଥିବା ଯବାନ ଭାଇମାନଙ୍କ ପାଖକୁ ପଠାଇଛନ୍ତି। ସେ ପତିତପାବନ ମହାବିଦ୍ୟାଳୟର ଜଣେ ମେଧାବୀ ଛାତ୍ରୀ ଅଟନ୍ତି। ସେନା ମୁଖ୍ୟାଳୟକୁ ରାକ୍ଷୀ ପଠାଇବାର ପ୍ରେରଣା ସେ ସାଇଁକୁଳର ଅବସରପ୍ରାପ୍ତ ସେନା ଅଧିକାରୀ ତଥା ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁଙ୍କଠାରୁ ପାଇଥିଲେ। ସେଥିପାଇ ଲିପାଞ୍ଜଳିଙ୍କୁ ଓଡିଶାର ସେନା ମୁଖ୍ୟାଳୟରୁ ଅନେକ ପ୍ରଶଂସାର ସୁଅ ଛୁଟି ଆସୁଛି। ସାଇଁକୁଳର ବୁଦ୍ଧିଜିବୀ ଡ. ସନତ ରଥ, ମାର୍କଣ୍ଡ ଚରଣ ସାମଲ, କାଳନ୍ଦୀ ପଟ୍ଟନାୟକ, ଅଶୋକ ଘଡେଇ ଏଭଳି କାମକୁ ପ୍ରଶଂସା କରିବା ସହ ଲିପାଞ୍ଜଳିଙ୍କ ଶୁଭ ମନାସିଛନ୍ତି।

## ପ୍ରଫେସର ପଙ୍କଜ କର ଧରଣୀଧର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଭ୍ୟ



ଚମ୍ପୁଆ, ୮।୮(ସମିସ): ଅବସରପ୍ରାପ୍ତ ପ୍ରଫେସର ପଙ୍କଜ କର ଧରଣୀଧର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଭାବେ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ଜଣାପଡିଛି। ବିଶ୍ୱବିଦ୍ୟାଳୟ ସମୂହର କୁଳାଧିପତିଙ୍କ ପତ୍ରସଂଖ୍ୟା ୭୭୯୦/୫.୭.୨୦୨୫ ଏବଂ ଡି.ଡି.ବିଶ୍ୱବିଦ୍ୟାଳୟ ପତ୍ରସଂଖ୍ୟା-୨୩୯୭/୪.୮.୨୫ ଆଦେଶ ଅନୁଯାୟୀ ଶିକ୍ଷାବିତ ପ୍ରଫେସର ପଙ୍କଜ କରଙ୍କୁ ସିଣ୍ଡିକେଟ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଶ୍ରୀ କର ପ୍ରଥମେ ଝୁମ୍ପୁରା କଲେଜରୁ ଚାକିରି ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ବେଗୁନିଆ କଲେଜରୁ ଏପ୍ରିଲ ୨୦୨୫ରେ ଅବସର ଗ୍ରହଣ କରିଥିଲେ। ସେ ଚମ୍ପୁଆରେ ଜନ୍ମଗ୍ରହଣ କରିଛନ୍ତି। ତାଙ୍କ ପିତା ସ୍ୱର୍ଗତ କ୍ଷେତ୍ରବାସୀ କର ଜଣେ ପ୍ରସିଦ୍ଧ ଫୁଟବଲ ଖେଳାଳି। ଶ୍ରୀ କରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

## କମ୍ପାନି-ପ୍ରଶାସନ ବୈଠକ: ପାରିପାର୍ଶ୍ୱିକ ବିକାଶକୁ ଗୁରୁତ୍ୱ

ଚମ୍ପୁଆ, ୮।୮(ସମିସ): ଅଞ୍ଚଳବାସୀଙ୍କ ନିମନ୍ତେ ଖଣି କମ୍ପାନିର ସାମାଜିକ ଦାୟିତ୍ୱକୁ ସୁଚାରୁରୂପରେ ସମ୍ପାଦନ ପାଇଁ ଚମ୍ପୁଆ ଉପଜିଲ୍ଲାପାଳ ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୨୫ରୁ ଅଧିକ ଖଣି କମ୍ପାନି ଅଧିକାରୀ ଯୋଗ ଦେଇଥିଲେ। କମ୍ପାନି ସୋସିଆଲ ରେସପନ୍ସିବିଲିଟି (ସିଏସଆର) ପରିପ୍ରେକ୍ଷୀରେ ଉପଖଣ୍ଡର ଉନ୍ନତି ସହ ଜନସାଧାରଣଙ୍କୁ ମୌଳିକ ସୁବିଧା ସୁଯୋଗ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ, ବ୍ଲକରେ ପାନୀୟଜଳ ବ୍ୟବସ୍ଥା ସହିତ ଜେଏସପିଏଲ କମ୍ପାନିକୁ ବିଶ୍ରାମୁଣ୍ଡାଙ୍କ କାଂସ୍ୟ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ନେହରୁ ଷ୍ଟାଡିୟମର ଉନ୍ନତିକରଣ ପାଇଁ ଟାଟା-ଓଏମସି କମ୍ପାନିଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଦଧିବାମନଜୀଉ ମନ୍ଦିରର ମୁଖ୍ୟ ଫାଟକ ନିର୍ମାଣ, ପୂର୍ତ୍ତ ଓ ଗୃହନିର୍ମାଣ ଡାକବଙ୍ଗଳାର ସୌନ୍ଦର୍ଯ୍ୟକରଣ, ପଳସା ଓ କୁଟପାଲିରେ ଆଳୁ ଚାଷକୁ ପ୍ରତ୍ସାହନ ପାଇଁ କମ୍ପାନିଗୁଡ଼ିକୁ ପରାମର୍ଶ ଦିଆଯାଇଛି।

## ପୁଲିସର ମଦ ଧରପଗଡ଼ ଜାରି



ଆନନ୍ଦପୁର ୮।୮ (ସମିସ): ଗୋଟିଏ ପଟେ ଅବକାରୀ ବିଭାଗ ସ୍ଥାଣୁ ପାଲଟିଥିବା ବେଳେ ଅନ୍ୟପଟେ ପୁଲିସ ମଦ ବିରୋଧରେ ୨୪ ଘଣ୍ଟିଆ ଧରପଗଡ଼ ଜାରି ରଖିଛି। ଘସିପୁରା ଥାନା ଅନ୍ତର୍ଗତ ଯୁଗଳକିଶୋରପୁରଠାରେ ପୁଲିସ ୧୨୦୦ ଲିଟଲ ପୋଚ ସହ ୩୦ ଲିଟର ମହୁଲି ମଦ ଜବଦ କରି ଏକ ବଡ଼ ସଫଳତା ହାତେଇଛି। ତେବେ, ପୁଲିସକୁ ଦେଖି ଘଟଣାସ୍ଥଳରୁ ମଦ ପ୍ରସ୍ତୁତ କରୁଥିବା ମାଫିଆମାନେ ଫେରାର ହୋଇଯାଇଛନ୍ତି। ପୁଲିସ କାହାରିକୁ ଗିରଫ କରିପାରି ନାହିଁ। ଘସିପୁରା ଥାନାଧିକାରୀ ମାନସ କୁମାର ବାରିକଙ୍କ ନେତୃତ୍ୱରେ ଦେଶୀ ମଦ କାରବାରରୁ ରୋକ୍ ଲଗାଇବା ପାଇଁ ଏଭଳି ଅତର୍କିତ ଚଢ଼ଉ ଜାରି ରହିଥିବା ବେଳେ ପୁଲିସ ବିଭିନ୍ନ ସ୍ଥାନରୁ ବ୍ୟାପକ ମଦ ପ୍ରସ୍ତୁତ ସରଞ୍ଜାମ ଓ ବେଆଇନ ମଦ ଜବତ କରି ନଷ୍ଟ କରିଛି।

## ଅଙ୍ଗନବାଡ଼ି କର୍ମୀଙ୍କ ୭ ଦଫା ଦାବିପତ୍ର

ଚମ୍ପୁଆ, ୮।୮ (ସମିସ)



ଅଲଓଡିଶା ଅଙ୍ଗନୱାଡି ୱାର୍କର୍ସ ଆସୋସିଏସନ ଚମ୍ପୁଆ ଶାଖା ପକ୍ଷରୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀଙ୍କୁ ମହିଳା ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ବିଭାଗ ଓଡିଶା ସରକାରଙ୍କ ଉଦ୍ଦେଶ୍ୟରେ ସିଡିପିଓ ଲକ୍ଷ୍ମୀକାନ୍ତୀ ମାରାଣ୍ଡିଙ୍କ ଜରିଆରେ ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପୋଷଣ ଟ୍ରକରେ ଏଫଆରଏସ ସମୟରେ ହେଉଥିବା ସମସ୍ୟାଗୁଡିକର ସମାଧାନ, ତିନିମାସକୁ ରିଚାର୍ଜ ବାବଦକୁ ୯୦୦ ଟଙ୍କା ଯୋଗାଇଦେବା ସହିତ ୬ ମାସକୁ ଥରେ ଫେସ କ୍ୟାପଚର କରିବାକୁ ନିର୍ଦ୍ଦେଶ ଦେବାକୁ ଦାବିପତ୍ରରେ ଅନୁରୋଧ କରିଛନ୍ତି। ପ୍ରତି ଶନିବାର କିଶୋରୀ ବାଳିକା ନିମନ୍ତେ ଏମଏସପିଆଇ ଯୋଜନାରେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚା ଅଣ୍ଡା ଦେବା ବ୍ୟବସ୍ଥା ସ୍ୱାଗତଯୋଗ୍ୟ; ମାତ୍ର ଏହି ଯୋଜନାରେ ଆସୁଥିବା ଅର୍ଥ ଯୁଗ୍ମ ପାସବୁକରେ ଜମା କରିବାକୁ ବ୍ୟବସ୍ଥା ସହିତ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ପ୍ରଦାନ କରିବାକୁ ଦାବି ରହିଛି। ପ୍ରତି ଜିଲ୍ଲାରେ ଅଭିଯୋଗ ନିବାରଣ କମିଟି କରି ସ୍ଥାନୀୟ ସମାସ୍ୟାର ସମାଧାନ ଦିଗରେ ଜିଲାପାଳଙ୍କୁ ପରାମର୍ଶ ଦେବାକୁ ଉପସ୍ଥାପନ କରିଥିଲେ। ଚମ୍ପୁଆ ଶାଖା ସଭାପତି ବ୍ରହ୍ମତ୍ରୀ ପ୍ରଧାନ ଓ ସମ୍ପାଦିକା ମମତା ମହାନ୍ତ ପ୍ରମୁଖ ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି।

## ୧୧ରୁ ସମୂହ ଛୁଟିରେ ଯିବେ ଅମଲା



ଚମ୍ପୁଆ,୮।୮(ସମିସ): ୯ ଦଫା ଦାବି ପୂରଣ ନେଇ ସରକାରଙ୍କ ଉଦାସୀନତାର ପ୍ରତିବାଦରେ ପୂର୍ବରୁ କଳାବ୍ୟାଜ ପରିଧାନ କରିଥିବା ଅମଲାମାନେ ଚଳିତମାସ ୧୧ ତାରିଖରୁ ସମୂହ ଛୁଟିରେ ରହିବେ ବୋଲି ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କୁ ଲିଖିତ ଦାବି ପ୍ରଦାନ କରିଛନ୍ତି। ଓଡିଶା ରାଜସ୍ୱ ଅମଲା ସଂଘ ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଚଳିତ ମାସ ୮ ତାରିଖ ସୁଦ୍ଧା ୯ ଦଫା ଦାବି ପୂରଣ ନେଇ ସରକାର ଟାଳୁଟୁଳ ନୀତି ଗ୍ରହଣକୁ ବିରୋଧ କରି କର୍ମଚାରୀମାନେ ଛୁଟି ନେଇ ପ୍ରତିବାଦ କରିବେ। ଏହି ପରିପ୍ରେକ୍ଷୀରେ ଉପଜିଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ଉପଜିଲ୍ଲାପାଳଙ୍କୁ ଲିଖିତ ସୂଚନା ପ୍ରଦାନ କରିଛନ୍ତି।

# ଗୋମାଂସ ଜବତ, ୪ ମହିଳା ସମେତ ୯ ଗିରଫ

ସମ୍ବଲପୁର, ୮।୮ (ସମିସ)





ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲି ଅଞ୍ଚଳରେ ବେଆଇନ ଭାବେ ଗୋରୁ କଟାଯାଉଥିବା ବେଳେ ପୁଲିସ ଚଢ଼ଉ କରି ଦୁଇଟି ପିକ୍‌ଅପ୍ ଭ୍ୟାନ୍‌ରୁ ଗାଇ ଉଦ୍ଧାର କରିବାସହ ଗୋମାଂସ ଜବତ କରିଛି। ଏହି ମାମଲାରେ ପୁଲିସ ୪ ଜଣ ମହିଳାଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୋତିଝରଣର ଅବଦୁଲ ସରୁକ୍ (୨୫), ଅତାବିରାର ସନ୍ତୋଷ ଦାସ (୩୯), ସୁନାପାଲିର ମହମ୍ମଦ ଜାବିଦ (୪୨), ମୋତିଝରଣର ଫଣ୍ଟୁସ ମହାନନ୍ଦ (୪୫), ସୁନାପାଲିର ମୁନୱିର ବାନୋ (୪୦), ୟାସ୍ମିନ ବାନୋ (୧୯) ଓ ହାସିନ ବାନୋ (୨୦), ଅତାବିରାର ସରୋଜ ବେହେରା (୪୦) ଓ ଦୁର୍ଗା ବେହେରା (୩୦) ବୋଲି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅଜୟ ମିଶ୍ର ସୂଚନା ଦେଇଛନ୍ତି। ପୁଲିସ ଧନୁପାଲି ଥାନା କେସ ନଂ. ୨୬୦/୨୦୨୫ ଦଫା ୩୦୩(୨) / ୩୧୭(୨) / ୩୨୫ / ୨୯୬ / ୧୯୬ / ୧୩୨ / ୧୦୯(୧) / ୬୧(୨) / ୩(୫) ବିଏନ୍‌ଏସ୍ ୭ ଅଫ୍ କାଓ ସ୍ଲଟର୍ ଅକ୍ଟ / ୧୧(୧)(ଡି) ପ୍ରିଭେନ୍‌ସନ୍ ଅଫ୍ କ୍ରୁଏଲିଟି ଟୁ ଏନିମାଲ ଆକ୍ଟରେ ୯ ଜଣଙ୍କୁ ଗିରଫ କରିବାସହ ୧୨ଟି ଗାଇ ବୋଝେଇ ଦୁଇଟି ପିକ୍‌ଅପ୍ ଭ୍ୟାନ, ୧୭୦ କିଲୋ ଗୋମାଂସ ଓ କାଟିବା ଉପକରଣ, ଦୁଇଟି ମୋବାଇଲ ଜବତ କରିଥିବା ସେ କହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଏସ୍‌ପି ଶ୍ରୀ ମିଶ୍ର କହିଲେ ଯେ, ଶୁକ୍ରବାର ସକାଳେ ସୁନାପାଲି ଅଞ୍ଚଳରେ ଏକ ଘର ସାମ୍ନାରେ ଦୁଇଟି ଗାଡ଼ିରେ ଗାଇ ବୋଝେଇ ରହିବା ସହ ଘର ସାମ୍ନାରେ ଗାଇ କଟାହେଉଥିବା ଧନୁପାଲି ଥାନାଧିକାରୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ସେଠାକୁ ଧନୁପାଲି ପୁଲିସ୍‌ର ଏକ ଟିମ୍ ଯାଇ ପହଞ୍ଚିଲା ବେଳକୁ ଦୁଇଟି ଭ୍ୟାନ୍‌ରେ ୧୨ଟି ଗାଇ ବୋଝେଇ ହୋଇଥିବାବେଳେ ବାରଣ୍ଡାରେ ମାଂସ କଟାଯାଉଥିବା ପୁଲିସ ଦେଖିଥିଲା। ପୁଲିସକୁ ଦେଖି ସେଠାରେ ନିୟୋଜିତ ଲୋକମାନେ ପୁଲିସ ଉପରକୁ ଆକ୍ରମଣ କରି ଫେରାର ହେବାକୁ ଉଦ୍ୟମ କରିଥିଲେ। ପୁଲିସ ଗୋଡ଼ାଇ ଗୋଡ଼ାଇ ୭ ଜଣ ଅଭିଯୁକ୍ତଙ୍କୁ ଧରିବା ସହ ୧୨ଟି ଗାଇକୁ ଜବତ କରିଥିଲା। ଏହାସହ କଟା ହୋଇଥିବା ପୁଲିସ ମାଂସ ଜବତ କରିଥିଲା। ପ୍ରାଣୀ ଚିକିତ୍ସାଧିକାରୀଙ୍କ ଦ୍ୱାରା ପରୀକ୍ଷା ପରେ ଏହା ଗୋମାଂସ ବୋଲି ନିଶ୍ଚିତ ହୋଇଥିଲା। ଯେଉଁ ଘରେ ବେଆଇନ ଭାବେ ଗୋରୁ କଟା ହେଉଥିଲା ସେହି ଘରକୁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସିଲ୍ କରାଯାଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନଙ୍କୁ ଥାନାରେ ପଚରାଉଚୂରା ପରେ ସେମାନଙ୍କ ସୂଚନା ଆଧାରରେ ଅତାବିରା ଯାଇ ଗୋରୁ ଯୋଗାଣକାରୀ ଦୁଇଜଣଙ୍କୁ ପୁଲିସ ଗିରଫ କରିଆଣିଛି। ଚାରିଜଣ ମହିଳା ସମେତ ମୋଟ ୯ ଜଣଙ୍କୁ ପୁଲିସ ଗିରଫ କରିଛି। ଧନୁପାଲି ଥାନାରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଉଦ୍ଧାର ହୋଇଥିବା ୧୨ଟି ଗାଇକୁ ଶ୍ରୀକୃଷ୍ଣ ଗୋଶାଳାରେ ଛାଡ଼ିଦିଆଯାଇଥିବା ଜଣାପଡ଼ିଛି।

## ହୀରାକୁଦ ଜଳସ୍ତର ୬୧୩.୬୫ ଫୁଟ୍

ସମ୍ବଲପୁର, ୮।୮ (ସମିସ): ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୬୫ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୦,୨୯୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୨୫,୮୦୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୨୮୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୯.୫୬ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୪.୧୬ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୩୯ ଫୁଟ୍ ରହିଥିଲା।

## ଜନଜାତି ଓ ବନବାସୀଙ୍କ ଅଧିକାର ନେଇ ଜିଲ୍ଲା କଂଗ୍ରେସର ବିକ୍ଷୋଭ

ସମ୍ବଲପୁର, ୮।୮ (ସମିସ): ଅନୁସୂଚିତ ଜନଜାତି ଦିବସ ଉପଲକ୍ଷେ ଜଙ୍ଗଲ ଅଧିକାର ଆଇନ ୨୦୦୬ ସଂଶୋଧନ ୨୦୧୨ ଅନୁଯାୟୀ ସମ୍ବଲପୁର ଜିଲ୍ଲା ତଥା ରାଜ୍ୟର ସମସ୍ତ ଆଦିବାସୀ ଓ ପାରମ୍ପରିକ ବନବାସୀ ମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଓ ସାମୂହିକ ଅଧିକାର ପ୍ରଦାନ ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଆଜି ପୂର୍ବାହ୍ଣରେ



ସମ୍ବଲପୁର କଂଗ୍ରେସ ଭବନରୁ ଏକ ରାଲି ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ସମ୍ବଲପୁର ଜିଲ୍ଲା କଂଗ୍ରେସର ସମ୍ବଲପୁର ସମେତ ବୁର୍ଲା, ହୀରାକୁଦ, ରେଢ଼ାଖୋଲ, କୁଚିଣ୍ଡା, ରେଙ୍ଗାଲି ଆଦି ବିଭିନ୍ନ ଅଞ୍ଚଳର ଶତାଧିକ କଂଗ୍ରେସ କର୍ମୀ ବିଶେଷକରି ଅନୁସୂଚିତ ଜନଜାତି କର୍ମକର୍ତ୍ତା ଯୋଗ ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସମୟର ହୋଇଥବା ଜଙ୍ଗଲ ଆଇନ ୨୦୦୬ ଓ ସଂଶୋଧନ ୨୦୧୨କୁ ବିଜେପି ସରକାର ସଠିକ୍ ରୂପେ କାର୍ଯ୍ୟକାରୀ ନ କରିବା ନେଇ ନାରା ଦିଆଯିବାସହ ପ୍ରତିବାଦ ସଭାରେ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀଙ୍କ ନେତୃତ୍ୱରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ପରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଆଇସିସି ସମ୍ପାଦକ ଆସଫ ଖାଁ, ଅନୁସୂଚିତ ଜନଜାତି ନେତା କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ବରିହା, ପିସିସି ସମ୍ପାଦକ ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଦିଲୀପ ଦୁରିଆ ପ୍ରମୁଖ ଉଦବୋଧନ ଦେଇଥିଲେ। ମହିଳା ନେତ୍ରୀ ସୂତପା ମିତ୍ର, କବିତା ପଟ୍ଟନାୟକ, ସେବାଦଳ ନେତ୍ରୀ ବିନୋଦିନ ଦୀପ, ଓବିସି ଜିଲ୍ଲା ସଭାପତି ଶିବ ପ୍ରଧାନ, ଜିଲ୍ଲା ସଂଖ୍ୟାଲଘୁ ସଭାପତି ଏମ୍‌ଡି ମୁକ୍ତର ଖାଁ, ହୀରାକୁଦ ସଭାପତି ରବି ରାଉତ, ବରିଷ୍ଠ ନେତା ଜିତେନ ମହାନନ୍ଦ, ଗୋବିନ୍ଦ ମିଶ୍ର, ବାବୁ ଖାଁ, ଲକ୍ଷ୍ମୀ ପ୍ରଧାନ, ଲଳିତ ସରଭଙ୍ଗ, ଏମ୍‌ଡି ସଲିମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାନୀୟ ଜଳସମସ୍ୟା ନେଇ ୱାଟ୍‌କୋ ଅଧିକାରୀଙ୍କୁ ଘେରିଲା ବିଜେଡି

ସମ୍ବଲପୁର, ୮।୮ (ସମିସ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ତାଳଭଟାପଡ଼ାରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ବାରମ୍ବାର ଅଭିଯୋଗ ପରେ ବି ସ୍ଥିତି ସୁଧୁରୁନାହିଁ। ଏହାକୁ ନେଇ ଶୁକ୍ରବାର ବିଜେଡି କର୍ମକର୍ତ୍ତା ଓ ପଡ଼ାବାସୀ ୱାଟକୋ କାର୍ଯ୍ୟାଳୟ ଘେରାଉ କରିଥିଲେ। ବର୍ଷା ଦିନରେ ମଧ୍ୟ ପାନୀୟ ଜଳର ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ତାଳଭଟାପଡ଼ାବାସୀ। ଏହି ସମସ୍ୟା ବିଷୟରେ ପଡ଼ାବାସୀ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କୁ ଅବଗତ କରିଥିଲେ।



ତତ୍ପରେ ଇଂ ରୋହିତ ପୂଜାରୀଙ୍କ ନିର୍ଦ୍ଦେଶକ୍ରମେ ତାଳଭଟାପଡ଼ାବାସୀଙ୍କ ସହ ବିଜୁ ଜନତା ଦଳର ଅନେକକର୍ମକର୍ତ୍ତା ୱାଟକୋ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଦାବି କରିଥିଲେ। ସମସ୍ୟା ସମାଧାନ କରାନଗଲେ ନିକଟସ୍ଥ ନଦୀ ନାଳ କିମ୍ବା ପୋଖରୀର ପାଣି ପିଇ ଯଦି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ ତେବେ ୱାଟ୍‌କୋ ଅଧିକାରୀ ଓ କର୍ମଚାରୀ ଦାୟୀ ରହିବେ ବୋଲି ପଡ଼ାବାସୀ ଚେତାବନୀ ଦେଇଥିଲେ। ଆଜି ଅପରାହ୍ଣରେ ପଡ଼ାକୁ ଯାଇ ପାନୀୟ ଜଳ ସମସ୍ୟା ବୁଝି ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଘେରାଉ ହଟିଥିଲା। ବିଜେଡି ବରିଷ୍ଠ ନେତା ସୁରୁବାବୁ ମେହେର, ବେଣୁଧର ଦାସ, ମହାନଗର ସଭାନେତ୍ରୀ ସଂଯୁକ୍ତା ମେହେର, ପ୍ରଦୋଷ ମହାନ୍ତି, ସୁବାସ ଜେନା, ଶୁକେଶ ସିଂ, ପ୍ରହଲ୍ଲାଦ ଗୁରୁ, ପ୍ରଶାନ୍ତ ଥାପା, ହର୍‌ଦୀପ ସିଂଭୂର୍ଜି, ରବିନ୍ଦର ସିଂ, କିଶୋର ମୁଣ୍ଡା, ଏସ୍‌କେ ଆରିଫ, ମମତା ମହାନ୍ତି, ସରିତା ଦାସ, ମାମି ଆୟାନ, ସବିତା ନାୟକ, ପୂଜା ଦେବୀ, ସୀତା ମୁଣ୍ଡା, ଗୋଲାପି ମୁଣ୍ଡା, ନୁରୀ ନର୍ଷିଦା, ନିଶି ବେଗମ, ମିନାକ୍ଷୀ, ଜ୍ୟୋତି ଶର୍ମାଙ୍କ ସମେତ ତାଳଭଟାପଡ଼ାର ରାଜକିଶୋର ହରିପାଲଙ୍କ ନେତୃତ୍ୱରେ ଆତ୍ମାରାମ ଛତ୍ରପାଲ, ଚିନା ଛତ୍ରପାଲ, ଗୋବିନ୍ଦ କୁମ୍ଭାର, ରୋହିତ ବାଗ, ଭୋଲା, ତୁଳା ଦେବୀ ହରିପାଲ, କମଳା ବାରିକ, ଭାରତୀ ଛତ୍ରପାଲ, ଘନ ନାଗ, ସିମ୍ରନ ଭାଇନା ପ୍ରମୁଖ ବହୁ ପଡ଼ାବାସୀ ଉପସ୍ଥିତ ଥିଲେ।

● ଆଶାୟୀ ୧୯୪ ଉଚ୍ଚ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ଦାବି

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବିକ୍ଷୋଭ



ସମ୍ବଲପୁର, ୮।୮ (ସମିସ) : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଞ୍ଚଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ଅନୁଦାନ ଆଶାୟୀ ୧୯୪ ଉଚ୍ଚ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ସକାଶେ ଦାବି କରାଯାଇଛି। କାରଣ ସେମାନେ ଦୀର୍ଘ ପଚିଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବିନା ଦରମାରେ ଶିକ୍ଷାଦାନ କରୁଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଦୀର୍ଘଦିନରୁ ଅନୁଦାନ ଆଶାୟୀ, ଅନୁଦାନଯୋଗ୍ୟ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଓ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପୁରୁଣା ପେନସନ ପ୍ରଦାନ, ଅବସର ବୟସସୀମା ୬୦ ରୁ ୬୨କୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ୍ ପେ'ରେ ଥିବା ଅସଂଗତି ଦୂରୀକରଣ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ସହ ସରକାରୀକରଣ,୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଚୁକ୍ତିଭିତ୍ତିକ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରୁଣା ପେନସନ ପ୍ରଦାନ ଆଦି ରହିଛି।ଶୁକ୍ରବାର ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଷ୍ଟାର ଜିଲ୍ଲା ସଭାପତି କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବିକ୍ଷୋଭ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହାପରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଦାବିପତ୍ର ଗ୍ରହଣ କରିଥିଲେ। ସମ୍ବଲପୁର ଜିଲ୍ଲା ଓଷ୍ଟା ସମ୍ପାଦକ ତଥା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆବାହକ ବିଭୂତି ଭୂଷଣ ଚାନ୍ଦଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ ପ୍ରଦର୍ଶନରେ ଓଷ୍ଟାର ପ୍ରାକ୍ତନ ଜିଲ୍ଲା ସମ୍ପାଦକ ତଥା ଉପଦେଷ୍ଟା ହରି ନାରାୟଣ ପଣ୍ଡା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଗତ ପଟେଲ, ଉପସଭାପତି ପ୍ରେମାନନ୍ଦ ଖମାରୀ, ସାଗରିକା ହୋତା, ଯୁଗ୍ମ ସମ୍ପାଦକ ବିଶ୍ୱାମିତ୍ର ଦୀପ, ଆନନ୍ଦ ଡନସନା, ସସ୍ମିତା ଦାଶ, ୬୬୨ କଲେଜ କର୍ମଚାରୀ ସଂଘ ତରଫରୁ ଆନନ୍ଦ ଚନ୍ଦ୍ର ପତି, ଲମ୍ବୋଦର ପାଢ଼ୀ, ଓଷ୍ଟା ସମ୍ବଲପୁର ଜିଲ୍ଲାର ସମସ୍ତ ବ୍ଲକ୍ ସଂପାଦକ, କାର୍ଯ୍ୟକାରୀ ସମିତିର ସଦସ୍ୟ, ଅଣଅନୁଦାନପ୍ରାପ୍ତ ୧୯୪ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ଯୋଗ ଦେଇଥିଲେ। ଗତ ୨ ତାରିଖ ଓଡ଼ିଶା ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ସମ୍ବଲପୁର ଜିଲ୍ଲା ସମନ୍ୱୟ ସମିତି ଏବଂ ସମଗ୍ର ଜିଲ୍ଲା ଅନ୍ତର୍ଗତ ୯ଟି ବ୍ଲକ ସଂଗଠନ ପକ୍ଷରୁ ପଦାଧିକାରୀ, କାର୍ଯ୍ୟକର୍ତ୍ତା, ସହବନ୍ଧିତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ / ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀମାନେ ଦାବିପତ୍ର ପ୍ରଦାନ କରିଥିଲେ। ଆନ୍ଦୋଳନର ପରବର୍ତ୍ତୀ ପର୍ଯ୍ୟାୟରେ ଆସନ୍ତା ୧୬ ତାରିଖ ଭୁବନେଶ୍ୱରଠାରେ ରାଜ୍ୟ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏକ ମହାସମାବେଶ ଅନୁଷ୍ଠିତ ହୋଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଜଣାପଡ଼ିଛି।

## ହୋମିଓପ୍ୟାଥି କଲେଜ ପକ୍ଷରୁ ପଥପ୍ରାନ୍ତ ନାଟକ




ସମ୍ବଲପୁର, ୮।୮ (ସମିସ) : ଓଡ଼ିଶା ମେଡିକାଲ କଲେଜ ଅଫ୍ ହୋମିଓପାଥି ଆଣ୍ଡ ରିସର୍ଚ୍ଚର ଏନ୍‌ଏସ୍‌ଏସ୍ ୟୁନିଟ୍ ତରଫରୁ ତାଳବସ୍ଥିତ ସାପ୍ତାହିକ ହାଟରେ ଜାତୀୟ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଅଧିନରେ ଫାଇଲେରିଆ ନିରାକରଣଜନିତ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଯାଇଛି। ଏହି ଅବସରରେ କଲେଜର ଅଧ୍ୟକ୍ଷ ଡା ଦିପ୍ତିକାନ୍ତ ସିଂ, ଏନ୍‌ଏସ୍‌ଏସ୍ ଉପଦେଷ୍ଟା ଡା ମହେନ୍ଦ୍ର ନୀଳକଣ୍ଠ ଧରୁଆ, ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ଶାନ୍ତନୁ ମହାପାତ୍ର, ପର୍ଯ୍ୟବେକ୍ଷକ ରୁଦ୍ରଚରଣ ପାତ୍ର, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରୁନି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରୀ ଛାତ୍ରଛାତ୍ରୀ ତଥା ଏନଏସଏସ ସ୍ୱେଚ୍ଛାସେବୀ ଇତେଶ ବିଶ୍ୱାଳ, ବାସୁଦେବ ଖର୍ସେଲ, ଅଭିଷେକ ସାହୁ, ଶ୍ରୁତିସମୀକ୍ଷା ବେହେରା, ଲିପ୍ସା ସାହୁ, ନିବେଦିତା ଗିରି, ବନ୍ଦିତା ରାଣୀ ବିଶୋଇ, କ୍ରୀଷ୍ଟି ପୋଲିନ୍ ମୁଣ୍ଡୁ ପ୍ରମୁଖ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ପ୍ରଚାର ପତ୍ରିକା ବଣ୍ଟନ କରିଥିଲେ।

## ୯୮୦ ବୋତଲ କଫ ସିରପ୍ ଜବତ, ୬ ଗିରଫ

ସମ୍ବଲପୁର, ୮।୮ (ସମିସ): ବୁର୍ଲା ପୁଲିସର ରାତ୍ରିକାଳୀନ ପାଟ୍ରୋଲିଂ ଟିମ୍ ଏସ୍‌ଆଇ ଏସ୍.କେ ଖେସ୍‌ଙ୍କ ନେତୃତ୍ୱରେ ବେଆଇନ କଫ ସିରପ୍ ଚାଲାଣ ହେଉଥିବା ଖବରପାଇ ଶୁକ୍ରବାର ଭୋର୍ ପ୍ରାୟ ସାଢ଼େ ୫ଟା ସମୟରେ ହୀରାକୁଦ ରେଲଷ୍ଟେସନ ଅପରପାଶ୍ୱର୍ସ୍ଥ ଭାଇଜୀ ଢାବା ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ସେମାନେ ସୁନ୍ଦରଗଡ଼ ଜିଲ୍ଲା ସେକ୍ଟର-୧୯ ଥାନା ତେଜାଭଟ୍ଟାର ସଂକେତ ବିଶ୍ୱାସ



(୨୭), ବୁର୍ଲା ଥାନା ଗୋଲଗୁଣ୍ଡା ଅଞ୍ଚଳର ରୀତିକ ମିର୍ଦ୍ଧା (୨୫) ଓ ଧୁଡ଼ିଆପଡ଼ା ଅଞ୍ଚଳର କାର୍ତ୍ତିକ ଓରାମ (୨୭)କୁ ଧରଥିଲେ। ସେମାନଙ୍କଠାରୁ ତିନୋଟି ବ୍ୟାଗ୍‌ରେ ୫୮୦ ବୋତଲ ୱିନସେରେକ୍ସ କଫସିରପ୍ ଜବତ କରାଯାଇଛି। ତିନି ଅଭିଯୁକ୍ତଙ୍କୁ ବୁର୍ଲା ଥାନା କେସ୍ ନଂ. ୩୪୧ ତା ୮.୮.୨୫ ଦଫା ଏସ୍ ୨୧(ବି) ଏନ୍‌ଡିପିଏସ୍ ଆକ୍ଟରେ ଗିରଫକରି ପୁଲିସ ଆଜି କୋର୍ଟଚାଲାଣ କରିଥିବା ସୂଚନା ଦେଇଛି। ସେହିପରି ଅବକାରୀ ବିଭାଗ ସମ୍ବଲପୁର-୧ ପକ୍ଷରୁ ବୁର୍ଲା ଥାନା ଗୋଲଗୁଣ୍ଡା ଅଞ୍ଚଳ ଅଞ୍ଚଳରେ ଚଢ଼ଉ କରି ମହାତାବ ନଗର ବୋର୍ଡ କଲୋନୀ ବୁର୍ଲାର ଗିରୀଶ ଚନ୍ଦ୍ର ତାଣ୍ଡିଆ (୧୯) ଓ ଗୋଲଗୁଣ୍ଡାର କାଳିଆ ମହନ୍ତମ (୨୮)କୁ ଗିରଫ କରିବାସହ ସେମାନଙ୍କଠାରୁ ୨୪୦ ବୋତଲ ୱିନସେରେକ୍ସ କଫସିରପ ଓ ଦୁଇଟି ବାଇକ୍ ଜବତ କରିଛି। ସମ୍ବଲପୁର-୧ ଅବକାରୀ ଷ୍ଟେସନରେ ପିଆର୍ ନଂ. ୧୧୬/୨୦୨୫-୨୬ ମାମଲା ରୁଜୁ ହୋଇଛି।ଅବକାରୀ ବିଭାଗ ସମ୍ବଲପୁର ସଦର ରେଞ୍ଜ ପକ୍ଷରୁ ବୁର୍ଲା ଥାନା ପ୍ଲାନେଟୋରିଅମ ଛକ ନିକଟରେ ଚଢ଼ଉ କରି ଗୋଲଗୁଣ୍ଡାର ସିଦ୍ଧାନ୍ତ ରାଉତ (୨୦)କୁ ଗିରଫ କରିବାସହ ତା'ଠାରୁ ୧୬୦ ବୋତଲ ୱିନସେରେକ୍ସ କଫସିରପ ଓ ଗୋଟିଏ ବାଇକ୍ ଜବତ କରିଛି। ସମ୍ବଲପୁର ସଦର ରେଞ୍ଜରେ ପିଆର୍ ନଂ. ୪୨/୨୦୨୫-୨୬ ମାମଲା ରୁଜୁ ହୋଇଛି।

● ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍ ନିର୍ବାଚନ

## ଶିବପ୍ରସାଦ ସଭାପତି, ଜୟପ୍ରକାଶ ସମ୍ପାଦକ





ସମ୍ବଲପୁର, ୮।୮ (ସମିସ) : ଆଜି ସମ୍ବଲପୁର ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ୍‌ର ୨୦୨୫-୨୬ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ଶୀଲା ଶିବପ୍ରସାଦ ସଭାପତି ଓ ଜୟପ୍ରକାଶ ତ୍ରିପାଠୀ ସମ୍ପାଦକ ପୁଣିଥରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବରେ ପ୍ରଶାନ୍ତ ରଥ, ଦୀପକ ପାଢ଼ୀ ଓ ଜ୍ୟୋତିର୍ମୟ ପଣ୍ଡା ନିର୍ବାଚନ ପରିଚାଳନା କରିଥିବାବେଳେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ସଙ୍ଗଠନ ସଭାପତି ପି. ସତ୍ୟନାରାୟଣ, ରାଜ୍ୟ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ସଙ୍ଗଠନ ସମ୍ପାଦକ ଦୀପକ ଆଚାର୍ଯ୍ୟଙ୍କ ସମେତ ପଡ଼ୋଶୀ ବରଗଡ଼, ଝାରସୁଗୁଡ଼ା ଓ ବଲାଙ୍ଗିର ଜିଲ୍ଲାର ସଙ୍ଗଠନ ସଭାପତିମାନେ ଉପସ୍ଥିତ ଥିଲେ।

## ସାବଧାନ, ରାସ୍ତାରେ ବୁଲୁଛନ୍ତି ଏଟିଏମ୍ ଚୋର

ସମ୍ବଲପୁର, ୮।୮ (ସମିସ) : ସମ୍ବଲପୁର ସହର ମଧ୍ୟରେ ବୁଲୁଛନ୍ତି ଦୁଇଜଣ ଏଟିଏମ୍ ଲୁଟେରା। ସେମାନେ ଏଟିଏମ୍ କାଉଣ୍ଟରରେ ଲୋକଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କ ଏଟିଏମ୍ କାର୍ଡକୁ ବଦଳ କରି ଦେଉଛନ୍ତି। ଏହାକୁ ନେଇ ଜନସାଧାରଣ ସଚେତନ ରହିବାକୁ ସମ୍ବଲପୁର ପୁଲିସ କହିଛି। ସମ୍ବଲପୁର ପୁଲିସ ପକ୍ଷରୁ ଦୁଇ ଜଣଙ୍କ ସ୍କେଚ୍ ଓ ଭିଡିଓ ଜାରି କରାଯାଇଛି। ଏହି





ଦୁଇଜଣଙ୍କୁ ଦେଖିଲେ ତୁରନ୍ତ ପୁଲିସକୁ ଖବର ଦେବାକୁ ଅନୁରୋଧ କରାଯାଇଛି। ବହୁ ସମୟରେ ଲୋକେ ଟଙ୍କା କାଢ଼ିବାରେ ଅସୁବିଧା ହେଲେ ପଛରେ ଥିବା କିମ୍ବା ନିକଟରେ ଛିଡ଼ାହୋଇଥିବା ଅନ୍ୟ ଲୋକଙ୍କୁ ସାହାଯ୍ୟ ମାଗିଥାନ୍ତି। ଏପରିସ୍ଥଳେ ଏଟିଏମ୍ ଚୋରମାନେ ସକ୍ରିୟ ହୋଇଯାନ୍ତି। ସେମାନେ ଆଖି ପିଛୁଳାକେ ଏଟିଏମ୍ କାର୍ଡ ବଦଳ କରିବା ସହ ପାସୱାର୍ଡ ଜାଣିନେଇ ଆକାଉଣ୍ଟରୁ ଜମା ଅର୍ଥରାଶି ପୋଛି ନିଅନ୍ତି। ପୁଣି ନିର୍ଜନ / ଖୋଲା ସ୍ଥାନ ମାନଙ୍କରେ ଥିବା କେତେକ ଏଟିଏମ୍‌ରେ ଏମାନେ ମେସିନ୍‌ରେ ଅଦଳବଦଳ କରି ଟଙ୍କା ଲୁଟି ନେଉଥିବା ନଜିର ରହିଛି। ବିଭିନ୍ନ ବ୍ୟାଙ୍କ ପକ୍ଷରୁ ସିସିଟିଭି କ୍ୟାମେରା ସହ ଏକସମୟରେ ଗୋଟିଏ କାଉଣ୍ଟର ପରିସରରେ ଜଣେ ରହିବାର ନିୟମ ଥିଲେ ହେଁ ଲୋକେ ଏଟିଏମ୍ କୋଠରୀ ଭିତରକୁ ପ୍ରବେଶ କରି ଧାଡ଼ି ବାନ୍ଧୁଥିବା ଦେଖାଯାଉଛି। ବ୍ୟାଙ୍କ କର୍ତ୍ତୃପକ୍ଷ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ମୁତୟନରେ ଅବହେଳା କରୁଛନ୍ତି।

ଔଷଧ ବଣ୍ଟନ ନୁହେଁ, ସାମ୍ନାରେ ଖୁଆଇବେ

# ଔଷଧ ସେବନ କରିବେ ୧୦.୯୨ ଲକ୍ଷ ଲୋକ

ସମ୍ବଲପୁର, ୮।୮ (ସମିସ)




ଆସନ୍ତା ୧୦ ତାରିଖରୁ ଫାଇଲେରିଆ ରୋଗ ନିରାକରଣ ଅଭିଯାନରେ ସାମୂହିକ ଔଷଧ ସେବନ (ଏମ୍‌ଡିଏ) କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଜିଲ୍ଲାସ୍ତରରୁ ଆରମ୍ଭ କରି ତୃଣମୂଳସ୍ତର ପର୍ଯ୍ୟନ୍ତ ସଚେତନତା ଜାରି ରହିଛି। ସମ୍ବଲପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଧାର୍ଯ୍ୟ ୮୫% ଔଷଧ ସେବନ ଲକ୍ଷ୍ୟ ହାସଲ କରିବାକୁ ପ୍ରସ୍ତୁତି ଜୋରସୋର୍‌ରେ କରାଯାଉଛି। ବହୁସମୟରେ ଔଷଧ ଦେବାପରେ ଲୋକେ ଖାଉନଥିବାରୁ ଚଳିତବର୍ଷ 'ବାଣ୍ଟିବାନି କେବଳ ଖୁଆଇବା'କୁ ସ୍ଲୋଗାନ କରାଯାଇଛି। ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଏହି ବଟିକା ଖାଇବେ। ଫାଇଲେରିଆ ପ୍ରତିରୋଧକ ଡିଇସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନ ଦିଆଯାଉଛି। ଏହାର ପାଶ୍ୱର୍ ପ୍ରତିକ୍ରିୟା (ସାଇଡ୍ ଇଫେକ୍ଟ) ପ୍ରାୟ ନାହିଁ କହିଲେ ଚଳେ ଏଣୁ ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ସିଡିଏମ୍‌ଆଣ୍ଡପିଏଚ୍‌ଓ ଡ.ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି। ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡ. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ଡବ୍ଲ୍ୟୁଏଚ୍‌ଓ ଏନ୍‌ଟିଡିର ଡ. ଶ୍ୟାମବନ୍ଧୁ ରଥ, ଏନ୍‌ଏଚ୍‌ଏମ୍ ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲ୍ଲୁ ପ୍ରମୁଖ ଉପସ୍ଥିତ ଥିଲେ।

ଆସନ୍ତା ୧୦ ତାରିଖରୁ ଆରମ୍ଭ ହେଉଥିବା ଫାଇଲେରିଆ ସାମୂହିକ ଔଷଧ ସେବନ (ଏମ୍‌ଡିଏ) କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରାୟ ୧୦.୯୨ ଲକ୍ଷ ଲୋକଙ୍କୁ ଔଷଧ ଖୁଆଇବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩୦୩୯ ଜଣ ଡ୍ରଗ୍ ଆଡମିନିଷ୍ଟ୍ରେଟର୍ ନିୟୋଜିତ ହେବେ। ତନ୍ମଧ୍ୟରେ ୯୯୩ ଜଣ ଆଶା କର୍ମୀ, ୧୩୪୬ ଜଣ ଅଙ୍ଗନବାଡ଼ି କର୍ମୀ ଓ ୭୦୦ ଜଣ ସ୍ୱେଚ୍ଛାସେବୀ ରହିଛନ୍ତି। ଏହାସହ ୩୨୬ ଜଣ ସୁପରଭାଇଜର୍ ରହିବେ। ୮୬ଟି ପଞ୍ଚାୟତ /ୱାର୍ଡ ମୋବିଲାଇଜର୍ ଟିମ୍ କରାଯାଇଛି। ଡ୍ରଗ୍ ଆଡମିନିଷ୍ଟ୍ରେଟର୍ ମାନେ ଘରକୁ ଘର ଯାଇ ସେମାନଙ୍କ ଉପସ୍ଥିତିରେ ଔଷଧ ଖୁଆଇବେ। ସମସ୍ତ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ଶିଳ୍ପ ପ୍ରତିଷ୍ଠାନ, କାରାଗାର ଆଦିରେ ଔଷଧ ସେବନ ସକାଶେ ସ୍ୱତନ୍ତ୍ର ଦଳ ଯାଇ ଔଷଧ ଖୁଆଇବେ। ଔଷଧ ପ୍ରତିକ୍ରିୟା (ଫେଭରେବୁଲ୍ ଡ୍ରଗ୍ ରିଏକ୍‌ସନ୍)ର ପ୍ରତିକାର ସକାଶେ ବ୍ଲକ୍ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ୨୮ଟି ରାପିଡ୍ ରେସପନ୍ସ ଟିମ୍ (ଆର୍‌ଆର୍‌ଟି) ଗଠନ କରାଯାଇଛି।

ଗତ ୫ ବର୍ଷ ହେଲା ଏହି ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଚାଲିଥିବାବେଳେ ଗତ ୩ ବର୍ଷ ହେଲା ଔଷଧ ବଣ୍ଟନ କରାଯାଉଛି। ଏହି ଅଭିଯାନର ଦୁଇଟି ଦିଗ ରହିଛି ଏହାର ନିରାକରଣ ସକାଶେ ୮୫% ସାମୂହିକ ଔଷଧ ସେବନ କରିବା ଏବଂ ଅକ୍ଷମତା ବା ଗୋଦର ଗୋଡ଼ ହେଲେ ତାହାର ସଠିକ୍ ଯତ୍ନ ନେବା। ରାତ୍ରୀକାଳୀନ ସାମୂହିକ ରକ୍ତ ନମୁନା ସର୍ଭେ ଅନୁଯାୟୀ ୨୦୨୪-୨୫ରେ ସମ୍ବଲପୁର ସହରାଞ୍ଚଳର ଏକ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଛି। ଏହା ସାରା ଭାରତରେ ସର୍ବାଧିକ ବୋଲି କୁହାଯାଉଛି। ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚ୍‌ସି) ଅଧିନସ୍ଥ ଅଞ୍ଚଳରେ ଫାଇଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୪୫ ରହିଛି। ସମ୍ବଲପୁର ମହାନଗର ନିଗମ ୱାର୍ଡ ନଂ. ୨୮ ଓ ୨୯ର ଗେଙ୍ଗୁଟିପାଲିରେ ୩୨ ଜଣ ଏବଂ ସଂକର୍ମାରେ ୧୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଧନୁପାଲି ୟୁପିଏଚ୍‌ସି ଅନ୍ତର୍ଗତ ଅଞ୍ଚଳରେ ୨ ଜଣ ଏବଂ କ୍ଷେତରାଜପୁର ୟୁପିଏଚ୍‌ସି ଅଞ୍ଚଳରେ ଜଣେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ମୋଟ ୪୮ ଜଣ ପଜିଟିଭ ରହିଛନ୍ତି। ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ନୀରିକ୍ଷଣରେ ଦୁଇବର୍ଷ ୯୦ ପ୍ରତିଶତରୁ ଅଧିକ ଜନସଂଖ୍ୟା ସେବନ କଲାପରେ ଆଉ ଆବଶ୍ୟକ ପଡ଼ିବ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ଡା. ଦାସ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲାରେ ୧୦୮୦ ଜଣ ଗୋଦରଗୋଡ଼ ଥିବାବେଳେ ୩୨୮୬ ଜଣ ହାଇଡ୍ରୋସିଲ୍ ପିଡ଼ିତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୬୩୨ ଜଣ ହାଇଡ୍ରୋସିଲ ପିଡ଼ିତଙ୍କ ଅପରେସନ କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ।



## ଘରେ ପଶି ଲୁଟିଲେ ଟଙ୍କା, ମୋବାଇଲ

ବଅଁରପାଳ,୮।୮(ସମିସ): ବଅଁରପାଳ ଥାନା ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଖରେ ଥିବା ଏକ ନିର୍ମାଣାଧୀନ ଘରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଲୁଟ କରିଥିବା ଥାନାରେ ଅଭିଯୋଗ ହୋଇଛି। ଶିଶୁ ମନ୍ଦିର ପାଖରେ ପ୍ରହ୍ଲାଦ ବେହେରା ଘର ନିର୍ମାଣ କରୁଛନ୍ତି। ଝାଡ଼ଖଣ୍ଡ ଅଞ୍ଚଳର ସୁଧୀର ରାଣା (୧୯) ଓ ମୋହନ ବିଶ୍ୱକର୍ମା (୨୭) ସେଠାରେ ମିସ୍ତ୍ରି ଭାବେ କାମ କରିବା ସହ ଉକ୍ତ ନିର୍ମାଣାଧୀନ ଘରେ ରହୁଛନ୍ତି। ତେବେ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଘରେ ପଶି ମିସ୍ତ୍ରିମାନଙ୍କ ମୋବାଇଲ, ଟଙ୍କା ଓ ଡ୍ରେସ୍ ନେଇଯାଇଛନ୍ତି। ଘରେ ମାଲିକ ସକାଳେ ଖୋଜାଖୋଜି କରିବାରୁ କଲେଜ ପାଖରୁ ଏକ ଖାଲି ବ୍ୟାଗ ମିଳିଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## କୂଅରେ ପଡ଼ି ଶିଶୁ ମୃତ

ତାଳଚେର,୮।୮(ସମିସ): କୂଅରେ ପଡ଼ି ତାଳଚେର ଟାଉନ ଥାନା ଅନ୍ତର୍ଗତ ବାଘୁଆବୋଲ ଅଞ୍ଚଳର ସୁବାସ ଚନ୍ଦ୍ର ନାଥଙ୍କ ପୁଅ ରିଆଦ ନାଥ (୨)ର ମୃତ୍ୟୁ ହୋଇଛି। ରିଆଦ ଘର ପଛପାଶ୍ୱର୍ରେ ଖେଳୁଥିବା ବେଳେ କୂଅରେ ଖସିପଡ଼ିଥିଲା। ପରିବାର ଲୋକେ ଖୋଜାଖୋଜି କରି ଦୀର୍ଘ ସମୟ ପରେ ତାକୁ ଉଦ୍ଧାର କରିବା ସହ ତାଳଚେର ମଣ୍ଡାପାଳ ଡାକ୍ତରଖାନା ଆଣିଥିଲେ। ତେବେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ୫୪ ଗ୍ରାମ୍ ଧଳାଜହର ଜବତ **ଦୁଇ ଅଟକ**

ଅନୁଗୋଳ/କଣିହାଁ,୮।୮(ସମିସ): କଣିହାଁ ଥାନା ଦଣ୍ଡାସିଂହା ଗ୍ରାମରେ ଜିଲ୍ଲା ପୁଲିସର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଅତର୍କିତ ଚଢ଼ଉ କରାଯାଇଥିଲା। ଚଢ଼ଉରେ ଏନଟିପିସି ଓ କଣିହାଁ ଥାନା ପୁଲିସ ସାମିଲ ହୋଇଥିଲେ। ଚଢ଼ଉବେଳେ ୫୪ ଗ୍ରାମ ବ୍ରାଉନସୁଗର ଓ ୪୮ ହଜାର ୭ ଶହ ଟଙ୍କା, ଗୋଟିଏ କାର୍ ଓ ବୁଲେଟ ବାଇକ୍ ଜବତ କରାଯାଇଛି। ଧଳାଜହର କାରବାର ଅଭିଯୋଗରେ ପୁଲିସ ସେହି ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ତେବେ ଏ ସମ୍ପର୍କରେ ପୁଲିସ କୌଣସି ସବିଶେଷ ସୂଚନା ଦେଇନାହିଁ।

## ଘରୁ ନାଗସାପ ଉଦ୍ଧାର



ବଇଣ୍ଡା,୮।୮(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଖାଲପାଳ ଗ୍ରାମର ବିପିନ ପ୍ରଧାନଙ୍କ ଘରୁ ଶୁକ୍ରବାର ଏକ ଏକ ନାଗସାପ ଉଦ୍ଧାର କରାଯାଇଛି। ସାପକୁ ଉଦ୍ଧାର କରିବା ପାଇଁ ବିପିନ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ସିଦ୍ଧେଶ୍ୱର ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ଡକାୟତି ଯୋଜନା; ୨ ଗିରଫ




ତାଳଚେର,୮।୮(ସମିସ): ଗୁରୁବାର ବିଳମ୍ବିତ ରାତିରେ ତାଳଚେର ଥାନା ପୁଲିସ ସ୍କଟଲାଣ୍ଡପୁର ଜଙ୍ଗଲରେ ଚଢ଼ଉ କରି ୨ ଡକାୟତଙ୍କୁ ଗିରଫ କରିଛି। ଅନ୍ୟ ୪ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସ୍କଟଲାଣ୍ଡପୁର ଗ୍ରାମର କେଦାର ଗୋଛାୟତ ଓ ଖମାର ଥାନା କଣ୍ଟିଆପଶି ଗ୍ରାମର ଦୀପକ ପ୍ରଧାନ। କେଦାର ପାଖରୁ ଏକ କଟୁରି ଓ ମୋବାଇଲ ଫୋନ ଜବତ କରାଯାଇଥିବା ବେଳେ ଦୀପକ ପାଖରୁ ଏକ ସିଙ୍ଗଲ ବ୍ୟାରେଲ ଦେଶୀ ବନ୍ଧୁକ, ଗୋଟିଏ ଅଫୁଟା ଗୁଳି ଓ ଏକ ମୋବାଇଲ ଜବତ କରାଯାଇଛି। ଫେରାର ଅଭିଯୁକ୍ତମାନେ ହେଲେ ତାଳଚେର ଥାନା ବାଘୁଆବୋଲ ଗ୍ରାମର ବିକି ଓରଫ ବିକାଶ ନାଏକ, ତାଳଚେର ଟାଉନ ବାପୁଜୀନଗରର ସିପୁ ନାଏକ, ରାଧାରମଣପୁରର ଆଲୋକ ଭୂତିଆ, ସ୍କଟଲାଣ୍ଡପୁରର ରାଜୁ ନାଏକ ଓରଫ ବିଠଲ କଣା ବୋଲି ଜଣାପଡ଼ିଛି। ଦୁର୍ବୃତ୍ତମାନେ ସ୍କଟଲାଣ୍ଡପୁର ଜଙ୍ଗଲରେ ଡକାୟତି ଯୋଜନା କରୁଥିବା ଗୁରୁବାର ରାତି ୧ଟା ୪୫ରେ ତାଳଚେର ଥାନାଧିକାରୀ ଦିଗବିଜୟ ବିଶ୍ୱାଳଙ୍କ ନିକଟକୁ ସୂଚନା ଆସିଥିଲା। ଥାନା ଅଧିକାରୀ ତୁରନ୍ତ ଏକ ପୁଲିସ ଟିମ୍‌କୁ ଘଟଣାସ୍ଥଳକୁ ପଠାଇଥିଲେ। ସେଠାରେ ୫/୬ ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଧରି କଥା ହେଉଥିବା ଦେଖି ପୁଲିସ ଟିମ୍ ସେମାନଙ୍କୁ ଘେରିଯାଇଥିଲେ। ତେବେ ଦୁର୍ବୃତ୍ତମାନେ କଟୁରି, ଲୁହା ରଡ୍ ଓ ପିସ୍ତଲ ଧରି ପୁଲିସକୁ ଆକ୍ରମଣ କରିବାକୁ ଉଦ୍ୟତ ହେବା ସହ ଉକ୍ତ ସ୍ଥାନରୁ ଦୌଡ଼ିବାକୁ ଲାଗିଥିଲେ। କିନ୍ତୁ ପୁଲିସ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଅନ୍ୟ ୪ ଜଣ ଅନ୍ଧାରର ସୁଯୋଗ ନେଇ ଖସି ପଳାଇଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଧରାଯିବ ବୋଲି ପୁଲିସ କହିଛି।

● ଅଶ୍ଳୀଳ ଭିଡିଓ ଭାଇରାଲ

## ବାଳସୁଧାର ଗୃହ ଗଲେ ନାବାଳକ

ଭୁବନ,୮।୮(ସମିସ): ଭୁବନ ଥାନା ଭୁବନ ଏନ୍‌ଏସି ଅନ୍ତର୍ଗତ ୧ନଂ ୱାର୍ଡ ଲତାବିଲ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ପୁଲିସ ଜଣେ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଛି। ଜୁଭେନାଇଲ ଜଷ୍ଟିସ ବୋର୍ଡଙ୍କ ନିର୍ଦ୍ଦେଶ କ୍ରମେ ନାବାଳକଙ୍କୁ ଅନୁଗୋଳସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ନାବାଳକ ଜଣକ ସ୍ଥାନୀୟ ୱାର୍ଡ ନମ୍ବର ୨ର ଏକ ଶିଳ୍ପ ତାଲିମ କେନ୍ଦ୍ରରେ ପାଠ ପଢ଼ନ୍ତି। ତାଙ୍କର ଘର ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅଞ୍ଚଳରେ।

# ସ୍କୁଲ-କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଦାବିପତ୍ର

ଅନୁଗୋଳ,୮।୮(ସମିସ)



ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ଚାକିରି ସର୍ତ୍ତାବଳୀ ସହ ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଇତ୍ୟାଦି ୬ ଦଫା ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି, ଅନୁଗୋଳ ଜିଲ୍ଲା ଶାଖା ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନ ୧୧ଟାରେ ଓଷ୍ଟା, ଅନୁଗୋଳ ଜିଲ୍ଲା ସମ୍ପାଦକ ତଥା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆବାହକ ତ୍ରିଲୋଚନ ଦାସଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେମାନଙ୍କ ଦୀର୍ଘଦିନର ୬ଦଫା ଦାବି ପୂରଣ କରିବା ପାଇଁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ମଧ୍ୟ ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏହାର ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅନୁଦାନ, ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅନ୍ୟ ସମସ୍ୟାର ସମାଧାନ ସକାଶେ ଓଡ଼ିଶା ସରକାରଙ୍କ ବିଭିନ୍ନ ମନ୍ତ୍ରୀ, ବିଧାୟକ ଓ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା କରିଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ସଫଳତା ମିଳିନାହିଁ। ଫଳରେ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷକ ଓ କର୍ମଚାରୀମାନେ ହତାଶା ଓ ନିରାଶା ମଧ୍ୟରେ କାଳାତିପାତ କରୁଛନ୍ତି। ତେଣୁ ଅନିଚ୍ଛା ସତ୍ତ୍ୱେ ଶିକ୍ଷକ ଓ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ସରକାର ଆନ୍ତରିକତା ପ୍ରଦର୍ଶନ ପୂର୍ବକ ନ୍ୟାଯ୍ୟ ଦାବିଗୁଡ଼ିକ ପୂରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କଲେ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଆନ୍ଦୋଳନରୁ ବିରତ ରହିବେ ଓ ସୁସ୍ଥ ମାନସିକତା ଭିତରେ ଅଧ୍ୟାପନା କାର୍ଯ୍ୟରେ ଲିପ୍ତ ରହି ଉତ୍ତମ ଛାତ୍ର ଗଠନରେ ବ୍ରତୀ ହେବେ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଷ୍ଟାର ରାଜ୍ୟ ଉପ-ସଭାପତି ଶ୍ରୀକାନ୍ତ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ପ୍ରଧାନ, ଭାସ୍କର ଚନ୍ଦ୍ର ସାହୁ, ଜିଲ୍ଲା କାର୍ଯ୍ୟକାରୀ କମିଟିର ନେତୃବୃନ୍ଦ ତଥା ୮ ବ୍ଲକର ସଭାପତି ଓ ସମ୍ପାଦକ ସାମିଲ ହୋଇଥିଲେ।

ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ବଦଳି ଦାବି

## ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ




ଢେଙ୍କାନାଳ,୮।୮(ସମିସ): ସଦର ବ୍ଲକ ବଳଭଦ୍ରପୁର ଶାସନସ୍ଥିତ ଭାନିରାମ ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀଙ୍କ ମନମୁଖି କାର୍ଯ୍ୟକୁ ନେଇ ଶୁକ୍ରବାର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିବା ସହ ତୁରନ୍ତ ତାଙ୍କ ବଦଳି ଦାବି କରିଛନ୍ତି। ସଂସ୍କୃତ ଶିକ୍ଷୟିତ୍ରୀ ପ୍ରମିଳା ବେହେରାଙ୍କ ବିଶୃଙ୍ଖଳିତ ଆଚରଣ ନେଇ ଗୁରୁବାର ପରିଚାଳନା କମିଟି ଅଭିଯୋଗ କରିଥିବା ବେଳେ ଶୁକ୍ରବାର ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କ ବଦଳି ଦାବି କରିଛନ୍ତି। ପ୍ରମିଳା ଛାତ୍ରଛାତ୍ରୀ ଓ ସହକର୍ମୀମାନଙ୍କୁ ବ୍ୟକ୍ତିଗତ ଆକ୍ଷେପ ସହ ଅସହ୍ୟ କଟୁଭାଷା ପ୍ରୟୋଗ କରୁଛନ୍ତି। ଏପରିକି ବିଭିନ୍ନ ମିଥ୍ୟା ଅଭିଯୋଗରେ ଫସାଇବାକୁ ଭୟ ଦେଖାଉଛନ୍ତି। ବିଦ୍ୟାଳୟରେ ଅଶାନ୍ତ ତଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିବା ସହ ଶୈକ୍ଷିକ ବାତାବରଣକୁ ବିପର୍ଯ୍ୟସ୍ତ କରୁଥିବା ଅଭିଯୋଗ କରିଛନ୍ତି। ପ୍ରମିଳାଙ୍କୁ ଅନ୍ୟତ୍ର ବଦଳି କରିବାକୁ ବିଦ୍ୟାଳୟ ପରିଚାଳନା କମିଟି ତଥା ପଞ୍ଚସଖା ଶିକ୍ଷାସେତୁର ସଦସ୍ୟମାନେ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ତଥା ପଞ୍ଚସଖା ଶିକ୍ଷାସେତୁର ସଦସ୍ୟମାନେ ଆନ୍ଦୋଳନକୁ ତୀବ୍ର କରିବେ ବୋଲି ଚେତାବନୀ ଦେଇଛନ୍ତି।

● ନିଃସହାୟ ମହିଳାଙ୍କଠାରୁ ବୀମା କମ୍ପାନୀ ଏଜେଣ୍ଟ ଠକିନେବା ଘଟଣା

## ଗଣମାଧ୍ୟମରେ ଖବର ପ୍ରକାଶ ପରେ ପୁଲିସର ତତ୍ପରତା

**ବନ୍ଧାହେଲେ ଠକ ଜୀବନ ବୀମା ଏଜେଣ୍ଟ**



ହିନ୍ଦୋଳ,୮।୮(ସମିସ): ଜଣେ ନିଃସହାୟ ମହିଳାଙ୍କୁ ପ୍ରଲୋଭନ ଦେଖାଇ ଜୀବନ ବୀମା କମ୍ପାନୀ ଏଜେଣ୍ଟ ତଞ୍ଚକତା କରି ଟଙ୍କା ଠକିନେଇଥିବା ରାସୋଳ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗର ୧୮ ଦିନ ପରେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିଲା। ମହିଳା ଜଣକ ବାରମ୍ବାର ଥାନାର ଦ୍ୱାରସ୍ଥ ହେବା ସହ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ତେବେ ଏ ସଂକ୍ରାନ୍ତୀୟ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶରେ ପୁଲିସ ଠକ ଏଜେଣ୍ଟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିସାହି ଗ୍ରାମର ସଞ୍ଜୟ ସାହୁ।

ଅଭିଯୋଗ ଅନୁଯାୟୀ, ରାସୋଳ ଥାନା ଅଞ୍ଚଳର ମିନତୀ ଦେହୁରୀ (୫୫) ୨୦୦୬ରେ ସଞ୍ଜୟଙ୍କ ପାଖରେ ଗୋଟିଏ ଜୀବନ ବୀମା ପଲିସି କରିଥିଲେ। ସେବେଠାରୁ ମିନତୀ ସଞ୍ଜୟଙ୍କୁ ବାର୍ଷିକ ୪୫୦୦ ଟଙ୍କା ପ୍ରିମିୟମ ଦେଇ ଆସୁଥିଲେ। ତେବେ ସଞ୍ଜୟ ତଞ୍ଚକତା କରି ମିନତୀଙ୍କୁ ହାତଲେଖା ରସିଦ ଧରାଇ ଦେଉଥିଲେ। ୨୦୧୩ରେ ସଞ୍ଜୟ ତାଙ୍କୁ ଅରିଜିନାଲ ରସିଦ ଦେଉଥିଲେ ମଧ୍ୟ ନିଜ ପାଖରେ ବଣ୍ଡ ରଖିଥିଲେ। ମିନତୀଙ୍କର ସନ୍ଦେହ ହେବାରୁ ସଞ୍ଜୟଙ୍କୁ ବଣ୍ଡ ମାଗିଥିଲେ। ତେବେ ବଣ୍ଡରେ ଉକ୍ତ ପଲିସି ୨୦୦୬ ପରିବର୍ତ୍ତେ ୨୦୧୩ରେ ହୋଇଛି ବୋଲି ମିନତୀ ଜାଣିଦେବାରୁ ସଞ୍ଜୟ କୌଶଳ କ୍ରମେ ମିନତୀଙ୍କଠାରୁ ହାତଲେଖା ରସିଦ ନେଇଯାଇ ନୂତନ କାମ୍ପ୍ୟୁଟର ରସିଦ ଦିଆଯିବ କହିଥିଲେ। ତେବେ କମ୍ପ୍ୟୁଟର ରସିଦ ନ ଦେବାରୁ ମିନତୀ ସଞ୍ଜୟ ଘରକୁ ଯାଇ ମୋର ଏତେ ଦିନର ଟଙ୍କା କୁଆଡ଼େ ଗଲା ବୋଲି ପଚାରିଥିଲେ। ୨୦୦୬ ମସିହାର ରସିଦ ଫେରାଇ ଦିଅ କହିବାରୁ ସଞ୍ଜୟଙ୍କ ବାପା ପାଣ୍ଡିଆ ସାହୁ ଓ ସ୍ତ୍ରୀ ମିଶି ମିନତୀଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିଲେ। ଏ ନେଇ ମିନତୀ ଜୁଲାଇ ୧୨ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୬ ଦିନ ପରେ ମଧ୍ୟ ପୁଲିସ କୌଣସି ତଦନ୍ତ ନ କରିବାରୁ ସେ ୧୮ ତାରିଖ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶୁକ୍ରବାର ପୁଲିସ ସଞ୍ଜୟଙ୍କୁ ଗିରଫ କରିଛି।

## ୬୩ ଲକ୍ଷ ନେଇଗଲେ ସାଇବର୍ ଠକ

ଭୁବନ,୮।୮(ସମିସ): ଭୁବନ ଥାନା ବାଲିବୋର ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ ବେହେରା ସାଇବର୍ ଠକେଇର ଶିକାର ହୋଇଛନ୍ତି। ସାଇବରଠକ ତାଙ୍କଠାରୁ ୬୩ ଲକ୍ଷ ଟଙ୍କା ନେଇଯାଇଥିବା ସୂଚନା ମିଳିଛି। ସୁକାନ୍ତଙ୍କ ଫୋନ୍‌କୁ ମୁମ୍ବଇରୁ ଏକ କଲ୍ ଆସିଥିଲା। ତାଙ୍କ ନାମରେ କ୍ରାଇମବ୍ରାଞ୍ଚରେ ମାମଲା ଥିବା କୁହାଯାଇଥିଲା। ପରେ ଏକ ଚିଠି ମଧ୍ୟ ଆସିଥିଲା। ଟଙ୍କା ଦେଲେ ମାମଲା ରଫାଦଫା କରିଦିଆଯିବ ବୋଲି କୁହାଯାଇଥିଲା। ଫଳରେ ସୁକାନ୍ତ ଭୟରେ ଠକଙ୍କ କଥାମାନି ପ୍ରଥମେ ୩୦ ଲକ୍ଷ ଟଙ୍କା ପଠାଇଥିଲେ। ପରେ ଜମିବିକ୍ରି କରି ଆହୁରି ୨୫ ଲକ୍ଷ ଟଙ୍କା ପଠାଇଥିଲେ। ପୁଣି ଧାରକରଜ କରି ସେ ୮ ଲକ୍ଷ ସଂଗ୍ରହ କରି ପଠାଇଥିଲେ। ତେବେ ସାଇବର୍ ଠକ ଆହୁରି ୫୦ ଲକ୍ଷ ମାଗିବାରୁ ଶୁକ୍ରବାର ସୁକାନ୍ତ ଏ ନେଇ ଭୁବନ ଥାନା ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ପୁଲିସ ତଦନ୍ତ ଜାରି ରଖିଛି।

**ଫାଇଲେରିଆ ନିରାକରଣ ଲାଗି ସଚେତନତା**

## ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ



ଅନୁଗୋଳ,୮।୮(ସମିସ): ଫାଇଲେରିଆ ନିରାକରଣ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏ ସଂକ୍ରାନ୍ତରେ ଏକ ଗଣମାଧ୍ୟମ କର୍ମଶାଳା ଆୟୋଜନ କରାଯାଇଥିଲା। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦଗାତା ଫାଇଲେରିଆ ରୋଗ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେ କହିଥିଲେ। ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଶକ୍ତିପ୍ରସନ୍ନ ମିଶ୍ର ପାୱାର ପଏଣ୍ଟ ମାଧ୍ୟମରେ ରୋଗ ଏବଂ ତାହାର ନିରାକରଣ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଏହି ଅଭିଯାନରେ ଜିଲ୍ଲାର ୫,୧୩,୨୮୮ ଲୋକଙ୍କୁ ଔଷଧ ବଣ୍ଟନ ଓ ସେବନର ଲକ୍ଷ୍ୟ ରଖାଯାଇଛି। ଏଥି ନିମନ୍ତେ ୧୫୦୫ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ, ୧୨୪ ସୁପରଭାଇଜର, ୯୬ ମୋବାଇଲ ଟିମ୍ ଓ ୨୧ ଆରଆରଟି ନିୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. କେସି ଦାସ, ଡା. ନରେନ୍ଦ୍ର କୁମାର ମୁର୍ମୁଙ୍କ ସମେତ ଡିପିଏମ୍ ସୌମ୍ୟାରାଣୀ ଗୌଡ଼ ଓ ପ୍ରେମାଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ୪୮୮ ବର୍ଗ ସଙ୍ଘ ପକ୍ଷରୁ ୧୬ରେ ପ୍ରତିବାଦ ସମାବେଶ

ଢେଙ୍କାନାଳ ୮।୮(ସମିସ): ଢେଙ୍କାନାଳ ଜିଲ୍ଲା ୪୮୮ ବର୍ଗ ମହାବିଦ୍ୟାଳୟ କର୍ମଚାରୀ ସଂଘ ଶାଖା ତରଫରୁ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି। ପେନସନ ଏବଂ ଚାକିରି ସର୍ତ୍ତବଳୀ ଦାବିରେ ଆସନ୍ତା ୧୬ ତାରିଖ ଭୁବନେଶ୍ୱରରେ ହେବାକୁ ଥିବା ବିଶାଳ ପ୍ରତିବାଦ ସଭାରେ ଯୋଗଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ସଭାପତି ପ୍ରଦୀପ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ଟାଳଟୁଳ ନୀତି, ବିଳମ୍ବିତ ପ୍ରକ୍ରିୟା, ଶିକ୍ଷକ କର୍ମଚାରୀମାରଣ ନୀତିକୁ ନିନ୍ଦା କରାଯାଇଥିଲା। ଦୀର୍ଘ ୩୫ବର୍ଷ ଧରି କାର୍ଯ୍ୟ କରିବା ସତ୍ତ୍ୱେ ଖାଲି ହାତରେ ଅବସର ନେବା ଦୁଃଖଦାୟକ ବୋଲି କହିଥିଲେ। ପେନସନ, ଗ୍ରାଚୁଇଟି, ଅବସରକାଳୀନ ସୁବିଧା ନାହିଁ। ମାନବିକ ଅଧିକାର ସୁରକ୍ଷା କମିଟିର ଆଶ୍ରୟ ନେବା ପାଇଁ ଆଲୋଚନା କରାଯାଇଥିଲା। ଶହ ଶହ ଅଧ୍ୟାପକ କର୍ମଚାରୀ ଅବସର ପରେ ଦୁର୍ଦ୍ଦିନରେ ଗତି କରୁଥିବା ବେଳେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହି ଆଭାସୀ ବୈଠକରେ ରାଜ୍ୟ ସଭାପତି ଡ. ପ୍ରଶାନ୍ତ କୁମାର ପ୍ରଧାନ, ପ୍ରିୟରଞ୍ଜନ ରଥ, ବନମାଳୀ ବାରିକଙ୍କ ସହ ଡ. ଅନିଲ କୁମାର ଜେନା, ପ୍ରଭାତ କୁମାର ଜେନା, ସୁବାସ ପତି, ରଶ୍ମିରଞ୍ଜନ ସେନାପତି, ପାର୍ଥ ସ୍ୱାଇଁ, ହୃଦାନନ୍ଦ ବେହେରା, ଅଲେଖ ଚନ୍ଦ୍ର ପାତ୍ର, ତପନ ସାହୁ, ସୁରେଶ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ମିଶ୍ର, ବିମଳେନ୍ଦୁ ପ୍ରଧାନ, ପ୍ରସନ୍ନ କୁମାର ମୁଦୁଲି, ପ୍ରସନ୍ନ କୁମାର ନାୟକ, ସୁଧାଂଶୁ ଶେଖର ପାତ୍ର, ଲଳିତ କୁମାର ସାହୁ, ବିନୟ କୁମାର ସାହୁ, ତରଣୀସେନ ସାମଲ ପ୍ରମୁଖ ଯୋଗଦେଇଥିଲେ। ପ୍ରବୀର କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିଆଇଇଟିରେ ଯୌନ ନିର୍ଯାତନା ସଚେତନତା କର୍ମଶାଳା



ଢେଙ୍କାନାଳ,୮।୮(ସମିସ): ଢେଙ୍କାନାଳ ସହରସ୍ଥିତ ଡିଆଇଇଟିରେ ଯୌନ ନିର୍ଯାତନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମକ୍ଷେତ୍ରରେ ମହିଳା କର୍ମଚାରୀ ବା ଶିକ୍ଷନୁଷ୍ଠାନରେ ଛାତ୍ରୀ ହୁଅନ୍ତୁ ସମସ୍ତଙ୍କ ଲାଗି ମୁକ୍ତ, ଅବାଧ ଓ ସହଯୋଗୀ ପରିବେଶ ଲୋଡ଼ା। ଏଭଳି ସକାରାତ୍ମକ ପରିବେଶ ସୃଷ୍ଟି କରିବା ଆବଶ୍ୟକ। ଫଳରେ ଯେକୌଣସି ମହିଳା ନିଜକୁ ସୁରକ୍ଷିତ ମଣିବେ। ଯଦି କର୍ମକ୍ଷେତ୍ରରେ ପୁରୁଷ କର୍ମଚାରୀଙ୍କ ଦ୍ୱାରା ମହିଳା କର୍ମଚାରୀ କିମ୍ବା ଶିକ୍ଷକଙ୍କ ଦ୍ୱାରା ଛାତ୍ରଛାତ୍ରୀ ଶୋଷଣର ଶିକାର ହେଉଛନ୍ତି ସେ କ୍ଷେତ୍ରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି କାର୍ଯ୍ୟ କରିବା ଦରକାର। ପୀଡ଼ିତା ମହିଳା ବା ଛାତ୍ରୀଙ୍କୁ ସୁରକ୍ଷା ଦେବ ସହ ଦୋଷୀ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଶୋଷଣର ଶିକାର ହେଉଥିବା ମହିଳା ଚୁପ ନ ରହି ନିଜ ସ୍ୱରକୁ ତୀକ୍ଷ୍ଣ କରିବା ଆବଶ୍ୟକ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ ମୁଖ୍ୟ ସାଧନକର୍ମୀ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଯୌନ ଅପରାଧ, ଶୋଷଣ ଓ ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଉପରେ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସୌମ୍ୟା ପଟ୍ଟନାୟକ ଏ ସମ୍ପର୍କିତ ଆଇନ ବିଷୟରେ ଆଲୋଚନା କରିଥିଲେ। ପ୍ରତିଷ୍ଠାନର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଭାପତି ତଥା ବରିଷ୍ଠ ପ୍ରଶିକ୍ଷିକା ସ୍ନେହଲତା ରାଜ ସଭା ସଂଯୋଜନା କରିଥିବା ବେଳେ ବିନ୍ଦୁ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଟାଉନ ଥାନା ଏସ୍‌ଆଇ ପ୍ରତାପ କୁମାର ସାହୁ, ମଧୁସ୍ମିତା ନାଥଶର୍ମା,

**ଟାଟା ଷ୍ଟିଲ ମେରାମଣ୍ଡଳୀର ଅଭିନବ ପଦକ୍ଷେପ**

## ବୁଲା ଗୋରୁଙ୍କଠାରେ ଲାଗିଲା ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ



ଢେଙ୍କାନାଳ,୮।୮(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଟିଏସଏମର କର୍ପୋରେଟ ସର୍ଭିସେସ ବିଭାଗ କର୍ମଚାରୀମାନେ ୫୫ନଂ ଜାତୀୟ ରାଜପଥ ଓ ଟିଏସଏମ କାରଖାନା ପାର୍ଶ୍ୱବର୍ତ୍ତୀ ରାସ୍ତାରେ ବୁଲା ଗୋରୁମାନଙ୍କ ବେକରେ ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ ଲଗାଇଛନ୍ତି। ବୁଲା ଗୋରୁଙ୍କ ଯୋଗୁଁ ଦୈନନ୍ଦିନ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଏହାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ପ୍ରୟାସ କରାଯାଇଛି। ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ ଦ୍ୱାରା ରାତିରେ ଗାଡ଼ି ଚାଳକମାନେ ଗୋରୁଙ୍କ ଅବସ୍ଥିତି ଜାଣିପାରିବେ ବୋଲି ଦୁର୍ଘଟଣାକୁ ହ୍ରାସ କରାଯାଇପାରିବ ବୋଲି କୁହାଯାଇଛି। କର୍ମଚାରୀମାନେ ପ୍ରାୟ ୮୦ ଗୋରୁଙ୍କଠାରେ ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ ଲଗାଇଛନ୍ତି।

ସେହିପରି ଟାଟା ଷ୍ଟିଲ କଳିଙ୍ଗନଗର ଓ ଟାଟା ଷ୍ଟିଲ ମେରାମଣ୍ଡଳୀର ସୁରକ୍ଷା ବିଭାଗ ମୁଖ୍ୟ ପ୍ରକାଶ ସଞ୍ଜୟଙ୍କ ନେତୃତ୍ୱରେ ସ୍ୱଚ୍ଛତା ଓ ପରିବେଶ ଦାୟିତ୍ୱବୋଧକୁ ପ୍ରୋତ୍ସାହନ ଦେବା ଲାଗି କଣ୍ଟାବଣିଆ ବଜାରରେ ଏକ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ପ୍ରଶାସନ, ସିଏସଆର ବିଭାଗ, ସିକ୍ୟୁରିଟି ବିଭାଗ ଓ କଣ୍ଟାବଣିଆ ପୁଲିସ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ବ୍ୟବସାୟୀଙ୍କୁ ଡଷ୍ଟବିନ ବଣ୍ଟନ କରାଯାଇଥିଲା। କୁସୁପଡ଼ା ଓ ମଙ୍ଗଳପୁର ପଞ୍ଚାୟତର ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।